# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୨/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 22/2025 Page 16 ₹ 7.00 RAYAGADA

୫୧ଶ ଭାଗ ୧୧୬ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 116 ମୂଲ୍ୟ ₹୭/-


# ରାଜ୍ୟ ସଡ଼କ ନୀତିକୁ ମଞ୍ଜୁରୀ

- ବିଶ୍ୱ ସ୍ତରୀୟ ହେବ ୭୫ ହଜାର କିଲୋମିଟର ରାସ୍ତା
- 'ବିକଶିତ ଗାଁ ବିକଶିତ ଓଡ଼ିଶା' ବ୍ୟାପକ ହେବ
- ବଦଳିଲା 'ଘରବାରିହୀନ' ସଂଜ୍ଞା

**ଭୁବନେଶ୍ୱର,୨୧।୩**
**(ରବିନାରାୟଣ ଜେନା/ସୁନୀତ୍ ମିଶ୍ର)**

ରାଜ୍ୟ କ୍ୟାବିନେଟ ଗୁରୁବାର 'ଓଡ଼ିଶା ରାଜ୍ୟ ସଡ଼କ ନୀତି ୨୦୨୫'କୁ ଅନୁମୋଦନ କରିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ବିଧାନସଭାରେ କହିଛନ୍ତି। ସେ କହିଛନ୍ତି, ଏହା ସମଗ୍ର ଓଡ଼ିଶାରେ ରାସ୍ତା ନେଟ୍‌ୱର୍କକୁ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟାନ୍ୱୟନ କରିବ। ଏହି ନୀତି ଏକ ଗୁଣାତ୍ମକ ସଡ଼କ ନେଟ୍‌ୱର୍କ ପାଇଁ ଏକ ଢାଞ୍ଚା ପ୍ରଦାନ କରିବ। ଏହା ଜରିଆରେ ରାଜ୍ୟରେ ୭୫ ହଜାର କିଲୋମିଟର ରାସ୍ତାକୁ ବିଶ୍ୱ ସ୍ତରୀୟ ରାସ୍ତା ନେଟ୍‌ୱର୍କ ଭାବେ ବିକଶିତ କରିବାର ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି,ଏହି ନୀତି କାର୍ଯ୍ୟକାରୀ ହେଲେ, ରାସ୍ତା ଗୁଡ଼ିକର ଆନ୍ତଃ-ବିଭାଗୀୟ ହସ୍ତାନ୍ତର ପାଇଁ ନିର୍ଦ୍ଦେଶାବଳୀ ରହିବ। ରାସ୍ତା ଭିତ୍ତିଭୂମି ପରିଚାଳନା ପାଇଁ ପର୍ଯ୍ୟାପ୍ତ ଏବଂ ସ୍ଥାୟୀ ପାଣ୍ଠି ମିଳିବ ଏବଂ ରାସ୍ତା ଭିତ୍ତିଭୂମିର ରକ୍ଷଣାବେକ୍ଷଣ ହେବ। ଦୁର୍ଘଟଣା ଏବଂ ମୃତ୍ୟୁହାର ହ୍ରାସ କରିବା ପାଇଁ ସଡ଼କ ନେଟ୍‌ୱର୍କ ସୁରକ୍ଷାର ଉନ୍ନତୀକରଣ କରାଯିବ। ଯୋଜନା, ଡିଜାଇନ୍, ସାମଗ୍ରୀ କ୍ରୟ, ନିର୍ମାଣ, ରକ୍ଷଣାବେକ୍ଷଣ ଏବଂ ପ୍ରକଳ୍ପ ପରିଚାଳନାରେ ସଡ଼କ କ୍ଷେତ୍ର ସଂଗଠନର କ୍ଷମତାକୁ ସୁଦୃଢ଼ କରିବ। ଏହି ନୀତିରେ ରାଜ୍ୟର ସମସ୍ତ ସେତୁର ସବିଶେଷ ସୂଚନାକୁ ଏକ ☞ପୃଷ୍ଠା-୨

## ଆୟୁଷ୍ମାନ ବୟୋ-ବନ୍ଦନାକୁ ମୋହର

**ଭୁବନେଶ୍ୱର,୨୧।୩**
**(ରବିନାରାୟଣ ଜେନା/ସୁନୀତ୍ ମିଶ୍ର)**

**କ୍ୟାବିନେଟ୍ ନିଷ୍ପତ୍ତି**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୧୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି। କ୍ୟାବିନେଟ୍‌ରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ଶୁକ୍ରବାର ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ଗୃହରେ କହିଥିଲେ, ଗୁରୁବାର ୭ଟି ବିଭାଗର ୧୦ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବିଶେଷକରି ୭୦ ବର୍ଷ ବା ତଦୂର୍ଦ୍ଧ୍ୱ ବୟସ୍କ, ଆର୍ଥିକ ବର୍ଗ ନିର୍ବିଶେଷରେ ସମସ୍ତଙ୍କ ପାଇଁ 'ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନା' ଲାଗୁ କରାଯିବ। ତେବେ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବିପିଏମ୍‌ଜେଏୱାଇ) ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜିଜେଏୱାଇ)କୁ ମିଳିତ ଭାବେ ଲାଗୁ କରିବା ପାଇଁ ରାଜ୍ୟ ସରକାର ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଏହି ନୂଆ ସମନ୍ୱିତ ଯୋଜନାରେ ପ୍ରାୟ ୧.୦୩ କୋଟି ପରିବାରର ୩.୪୬ କୋଟି ହିତାଧିକାରୀ ମୁଣ୍ଡ ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଓ ମହିଳା ସଦସ୍ୟମାନେ ଅତିରିକ୍ତ ୫ ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ସୁବିଧା ପାଇବେ। 'ଆୟୁଷ୍ମାନ ବୟୋ-ବନ୍ଦନା ☞ପୃଷ୍ଠା-୨






## ୨ଦିନିଆ ବ୍ୟାଙ୍କ ଧର୍ମଘଟ ସ୍ଥଗିତ

**ଭୁବନେଶ୍ୱର,୨୧।୩ (ଅନୁରାଧା ମହାରଣା)**

ଆସନ୍ତା ୨୪ ଓ ୨୫ ତାରିଖରେ ହେବାକୁ ଥିବା ୨ ଦିନିଆ ବ୍ୟାଙ୍କ ଧର୍ମଘଟ ସ୍ଥଗିତ ରହିଛି। ୯ ଦଫା ଦାବିରେ ୟୁନାଇଟେଡ୍ ଫୋରମ ଅଫ୍ ବ୍ୟାଙ୍କ ୟୁନିଅନ୍ସ (ୟୁଏଫ୍‌ବିୟୁ) ପକ୍ଷରୁ ଏହି ଆନ୍ଦୋଳନ ଡାକରା ଦିଆଯାଇଥିଲା। ଶୁକ୍ରବାର ଶ୍ରମ କମିଶନରଙ୍କ ସହ ଆଲୋଚନା ପରେ ୟୁଏଫ୍‌ବିୟୁ ପକ୍ଷରୁ ଦୁଇଦିନିଆ ବ୍ୟାଙ୍କ ଧର୍ମଘଟ ସ୍ଥଗିତ ରଖାଯାଇଥିବା ନେଇ ସୂଚନା ଦିଆଯାଇଛି। ୯ ଦଫା ଦାବି ନେଇ ୟୁନାଇଟେଡ୍ ଫୋରମ ଅଫ୍ ବ୍ୟାଙ୍କ ୟୁନିଅନ୍ସର ୨ ଦିନିଆ ବ୍ୟାଙ୍କ ଧର୍ମଘଟରେ ୬ ହଜାର ବ୍ୟାଙ୍କ ଶାଖାର ୩୭ ହଜାର କର୍ମଚାରୀ ସାମିଲ ହୋଇଥାନ୍ତେ। ବ୍ୟାଙ୍କିଂ କ୍ଷେତ୍ରରେ ସପ୍ତାହରେ ୫ ଦିନ କାର୍ଯ୍ୟ ସହ ସମସ୍ତ କ୍ୟାଡରରେ ପର୍ଯ୍ୟାପ୍ତ ନିଯୁକ୍ତି ଓ ଅସ୍ଥାୟୀ ☞ପୃଷ୍ଠା-୨









## ସଂକ୍ଷେପରେ

### ପାକିସ୍ତାନରେ ଏନ୍‌କାଉଣ୍ଟର
# ସେନା କ୍ୟାପ୍ଟେନ୍, ୧୦ ଆତଙ୍କବାଦୀ ନିହତ

**ଇସ୍‌ଲାମାବାଦ,୨୧ା୩**

ପାକିସ୍ତାନର ଖାଇବର ପାଖତୁନ୍‌ଖ୍ୱା ପ୍ରଦେଶ ଡେରା ଇସ୍‌ମାଇଲ୍ ଖାନ୍ ଜିଲାରେ ଗୁରୁବାର ଆତଙ୍କବାଦୀ ଓ ସୈନ୍ୟଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ୧୦ ଆତଙ୍କବାଦୀ ନିହତ ହୋଇଥିବାବେଳେ ସେନା କ୍ୟାପ୍ଟେନ୍ ପ୍ରାଣ ହରାଇଛନ୍ତି। କ୍ୟାପ୍ଟେନ୍ ହାସ୍‌ନାଇନ୍ ଅଖତର ଯବାନମାନଙ୍କ ନେତୃତ୍ୱ ନେଇ ସମ୍ମୁଖ ଭାଗରେ ବୀରତ୍ୱର ସହ ଆତଙ୍କବାଦୀଙ୍କୁ ମୁକାବିଲା କରୁଥିବାବେଳେ ଗୁଳିମାଡ଼ରେ ଟଳିପଡ଼ିଥିଲେ। ମୃତ ଆତଙ୍କବାଦୀମାନଙ୍କଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଉକ୍ତ ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଗୋଇନ୍ଦା ସୂଚନା ଆଧାରରେ ସେନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା।

# ମଣିପୁର ରିଲିଫ୍ କ୍ୟାମ୍ପରେ ନାବାଳିକାଙ୍କ ମୃତ୍ୟୁ
### ବଳାତ୍କାର ସନ୍ଦେହ

**ଚୁରାଚାନ୍ଦପୁର,୨୧ା୩**

ହିଂସାପ୍ରବଣ ମଣିପୁରର ଚୁରାଚାନ୍ଦପୁର ଜିଲାରେ ଥିବା ଏକ ରିଲିଫ୍ କ୍ୟାମ୍ପରୁ ଶୁକ୍ରବାର ଭୋର ସମୟରେ ଜଣେ ୯ ବର୍ଷୀୟା ବାଳିକାଙ୍କ ମୃତଦେହ ମିଳିଛି। ସେ ଗୁରୁବାର ସନ୍ଧ୍ୟାରୁ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ରିଲିଫ୍ କ୍ୟାମ୍ପ ପରିସରରୁ ମୃତଦେହ ମିଳିଥିଲା। ନାବାଳିକାଙ୍କ ବେକ ଓ ଅନ୍ୟ ସ୍ଥାନରେ ଏକାଧିକ କ୍ଷତଚିହ୍ନ ରହିଥିବାବେଳେ ଘଟଣାସ୍ଥଳରେ ରକ୍ତଛିଟା ଦେଖିବାକୁ ମିଳିଥିବା ଜଣେ ଅଧିକାରୀ କହିଛନ୍ତି। ତାଙ୍କୁ ବଳାତ୍କାର କରାଯାଇଥିବା ସନ୍ଦେହ କରାଯାଉଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ପଠାଯାଇଛି। ନାବାଳିକା ବଳାତ୍କାର ଘଟଣାକୁ ମଣିପୁରର ବିଭିନ୍ନ ସଂଗଠନ ନିନ୍ଦା କରିବା ସହ ଉପଯୁକ୍ତ ତଦନ୍ତ ଦାବି କରିଛନ୍ତି। ଏଭଳି ଅମାନବୀୟ କାର୍ଯ୍ୟରେ ଲିପ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବାକୁ ଦାବି ହୋଇଛି।

### ନିଆଁ ଲାଗି ହିଥ୍ରୋ ଏୟାରପୋର୍ଟ ବନ୍ଦ
# ବିଶ୍ୱବ୍ୟାପୀ ବିମାନସେବା ବାଧାପ୍ରାପ୍ତ

**ଲଣ୍ଡନ,୨୧ା୩**



ବିମାନବନ୍ଦର ନିକଟ ବିଦ୍ୟୁତ୍ ସବ୍‌ଷ୍ଟେଶନରେ ଲାଗିଥିବା ନିଆଁ।

ବିଶ୍ୱର ଅନ୍ୟତମ ସର୍ବାଧିକ ବ୍ୟସ୍ତବହୁଳ ବିମାନବନ୍ଦର ଭାବେ ପରିଚିତ ଲଣ୍ଡନର ହିଥ୍ରୋ ଏୟାରପୋର୍ଟ ନିକଟରେ ଥିବା ଏକ ବିଦ୍ୟୁତ୍ ସବ୍‌ଷ୍ଟେଶନରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ଫଳରେ ଶୁକ୍ରବାର ସାରା ଦିନ ଏୟାରପୋର୍ଟକୁ ବନ୍ଦ ରଖାଯାଇଥିବାରୁ ବିଶ୍ୱବ୍ୟାପୀ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି ଏବଂ ୨,୯୧,୦୦୦ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅନ୍ୟୂନ ୧,୩୫୧ ବିମାନ ଚଳାଚଳ ପ୍ରଭାବିତ ହୋଇଥିବା କୁହାଯାଉଛି। ଯାତ୍ରୀମାନେ ସେମାନଙ୍କ ଯାତ୍ରା କାର୍ଯ୍ୟସୂଚୀରେ ପରିବର୍ତ୍ତନ ଉଦ୍ୟମ କରୁଥିବାରୁ ଉକ୍ତ ଏୟାରପୋର୍ଟରୁ ବିମାନ ସେବା କିଛିଦିନ ପାଇଁ ପ୍ରଭାବିତ ହୋଇପାରେ।

ଏୟାରପୋର୍ଟ ବନ୍ଦ ଘୋଷଣା ହେବା ବେଳେ ପ୍ରାୟ ୧୨୦ଟି ବିମାନ ଆକାଶମାର୍ଗରେ ଥିଲେ। ସେମାନଙ୍କ ମଧ୍ୟରୁ କେତେକ ଫେରିଯାଇଥିବାବେଳେ ଅନ୍ୟ କେତେକ ବିମାନ ଲଣ୍ଡନ ବାହାରେ ଥିବା ଗାଟ୍ୱିକ୍ ଏୟାରପୋର୍ଟ, ପ୍ୟାରିସ୍‌ର ଚାର୍ଲସ ଡେ ଗୌଲେ ଏୟାରପୋର୍ଟ କିମ୍ବା ଆୟରଲାଣ୍ଡର ଶାନୁନ୍ ଏୟାରପୋର୍ଟରେ ଅବତରଣ କରିଥିଲେ। ଦୀର୍ଘ ୭ ଘଣ୍ଟାର ଉଦ୍ୟମ ପରେ ବିଦ୍ୟୁତ୍ ସବ୍‌ଷ୍ଟେଶନ ନିଆଁକୁ ଆୟତ୍ତ କରାଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ଏହା ପଛରେ କୌଣସି ଷଡ଼ଯନ୍ତ୍ର ଥିବା ଜଣାପଡୁ ନାହିଁ ବୋଲି ଶକ୍ତିମନ୍ତ୍ରୀ କହିଛନ୍ତି।

# ଶିକ୍ଷା ବିଭାଗ ବନ୍ଦ କଲେ ଟ୍ରମ୍ପ୍

**ୱାଶିଂଟନ,୨୧ା୩**

ଆମେରିକାର ସଂଘୀୟ ଶିକ୍ଷା ବିଭାଗକୁ ଉଚ୍ଛେଦ ଲକ୍ଷ୍ୟରେ ଏକ ନିର୍ଦ୍ଦେଶନାମାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁରୁବାର ସ୍ୱାକ୍ଷର କରିଛନ୍ତି। ସଂଘୀୟ ସରକାରରୁ ମୁକ୍ତ ହୋଇ ରାଜ୍ୟଗୁଡ଼ିକ ନିଜସ୍ୱ ସ୍କୁଲ୍ ଚଳାଇବା ପାଇଁ ବହୁ ଦଶନ୍ଧି ଧରି ଦାବି ହେଉଥିଲା। ହ୍ୱାଇଟ୍ ହାଉସ୍‌ର ଇଷ୍ଟ ରୁମ୍‌ରେ ଟ୍ରମ୍ପ୍ ସ୍କୁଲ୍‌ପିଲାମାନଙ୍କ ଗହଣରେ ଉକ୍ତ ନିର୍ଦ୍ଦେଶନାମା ସ୍ୱାକ୍ଷର କରିବା ସହ ଏହାକୁ ଦେଖାଇଥିଲେ। ଆମେ ସଂଘୀୟ ଶିକ୍ଷା ବିଭାଗକୁ ଯଥାଶୀଘ୍ର ସମ୍ଭବ ବନ୍ଦ କରିବାକୁ ଯାଉଛୁ। ଏହି ବିଭାଗ ସଂଘୀୟ ସରକାର ନିକଟରେ ରହିବା ଭଲ ହେଉନାହିଁ। ତେଣୁ ଏହାକୁ ଆମେ ରାଜ୍ୟଗୁଡ଼ିକୁ ଫେରାଇଦେବାକୁ ଯାଉଛୁ ବୋଲି ଟ୍ରମ୍ପ୍ କହିଛନ୍ତି। ୧୯୭୯ରେ ସୃଷ୍ଟ ଶିକ୍ଷା ବିଭାଗ ବନ୍ଦହେବା ଲାଗି କଂଗ୍ରେସର ଅନୁମୋଦନ ଆବଶ୍ୟକ। ତେବେ ନିର୍ଦ୍ଦେଶନାମା ସ୍ୱାକ୍ଷର ହୋଇଥିବାରୁ ଉକ୍ତ ବିଭାଗର କର୍ମଚାରୀ ଓ ପାଣ୍ଠି ହ୍ରାସ କରାଯାଇପାରେ। ନିର୍ବାଚନ ପ୍ରଚାର ବେଳେ ସଂଘୀୟ ଶିକ୍ଷା ବିଭାଗ ଉଚ୍ଛେଦ ପାଇଁ ଟ୍ରମ୍ପ୍ ପ୍ରତିଶ୍ରୁତି ଦେଇଥିଲେ।

# ନିଆଁ ଫିଟାଇଲା ବିଚାରପତିଙ୍କ ଗୁମର

**ନୂଆଦିଲ୍ଲୀ,୨୧ା୩**

ନ୍ୟାୟପାଳିକା ଉପରେ ଦେଶବାସୀଙ୍କ ସ୍ୱତନ୍ତ୍ର ସମ୍ମାନ ରହି ଆସିଥିବାବେଳେ ବିଚାର ବ୍ୟବସ୍ଥାର ଗରିମା ନଷ୍ଟ କଲା ଭଳି ଏକ ସଦ୍ୟ ଘଟଣା ଏହାକୁ ଊଣା କରିଦେଇଛି। ହୋଲି ରାତିରେ ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ସରକାରୀ ବାସଭବନକୁ ନିଆଁ ଲିଭାଇବାକୁ ଯାଇଥିବା ଅଗ୍ନିଶମ କର୍ମଚାରୀ ସେଠାରୁ ୧୫ କୋଟି ଟଙ୍କା ଠାବ କରିଛନ୍ତି। ଏହି ବିଷୟ ସମ୍ପ୍ରତି ଦେଶରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଜଷ୍ଟିସ୍ ବର୍ମାଙ୍କ ଇସ୍ତଫା ଦାବି ଜୋର୍ ଧରିଲାଣି। ଏପରି କି ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଗତ କରି ବିଚାରପତି ପଦରୁ ବର୍ମାଙ୍କୁ ହଟାଇବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ଜଣାପଡ଼ିଛି। ୧୯୬୯ ଜାନୁଆରୀ ୬ରେ ଉତ୍ତର ପ୍ରଦେଶର ଆଲ୍ଲାହାବାଦ (ପ୍ରୟାଗରାଜ)ରେ ଜନ୍ମିତ ଯଶୱନ୍ତ ବର୍ମା ବି.କମ୍ ପରେ ମଧ୍ୟପ୍ରଦେଶର ରେୱା ବିଶ୍ୱବିଦ୍ୟାଳୟରେ ଏଲ୍‌ଏଲ୍‌ବି ପଢ଼ିଥିଲେ। ୫୬ ବର୍ଷୀୟ ଜଷ୍ଟିସ୍ ବର୍ମା ୧୯୯୨ରେ ଓକିଲାତି ଆରମ୍ଭ କରିଥିଲେ। ୨୦୧୪ ଅକ୍ଟୋବର ୧୩ରେ ତାଙ୍କୁ ଆଲ୍ଲାହାବାଦ ହାଇକୋର୍ଟ ଅତିରିକ୍ତ ବିଚାରପତି ରୂପେ ନିଯୁକ୍ତି ଦିଆଯାଇଥିଲା। ଜଷ୍ଟିସ୍ ବର୍ମା ୨୦୧୬ ଫେବୃଆରୀ ୧ରେ ସ୍ଥାୟୀ ବିଚାରପତି ଭାବେ ଶପଥ ନେଇଥିଲେ। ୨୦୨୧ ଅକ୍ଟୋବରରେ ସେ ଦିଲ୍ଲୀ ହାଇକୋର୍ଟ ବିଚାରପତି ନିଯୁକ୍ତ ହୋଇଥିଲେ। ତାଙ୍କ ଘରୁ ଆୟ ବହିର୍ଭୂତ ୧୫ କୋଟି ଟଙ୍କା ଠାବ ହେବା ପରେ ଏବେ ସେ ଚର୍ଚ୍ଚାରେ ରହିଛନ୍ତି। ବରିଷ୍ଠ ଆଇନଜୀବୀ ବିକାଶ ସିଂ ଏହାକୁ ଏକ ଗମ୍ଭୀର ବିଷୟ କହି ତାଙ୍କର ଇସ୍ତଫା ଦାବି କରିଛନ୍ତି। ଜଣେ ବିଚାରପତି ସନ୍ଦେହର ଊର୍ଦ୍ଧ୍ୱରେ ରହିବା ଉଚିତ। କାରଣ ଏହି ପ୍ରଫେଶନ୍‌ରେ ଦୁର୍ନୀତି ପ୍ରତି ଶୂନ ସହନଶୀଳତା ରହିଥାଏ। ତେଣୁ ଏଭଳି ବଦଳି ସମାଧାନ ଆଣିବ ନାହିଁ ବୋଲି ସେ ମତ ଦେଇଛନ୍ତି। ସେହିପରି ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ କହିଛନ୍ତି, ଜଷ୍ଟିସ୍ ବର୍ମାଙ୍କୁ ନିଜ ପକ୍ଷ ରଖିବା ପାଇଁ ସୁଯୋଗ ଦେବା ପରେ ସୁପ୍ରିମକୋର୍ଟ କାର୍ଯ୍ୟାନୁଷ୍ଠାନ ନେବା ଉଚିତ। ସୁପ୍ରିମକୋର୍ଟ ବାର୍ ଆସୋସିଏଶନ୍ ଅଧ୍ୟକ୍ଷ କପିଲ ସିବଲ କହିଛନ୍ତି, ନ୍ୟାୟପାଳିକାରେ ଦୁର୍ନୀତି ଏକ ଗମ୍ଭୀର ପ୍ରସଙ୍ଗ। ତେଣୁ ସୁପ୍ରିମକୋର୍ଟ ନିଯୁକ୍ତି ପ୍ରକ୍ରିୟା କିପରି ଭାବେ କରାଯିବା କଥା ସେନେଇ ଚିନ୍ତା କରନ୍ତୁ। ବିଚାରପତି ନିଯୁକ୍ତିରେ ଅଧିକ ସ୍ୱଚ୍ଛତାର ଆବଶ୍ୟକତା ରହିଛି। ଏହି ପ୍ରସଙ୍ଗରେ ତଦନ୍ତ ସରିବା ପରେ ଯାହା ନିଷ୍କର୍ଷ ଆସିବ, ତାକୁ ଭିତ୍ତିକରି ସମ୍ବିଧାନର ଅନୁଚ୍ଛେଦ ୧୨୪(୪) ଅନୁସାରେ ଜଷ୍ଟିସ୍ ବର୍ମାଙ୍କୁ ଇସ୍ତଫା ଦେବାକୁ କୁହାଯାଇପାରେ। ଅନ୍ୟପକ୍ଷେ କେନ୍ଦ୍ର ସରକାର କଲେଜିୟମ୍ ନିଷ୍ପତ୍ତିକୁ ମଞ୍ଜୁରୀ ଦେବା ପରେ ତାଙ୍କ ବଦଳି କାର୍ଯ୍ୟକାରୀ ହେବ। ତେଣୁ ଜଷ୍ଟିସ୍ ବର୍ମା ବର୍ତ୍ତମାନ ଛୁଟିରେ ରହିଛନ୍ତି। ଭାରତୀୟ ବିଚାର ବ୍ୟବସ୍ଥାରେ ବାରମ୍ବାର ସାଲିସ କରାଯାଉଛି। ଜଣେ ହାଇକୋର୍ଟ ବିଚାରପତିଙ୍କ ଘରୁ ଏତେ ପରିମାଣର ଆୟ ବହିର୍ଭୂତ ଟଙ୍କା ମିଳିବା ଦେଶର ସାମ୍ବିଧାନିକ ସଂସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି।

# ଜାତୀୟ ସଙ୍ଗୀତକୁ ଅସମ୍ମାନ: ନୀତୀଶଙ୍କ ବିରୋଧରେ ପିଟିଶନ

**ପାଟନା,୨୧ା୩**



ପାଟନାରେ ଅନୁଷ୍ଠିତ ଏକ ସରକାରୀ କାର୍ଯ୍ୟକ୍ରମରେ ଜାତୀୟ ସଙ୍ଗୀତକୁ ଅସମ୍ମାନ କରାଯିବା ଅଭିଯୋଗରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ବିରୋଧରେ ଶୁକ୍ରବାର ଅଦାଲତରେ ପିଟିଶନ ଦାଏର ହୋଇଛି। ଗୁରୁବାର ଏକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ ବେଳେ ନୀତୀଶଙ୍କ କାର୍ଯ୍ୟ ରାଜ୍ୟକୁ ଅସମ୍ମାନ ଆଣିଥିବା ସ୍ଥାନୀୟ ଆଇନଜୀବୀ ସୁରଜ କୁମାର ତାଙ୍କ ପିଟିଶନରେ ଅଭିଯୋଗ କରିଛନ୍ତି। ମୁଜାଫରପୁରର ଅତିରିକ୍ତ ମୁଖ୍ୟ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ (ୱେଷ୍ଟ)ଙ୍କ ଅଦାଲତରେ ଦାଏର ପିଟିଶନ୍‌ରେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଭାରତୀୟ ଦଣ୍ଡ ସଂହିତା ଏବଂ ଜାତୀୟ ସମ୍ମାନକୁ ଅପମାନ ପ୍ରତିକାର ଆଇନର ଧାରା ଅନୁଯାୟୀ ପୋଲିସ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିବେଦନ କରାଯାଇଛି। ୨୫ରେ ଏହାର ଶୁଣାଣି କରାଯିବ। ମୁଖ୍ୟମନ୍ତ୍ରୀ ଜାତୀୟ ସଙ୍ଗୀତକୁ ଅପମାନ କରିଥିବାର ଏକ ଭିଡିଓ ଶେୟାର କରି ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀଙ୍କୁ କଡ଼ା ସମାଲୋଚନା କରିଥିଲେ। ଜାତୀୟ ସଙ୍ଗୀତ ଗାନ ବେଳେ ନୀତୀଶ ଅନ୍ୟମାନଙ୍କ ସହ କଥା ହେଉଥିବା ଓ ଅଭିନନ୍ଦନ ଜଣାଉଥିବା ଭିଡିଓରେ ଦେଖିବାକୁ ମିଳିଛି। ନୀତୀଶଙ୍କ ଆଚରଣ ତାଙ୍କ ସ୍ୱାସ୍ଥ୍ୟଗତ ସ୍ଥିତିକୁ ନେଇ ପୁଣିଥରେ ସନ୍ଦେହ ସୃଷ୍ଟି କରିଥିବା ତେଜସ୍ୱୀ କହିଛନ୍ତି। ସେ ଏକ୍ସ'ରେ ନୀତୀଶଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି, ଆପଣ ପ୍ରତିଦିନ ମହିଳା, ଯୁବବର୍ଗ, ଛାତ୍ରୀଛାତ୍ର ଓ ବରିଷ୍ଠମାନଙ୍କୁ ଅପମାନିତ କରୁଛନ୍ତି। ଅନ୍ତତଃ ଜାତୀୟ ସଙ୍ଗୀତକୁ ଅପମାନ କରନ୍ତୁ ନାହିଁ ବୋଲି ତେଜସ୍ୱୀ କହିଛନ୍ତି।


# ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଲେ କେନ୍ଦ୍ରମନ୍ତ୍ରୀ
### ବଳାତ୍କାର ମାମଲାରେ ଆଲ୍ଲାହାବାଦ ହାଇକୋର୍ଟଙ୍କ ବିବାଦୀୟ ରାୟ

**ନୂଆଦିଲ୍ଲୀ,୨୧ା୩(ପି.ଟି.)**

ବଳାତ୍କାର ଏବଂ ବଳାତ୍କାର ଉଦ୍ୟମକୁ ନେଇ ଆଲ୍ଲାହାବାଦ ହାଇକୋର୍ଟଙ୍କ ରାୟରେ କେନ୍ଦ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଶୁକ୍ରବାର ସମ୍ପୂର୍ଣ୍ଣ ଅସହମତି ପ୍ରକାଶ କରିବା ସହ ସୁପ୍ରିମକୋର୍ଟ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି। ମହିଳାଙ୍କ ସ୍ତନକୁ ଧରିବା ଏବଂ ପାଇଜାମା ଡୋରି ଖୋଲିବା ବଳାତ୍କାର କିମ୍ବା ବଳାତ୍କାର ଉଦ୍ୟମ ନୁହେଁ ବୋଲି ହାଇକୋର୍ଟ ରୁଲିଂ ଦେଇଥିଲେ। ତେବେ ଏହା ଆକ୍ରମଣ ପରିସରଭୁକ୍ତ ବା ଉଲଗ୍ନ କରିବା ଉଦ୍ଦେଶ୍ୟ ରଖି କୌଣସି ମହିଳାଙ୍କ ବିରୋଧରେ ଆପରାଧିକ ଶକ୍ତିର ପ୍ରୟୋଗ ବୋଲି ଖଣ୍ଡପୀଠ କହିଥିଲେ। ଏହାକୁ ସୁପ୍ରିମକୋର୍ଟ ଗମ୍ଭୀରତାର ସହ ନିଅନ୍ତୁ ବୋଲି କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି।

# ଏପ୍ରିଲରେ ରାଣାଙ୍କ ଆବେଦନର ଶୁଣାଣି

**ନ୍ୟୁୟର୍କ,୨୧ା୩**



ତହଉର ରାଣା



୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ସହ ସମ୍ପୃକ୍ତ ଅଭିଯୁକ୍ତ ତହଉର ରାଣା ଭାରତ ପ୍ରତ୍ୟର୍ପଣ ଉପରେ ସ୍ଥଗିତାଦେଶ ପାଇଁ କରିଥିବା ସାନି ଆବେଦନର ଶୁଣାଣି କରିବାକୁ ଆମେରିକା ସୁପ୍ରିମକୋର୍ଟ ଗ୍ରହଣ କରିଛନ୍ତି। ଗତ ୬ ତାରିଖରେ ସୁପ୍ରିମକୋର୍ଟର ଆସୋସିଏଟ୍ ଜଷ୍ଟିସ୍ ଏଲେନା କାଗନ ଉକ୍ତ ଆବେଦନକୁ ଅଗ୍ରାହ୍ୟ କରିଥିଲେ। ଫଳରେ ଲସ୍ ଏଞ୍ଜେଲ୍‌ସର ମେଟ୍ରୋପଲିଟାନ ଡିଟେନ୍‌ଶନ ସେଣ୍ଟରରେ ରହିଥିବା ୬୪ ବର୍ଷୀୟ ରାଣା ପ୍ରତ୍ୟର୍ପଣ ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ପାଇଁ ପ୍ରଧାନ ବିଚାରପତି ଜନ୍ ରବର୍ଟ୍ସଙ୍କ ନିକଟରେ ଜରୁରୀ ଆବେଦନ କରିଥିଲେ।

ପାକିସ୍ତାନୀ-ଆମେରିକୀୟ ଆତଙ୍କବାଦୀ ଡାଭିଡ୍ ଭୋଲେମାନ୍ ହେଡ୍‌ଲିଙ୍କ ସହଯୋଗୀ ଭାବେ ଜଣାଶୁଣା ରାଣା ୨୬/୧୧ ଆକ୍ରମଣର ଅନ୍ୟତମ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଥିଲେ। ଆକ୍ରମଣ ପୂର୍ବରୁ ହେଡ୍‌ଲି ମୁମ୍ବାଇର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳର ତଥ୍ୟ ସଂଗ୍ରହ କରିଥିଲେ। ପାକିସ୍ତାନର ଲଶ୍କର-ଇ-ତୋଇବା ଆତଙ୍କବାଦୀଙ୍କୁ ମୁମ୍ବାଇ ଆକ୍ରମଣ ପାଇଁ ସବୁପ୍ରକାର ସହାୟତା ଯୋଗାଇଦେବା ଅଭିଯୋଗରେ ରାଣା ଦୋଷୀସାବ୍ୟସ୍ତ ହୋଇଛନ୍ତି। ଡେନ୍‌ମାର୍କର ଆତଙ୍କବାଦୀ ଆକ୍ରମଣ ଘଟଣାରେ ସହାୟତା ଓ ଷଡ଼ଯନ୍ତ୍ର ଅଭିଯୋଗରେ ରାଣା ପୂର୍ବରୁ ଆମେରିକା କୋର୍ଟ ଦ୍ୱାରା ଦୋଷୀସାବ୍ୟସ୍ତ ହୋଇଥିଲେ।

# କର୍ଣ୍ଣାଟକ ବିଧାନସଭାରୁ ୧୮ ଭାଜପା ବିଧାୟକ ନିଲମ୍ବିତ
### ମାର୍ଶାଲ ଲଗାଇ ବାହାର କରାଗଲା

**ବେଙ୍ଗାଲୁରୁ,୨୧ା୩**




ବିଧାୟକଙ୍କୁ ମାର୍ଶାଲ ଟେକିନେଉଛନ୍ତି।

କର୍ଣ୍ଣାଟକ ବିଧାନସଭାରେ ଶୁକ୍ରବାର ଗୃହ କାର୍ଯ୍ୟରେ ବିଶୃଙ୍ଖଳା ସୃଷ୍ଟି କରିବା ଅଭିଯୋଗରେ ୧୮ ଜଣ ଭାଜପା ବିଧାୟକଙ୍କୁ ବାଚସ୍ପତି ୟୁ.ଟି. ଖାଦେର ୬ ମାସ ପାଇଁ ନିଲମ୍ବନ କରିଛନ୍ତି। ବିଧାନସଭାର ଅନ୍ୟୂନ ୪୮ ସଦସ୍ୟ ହନିଟ୍ରାପ୍‌ରେ ପଡ଼ିଯାଇଥିବା ଓ ସେମାନଙ୍କ ଅଶ୍ଳୀଳ ଭିଡିଓ ପ୍ରସାରିତ ହେଉଥିବା ଅଭିଯୋଗକୁ ନେଇ ଗୃହରେ ଭାଜପା ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ସରକାର ଘଟଣାର ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେବା ସତ୍ତ୍ୱେ ବିଧାୟକମାନେ ଗୃହ ମଧ୍ୟଭାଗରେ ହୋହଲ୍ଲା କରିଥିଲେ। ଏଥିସହ ଘରୋଇ ଠିକାଦାରିରେ ମୁସଲମାନ କୋଟା ବିଲ୍‌କୁ ସେମାନେ ଚିରିଦେଇଥିଲେ। ବାଚସ୍ପତିଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରି ସେମାନେ ବିଶୃଙ୍ଖଳିତ ଆଚରଣ ଜାରି ରଖିଥିଲେ। ବାଚସ୍ପତିଙ୍କ ଟେବୁଲ୍ ଉପରେ ଚଢ଼ିବା ସହ କାଗଜ ଫିଙ୍ଗିଥିଲେ। ଫଳରେ ନିଲମ୍ବିତ ବିଧାୟକମାନଙ୍କୁ ମାର୍ଶାଲ ଲଗାଇ ବିଧାନସଭାରୁ ବାହାର କରିଦିଆଯାଇଥିଲା। ନିଲମ୍ବିତ ବିଧାୟକମାନେ ହେଲେ ବିରୋଧୀ ଦଳ ମୁଖ୍ୟ ହ୍ୱିପ୍ ଡୋଡନାଗୌଡ଼ା ଏଚ୍. ପାଟିଲ, ଅଶ୍ୱଥ ନାରାୟଣ ସି.ଏନ୍., ଏସ୍.ଆର୍. ବିଶ୍ୱନାଥ, ବି.ଏ. ବାସବରାଜ, ଏମ୍.ଆର୍. ପାଟିଲ, ଚିନ୍ନାବାସପ୍ପା, ବି. ସୁରେଶ ଗୌଡ଼ା, ଉମାନାଥ ଏ. କୋଟ୍ୟାନ, ଶରନୁ ସଲଗାର, ଶୈଳେନ୍ଦ୍ର ବେଲ୍‌ଡାଲେ, ସି.କେ. ରାମମୂର୍ତ୍ତି, ଯଶପାଲ ଏ. ସୁବର୍ଣ୍ଣ, ବି.ପି. ହରିଶ, ଭରଥ ସେଟ୍ଟୀ ୱାଇ. ମୁନିରତ୍ନ, ବାସବରାଜ ମଟ୍ଟିମୁଡ୍, ଧୀରଜ ମୁନିରାଜୁ ଏବଂ ଚନ୍ଦ୍ରୁ ଲମାନି। ନିଲମ୍ବନ ନିର୍ଦ୍ଦେଶ ଅନୁଯାୟୀ ସେମାନେ ବିଧାନସଭା ହଲ୍, ଲବି କିମ୍ବା ଗ୍ୟାଲେରିରେ ପ୍ରବେଶ କରିପାରିବେ ନାହିଁ ଏବଂ କୌଣସି ଷ୍ଟାଣ୍ଡିଂ କମିଟି ବୈଠକରେ ଯୋଗଦେବେ ନାହିଁ।

# ୬ ବର୍ଷ କାମ ନ କରି ମିଳିଲା ପୂରା ଦରମା

**ମାଡ୍ରିଡ୍**




ସମସ୍ତେ ଭ୍ରମଣ କରିବାକୁ ପସନ୍ଦ କରିଥାନ୍ତି। ତେବେ କାର୍ଯ୍ୟ ବ୍ୟସ୍ତତା ଯୋଗୁ ବହୁ ଲୋକଙ୍କୁ ଭ୍ରମଣ ପାଇଁ ଛୁଟି ମିଳି ନ ଥାଏ। ସେହିପରି ଅଧିକ ଛୁଟି ନେଲେ ଦରମା କଟିଯିବାର ମଧ୍ୟ ଭୟ ରହିଥାଏ। ତେବେ ସ୍ପେନ୍‌ର କାଡିଜ୍ ସହରରୁ ଏକ ଅଜବ ମାମଲା ସାମ୍ନାକୁ ଆସିଛି, ଯେଉଁଥିରେ ଜଣେ ବ୍ୟକ୍ତି ୬ ବର୍ଷ ଧରି ଅଫିସ୍‌କୁ ଆସି ନ ଥିଲେ ଏବଂ ଅଫିସ ସମ୍ବନ୍ଧିତ କୌଣସି ମଧ୍ୟ କାର୍ଯ୍ୟ କରି ନ ଥିଲେ। ଏହି ଅବଧି ମଧ୍ୟରେ ସେ ବହୁ ବୁଲାବୁଲି କରିବା ସହ ମଜା କରିଥିଲେ। ତେବେ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ, ଏହି ୬ ବର୍ଷ ମଧ୍ୟରେ ପ୍ରତ୍ୟେକ ମାସ ପାଇଁ ତାଙ୍କୁ ସମ୍ପୂର୍ଣ୍ଣ ଦରମା ମିଳୁଥିଲା।

ସ୍ପେନ୍‌ର କାଡିଜ୍‌ରେ ଥିବା ଏକ ୱାଟର ଟ୍ରିଟ୍‌ମେଣ୍ଟ କମ୍ପାନୀରେ ଗତ ୨୦ ବର୍ଷ ଧରି ଜୋଆକ୍ୱିନ୍ ଗାର୍ସିଆ ନାମକ ଜଣେ ବ୍ୟକ୍ତି କାର୍ଯ୍ୟ କରିଆସୁଥିଲେ। ତେବେ ୬ ବର୍ଷ ତଳେ ଦିନେ ସେ କାହାକୁ କିଛି ନ ଜଣାଇ ଆଉ ଅଫିସ ଆସି ନଥିଲେ। ଗାର୍ସିଆ ଚାକିରିରୁ ଇସ୍ତଫା ଦେଇ ନ ଥିଲେ କିମ୍ବା ଛୁଟି ଦରଖାସ୍ତ ମଧ୍ୟ ଦାଖଲ କରି ନ ଥିଲେ। ଗାର୍ସିଆ ଆସୁ ନ ଥିବା ନେଇ ଉକ୍ତ କମ୍ପାନୀରେ କାର୍ଯ୍ୟରତ ଅଧିକାରୀମାନେ ମଧ୍ୟ ଜାଣିପାରି ନ ଥିଲେ। ତାଙ୍କୁ ନେଇ ଉକ୍ତ ୱାଟର ଟ୍ରିଟ୍‌ମେଣ୍ଟ କମ୍ପାନୀର ୨ଟି ବିଭାଗ ମଧ୍ୟରେ ଦ୍ୱନ୍ଦ୍ୱ ଦେଖାଦେଇଥିଲା। ଅନ୍ୟ ବିଭାଗରେ ଗାର୍ସିଆ କାର୍ଯ୍ୟ କରୁଛନ୍ତି ବୋଲି ଉଭୟ ବିଭାଗର ଅଧିକାରୀମାନେ ଅନୁମାନ କରୁଥିଲେ। କମ୍ପାନୀ କର୍ତ୍ତୃପକ୍ଷଙ୍କ ଅସାବଧାନତା ଯୋଗୁ ଗାର୍ସିଆ ୬ ବର୍ଷ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ନ କରି ଦରମା ମଧ୍ୟ ପାଉଥିଲେ। ରିପୋର୍ଟ ଅନୁଯାୟୀ, ଏହି ୬ ବର୍ଷର ଅବଧି ମଧ୍ୟରେ ତାଙ୍କୁ ବାର୍ଷିକ ୪୧,୫୦୦ ଡଲାର (ପ୍ରାୟ ୩୬ ଲକ୍ଷ ଟଙ୍କା) ଦରମା ମିଳିଥିଲା। ଗାର୍ସିଆ ୨୦ ବର୍ଷ ଧରି ସମାନ ୱାଟର ଟ୍ରିଟ୍‌ମେଣ୍ଟ କମ୍ପାନୀରେ କାର୍ଯ୍ୟ କରୁଥିଲେ ସୁଦ୍ଧା କମ୍ପାନୀ ପକ୍ଷରୁ ତାଙ୍କୁ କୌଣସି ପୁରସ୍କାର ମିଳି ନ ଥିଲା। ତେଣୁ ଦୀର୍ଘଦିନର ବିଶ୍ୱସ୍ତତା ପାଇଁ ଉକ୍ତ ୱାଟର ଟ୍ରିଟ୍‌ମେଣ୍ଟ କମ୍ପାନୀ ଗାର୍ସିଆଙ୍କୁ ପୁରସ୍କାର ଦେବାକୁ ନିଷ୍ପତ୍ତି ନେଇଥିଲା। ପୁରସ୍କାର ଦେବା ପାଇଁ ଗାର୍ସିଆଙ୍କୁ ଖୋଜା ଯାଇଥିବାବେଳେ ସେ ମିଳି ନ ଥିଲେ। ଏହା ଉପରେ ଅଧିକ ଯାଞ୍ଚ କରାଯିବା ପରେ ସେ ୬ ବର୍ଷ ଧରି ଅଫିସ ଆସୁ ନ ଥିବା ନେଇ ଜଣାପଡ଼ିଥିଲା। ଗାର୍ସିଆଙ୍କ ଓକିଲ କହିଛନ୍ତି, ଉକ୍ତ ୱାଟର ଟ୍ରିଟ୍‌ମେଣ୍ଟ କମ୍ପାନୀରେ କାମ କରୁଥିବା ସମୟରେ ତାଙ୍କୁ ହଇରାଣ କରାଯାଉଥିଲା। ସେଥିପାଇଁ ଗାର୍ସିଆ ଅଫିସ ଆସିବା ବନ୍ଦ କରି ଦେଇଥିଲେ। ଉଭୟ ପକ୍ଷର ଶୁଣାଣି ପରେ କୋର୍ଟ ସରକାରଙ୍କ ସପକ୍ଷରେ ରାୟ ଶୁଣାଇଛନ୍ତି। ଗାର୍ସିଆଙ୍କ ଉପରେ କୋର୍ଟ ୩୦ ହଜାର ଡଲାର ର ଜରିମାନା ଲଗାଇଛନ୍ତି।

## ଫୁର୍‌ସତ୍

# ଆଜି ବିଶ୍ୱ ଆର୍ଥ ଆୱାର
### ରାତି ୮ଟା ୩୦ରୁ ଘଣ୍ଟାଏ ଲାଇଟ ବନ୍ଦ

**ନୂଆଦିଲ୍ଲୀ**

୨୦୨୫ ମାର୍ଚ୍ଚ ୨୨ ଶନିବାର ବିଶ୍ୱ ଆର୍ଥ ଆୱାର ପାଳନ କରାଯିବ। ବିଶ୍ୱର ବିଭିନ୍ନ ଭାଗରେ ଜନସାଧାରଣ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ରାତି ୮ଟା ୩୦ରୁ ୯ଟା ୩୦ ମିନିଟ୍ ପର୍ଯ୍ୟନ୍ତ ୧ ଘଣ୍ଟା ପାଇଁ ବିଦ୍ୟୁତ୍ ଲାଇଟ୍‌ଗୁଡ଼ିକୁ ବନ୍ଦ କରିବେ। ଜଳବାୟୁ ସୁରକ୍ଷା ଦିଗରେ ଉଦାହରଣ ସୃଷ୍ଟି ସକାଶେ ପ୍ରତିବର୍ଷ ମାର୍ଚ୍ଚ ୨୨ ରାତିରେ ଅଣଜରୁରୀ ଲାଇଟ୍ ଓ ବୈଦ୍ୟୁତିକ ଉପକରଣଗୁଡ଼ିକୁ ବନ୍ଦ ରଖାଯାଇଥାଏ। ପରିବେଶ ସୁରକ୍ଷା ସହ ଶକ୍ତି ଅପଚୟ ରୋକିବା ପାଇଁ ପ୍ରଥମେ ୨୦୦୭ରେ ୱାର୍ଲ୍ଡ ୱାଇଲ୍ଡଲାଇଫ୍ ଫଣ୍ଡ (ଡବ୍ଲ୍ୟୁଡବ୍ଲ୍ୟୁଏଫ୍) ପକ୍ଷରୁ ଏହା ଆରମ୍ଭ କରାଯାଇଥିଲା। ବର୍ତ୍ତମାନ ବିଶ୍ୱର ୧୯୦ରୁ ଅଧିକ ଦେଶ ଏହି 'ସୁଇଚ୍ ଅଫ୍' ଇଭେଣ୍ଟରେ ଭାଗ ନେଉଛନ୍ତି।

# ପୁଣି ବାପା ହେବାର ସଙ୍କେତ ଦେଲେ ରଣବୀର

**ମୁମ୍ବାଇ**



ବଲିଉଡର ସବୁଠାରୁ ଚର୍ଚ୍ଚିତ କପଲ ରଣବୀର କପୁର ଏବଂ ଆଲିଆ ଭଟ୍ଟ ଏବେ ପୁଣି ଚର୍ଚ୍ଚାରେ। ନଭେମ୍ବର ୨୦୨୨ ରାହା ଜନ୍ମ ପରଠାରୁ ଉଭୟ ଫିଲ୍ମ ଦୁନିଆରେ ଏତେଟା ସକ୍ରିୟ ରହୁନାହାନ୍ତି। ଏସବୁ ଭିତରେ ରଣବୀର ଏବେ ଦ୍ୱିତୀୟ ସନ୍ତାନର ସମ୍ଭାବନା ବିଷୟରେ ମୁହଁ ଖୋଲିଛନ୍ତି। ରଣବୀରଙ୍କୁ ପ୍ରାୟତଃ ତାଙ୍କ ଝିଅ ସହିତ ସମୟ ବିତାଉଥିବାର ଦେଖାଯାଏ। ସେ ତାଙ୍କ ଝିଅଙ୍କ ନାମରେ ଏକ ଟାଟୁ ମଧ୍ୟ କରିଛନ୍ତି। ଏହାରି ଭିତରେ ସେ ଆଉ ଏକ ବେବି ପ୍ଲାନ କରିଥିବା ସଙ୍କେତ ଦେଇଛନ୍ତି। ଏକ ସାକ୍ଷାତକାରରେ, ସେ ନିଜ ବିଷୟରେ ସର୍ବାଧିକ ଗୁଗଲ ସର୍ଚ୍ଚ କରାଯାଇଥିବା ପ୍ରଶ୍ନର ଉତ୍ତର ଦେଇଥିଲେ। ସେଥିମଧ୍ୟରୁ ଗୋଟିଏ ପ୍ରଶ୍ନ ଥିଲା, ସେ ଖୁବଶୀଘ୍ର ଆଉ ଏକ ନୂଆ ଟାଟୁ କରିବେ କି? ଏହାର ଜବାବରେ ରଣବୀର କହିଥିଲେ, ଆଶା କରୁଛି ଶୀଘ୍ର କରିବି। ରଣବୀର ପୂର୍ବରୁ ରାହାଙ୍କ ନାମରେ ଏକ ଟାଟୁ କରିସାରିଛନ୍ତି। ଏହି ଟାଟୁ ବିଷୟରେ ବହୁତ ଆଲୋଚନା ହୋଇଥିଲା। ରାହାଙ୍କ ପରେ ରଣବୀର ଏବଂ ଆଲିଆ ଉଭୟ ଦ୍ୱିତୀୟ ସନ୍ତାନ ବିଷୟରେ ଚିନ୍ତା କରଥିବା ଚର୍ଚ୍ଚା ହେଉଛି। ନିକଟରେ ଆଲିଆ କହିଥିଲେ, ଯଦି ତାଙ୍କର ଦ୍ୱିତୀୟ ସନ୍ତାନ ପୁଅ ହୁଏ, ତେବେ ତା' ନାମ ଆଗରୁ ପ୍ରସ୍ତୁତ ଅଛି।

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୨/୨୦୨୫ | Bhubaneswar, Saturday, March 22/2025 | ପୃଷ୍ଠା-୧




ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଶରଧାପୁର ପଞ୍ଚାୟତ ଆମ୍ୱରାପୁର ଖେଳପଡ଼ିଆରେ ଶୁକ୍ରବାର ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ (ଆଇଓସିଏଲ) ବ୍ରହ୍ମପୁର ଦକ୍ଷିଣ-ପୂର୍ବ କ୍ଷେତ୍ରୀୟ ଭୂତଳ ପାଇପ୍ ଲାଇନର ନିରାପତ୍ତା ଏବଂ ସୁରକ୍ଷା ସମ୍ବନ୍ଧୀୟ ଗ୍ରାମ୍ୟ ସଚେତନତା କାର୍ଯ୍ୟକ୍ରମ।

# ପୁଣି ସୀମା ଲଂଘିଲା ପଶ୍ଚିମବଙ୍ଗ

## ଓଡ଼ିଶା ରାସ୍ତାକୁ ଭାଙ୍ଗିଲା, ସୀମାନ୍ତରେ ଉତ୍ତେଜନା

**ଭୋଗରାଇ,୨୧।୩(ପ୍ରଦୀପ ଦାସ)**

ପୁଣି ସୀମା ଲଂଘିଛି ପଶ୍ଚିମବଙ୍ଗ। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଧୀନ ସୀମାନ୍ତ ଗାଁ ଶଗଡାସାହି ୩ଶହ ମିଟର କଂକ୍ରିଟ ରାସ୍ତାକୁ ଗୁରୁବାର ଜବରଦସ୍ତ ପଶ୍ଚିମବଙ୍ଗ ରାଜସ୍ୱ ବିଭାଗ ଭାଙ୍ଗି ନିଜ ଅଧୀନକୁ ନେବାକୁ ଉଦ୍ୟମ କରିଛି। ଏଭଳି ସ୍ଥିତିରେ ସୀମାନ୍ତବାସୀଙ୍କ ସହିତ ପଶ୍ଚିମବଙ୍ଗ ରାଜସ୍ୱ ବିଭାଗ ମୁହାଁମୁହିଁ ହେଇଛନ୍ତି। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଖବର ପାଇବା ପରେ ରାଜସ୍ୱ ବିଭାଗକୁ ତୁରନ୍ତ ସେଠାକୁ ଯାଇ କାର୍ଯ୍ୟବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଭୋଗରାଇ ଅତିରିକ୍ତ ତହସିଲଦାର ଓ ଆରଆଇ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହିତ ପଶ୍ଚିମବଙ୍ଗ ରାଜସ୍ୱ ବିଭାଗକୁ କାର୍ଯ୍ୟବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ଓଡ଼ିଶା ସୀମାନ୍ତ ବାଲେଶ୍ୱର ଜିଲା ଭୋଗରାଇ ଓ ଜଳେଶ୍ୱର ବ୍ଲକର ୯୦ଟି ଗ୍ରାମରେ ସୀମା ବିବାଦ ରହିଥିଲା। ନିକଟରେ ସହାବାଜିପୁର ଗ୍ରାମକୁ ପଶ୍ଚିମବଙ୍ଗ କୌଶଳ ଭାବେ ଅକ୍ତିଆର ପାଇଁ ଉଦ୍ୟମ କରୁଥିବା ବେଳେ ସୀମାନ୍ତବାସୀଙ୍କ ଗର୍ଜନ ପରେ ପଶ୍ଚିମବଙ୍ଗ ପ୍ରଶାସନ ଛତ୍ରଭଙ୍ଗ ଦେଇଥିଲେ। ସୀମାନ୍ତରେ ଅଦ୍ୟାବଧି ସୀମା ସମସ୍ୟାର ସ୍ଥାୟୀ ସମାଧାନ ନ ହେବାରୁ ଓଡ଼ିଶାର କୋଟିଆ ଭଳି ଏବେ ସୀମା ସମସ୍ୟା ଜଟିଳ ହେବାକୁ ଲାଗିଛି। ପଶ୍ଚିମବଙ୍ଗର ଦାଦାଗିରିକୁ ପ୍ରତିହତ ଲାଗି ଭୋଗରାଇ ବିଧାୟକ ସୀମାନ୍ତ ବାସୀଙ୍କୁ ଜାଗ୍ରତ ରହିବାକୁ ଆହ୍ୱାନ ଦେଇଛନ୍ତି।



ସୀମାନ୍ତ ଗାଁ ଶଗଡାସାହିରେ ଓଡ଼ିଶା ରାଜସ୍ୱ ବିଭାଗ ପକ୍ଷରୁ କାର୍ଯ୍ୟ ବନ୍ଦ କରାଯାଉଛି।

# ଘରୁ ବାହାରିଲା ୧୫ କୋଟି, ବିବାଦରେ ବିଚାରପତି

**ନୂଆଦିଲ୍ଲୀ,୨୧।୩**

ସୁପ୍ରିମକୋର୍ଟ କଲେଜିୟମ୍ ଶୁକ୍ରବାର ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ୟଶଓ୍ୱନ୍ତ ବର୍ମାଙ୍କୁ ତାଙ୍କ ମୂଳ ହାଇକୋର୍ଟ ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟକୁ ବଦଳି ପାଇଁ ସୁପାରିସ କରିଛନ୍ତି। ଗତ ସପ୍ତାହରେ ଜଷ୍ଟିସ୍ ବର୍ମାଙ୍କ ସରକାରୀ ବାସଭବନରେ ନିଆଁ ଲାଗିବା ଓ ସେଠାରୁ ବିପୁଳ ପରିମାଣର ଟଙ୍କା ଠାବ ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏପରିକି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା ତାଙ୍କ ବିରୋଧରେ ଇନ୍-ହାଉସ୍ ତଦନ୍ତ ଆରମ୍ଭ କରିବା ସହ ଏନେଇ ଦିଲ୍ଲୀ ହାଇକୋର୍ଟଙ୍କୁ ରିପୋର୍ଟ ମାଗିଛନ୍ତି। ଉକ୍ତ ଘଟଣା ନ୍ୟାୟପାଳିକାର ଛବିକୁ ନେଇ ପ୍ରଶ୍ନ ଉଠାଇଥିବାବେଳେ ବିଚାରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବା ପାଇଁ



ଜଷ୍ଟିସ୍ ୟଶଓ୍ୱନ୍ତ ବର୍ମା

ସୁଯୋଗ ସୃଷ୍ଟି କରିଛି। ଅନ୍ୟପକ୍ଷେ ଆଲ୍ଲାହାବାଦ ହାଇକୋର୍ଟ ବାର୍ ଆସୋସିଏଶନ୍ ବିଚାରପତିଙ୍କ ବଦଳିକୁ ଘୋର ବିରୋଧକରି ପ୍ରଶ୍ନ କରିଛି 'ଆମେ କ'ଣ ଡଷ୍ଟବିନ୍ ଯେ ଦୁର୍ନୀତିଗ୍ରସ୍ତ ଜଷ୍ଟିସ୍ ବର୍ମାଙ୍କୁ ଆମ ପାଖକୁ ପଠାଯାଉଛି?' ଆଇନ ବିଶେଷଜ୍ଞମାନେ ମଧ୍ୟ କଲେଜିୟମ୍ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇବା ସହ ବର୍ମାଙ୍କ ଇସ୍ତଫା ଦାବି କରିଛନ୍ତି। ମାର୍ଚ୍ଚ ୧୪ ତାରିଖ

■ **ଜଷ୍ଟିସ୍ ବର୍ମାଙ୍କୁ ଆଲ୍ଲାହାବାଦ ହାଇକୋର୍ଟକୁ ସୁପ୍ରିମକୋର୍ଟ କଲେଜିୟମ୍‌ର ବଦଳି ସୁପାରିସ**

■ **ଆମେ କ'ଣ ଡଷ୍ଟବିନ୍: ନିଷ୍ପତ୍ତିକୁ ବିରୋଧ କଲା ବାର୍ ଆସୋସିଏଶନ୍**

ରାତି ୧୧ଟା ୩୫ ମିନିଟ୍। ଲୁଟିଏନ୍ସ ଦିଲ୍ଲୀରେ ରହୁଥିବା ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ୟଶଓ୍ୱନ୍ତ ବର୍ମାଙ୍କ ସରକାରୀ ବାସଭବନରୁ ଫାୟାର ସର୍ଭିସକୁ ଫୋନ୍ ଗଲା, ଘରେ ନିଆଁ ଲାଗିଛି। ତୁରନ୍ତ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ ଉଦ୍ୟମ ଆରମ୍ଭ କଲା। ଦମକଳ କର୍ମଚାରୀମାନେ ଷ୍ଟୋର୍ ରୁମ୍‌ରେ ନିଆଁ ଲିଭାଇବାବେଳେ ସେଠାରେ ଥିବା ୧୫ କୋଟି ଟଙ୍କା ଉପରେ ହଠାତ୍ ସେମାନଙ୍କ ନଜର ପଡ଼ିଲା। ଏନେଇ ଥାନାରେ ରିପୋର୍ଟ କରାଯିବା ସହ ସିଜେଆଇ ସଞ୍ଜୀବ ଖାନ୍ନାଙ୍କୁ ମଧ୍ୟ ଅବଗତ କରାଗଲା। ସୁପ୍ରିମକୋର୍ଟ କଲେଜିୟମ୍ ଶୁକ୍ରବାର ତତ୍ପରତା ଦେଖାଇ ଏହା ଉପରେ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଏଥିସହ ଜଷ୍ଟିସ୍ ବର୍ମାଙ୍କୁ ଆଲ୍ଲାହାବାଦ ହାଇକୋର୍ଟକୁ ବଦଳି ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ହୋଲି ବେଳେ ବିଚାରପତିଙ୍କ ଘରୁ ମିଳିଥିବା ଟଙ୍କା ସମ୍ପର୍କରେ କଲେଜିୟମ୍ ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କଠାରୁ ରିପୋର୍ଟ ମଧ୍ୟ ମାଗିଛି। କଲେଜିୟମ୍ ସୁପାରିସକୁ କେନ୍ଦ୍ର ସରକାର ଗ୍ରହଣ କରିବା ପରେ ତାଙ୍କ ବଦଳି କାର୍ଯ୍ୟକାରୀ ହେବାକୁ ଥିବାବେଳେ ଏହା ପୂର୍ବରୁ ଆଲ୍ଲାହାବାଦ ହାଇକୋର୍ଟ ବାର୍ ଆସୋସିଏଶନ୍ ☞ପୃଷ୍ଠା-୨

### ଟଙ୍କା ମିଳି ନ ଥିବା କହିଲେ ଦିଲ୍ଲୀ ଅଗ୍ନିଶମ ସେବା ମୁଖ୍ୟ

ଟଙ୍କା ମିଳିବା ନେଇ ବାଦବିବାଦ ଲାଗିରହିଥିବାବେଳେ ଦିଲ୍ଲୀ ଅଗ୍ନିଶମ ସେବା ମୁଖ୍ୟ ଅତୁଲ ଗର୍ଗ ଜଷ୍ଟିସ୍ ବର୍ମାଙ୍କୁ ଘରୁ ୧୫ କୋଟି ଟଙ୍କା ମିଳି ନ ଥିବା କହିଛନ୍ତି। କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କଲ୍ ଆସିବା ମାତ୍ରେ ଆମ କର୍ମଚାରୀ ସେଠାକୁ ଯାଇଥିଲେ। ୧୦ ମିନିଟ୍ ଭିତରେ ନିଆଁକୁ ଆୟତ୍ତ କରି ସେଠାରୁ ଚାଲି ଆସିଥିଲେ। ଅପରେଶନ୍ ବେଳେ ଜଷ୍ଟିସ୍ ବର୍ମାଙ୍କ ଘରୁ ଟଙ୍କା ମିଳି ନ ଥିଲା ବୋଲି ଅତୁଲ ସୂଚନା ଦେଇଛନ୍ତି।

# ହରିଶ ଟଣ୍ଡନ୍ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି

**କଟକ,୨୧।୩(କାର୍ତ୍ତିକ ସାହୁ)**

କଲିକତା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନଙ୍କୁ ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ମିଳିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟିସ୍ ଟଣ୍ଡନଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ଜଷ୍ଟିସ୍ ଟଣ୍ଡନଙ୍କ ନିଯୁକ୍ତି ସଂକ୍ରାନ୍ତରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଜଷ୍ଟିସ୍ ଟଣ୍ଡନ ୧୯୬୪ ନଭେମ୍ବର ୧୬ରେ କୋଲକାତାରେ ଜନ୍ମଗ୍ରହଣ କରିଥିଲେ। ସେ କଲିକତା ବିଶ୍ୱବିଦ୍ୟାଳୟରୁ ୧୯୮୯ରେ ଆଇନ ଶିକ୍ଷାରେ ଏଲ୍ଏଲ୍‌ବି ଡିଗ୍ରୀ ହାସଲ କରିବା ପରେ ୧୯୮୯ ସେପ୍ଟେମ୍ବର ୨୬ରେ କଲିକତା ହାଇକୋର୍ଟରେ ଆଇନଜୀବୀ



ଜଷ୍ଟିସ୍ ହରିଶ୍ ଟଣ୍ଡନ

ଭାବେ ଯୋଗଦେଇଥିଲେ। ସେ ସିଟି ସିଭିଲ୍ କୋର୍ଟ, ଡିଆର୍‌ଟି ଓ ସୁପ୍ରିମ୍‌କୋର୍ଟରେ ମଧ୍ୟ ଆଇନଜୀବୀ ଭାବେ ଦକ୍ଷତାର ସହ ବହୁ ମାମଲା ପରିଚାଳନା କରିଥିଲେ। ୨୦୧୦ ଏପ୍ରିଲ ୧୩ରେ ତାଙ୍କୁ କଲିକତା ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ମିଳିଥିଲା।ପ୍ର କ । ଶ ଯେ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂଙ୍କ ଅବସର ପରେ ୨୦୨୫ ଜାନୁଆରୀ ୨୦ରୁ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ଅରିନ୍ଦମ୍ ସିହ୍ନା ଦାୟିତ୍ୱ ନିର୍ବାହ କରୁଥିଲେ। ତେବେ ସୁପ୍ରିମକୋର୍ଟ କଲେଜିୟମ ଜଷ୍ଟିସ୍ ସିହ୍ନାଙ୍କୁ ଆହ୍ଲାହାବାଦ୍ ହାଇକୋର୍ଟର ଜୁଡିକେଟର୍ ଭାବେ ବଦଳି କରିବା ପାଇଁ ଗୁରୁବାର ସୁପାରିସ କରିଛନ୍ତି। ସୂଚନାଯୋଗ୍ୟ, ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ଅଧ୍ୟକ୍ଷତାରେ ଗତ ମାର୍ଚ୍ଚ ୬ରେ ଅନୁଷ୍ଠିତ ସୁପ୍ରିମ୍‌କୋର୍ଟ କଲେଜିୟମ୍ ବୈଠକରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ପଦବୀରେ ନିଯୁକ୍ତି ପାଇଁ ଜଷ୍ଟିସ୍ ଟଣ୍ଡନଙ୍କ ନାମ ସୁପାରିସ କରାଯାଇଥିଲା। ଏହାପରେ ରାଷ୍ଟ୍ରପତି ଏହାକୁ ଅନୁମୋଦନ କରିଛନ୍ତି।

# ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ପରଲୋକ



**କେନ୍ଦ୍ରାପଡ଼ା,୨୧।୩ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାର ବରିଷ୍ଠ କଂଗ୍ରେସ ନେତା ତଥା ଆଳି ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା(୬୬)ଙ୍କ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କର ମୃତ୍ୟୁ ଖବର ପ୍ରସାରିତ ହେବା ପରେ ଜିଲାର ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ସେ ୨୦୧୪ରେ କଂଗ୍ରେସ ଟିକେଟ୍‌ରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୧୯୫୯ ମାର୍ଚ୍ଚ ୧୮ରେ ସେ କଟକଠାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ବାପା ହେଉଛନ୍ତି ପୂର୍ବତନ ବିଧାୟକ ଡ. ଦିବାକର ଶର୍ମା ଏବଂ ମା' ହେଉଛନ୍ତି କୁମାରୀ କମଳା ଦେବୀ। କଟକ ରେଭେନ୍‌ଶା କଲେଜିଏଟ ସ୍କୁଲରୁ ତାଙ୍କ ପାଠପଢ଼ା ଆରମ୍ଭ ହୋଇଥିଲା। ପରେ ମୟୂରଭଞ୍ଜ ଲ' କଲେଜରେ ☞ପୃଷ୍ଠା-୨

# ୧୭ ବର୍ଷ ପରେ ଗିରଫ ହେଲେ ତତ୍କାଳୀନ ଭୂ-ଅର୍ଜନ ଅଧିକାରୀ

**ବଲାଙ୍ଗୀର,୨୧।୩ (ବୀରେନ୍ଦ୍ର କୁମାର ଝାଙ୍କର)**

ଲୋୟର ସୁକ୍‌ତେଲ ପ୍ରକଳ୍ପର ତତ୍କାଳୀନ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ବିନୟ କୁମାର ଗଡନାୟକଙ୍କୁ ଭିଜିଲାନ୍ସ ବିଭାଗ ଦୀର୍ଘ ୧୭ବର୍ଷର ବ୍ୟବଧାନ ପରେ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ



ବିନୟ କୁମାର ଗଡ଼ନାୟକ

**ଲୋୟର ସୁକ୍‌ତେଲ ପ୍ରକଳ୍ପ ଅର୍ଥ ଆତ୍ମସାତ୍ ମାମଲା**

ପଠାଇ ଦିଆଯାଇଛି। ମିଳିଥିବା ସୂଚନା ମୁତାବକ, ୨୦୦୮ ମସିହାରେ ଗଡନାୟକଙ୍କ ନାଁରେ ସରକାରୀ ଅର୍ଥ ଆତ୍ମସାତ ମାମଲା ରୁଜୁ ହୋଇଥିଲା। ୨୦୧୩ ମସିହାରେ କୋର୍ଟରେ ହାଜର ନ ହେବାରୁ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ମାତ୍ର ସେହି ଦିନରୁ ସେ ଭିଜିଲାନ୍ସକୁ ଚକ୍ମା ଦେଇ ଆସୁଥିଲେ। ଦୀର୍ଘ ୧୭ ବର୍ଷ ହେଲା ଗଡନାୟକଙ୍କୁ ଖୋଜୁଥିବା ଭିଜିଲାନ୍ସ ଟିମ୍ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଧୀନ କଙ୍କଡାସଡା ଗାଁରୁ ତାଙ୍କୁ ଗିରଫ କରିଥିବା ଜଣାପଡିଛି। ବଲାଙ୍ଗୀର ଭିଜିଲାନ୍ସ ଡିଏସପି ପୌଲସ୍ତି ଛତ୍ରିଆ ତତ୍କାଳୀନ ଭୂ-ଅର୍ଜନ ଅଧିକାରୀ ☞ପୃଷ୍ଠା-୨

# ଥଣ୍ଡା ପାନୀୟ ବୋତଲରେ ଦେଶୀ ମଦ

## ଅବକାରୀ ଚଢ଼ାଉ, ଭେରାଇଟ୍ ଷ୍ଟୋର୍ ମାଲିକ ଗିରଫ

**ଭୁବନେଶ୍ୱର,୨୧।୩ (ସତ୍ୟଜିତ୍ ରାଉତ)**

ରାଜଧାନୀ ଭୁବନେଶ୍ୱରରେ ବେଆଇନ ଦେଶୀ ମଦ କାରବାରର ନୂଆ ଫନ୍ଦା ଧରାପଡିଛି। ପୋଲିସ ଓ ଅବକାରୀ ଟିମ୍ ଆଖିରେ ଧୂଳି ଦେଇ ଥଣ୍ଡା ପାନୀୟ ବୋତଲରେ ବିକ୍ରି ହେଉଛି ଦେଶୀ ମଦ। ଭୁବନେଶ୍ୱର ଜିଲା ଅବକାରୀ ଟିମ୍ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ଭେରାଇଟି ଷ୍ଟୋର୍‌ରେ ଶୁକ୍ରବାର ମଧ୍ୟାହ୍ନରେ ଚଢ଼ାଉ କରିବା ପରେ ଏହି ଘଟଣା ପଦାକୁ ଆସିଛି। ପ୍ରାୟ ୫ଟି କ୍ୟାରଟ୍‌ରେ ଦେଶୀ ମଦ ଭର୍ତ୍ତି ଥିବା ୨୦୦ କୋଲ୍ଡ ଡ୍ରିଙ୍କ୍ସ ବୋତଲକୁ ଅବକାରୀ ଟିମ୍ ଜବତ କରିଛି। ଏହି ମାମଲାରେ ଭେରାଇଟି ଷ୍ଟୋର୍ ମାଲିକ କାର୍ତ୍ତିକ ଚନ୍ଦ୍ର ନନ୍ଦ (୩୪)ଙ୍କୁ ଗିରଫ କରାଯାଇଛି। କାର୍ତ୍ତିକଙ୍କ ଘର ଜଗତ୍‌ସିଂପୁର ଅଞ୍ଚଳରେ ହୋଇଥିବା ବେଳେ ସେ ଦୀର୍ଘଦିନ ହେବ ଭୁବନେଶ୍ୱର



ଘାଟିକିଆ ଅଞ୍ଚଳରେ ରହୁଛନ୍ତି। ଭୁବନେଶ୍ୱର ଅବକାରୀ ଥାନା-୩ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ କାର୍ତ୍ତିକଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆ ସାହିରୁ ଏହି ମଦ ଆସୁଥିବା ଜଣାପଡ଼ିଥିବା ବେଳେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ



କାର୍ତ୍ତିକ ଚନ୍ଦ୍ର ନନ୍ଦ

■ **୨୦୦ ବୋତଲ ଜବତ, ସାଲିଆ ସାହିରୁ ଆସୁଥିଲା**

■ **୪ ଟିମ୍ ଗଠନ, ବିଭିନ୍ନ ଥଣ୍ଡା ପାନୀୟ ଦୋକାନରେ ଯାଞ୍ଚ କଡାକଡି**

ପ୍ରୟାସ ଚାଲିଥିବା ଭୁବନେଶ୍ୱର ଅବକାରୀ ଜିଲା ଏସ୍‌ପି ଦେବାଶିଷ ପଟେଲ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କାର୍ତ୍ତିକ ଗୋଟିଏ ଦେଶୀ ମଦ ଭର୍ତ୍ତି ବୋତଲକୁ ପ୍ରାୟ ୩୦ ଟଙ୍କାରେ କିଣି ୫୦ ଟଙ୍କାରେ ବିକ୍ରି କରୁଥିଲେ। ନିର୍ଦ୍ଦିଷ୍ଟ ଗ୍ରାହକ ଆସି ସ୍ପେଶାଲ କୋଲ୍ଡ ଡ୍ରିଙ୍କ୍ସ ମାଗିଲେ ଦୋକାନୀ ଏହି ମଦକୁ ଧରାଇ ଦେଉଥିଲେ। ୧୦ ଟଙ୍କିଆ ସ୍ପ୍ରାଇଟ୍ ବୋତଲରେ ବିଭିନ୍ନ ବ୍ରାଣ୍ଡର ଠିପି ଲଗାଇ କ୍ୟାରଟ୍‌ରେ ରଖୁଥିଲେ। ମଦ ବିକ୍ରି ନେଇ ଅବକାରୀ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ରେଖାଙ୍କ ନୂଆ ବ୍ୟବସ୍ଥା**




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ନୃତ୍ୟକଳା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଅନ୍ତର୍ଜାତୀୟ ମେଗା ଡ୍ୟାନ୍ସ ଫେଷ୍ଟିଭାଲ 'ଦେବାଂଶୀ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲ, ସ୍ଥାନ: ମେଫେୟାର କନ୍‌ଭେନଶନ, ସମୟ: ପୂର୍ବାହ୍ନ ୧୦ଟା।
- ୟୁନିଭର୍ସିଟି ଲ' କଲେଜ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସେମିନାର ହଲ୍, ବାଣୀବିହାର, ସମୟ: ମଧ୍ୟାହ୍ନ ୧୨ଟା।
- ଆୟୁଷ ଡାକ୍ତରଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ରେଡ୍‌କ୍ରସ ଭବନ, ସମୟ: ଅପରାହ୍ନ ୪ଟା।

## କଟକ

- ସାତ ଦୋଳ ଯାତ୍ରା, ସ୍ଥାନ: ସାନପାଟଣା, ଜେମାଦେଈପୁର, ତିଗିରିଆ, ସମୟ: ସକାଳ ୭ଟା।

## ବାଲେଶ୍ୱର

- ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବ, ସ୍ଥାନ: ନୀଳବାଡ଼ି, ରୂପସା, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ବୈଦିକ ଗୁରୁକୁଳ ଆଶ୍ରମର ୩୬ତମ ବାର୍ଷିକ ମହୋତ୍ସବ ଓ ଆର୍ଯ୍ୟ ସେବା ସଂଘର ଚତୁର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ପିଞ୍ଚାବଣିଆ ଆଶ୍ରମ ପରିସର, ରୂପସା, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଅମର ଯବାନ ଯୁବ ସଙ୍ଗଠନର ସପ୍ତମ ବାର୍ଷିକ ଉତ୍ସବ ଉପଲକ୍ଷେ ରକ୍ତଦାନ ଶିବିର, ସମୟ: ସକାଳ ୯ଟା।
- ଏଫ୍‌ଏମ୍‌ୟୁରେ ଜାତୀୟ ସମ୍ମିଳନୀ ଉଦ୍‌ଯାପନୀ ଦିବସ, ସ୍ଥାନ: ପିଜି କାଉନସିଲ ସମ୍ମିଳନୀ କକ୍ଷ, ନୂଆପାଡ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ପିଞ୍ଚାବଣିଆ ଗୁରୁକୁଳ ଆଶ୍ରମ, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ବାହାବଳପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ୩୦।
- ଏଚ୍‌ଆର୍‌ଏଓ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଲକି ଇଣ୍ଟରନ୍ୟାଶନାଲ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ୫ମ ସନ୍ଧ୍ୟା, ସ୍ଥାନ: ହେମପଦ୍ମା ଗାଲାକ୍ସି, ଆଗରପଡ଼ା, ସମୟ: ସନ୍ଧ୍ୟା ୬ ଟା।
- ଉତ୍କଳ କେଶରୀ ମହୋତ୍ସବର ୫ମ ସନ୍ଧ୍ୟା, ସ୍ଥାନ:ଆଗରପଡ଼ା, ବନ୍ତ, ସମୟ: ସନ୍ଧ୍ୟା ୬ଟା।
- ଇଫ୍‌ତାର୍ ପାର୍ଟି, ସ୍ଥାନ: ଗୋଲିଆବାଡ଼ି, ସାବରପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ ଟା।

## କେନ୍ଦୁଝର

- ଶ୍ରୀ ଶନିଙ୍କ ମନ୍ଦିରରେ ମେଳା, ପୂଜା ଏବଂ ଭଜନ, କୀର୍ତ୍ତନ, ସ୍ଥାନ: ମୋଟରାଗଡ଼ିଆ, ଛେନାପଦୀ, ହାଟଡ଼ିହୀ, ସମୟ : ସକାଳ ୮ଟା ଏବଂ ସନ୍ଧ୍ୟା ୬ ଟା ଏବଂ ସନ୍ଧ୍ୟା ୭ ଟା।
- ଭାଜପା ତରଫରୁ ସ୍ମୃତି ସଭା, ସ୍ଥାନ: ଭାଜପା କାର୍ଯ୍ୟାଳୟ, ହାଟଡ଼ିହୀ, ସମୟ : ଅପରାହ୍ନ ୩ ଟା।

## ମୟୂରଭଞ୍ଜ

- ମା' ଶୀତଳା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ହଳଦୀପାଳ, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ହୋଲି ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:କୁଳିଅଣା, ବଡ଼ସାହି,ସମୟ: ସନ୍ଧ୍ୟା ୬ଟା।
- ଅଷ୍ଟପ୍ରହର ନାମଯଜ୍ଞର ଅଧିବାସ, ସ୍ଥାନ: ସିଂହଟିଆ, ବଡ଼ସାହି, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ସମ୍ମିଳନୀ,ସ୍ଥାନ: ଗୋସାଣୀ ନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ପାଇକାରୀ ସମବାୟ ଭଣ୍ଡାର ଲିମିଟେଡ୍ ପକ୍ଷରୁ ସାଧାରଣ ଅଧିବେଶନ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ନାଟକ ମହୋତ୍ସବ ଚତୁର୍ଥ ସନ୍ଧ୍ୟାରେ ସମ୍ବଲପୁରୀ ନାଟକ 'ରଙ୍ଗଭୂମି', ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ଡେଭଲପମେଣ୍ଟ ଫାଉଣ୍ଡେଶନ ପକ୍ଷରୁ ସାହିତ୍ୟ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ବଳଦେବ ସାଂସ୍କୃତିକ ପରିଷଦ ପକ୍ଷରୁ ମଧୁସାଗର ମହୋତ୍ସବ, ସ୍ଥାନ: ବାଲିଆ, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୫ଟା।

## ଯାଜପୁର

- ଶହୀଦ ଭଗତ ସିଂହ ଯୁବକ ସଂଘ ପକ୍ଷରୁ ଶହୀଦ ଦିବସ ପାଳନ ଅବସରରେ ବକ୍ତୃତା, ସଙ୍ଗୀତ, ନୃତ୍ୟ, ଝୋଟି ଓ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଯାଜପୁର ରୋଡ୍ ବ୍ୟାସଶ୍ରୀ କଳା ନିକେତନ, ସମୟ: ପୂର୍ବାହ୍ନ ୯ଟା।

## ନୟାଗଡ଼

- ପଞ୍ଚୁଦୋଳ ଯାତ୍ରାର ୪ର୍ଥ ଦିବସ, ସ୍ଥାନ: ରଣପୁର ପଞ୍ଚୁ ଦୋଳ ପଡିଆ, ସମୟ: ସକାଳ ୭ଟା।
- ୨୭ତମ ବାର୍ଷିକ ଯଜ୍ଞୋତ୍ସବର ୩ୟ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ଶ୍ରୀ ଶ୍ରୀଅଚ୍ୟୁତାନନ୍ଦ ଆଶ୍ରମ ରାଧାକୃଷ୍ଣ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡା, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ଜିଲା କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ, ସ୍ଥାନ: ନୟାଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚୁଦୋଳ ଯାତ୍ରାର ୪ର୍ଥ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି, ସମୟ: ଅପରାହ୍ନ ୪ଟା।
- ପଞ୍ଚୁଦୋଳ ଯାତ୍ରାର ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବନମାଳିପୁର ଦୋଳମଣ୍ଡପ, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା

- ଶ୍ରୀ ଗୁଣ୍ଡିଚା ମନ୍ଦିର ନିର୍ମାଣର ଅଗ୍ରଗତି ଓ ପ୍ରତିଷ୍ଠା ସମ୍ପର୍କରେ ବୈଠକ, ସ୍ଥାନ: ଗୁଣପୁର ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା୫ଟା ୩୦।

## କୋରାପୁଟ

- ଆଦିମଜାତି ସେବକ ସଂଘ ବାର୍ଷିକ ବୈଠକ ଉଦ୍‌ଯାପନ, ସ୍ଥାନ: ସର୍ବୋଦୟ ସମିତି, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ : ୬ଟା।
- ଜାତୀୟସ୍ତରୀୟ ଆଲୋଚନା ଚକ୍ର, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଅଧ୍ୟାପନା ପ୍ରକୋଷ୍ଠ-୧, ସମୟ : ପୂର୍ବାହ୍ନ ୧୦ଟା।
- ୧୧ତମ ବୀର ବଜରଙ୍ଗବଲି କ୍ୟାରେମ ଟୁର୍ନାମେଣ୍ଟ, ସ୍ଥାନ : ବରଗାଁ ସ୍ଥିତ ବୀର ବଜରଙ୍ଗବଲି କ୍ଲବ, ସମୟ : ଅପରାହ୍ନ ୫ଟା।
- ଅଦୃଶ୍ୟ ନାଟ୍ୟ ଆଶ୍ରମ ଆୟୋଜିତ ପଞ୍ଚମ ହୀରଖଣ୍ଡ ନାଟ୍ୟ ମହୋତ୍ସବ-୨୦୨୫ରେ ନାଟକ ତୋର ପାର କେ ମୋର ପାହା, ସ୍ଥାନ : ଜ୍ୟୋତି ବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ : ଅପରାହ୍ନ ୫ଟା ୩୦।

## ବଲାଙ୍ଗୀର

- ପଞ୍ଚଦିବସୀୟ ବିଶାଳ ଯୋଗ ସାଧନା ଶିବିର ଉଦ୍‌ଘାଟନ, ସ୍ଥାନ: କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ସକାଳ ୬ଟା।

## ରାଉରକେଲା

- ସ୍ପେଶାଲ ଅଲମ୍ପିଆଡ୍, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଶୀତଳପଡା ପାଠାଗାରରେ ବାଳଶିକ୍ଷା ଶିବିର, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।
- ମ୍ୟୁଜିକ୍ ସର୍କଲରେ ଖବରଦାତା ସମ୍ମିଳନୀ, ସ୍ଥାନ: ଛେଣ୍ଡ ମ୍ୟୁଜିକ୍ ସର୍କଲ, ସମୟ: ମଧ୍ୟାହ୍ନ ୧୨ଟା।
- ବେଦବ୍ୟାସ ସଂସ୍କୃତ କଲେଜ ପକ୍ଷରୁ ବୈଦିକ ଶାସ୍ତ୍ର ଆଲୋଚନାଚକ୍ର, ସ୍ଥାନ: ବେଦବ୍ୟାସ, ସମୟ: ମଧ୍ୟାହ୍ନ ୧୨ଟା।
- ହାପି ମୁମେଣ୍ଟ ଇଣ୍ଡିଆ ପକ୍ଷରୁ ମାଗଣା ହାଟ, ସ୍ଥାନ: ଲେପର୍ସି କଲୋନି, ସମୟ: ଅପରାହ୍ନ ୪ଟା ୩୦।
- ବିହାର ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର-୩, ସମୟ: ସନ୍ଧ୍ୟା ୬ଟା।
- ରୋଟାରୀ କ୍ଲବ ଅଫ୍ ରାଉରକେଲା ଷ୍ଟିଲସିଟି ପକ୍ଷରୁ ହାଉସି ନାଇଟ୍, ସ୍ଥାନ: ରାଉରକେଲା କ୍ଲବ, ସମୟ: ସନ୍ଧ୍ୟା ୬ଟା ୩୦।
- ଆରାଧ୍ୟା ବୈଠକ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା ୩୦।
- ଇସ୍ପାତ ସାହିତ୍ୟ ସଂସଦର ବିଶ୍ୱ କବିତା ଦିବସ, ସ୍ଥାନ: ସେକ୍ଟର-୭ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ବିଶ୍ୱ ଜଳ ଦିବସ ପାଳନ, ସ୍ଥାନ:ଜନତା ହାଇସ୍କୁଲ, ଭୁକ୍ତା, ଅମ୍ବାଭୋନା,ସମୟ: ସକାଳ ୭ଟା ୩୦।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: ତାଲପାଲି, ଗାଇସିଲେଟ୍,ସମୟ:ସକାଳ ୮ଟା।
- ଜଗନ୍ନାଥ ମନ୍ଦିରର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ଅତାବିରା,ସମୟ:ସକାଳ ୮ଟା।
- ମହିମା ଧର୍ମ ଓ ତାର ପ୍ରଭାବ, ଆଲୋଚନାଚକ୍ର,ସ୍ଥାନ:ଝାରବନ୍ଧ ଡିଗ୍ରୀ କଲେଜ, ଝାରବନ୍ଧ,ସମୟ:ପୂର୍ବାହ୍ନ ୧୦ଟା।
- ଜଗନ୍ନାଥ ମନ୍ଦିରର ସୁବର୍ଣ୍ଣ ଜୟନ୍ତୀ, ମହୋତ୍ସବରେ ପାରାୟଣ, ସ୍ଥାନ:ଜଗନ୍ନାଥ ମନ୍ଦିର ପରିସର, ଅତାବିରା, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ

- ଓଡ଼ିଶା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ଡାଇମଣ୍ଡ ସର୍କସ, ସ୍ଥାନ: ବଡ଼ ବଗିଚା ପ୍ରଧାନପାଟ ରୋଡ୍, ସମୟ: ଅପରାହ୍ନ ୧ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁରରେ ଜଗନ୍ନାଥ ମହୋତ୍ସବ ଉପଲକ୍ଷେ ଚବିଶ ପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ରାମେଶ୍ୱର ମନ୍ଦିର ପରିସର, ସମୟ: ସକାଳ ୬ଟା।
- ଜଗନ୍ନାଥ ମହୋତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ଶ୍ରୀ ବିଷ୍ଣୁ ମହାଯଜ୍ଞ ଓ ଶ୍ରୀ ବିଷ୍ଣୁ ପୂଜନ, ସ୍ଥାନ: ରାମେଶ୍ୱର ଷ୍ଟାଡିୟମ ପରିସର, ସମୟ: ସକାଳ ୮ଟା।
- ବୀରମହାରାଜପୁର ବ୍ଲକ ଟିଠିପାଲିରେ ନବାହ୍ନ ପାରାୟଣର ଷଷ୍ଠ ଦିବସ, ସ୍ଥାନ: ରାଧେଶ୍ୟାମ ମଠ ପରିସର, ସମୟ: ସକାଳ ୯ଟା।
- ବୀରମହାରାଜପୁର ବ୍ଲକ ଜମ୍ବାଲିପାଲିଠାରେ ରାମାୟଣ ନବାହ୍ନ ପାରାୟଣର ଷଷ୍ଠ ଦିବସ, ସ୍ଥାନ: ଗ୍ରାମ୍ୟ ମଣ୍ଡପ ସମ୍ମୁଖ, ସମୟ: ସକାଳ ୯ଟା।
- ଜଗନ୍ନାଥ ମହୋତ୍ସବ ଅବସରରେ ଧାର୍ମୀକ ସଭା, ସ୍ଥାନ: ସୋନପୁର ରାମେଶ୍ୱର ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦।
- ଜଗନ୍ନାଥ ମହୋତ୍ସବରେ ଶ୍ରୀହରି କଥାମୃତ ପ୍ରବଚନ, ସ୍ଥାନ: ସୋନପୁର ରାମେଶ୍ୱର ଷ୍ଟାଡିୟମ, ସମୟ:ସନ୍ଧ୍ୟା ୭ଟା ୩୦।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ମହାମନ୍ତ୍ର ନାମଧାରଣ ଓ ଆଳତି, ସ୍ଥାନ: କୋମନା ବ୍ଲକ ଜଡାମୁଣ୍ଡା ପଞ୍ଚାୟତ ଇଚ୍ଛାପୁର ଗାଁ ଉପରପଡ଼ା, ସମୟ: ପ୍ରାତଃ ୫ଟା ୧୫।
- ମାରାଗୁଡା ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ୨୪ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ଘିଚାମୁରା ଗ୍ରାମ ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ଅଷ୍ଟ ପ୍ରହର ନାମଯଜ୍ଞ, ସ୍ଥାନ: ତିଲେଇ ନାମ ମଣ୍ଡପ, ସମୟ: ସକାଳ ୮ଟା।
- ଭାଗବତ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚଗାଁ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଓଏସ୍‌ଏପି ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା।

# ପ୍ରଥମ ପୃଷ୍ଠାରୁ...

## ରାଜ୍ୟ ସଡ଼କ ନୀତିକୁ ...

ଅନ୍‌ଲାଇନ ପ୍ଲାଟଫର୍ମରେ ସଂଗ୍ରହ ପାଇଁ 'ଅନ୍‌ଲାଇନ ସେତୁ ସୂଚନା ପ୍ରଣାଳୀ' ବିକଶିତ କରାଯିବ। ଆଧୁନିକ ପ୍ରକ୍ରିୟାରେ ସେତୁଗୁଡ଼ିକର ବାର୍ଷିକ ମୂଲ୍ୟାଙ୍କନ କରାଯିବ। ସେତୁଗୁଡ଼ିକର ଅବସ୍ଥାର ମୂଲ୍ୟାଙ୍କନ ରିପୋର୍ଟ ନିୟମିତ ଭାବରେ ଅନ୍‌ଲାଇନରେ ଅପଡେଟ୍ କରାଯିବ।

ଓଡ଼ିଶାରେ ଦକ୍ଷ ଏବଂ ସୁରକ୍ଷିତ ରାସ୍ତା ଭିତ୍ତିଭୂମିର ବର୍ଦ୍ଧିତ ଆବଶ୍ୟକତା ପୂରଣ କରିବା ପାଇଁ ରାଜ୍ୟ କ୍ୟାବିନେଟ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ବିଲ୍-୨୦୨୫କୁ ଅନୁମୋଦନ କରିଛି। ଏଥିରେ 'ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ' ନାମରେ ଏକ ସ୍ୱୟଂଶାସିତ ସଂସ୍ଥା ଗଠନ କରିବାର ବ୍ୟବସ୍ଥା ଅଛି। ଏହାଦ୍ୱାରା ବୃହତ୍ ସଡ଼କ ପ୍ରକଳ୍ପଗୁଡ଼ିକର ସାମଗ୍ରିକ ବିକାଶ ସାଧିତ ହେବ। ଏହାସହିତ କେନ୍ଦ୍ର/ରାଜ୍ୟ ସରକାରୀ ଉଦ୍ୟୋଗ, କେନ୍ଦ୍ର/ରାଜ୍ୟ ସରକାରୀ ୟୁନିଟ୍/ସଂଗଠନ ଏବଂ ଘରୋଇ ଶିଳ୍ପ, ବାଣିଜ୍ୟିକ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନର ବକେୟା ଜଳକର ଆଦାୟ କରିବା ପାଇଁ ଜଳସମ୍ପଦ ବିଭାଗ ଦ୍ୱାରା ଆଗତ ଏକକାଳୀନ ସମାଧାନ ଯୋଜନାର ଅବଧି ୩୧ ମେ ୨୦୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରିବା ପାଇଁ ନିଷ୍ପତ୍ତି ହୋଇଛି।

ସେହିପରି 'ବିକଶିତ ଗାଁ ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମର ପରିସରକୁ ବ୍ୟାପକ କରିବା ପାଇଁ କ୍ୟାବିନେଟ ନିଷ୍ପତ୍ତି ନେଇଛି। ଏହି ଯୋଜନା ଅନ୍ତର୍ଗତ ପ୍ରକଳ୍ପ ତାଲିକାକୁ ଅନୁମୋଦନ ଦେବା ସମୟରେ ଯଦି ବାର୍ଷିକ କାର୍ଯ୍ୟ ଯୋଜନାରେ କିଛି ଆବଶ୍ୟକ ପ୍ରକଳ୍ପ ସ୍ଥାନ ପାଇ ନ ଥିବା ସମ୍ପୃକ୍ତ ଜିଲାପାଳଙ୍କ ଦୃଷ୍ଟିଗୋଚର ହୁଏ, ତେବେ ସେହି ପ୍ରକଳ୍ପଗୁଡ଼ିକୁ ଏହି ଯୋଜନାରେ ଜିଲାପାଳ ଅନ୍ତର୍ଭୁକ୍ତ କରିପାରିବେ। ଏତଦ୍‌ବ୍ୟତୀତ ବିଧାୟକଙ୍କ ଦ୍ୱାରା ପ୍ରସ୍ତାବିତ କୌଣସି ଆବଶ୍ୟକ ପ୍ରକଳ୍ପ ଯଦି ପ୍ରକଳ୍ପ ତାଲିକାରେ ନ ଥାଏ, ତେବେ ଜିଲାପାଳ ଉକ୍ତ ପ୍ରକଳ୍ପଗୁଡ଼ିକୁ ବାର୍ଷିକ କାର୍ଯ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରିପାରିବେ। ମୁଖ୍ୟମନ୍ତ୍ରୀ କହିଛନ୍ତି, କ୍ୟାବିନେଟର ଅନୁମୋଦିତ ପ୍ରସ୍ତାବ ଅନୁଯାୟୀ, ଯେଉଁ ବ୍ୟକ୍ତିଙ୍କର ୧ ଏକରର ୨୫ ଭାଗରୁ ଏକ ଭାଗଠାରୁ କମ୍ ପରିମାଣର ଘରବାରି ଜମି ଥିବ, ସେହି ବ୍ୟକ୍ତି ମଧ୍ୟ ଘରବାରିହୀନ ବ୍ୟକ୍ତି ଭାବରେ ପରିଗଣିତ ହେବେ ଏବଂ ୧ ଏକରର ୨୫ ଭାଗରୁ ଏକ ଭାଗଠାରୁ ତାଙ୍କର ଯେତିକି ଜମି କମ୍ ଅଛି, ତାଙ୍କୁ ସମପରିମାଣର ଜମି ଯୋଗାଇ ଦିଆଯିବ।। ସେହିଭଳି ଯଦି ଜଣେ ଘରବାରିହୀନ ବ୍ୟକ୍ତି କୌଣସି ସରକାରୀ ଜମିକୁ ଅନଧିକୃତ ଦଖଲରେ ରଖି ଉକ୍ତ ଜମିକୁ ଘରବାରି ଉଦ୍ଦେଶ୍ୟରେ ବ୍ୟବହାର କରୁଥିବେ, ତେବେ ଜମି ମଧ୍ୟରୁ ଅତି ବେଶିରେ ୧ ଏକରର ୨୫ଭାଗରୁ ଏକ ଭାଗ ଜମି ତାଙ୍କ ସପକ୍ଷରେ ବନ୍ଦୋବସ୍ତ କରାଯାଇ ପାରିବ ଏବଂ ଉକ୍ତ ଜମିକୁ ସେ ହସ୍ତାନ୍ତର କରିପାରିବେ ନାହିଁ। ଏହାବାଦ୍ ଓଡ଼ିଶା ପ୍ରଶାସନିକ ସେବା, ଗ୍ରୁପ୍-ଏ (ଜୁନିୟର ବ୍ରାଞ୍ଚ)(ପ୍ରୋବେସନ ଏବଂ ବିଭାଗୀୟ ପରୀକ୍ଷା) ନିୟମାବଳୀ, ୨୦୧୪ର ପରିଶିଷ୍ଟ-ଦୁଇରେ ଥିବା ବିଭାଗୀୟ ପରୀକ୍ଷାର ପାଠ୍ୟକ୍ରମରେ ଆବଶ୍ୟକ ସଂଶୋଧନ କରିବା ଏବଂ ଓଡ଼ିଶା ରାଜସ୍ୱ ସେବା, ଗ୍ରୁପ୍-ବି (ପ୍ରୋବେସନ ଏବଂ ବିଭାଗୀୟ ପରୀକ୍ଷା) ନିୟମାବଳୀ, ୨୦୧୬ର ପରିଶିଷ୍ଟ-ଦୁଇରେ ଥିବା ପାଠ୍ୟକ୍ରମର ଆବଶ୍ୟକ ସଂଶୋଧନ କରିବା ନିମନ୍ତେ ରାଜ୍ୟ କ୍ୟାବିନେଟ୍ ସମ୍ମତି ପ୍ରଦାନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଆୟୁଷ୍ମାନ ବୟୋ-ବନ୍ଦନାକୁ ...

ଯୋଜନା ଦ୍ୱାରା ସେମାନେ ମୁଣ୍ଡପିଛା ବାର୍ଷିକ ୫ ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ପାଇପାରିବେ। ଉଭୟ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବେ କାର୍ଯ୍ୟକାରୀ ହେଲେ ହିତାଧିକାରୀମାନେ ସାରା ଦେଶର ୨୯ ହଜାର ତାଲିକାଭୁକ୍ତ ଘରୋଇ ଏବଂ ସରକାରୀ ହସ୍ପିଟାଲରେ ଦେୟମୁକ୍ତ ଚିକିତ୍ସା ପାଇବେ। ପୂର୍ବରୁ କେବଳ ୯୦୦ ହସ୍ପିଟାଲରେ ଏହି ସୁବିଧା ମିଳୁଥିଲା। ଏବିପିଏମ୍‌ଜେଏଓ୍ୱାଇ କାର୍ଯ୍ୟାନ୍ୱୟନ ପାଇଁ ଓଡ଼ିଶା ସରକାର ଭାରତ ସରକାରଙ୍କଠାରୁ କେନ୍ଦ୍ରୀୟ ଅଂଶଧନ ପାଇବେ। ସେହିପରି, ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନାରେ ୭୦ ବର୍ଷ ବା ତଦୂର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ ସାରା ଦେଶର ୨୯ ହଜାର ତାଲିକାଭୁକ୍ତ ଘରୋଇ ଏବଂ ସରକାରୀ ହସ୍ପିଟାଲରେ ମୁଣ୍ଡପିଛା ବାର୍ଷିକ ୫ ଲକ୍ଷ ଟଙ୍କା ମୂଲ୍ୟର ଦେୟମୁକ୍ତ ଚିକିତ୍ସା ପାଇପାରିବେ । ଓଡ଼ିଶାର ଅଧିକ ୬ ଲକ୍ଷ ନୂଆ ହିତାଧିକାରୀ ଏଥିରେ ସାମିଲ ହେବାର ଆଶା କରାଯାଉଛି। ସୂଚନାଯୋଗ୍ୟ ଯେ, ରାଜ୍ୟର ସବୁ ସରକାରୀ ଡାକ୍ତରଖାନାରେ ସମସ୍ତ ନାଗରିକଙ୍କ ପାଇଁ ଦେୟମୁକ୍ତ ଚିକିତ୍ସା ବର୍ତ୍ତମାନ ପରି ଚାଲୁରହିବ। ରାଜ୍ୟ କ୍ୟାବିନେଟ୍ ଏବିପିଏମ୍‌ଜେଏଓ୍ୱାଇ-ଜିଜେଏଓ୍ୱାଇ ବାବଦକୁ ୫ ବର୍ଷ, ଅର୍ଥାତ୍ ୨୦୨୫-୨୬ରୁ ୨୦୨୯-୩୦ ଆର୍ଥିକବର୍ଷ ପର୍ଯ୍ୟନ୍ତ ୨୭ ହଜାର ୧୯ କୋଟି ୨୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ଅନୁମୋଦନ କରିଛି।

ମୁଖ୍ୟମନ୍ତ୍ରୀ କହିଥିଲେ, ଖଣି କାର୍ଯ୍ୟ ଯୋଗୁ ଖଣି ଅଞ୍ଚଳରେ କ୍ଷତିଗ୍ରସ୍ତ ପରିବାରକୁ ଆଶ୍ୱସ୍ତି ଦେବା ପାଇଁ ଓଡ଼ିଶା ଜିଲା ଖଣିଜ ଫାଉଣ୍ଡେଶନ ନିୟମ-୨୦୧୫ ପ୍ରଣୟନ କରାଯାଇଥିଲା। ଖଣି ଅଞ୍ଚଳରେ ରହୁଥିବା ପରିବାରମାନେ କେବଳ ଜମି ନୁହେଁ ବରଂ ତାଙ୍କର ଜୀବିକା ଓ ପରିଚୟ ମଧ୍ୟ ହରାଇଛନ୍ତି। ଖଣି କାର୍ଯ୍ୟ ଫଳରେ ଉପୁଜୁଥିବା ପରିବେଶ ଅବକ୍ଷୟ ଯୋଗୁ ସେମାନେ ଏହାର ନକାରାତ୍ମକ ପ୍ରଭାବର ସମ୍ମୁଖୀନ ମଧ୍ୟ ହେଉଛନ୍ତି। ଏହି ବ୍ୟବସ୍ଥାଗୁଡ଼ିକୁ ଅଧିକ ଲୋକାଭିମୁଖୀ କରିବା ପାଇଁ କେନ୍ଦ୍ର ସରକାର ପ୍ରଚଳିତ ଡିଏମ୍‌ଏଫ୍ ନିୟମରେ ଆବଶ୍ୟକ ସଂଶୋଧନ କରିଛନ୍ତି। ଏହାଦ୍ୱାରା ଖଣି ଅଞ୍ଚଳରେ ପ୍ରଭାବିତ ପରିବାରବର୍ଗ ବହୁ ମାତ୍ରାରେ ଉପକୃତ ହେବେ। ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟ ତାଲିକା କେବଳ ଡିଏମ୍‌ଏଫ୍ ଟ୍ରଷ୍ଟ ନିର୍ଦ୍ଧାରଣ କରିବ ଏବଂ ଏହାକୁ ଅନ୍ୟ କେହି ନିର୍ଦ୍ଧାରଣ କିମ୍ବା ହସ୍ତକ୍ଷେପ କରିପାରିବେ ନାହିଁ । ସଂଶୋଧିତ ନିୟମାବଳୀ ଅନୁସାରେ ସିଧାସଳଖ ପ୍ରଭାବିତ ଅଞ୍ଚଳ ସୀମା ୧୦ କିଲୋମିଟରରୁ ବୃଦ୍ଧି କରି ୧୫ କିଲୋମିଟରକୁ କରାଯାଇଛି। ସେହିପରି ପରୋକ୍ଷ ପ୍ରଭାବିତ ଅଞ୍ଚଳର ସର୍ବାଧିକ ସୀମା ୨୫ କିଲୋମିଟରରେ ସୀମିତ ରଖାଯାଇଛି। ଏହି ପାଣ୍ଠି ସେହି ଲୋକମାନଙ୍କ ପାଇଁ ବ୍ୟବହୃତ ହେବ, ଯେଉଁ ମାନେ ପ୍ରକୃତରେ ଖଣି ସମ୍ବନ୍ଧୀୟ କାର୍ଯ୍ୟ ଯୋଗୁ ପ୍ରତିକୂଳ ଭାବେ ପ୍ରଭାବିତ ହୁଅନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ, ଯେତେବେଳେ ଗୋଟିଏ ପରିବାର ମୁଖିଆ ମୃତ୍ୟୁବରଣ କରନ୍ତି, ତାଙ୍କ ପରିବାର ଅସହାୟ ହୋଇଯାଏ । ଆଗରୁ ଜଣେ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ହେଲେ, ବିପନ୍ନ ପରିବାରକୁ ସାହାଯ୍ୟ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ସିଭିଲ ସର୍ଭିସ (ଥଇଥାନ ସହାୟତା) ନିୟମ, ୧୯୯୦ ଅନୁଯାୟୀ, ପରିବାରର ଜଣେ ସଦସ୍ୟଙ୍କୁ ସରକାର, ବର୍ଗ-ଗ' କିମ୍ବା ବର୍ଗ-ଘ'ରେ ନିଯୁକ୍ତି ଦେଉଥିଲେ। ଦୁର୍ଭାଗ୍ୟ ବଶତଃ ୨୦୨୦ରେ ତତ୍କାଳୀନ ସରକାର ନୂତନ ନିୟମାବଳୀ ପ୍ରଣୟନ କରିଥିଲେ ଏବଂ ବିପର୍ଯ୍ୟୟ ପ୍ରମାଣପତ୍ର ବଦଳରେ ମାର୍କ ସିଷ୍ଟମ ଲଗାଇଥିଲେ। ଆଶ୍ଚର୍ଯ୍ୟର କଥା ହେଉଛି, ଯେଉଁ ସରକାରୀ କର୍ମଚାରୀ ୧୯୯୦ରୁ ୨୦୨୦ ଭିତରେ ମୃତ୍ୟୁବରଣ କରିଥିଲେ ସେମାନଙ୍କ ପରିବାରବର୍ଗଙ୍କୁ ମଧ୍ୟ ନୂଆ ନିୟମାବଳୀର ପରିସରଭୁକ୍ତ କରିଦେଲେ। ଅନେକ ପରିବାର ଏହି ସହାୟତାରୁ ବଞ୍ଚିତ ହୋଇ ନିଯୁକ୍ତି ଦାବି କରି ଆସୁଛନ୍ତି ଏବଂ ଅନେକ କେସ୍ ମଧ୍ୟ ଫାଇଲ୍ କରିଛନ୍ତି। କ୍ୟାବିନେଟ ଗତକାଲି ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି ଯେ ଓଡ଼ିଶା ବେସାମରିକ ସେବା (ଥଇଥାନ ସହାୟତା) ନିୟମ, ୨୦୨୦ ଆରମ୍ଭ ହେବା ତାରିଖ ପୂର୍ବରୁ, ଥଇଥାନ ସହାୟତା ସମ୍ବନ୍ଧିତ ସମସ୍ତ ବିଚାରାଧୀନ ଆବେଦନ ୧୯୯୦ରେ ପ୍ରଚଳିତ ନିୟମ ଅନୁଯାୟୀ ବିଚାର କରାଯିବ। ଏହାଦ୍ୱାରା ୨୦୨୦ର ନିୟମ ଲାଗୁହେବା ପୂର୍ବରୁ ଯେଉଁ କର୍ମଚାରୀଙ୍କ ମୃତ୍ୟୁ ଘଟିଛି, ସେମାନଙ୍କ ପରିବାର ପାଇଁ ୧୯୯୦ ନିୟମ ଲାଗୁହେବ ଏବଂ ଥଇଥାନ ସହାୟତା ଯୋଜନାରେ ୧୯୯୦ ନିୟମ ଅନୁଯାୟୀ ନିଯୁକ୍ତି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ଥଣ୍ଡା ପାନୀୟ ବୋତଲରେ ...

ଟିମ୍ ଖବର ପାଇବା ପରେ ଉକ୍ତ ଭେରାଇଟି ଷ୍ଟୋର୍‌ରେ ଚଢ଼ାଉ କରିଥିଲା। ସ୍ପ୍ରାଇଟ୍ ବୋତଲରେ ବିଭିନ୍ନ କୋଲ୍ଡ ଡ୍ରିଙ୍କ୍ସ ବ୍ରାଣ୍ଡର ଠିପି ଦେଖିବା ପରେ ଅବକାରୀ ଟିମ୍‌ର ସନ୍ଦେହ ହୋଇଥିଲା। ଯାଞ୍ଚ କରିବା ପରେ ସେଥିରେ ଦେଶୀ ମଦ ପ୍ୟାକ୍ ହୋଇ ରହିଥିବା ଜଣାପଡିଥିଲା। ତେବେ ରାଜଧାନୀର ଅନ୍ୟ କିଛି ସ୍ଥାନରେ ମଧ୍ୟ ଏଭଳି ଉପାୟରେ ଦେଶୀ ମଦ ବିକ୍ରି ହେଉଥିବା ଅବକାରୀ ଟିମ୍ ସନ୍ଦେହ କରୁଛି। ଅନ୍ୟପକ୍ଷରେ ସାଲିଆ ସାହିରେ ବାରମ୍ବାର ପୋଲିସ ଓ ଅବକାରୀ ଟିମ୍ ଚଢ଼ାଉ କରି ଦେଶୀ ମଦଭାଟିକୁ ନଷ୍ଟ କରି ମଦ ଜବତ କରୁଥିବା ବେଳେ ପୁଣି ଏହି ନିଶା କାରବାର ଚିନ୍ତା ବଢ଼ାଇଛି। ତେବେ ଦୂଷିତ ପରିବେଶରେ ପ୍ରସ୍ତୁତ ହେଉଥିବା ଏହି ଅପମିଶ୍ରିତ ତଥା ବେଆଇନ ମଦ ପିଇ ଲୋକମାନେ ବିପଦରେ ପଡ଼ୁଥିବାବେଳେ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଉଛି। ଏହାକୁ ରାଜ୍ୟ ସରକାର ଓ ଅବକାରୀ ବିଭାଗ ଗୁରୁତ୍ୱର ସହ ନେଇ ଦୃଢ଼ ପଦକ୍ଷେପ ନ ହେଲେ ରାଜଧାନୀରେ ବଡ଼ ମଦ ବିଭୀଷିକା ଦେଖାଦେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେବେ ଏହି ଘଟଣା ପରେ ଜିଲା ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ୪ଟି ଟିମ୍ ଗଠନ କରାଯାଇ ରାଜଧାନୀରେ ଥଣ୍ଡା ପାନୀୟ ବିକ୍ରି ହେଉଥିବା ବିଭିନ୍ନ ଦୋକାନରେ ଯାଞ୍ଚ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ବରମୁଣ୍ଡା ଅଞ୍ଚଳରେ ଛାନଭିନ୍ ହୋଇଥିବା ବେଳେ ଆଗକୁ ଅନ୍ୟାନ୍ୟ ସ୍ଥାନରେ ଯାଞ୍ଚ ହେବ। ତେବେ ଏହି ଅପମିଶ୍ରିତ ମଦ ନ ପିଇବା ସହ ଏ ନେଇ ସୂଚନା ଦେବାକୁ ଜିଲା ଅବକାରୀ ଅଧୀକ୍ଷକ ପଟେଲ୍ ଅପିଲ୍ କରିଛନ୍ତି।

## ଘରୁ ବାହାରିଲା ୧୫ ...

ପକ୍ଷରୁ ବିରୋଧ କରାଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ନିକଟକୁ ଓକିଲ ସଂଘ ଏକ ପତ୍ର ଲେଖି କଲେଜିୟମ୍ ନିଷ୍ପତ୍ତିର ପ୍ରତିବାଦ ଜଣାଇଛି। ସୁପ୍ରିମକୋର୍ଟ କଲେଜିୟମ୍ ନେଇଥିବା ନିଷ୍ପତ୍ତିକୁ ନେଇ ଆମେ ଚକିତ। କାରଣ ଏଥିରୁ ଗୋଟିଏ ପ୍ରଶ୍ନ ମନକୁ ଆସୁଛି। ତାହା ହେଲା ଆଲ୍ଲାହାବାଦ୍ ହାଇକୋର୍ଟ କ'ଣ ଗୋଟିଏ ଥ୍ରାସ୍ ବିନ୍? ଆଲ୍ଲାହାବାଦ ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ନିଅଣ୍ଟ ରହିଛି। ନୂଆ ବିଚାରପତିଙ୍କୁ ନିଯୁକ୍ତି ଦିଆଯାଉ ନାହିଁ। ଏଭଳି ସମୟରେ ବାର୍ ଆସୋସିଏଶନ୍ ସହ ବିଚାରବିମର୍ଶ ନ କରି ଏହି ନିଷ୍ପତ୍ତି ନିଆଯିବା ଦୁର୍ଭାଗ୍ୟଜନକ। ଜଷ୍ଟିସ୍ ବର୍ମାଙ୍କ ପ୍ରକରଣକୁ ଦେଖିଲେ ମନେହେଉଛି, ସ୍ୱଚ୍ଛତା ଅଭାବରୁ ଦୁର୍ନୀତି ହୋଇଛି। ଏହା ନ୍ୟାୟପାଳିକା ଉପରୁ ଲୋକଙ୍କ ଆସ୍ଥା ତୁଟାଇ ଦେବା ସହ ବିଚାର ବିଭାଗର ଛବିକୁ ନଷ୍ଟ କରିଦେଇଛି। ହାଇକୋର୍ଟକୁ ବିଭାଜିତ ଓ ବଦନାମ କରିବା ପାଇଁ ଏହା ଉଦ୍ଦିଷ୍ଟ। ତେଣୁ ସୋମବାର ବାର୍ ଆସୋସିଏଶନ୍‌ର ଏକ ସାଧାରଣ ବୈଠକ ଡକାଯାଇଛି। ଉକ୍ତ ବୈଠକରେ ଉପଯୁକ୍ତ ନିଷ୍ପତ୍ତି ନିଆଯିବ ବୋଲି ବାର୍ ଆସୋସିଏଶନ୍ ପକ୍ଷରୁ ସୂଚନା ଦିଆଯାଇଛି।

## ୨ଦିନିଆ ବ୍ୟାଙ୍କ ...

କର୍ମଚାରୀଙ୍କ ନିଯୁକ୍ତିକୁ ନିୟମିତ କରିବାକୁ ଦାବି ନେଇ ଏହି ଧର୍ମଘଟ ହେବାର ଥିଲା। ଏହି ଆନ୍ଦୋଳନ ହୋଇଥିଲେ ମୋଟ ୪ ଦିନ ବ୍ୟାଙ୍କ ବନ୍ଦ ରହିଥାନ୍ତା। ମାର୍ଚ୍ଚ ୨୨ ଚତୁର୍ଥ ଶନିବାର ହୋଇଥିବାବେଳେ ୨୩ ତାରିଖ ରବିବାର ସାପ୍ତାହକ ଛୁଟି ଥିଲା। ତେଣୁ ଏହାକୁ ମିଶାଇ ଲଗାତର ୪ ଦିନ ବ୍ୟାଙ୍କ ଛୁଟି ରହିଥିଲେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତେ।

## ୧୭ ବର୍ଷ ପରେ ...

ଗଡନାୟକଙ୍କ ଗିରଫଦାରୀ ସମ୍ପର୍କରେ ସୂଚନା ଦେବା ସହ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା କହିଛନ୍ତି। ଅଭିଯୁକ୍ତ ଗଡନାୟକଙ୍କ ଗିରଫଦାରୀ ପରେ ବହୁଚର୍ଚ୍ଚିତ ଲୋୟର ସୁକ୍‌ତେଲ ପ୍ରକଳ୍ପର ଅର୍ଥ ହେରଫେର ଏବଂ ଆତ୍ମସାତ ମାମଲାକୁ ନେଇ ପୁଣି ଥରେ ଚର୍ଚ୍ଚା ଆରମ୍ଭ ହୋଇଛି।

## ପୂର୍ବତନ ବିଧାୟକ ...

ପଢ଼ିଥିଲେ। କଂଗ୍ରେସ ରାଜନୀତିରେ ରହି ଏଆଇସିସି ଏବଂ ପିସିସିର ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି। ଏଥିସହ ଜିଲା କ୍ରୀଡ଼ା କ୍ଷେତ୍ରରେ ତାଙ୍କର କାର୍ଯ୍ୟ ପ୍ରଶଂସନୀୟ। ଓଡ଼ିଶା କ୍ରିକେଟ ଆସୋସିଏଶନର ସଦସ୍ୟ ରହିଥିଲେ। ସେହିପରି ଜିଲା କ୍ରିକେଟ ଆସୋସିଏଶନ ସଭାପତି ଥିଲେ। ମହିଳା ଶିକ୍ଷା କ୍ଷେତ୍ରରେ ଆଗ୍ରହ ପ୍ରକାଶ କରି ଗରିବ ଛାତ୍ରୀଙ୍କ ପାଇଁ ଦିବାକର ଶର୍ମା ଗାର୍ଲସ ହାଇସ୍କୁଲ ପରିଚାଳନା କରୁଥିଲେ। ରାଜନୀତି କ୍ଷେତ୍ରରେ କେବଳ କେନ୍ଦ୍ରାପଡ଼ା ନୁହେଁ, ରାଜ୍ୟର ସେ ଜଣେ ଚର୍ଚ୍ଚିତ ବ୍ୟକ୍ତି ଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ଆଳି ଆସନରୁ ନିଜର ଏକମାତ୍ର ଝିଅ ଡା. ଦେବସ୍ମିତା ଶର୍ମାଙ୍କୁ ପ୍ରତିଦ୍ୱନ୍ଦ୍ୱିତାକୁ ଆଣିବାସହ ନିର୍ବାଚନୀ ଖର୍ଚ୍ଚ ପାଇଁ ପୈତୃକ ସମ୍ପତ୍ତିକୁ ବିକି ସେ ବେଶ୍ ଚର୍ଚ୍ଚାରେ ଥିଲା। ତାଙ୍କ ବିୟୋଗରେ ଜିଲା କଂଗ୍ରେସର ବହୁ କ୍ଷତି ହୋଇଥିବା ଜିଲା ସଂଯୋଜକ ପ୍ରଫୁଲ୍ଲ ଦାସ କହିଛନ୍ତି। ଏଥିସହ ଜିଲାର ସମସ୍ତ ବିଧାୟକ ଓ ସାଂସଦ, ବିଭିନ୍ନ ଦଳର ବରିଷ୍ଠ ନେତାମାନେ ନିଜର ଶୋକବ୍ୟକ୍ତ କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୨୧।୩(ରବିନାରାୟଣ ଜେନା): ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ, ଲୋକପ୍ରତିନିଧି ଭାବେ ଜନକଲ୍ୟାଣକାରୀ କାର୍ଯ୍ୟ ଏବଂ ସେବା ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି।

# ବାଲିଯାତ୍ରାକୁ ଐତିହ୍ୟ ମାନ୍ୟତା ଦେବାକୁ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୨୧।୩(ରବିନାରାୟଣ ଜେନା)

ବାଲିଯାତ୍ରାକୁ ଐତିହ୍ୟ ମାନ୍ୟତା ଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଶୁକ୍ରବାର ବିଧାୟକ ସୋଫିଆ ଫିରଦୋସଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି, ଐତିହାସିକ କଟକ ବାଲିଯାତ୍ରାକୁ ୟୁନେସ୍କୋର ଅନୁଭବ୍ୟ ସାଂସ୍କୃତିକ ଐତିହ୍ୟରେ ସାମିଲ କରିବା ପାଇଁ ବାଲିଯାତ୍ରା ସମ୍ବନ୍ଧରେ ଯଥେଷ୍ଟ ଜ୍ଞାନ ଥିବା ବିଶେଷଜ୍ଞଙ୍କୁ ନେଇ କମିଟି ଗଠନ କରାଯାଇଛି। ୟୁନେସ୍କୋର ପ୍ରକ୍ରିୟା ଅନୁଯାୟୀ ପ୍ରସ୍ତାବ ତିଆରି କରାଯାଉଛି। କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଅନୁମୋଦିତ ପ୍ରଣାଳୀ ଅନୁଯାୟୀ ପ୍ରାମାଣିକ ଚିତ୍ର ପ୍ରସ୍ତୁତ କରି ୟୁନେସ୍କୋରେ ଉପସ୍ଥାପନ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି ପଦାଧିକାରୀଙ୍କ ପ୍ରୋତ୍ସାହନ ଲାଭକରି କାମକୁ ଉତ୍ସାହର ସହ କରିବେ। ପ୍ରତ୍ୟେକ ଦିଗରୁ ସୁବିଧା ଥିଲେ ମଧ୍ୟ ଭୁଲ୍ ବୁଝାମଣାରୁ ପାରିବାରିକ ଶାନ୍ତି ବ୍ୟାହତ ହୋଇପାରେ। ଈର୍ଷାପରାୟଣ ବ୍ୟକ୍ତିମାନେ ଅସହିଷ୍ଣୁ ପରୋକ୍ଷ ଶତ୍ରୁତା ଆଚରଣ କରିବେ। ବନ୍ଧୁ କିମ୍ବା ସହକର୍ମୀଙ୍କ ପ୍ରେରଣାରେ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି।

**ବୃଷ**: ଅର୍ଥ ସଂକଟ, ସ୍ୱାସ୍ଥ୍ୟ ସମସ୍ୟା, କାର୍ଯ୍ୟରେ ବିଳମ୍ବଜନିତ ମାନସିକ ଅଶାନ୍ତି ସୃଷ୍ଟି ହେବ। ଅର୍ଥର ଅଭାବ ନ ଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତି କାମକୁ ଅଟକାଇ ରଖିବ। ବିବାଦୀୟ ଘଟଣାଠାରୁ ଦୂରେଇ ନ ରହିଲେ ଝମେଲା ଆସିପାରେ। ଅବଶ୍ୟ ସମୟାନ୍ତରରେ ଟେନସନ୍ କମିଯିବ ଏବଂ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ।

**ମିଥୁନ**: କର୍ମକ୍ଷେତ୍ରରେ କୌଶଳ ପ୍ରୟୋଗ କରି କାମ ହାସଲରେ ସମର୍ଥ ହେବେ। ଅସାବଧାନତା କାରଣରୁ ଟଙ୍କା କିମ୍ବା କାଗଜ ପତ୍ର ହଜିଯାଇପାରେ। ଆନୁଷ୍ଠାନିକ କାମ ଓ ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଲକ୍ଷ୍ୟ ହାସଲରେ ଆଗେଇ ଯାଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ପ୍ରଗତିର ପଥରୋଧ କରିବାର ସୂଚନା ରହିଛି।

**କର୍କଟ**: ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ନ ଘଟିବାରୁ ସାମୟିକ ଚିନ୍ତିତ ରହିବେ। ସାଧାରଣ କଥାରେ କ୍ରୋଧ ପ୍ରକାଶ କରି ବନ୍ଧୁ ମୁହଁ ଫଣ ଫଣ କରିପାରନ୍ତି। ଆନୁଷ୍ଠାନିକ କାମ, ମନୋରଞ୍ଜନ, ଆଧ୍ୟାତ୍ମିକ ଆଲୋଚନା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଅବସର ସମୟରେ ପିଲାଙ୍କ ସହ ବନ୍ଧୁଙ୍କ ସଙ୍ଗରେ ଆଲୋଚନା କରିପାରନ୍ତି।

**ସିଂହ**: କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାନ୍ନିଧ୍ୟ ଲାଭ କରି ଖୁସି ରହିବେ। ବାଣିଜ୍ୟ, ପରିବହନ, ପ୍ରଶାସନ ଏବଂ ଯୋଗାଯୋଗ କ୍ଷେତ୍ରରୁ ଉପକୃତ ହୋଇପାରନ୍ତି। ସାମୟିକ ଭାବରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ସୂଚନା ରହିଛି। ପ୍ରତିବେଶୀଙ୍କ ସହିତ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା**: ସକାଳୁ ସାମାନ୍ୟ କଥାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ମନାନ୍ତର ଘଟିପାରେ। ଏଣେ କଥା ଦେଇଥିବା ଲୋକଟି ପରକ୍ଷଣରେ ଓଲଟା କଥା କହି ନାସ୍ତିବାଣୀ ଶୁଣାଇପାରେ। କର୍ମ କ୍ଷେତ୍ରରେ ଉଚ୍ଚ ପଦାଧିକାରୀ ସହଯୋଗ କରିବାର ପ୍ରତିଶ୍ରୁତି ଦେଇପାରନ୍ତି। ଆତ୍ମୀୟସ୍ୱଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ସୁଧାରିବା ପାଇଁ ଚିନ୍ତା ବଢ଼ିପାରେ।

**ତୁଳା**: ଆଜି ବନ୍ଧୁଙ୍କ ଜରିଆରେ କୌଣସି ଶୁଭ ଖବର ପାଇ ସକାଳ ସମୟଟି ଭଲରେ ଅତିବାହିତ ହେବ। ବିଭିନ୍ନ ଯୋଜନାର କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଜଣେ ଅପରିଚିତ ବ୍ୟକ୍ତି ବହୁତ ସାହାଯ୍ୟ କରିବେ। ସନ୍ତାନଙ୍କ ବିବାହ ବିଷୟକୁ କେନ୍ଦ୍ରକରି ସମସ୍ୟା ଲାଗି ରହିବା ସହ ମନୋବଳ କମିଯାଇପାରେ।

**ବିଛା**: ଅତୀତ ସ୍ମୃତିଚାରଣ କରି ମାନସିକ ସ୍ତରରେ ବିଚଳିତ ବୋଧ କରିବେ। ଅଧିକ ସମୟ ପରିସ୍ଥିତିକୁ ନଜର ରଖି ନୀରବ ରହିବାକୁ ପସନ୍ଦ କରିପାରନ୍ତି। ଆଜିର ଫେରନ୍ତା ବାଟରେ କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ରକ୍ତଚାପ କିମ୍ବା ଡାଇବେଟିସ୍‌ଜନିତ ରୋଗରେ ପୀଡା ବୃଦ୍ଧି ପାଇପାରେ।

**ଧନୁ**: ସମ୍ପର୍କୀୟଙ୍କ ବେଖାତିର ମନୋଭାବ ସାଙ୍ଗକୁ ମର୍ମଭେଦୀ ବାକ୍ୟବାଣରେ ଅତିଷ୍ଠ ହେବେ। ଅଧସ୍ତନ କର୍ମଚାରୀଙ୍କୁ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ଆଣ୍ଠୁଗଣ୍ଠି ବାତ ଜନିତ ରୋଗରେ କଷ୍ଟ ପାଇପାରନ୍ତି। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହେବାକୁ ପଡ଼ିବ।

**ମକର**: ଅନ୍ୟମାନଙ୍କ ପ୍ରରୋଚନାରେ ପଡ଼ି ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି। ଏହା ସାଙ୍ଗକୁ ପାରିବାରିକ ଜଞ୍ଜାଳ ବୃଦ୍ଧି ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ସଭାସମିତି, କଳା ସାହିତ୍ୟ, ଆନୁଷ୍ଠାନିକ କାମରେ ମନୋରଞ୍ଜନ ପ୍ରୀତିପ୍ରଦ ହେବ। ବ୍ୟବସାୟ ମାନ୍ଦା ହେବ ନାହିଁ କିନ୍ତୁ କ୍ଷତି ନ ହେଲେ ମଧ୍ୟ ବିଶେଷ ଲାଭ ନ ହୋଇପାରେ।

**କୁମ୍ଭ**: ଅର୍ଥବଳ ସହ ଓଜନଦାର କଥାରେ କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ବନ୍ଧୁଙ୍କ ସହାୟତାରେ ଦୀର୍ଘ ଦିନରୁ ଅଟକି ରହିଥିବା କାମକୁ ସମ୍ପୂର୍ଣ୍ଣ କରିବେ। ଆଲୋଚନା ପରିସରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଦୀର୍ଘ ସମୟ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ମୀନ**: ଆଜି ଦିନଟିରେ ଆର୍ଥିକ ଉନ୍ନତି, ଜମିଜମା ସମ୍ପର୍କୀୟ କାର୍ଯ୍ୟରେ ଅଗ୍ରଗତି ଘଟିବ। କିନ୍ତୁ କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦୀୟ ହୋଇପାରନ୍ତି। ପରିସ୍ଥିତିରେ ପଡ଼ି ପଡ଼ୋଶୀଙ୍କ ଆଗରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବେ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ ସମସ୍ୟା ଆସିପାରେ।

ଆଜି ମାର୍ଚ୍ଚ ୨୨ ତାରିଖ, ବିଶ୍ୱ ଜଳ ଦିବସ, ଚୈତ୍ର କୃଷ୍ଣ ଅଷ୍ଟମୀ, ଶନିବାର। ରାଶିନକ୍ଷତ୍ର-ମୂଳା/ଧନୁ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୧୦।୨୩ ଗତେ ଘ.୦୧।୦୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୫୩ ଗତେ ଘ.୧୦।୨୩ ମଧ୍ୟେ ରାହୁ କାଳ ।।

## ୧୦୦ ଟନ୍ ଲୁହାପଥର ଜବତ

ଯୋଡ଼ା,୨୧।୩(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ପିଡ଼ପୋଖରି ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଖଣି ବିଭାଗ ପ୍ରାୟ ୧୦୦ଟନ ଲୁହାପଥର ଜବତ କରିଛି। ଖଣିଜ ଚୋରା ବ୍ୟବସାୟୀ ଉକ୍ତ ସ୍ଥାନରେ ଲୁହାପଥର ଉତ୍ତୋଳନ କରି ଗଚ୍ଛିତ ରଖିଥିଲେ। ଏହାକୁ ଅନ୍ୟତ୍ର ପରିବହନ ପୂର୍ବରୁ ଖଣି ବିଭାଗ ଜାଣିପାରି ଚଢ଼ାଉ କରିଥିଲା। ଖଣିଜର ଆନୁମାନିକ ମୂଲ୍ୟ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଖଣି ବିଭାଗ ସୂତ୍ରରୁ ଜଣାପଡ଼ିଛି।




# ଏୟାରପୋର୍ଟ ଅଧିକାରୀଙ୍କ ବୟାନ ରେକର୍ଡ

### ନବ ଦାସ ହତ୍ୟାକାଣ୍ଡ ମାମଲା

**ଝାରସୁଗୁଡ଼ା,୨୧।୩ (ଆଶିଷ ରଞ୍ଜନ ଦାଶ)**

ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାରେ ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚର ୨ଜଣିଆ ଟିମ୍ ଶୁକ୍ରବାର ୪ର୍ଥ ଦିବସରେ ମଧ୍ୟ ତନାଘନା ଜାରି ରଖିଛି। କ୍ରାଇମବ୍ରାଞ୍ଚ ଟିମ୍ ପୂର୍ବାହ୍ନ ପ୍ରାୟ ୧୧ଟା ୨୦ ମିନିଟରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ପହଞ୍ଚିଥିଲା। ସେଠାରେ ବିମାନ ବନ୍ଦର ଅଧିକାରୀଙ୍କ ବୟାନ ରେକର୍ଡ କରିଛି। ନବଙ୍କୁ ଗୁଳିବିଦ୍ଧ ହେବା ପରେ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରୁ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରକୁ ଅଣାଯାଇଥିଲା ଏବଂ ଏଠାରୁ ଭୁବନେଶ୍ୱରକୁ ଏୟାର ଲିଫ୍ଟ କରାଯାଇଥିଲା। ତେବେ ନବଙ୍କୁ ଗୁଳିକାଣ୍ଡ ଦିନ ତାଙ୍କୁ ଏୟାର ଲିଫ୍ଟ କରିବା ପାଇଁ ଆସିଥିବା ଏୟାର ଆମ୍ବୁଲାନ୍ସର ଲ୍ୟାଣ୍ଡିଂ, ଡିପାର୍ଚ୍ଚର ସମୟର ତଥ୍ୟ ନେବା ସହ ସେଦିନ ଉପସ୍ଥିତ ଥିବା କର୍ମଚାରୀଙ୍କୁ ପ୍ରାୟ ୩ଘଣ୍ଟା ଧରି ପଚରାଉଚରା କରିଥିଲା କ୍ରାଇମବ୍ରାଞ୍ଚ ଟିମ୍। ଏହି ଟିମ୍ ବିମାନ ବନ୍ଦର କର୍ମଚାରୀଙ୍କୁ କିଏ କିଏ ସାଙ୍ଗରେ ଯାଇଥିଲେ, ପାଇଲଟ କିଏ ଥିଲେ ଏସବୁ ଦିଗକୁ ନେଇ ତନାଘନା କରି ବିଭିନ୍ନ ପ୍ରଶ୍ନ ପଚାରିଥିଲା। ବିମାନ ବନ୍ଦର ନିର୍ଦ୍ଦେଶକ, ଚିଫ୍ ଏୟାର ପୋର୍ଟ ସିକ୍ୟୁରିଟି ଅଫିସର, ଟର୍ମିନାଲ ମ୍ୟାନେଜରଙ୍କୁ ପଚରାଉଚରା କରିବା ସହିତ ସେମାନଙ୍କ ଧାରା୧୬୧ରେ ବୟାନ ରେକର୍ଡ କରାଯାଇଛି। ସେଠାରୁ କିଛି ଆବଶ୍ୟକ କାଗଜାତ ପତ୍ର ମଧ୍ୟ କ୍ରାଇମବ୍ରାଞ୍ଚ ଟିମ୍‌ର ହସ୍ତଗତ ହୋଇଛି। ଏହାପରେ ଟିମ୍ ଅପରାହ୍ନରେ ଝାରସୁଗୁଡା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚିଥିଲା। ଗୁରୁବାର ଧାରା ୧୬୧ରେ ବୟାନ ରେକର୍ଡ କରାଯାଇଥିବା ଡାକ୍ତର ତଥା ମେଡିକାଲ ଷ୍ଟାଫଙ୍କୁ ଆଉ କିଛି ପ୍ରଶ୍ନ ପଚରାଉଚରା କରିଥିଲେ। ନବଙ୍କ ଇସିଜି କରିଥିବା ମେଡିକାଲ ଷ୍ଟାଫ୍‌ଙ୍କ ମଧ୍ୟ ଧାରା୧୬୧ରେ ବୟାନ ରେକର୍ଡ କରିଥିଲେ। ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସ୍‌ପି ବିଜୟ ମଲ୍ଲିକ କହିଥିଲେ ଯେ ପୂର୍ବରୁ ଯେଉଁ ସାକ୍ଷୀମାନଙ୍କୁ ଜେରା କରାଯାଇଛି, ଆବଶ୍ୟକ ପଡିଲେ ସେମାନଙ୍କୁ ପୁଣି ଜେରା କରାଯିବ। ନବ ଦାସ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋପାଳ ଦାସ ଏଠାରେ ନାହାନ୍ତି, ତେଣୁ ଆଗକୁ ତାଙ୍କୁ ମଧ୍ୟ ପୁଣି ଜେରା କରାଯିବ ବୋଲି କହିଛନ୍ତି।

# ଆଇଏଫ୍‌ଏସ୍ ଅଫିସର ସ୍ତରରେ ବ୍ୟାପକ ଅଦଳବଦଳ

### ସୁଧାଂଶୁ ଖୋରା ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ସଦସ୍ୟ ସଚିବ

**ଭୁବନେଶ୍ୱର,୨୧।୩ (ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ଭାରତୀୟ ବନସେବା (ଆଇଏଫ୍‌ଏସ୍) ଅଫିସର ସ୍ତରରେ ବ୍ୟାପକ ଅଦଳବଦଳ କରାଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଶୁକ୍ରବାର ଜାରି ବିଜ୍ଞପ୍ତି ଅନୁଯାୟୀ, ୧୯୯୩ ବ୍ୟାଚ୍‌ର ଆଇଏଫ୍‌ଏସ୍ ଅଫିସର ଉମା ନନ୍ଦୁରୀଙ୍କୁ ପିସିସିଏଫ୍(କେଏଲ୍) ଭାବେ ନିଯୁକ୍ତ କରାଯାଇଥିବା ବେଳେ ଉକ୍ତ ବ୍ୟାଚ୍‌ର ଆଇଏଫ୍‌ଏସ୍ ଅଫିସର ପ୍ରେମକୁମାର ଝା'ଙ୍କୁ ପିସିସିଏଫ୍(ବନ୍ୟପ୍ରାଣୀ) ଏବଂ ସିଡବ୍ଲ୍ୟୁଏଲ୍‌ଡବ୍ଲ୍ୟୁ ସହିତ ଓଡ଼ିଶା ବନନିଗମ ପରିଚାଳନା ନିର୍ଦ୍ଦେଶକ, ଡ. କେ. ମୃଗସେନ୍‌ଙ୍କୁ ପିସିସିଏଫ୍-ହପ୍‌ର ପିସିସିଏଫ୍, ଏଫ୍‌ଡି ଓ ଆଞ୍ଚଳିକ ନିର୍ଦ୍ଦେଶକ, ମନୋଜ ଭି. ନାୟାରଙ୍କୁ ନନ୍ଦନକାନନ ନିର୍ଦ୍ଦେଶକ ସହ କାମ୍ପାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜି. ରାଜେଶଙ୍କୁ ପରିବେଶ ନିର୍ଦ୍ଦେଶକ ସହିତ ଜଙ୍ଗଲ ଓ ପରିବେଶ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତ କରାଯାଇଛି।

ସେହିପରି ଏମ୍. ଯୋଗଜୟାନନ୍ଦଙ୍କୁ ଭୁବନେଶ୍ୱର ମଣ୍ଡଳର ଆର୍‌ସିସିଏଫ୍ ସହିତ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷର ମୁଖ୍ୟ କାର୍ଯ୍ୟନିର୍ବାହୀ, ସଞ୍ଜୟ କୁମାର ସ୍ୱାଇଁଙ୍କୁ ଅନୁଗୋଳ ମଣ୍ଡଳର ଭାରପ୍ରାପ୍ତ ଆର୍‌ସିସିଏଫ୍, ସୁଧାଂଶୁ ଶେଖର ଖୋରାଙ୍କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ସଦସ୍ୟ ସଚିବ, ପି. ଆର୍ଥନାରୀଙ୍କୁ କଟକ ବନସଂରକ୍ଷକ(କେଏଲ୍) ସହିତ ଭୁବନେଶ୍ୱର କେନ୍ଦ୍ରୀୟ ଜୋନ୍‌ର ମହାପ୍ରବନ୍ଧକ, ବିଶ୍ୱନାଥ ନୀଲାନାଭରଙ୍କୁ ବ୍ରହ୍ମପୁର ମଣ୍ଡଳର ଭାରପ୍ରାପ୍ତ ଆର୍‌ସିସିଏଫ୍, ଅନୁରାଗ ମିଶ୍ରଙ୍କୁ ଫୁଲବାଣୀ ଡିଏଫ୍‌ଓ(କେଏଲ), କେ. ନାଗରାଜୁଙ୍କୁ ପାରଳାଖେମୁଣ୍ଡି ବନଖଣ୍ଡର ଭାରପ୍ରାପ୍ତ ଡିଏଫ୍‌ଓ, ରଶ୍ମି ଜି.ଙ୍କୁ ଭାରପ୍ରାପ୍ତ ଡିଏଫ୍‌ଓ(ଟିଟିଲାଗଡ-କେଏଲ) ଏବଂ ଇଲାଭର୍ସନ କେ.ଙ୍କୁ ଭାରପ୍ରାପ୍ତ ଡିଏଫ୍‌ଓ ରେଢ଼ାଖୋଲ ଭାବେ ନିଯୁକ୍ତ କରାଯାଇଛି।

# କୋଶଳୀକୁ ମିଳିବନି ରାଜ୍ୟ ଭାଷା ମାନ୍ୟତା

**ଭୁବନେଶ୍ୱର,୨୧।୩ (ରବିନାରାୟଣ ଜେନା)**

ସମ୍ବଲପୁରୀ-କୋଶଳୀ ଭାଷାକୁ ରାଜ୍ୟ ଭାଷାର ମାନ୍ୟତା ଦାବି ସଂକ୍ରାନ୍ତୀୟ କୌଣସି ପ୍ରସ୍ତାବ ସରକାରଙ୍କ ହସ୍ତଗତ ହୋଇନାହିଁ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଶୁକ୍ରବାର ଗୃହରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ସୂରଜ କହିଛନ୍ତି ଯେ, ଏସମ୍ପର୍କିତ ପ୍ରସ୍ତାବ ଏବେ ସରକାରଙ୍କ ପାଖରେ ନାହିଁ। ଅନ୍ୟପକ୍ଷରେ ମନ୍ତ୍ରୀଙ୍କ ଉତ୍ତର ପରେ ଭାଜପା ସଦସ୍ୟ ଜୟନାରାୟଣ ମିଶ୍ର କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁରୀ-କୋଶଳୀ ଭାଷା ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ସେ ପୁରୁଣା କଥାକୁ ଦୋହରାଇ କହିଲେ, ଓଡ଼ିଶା ଗଠନ ହୋଇଛି ଉତ୍କଳ, କଳିଙ୍ଗ ଓ କୋଶଳକୁ ନେଇ। ଏବେ ସରକାର କହୁଛନ୍ତି, ଏହା ମୋ ବ୍ୟକ୍ତିଗତ ମତ କିନ୍ତୁ ଆଗକୁ ଏହା ସାମୁହିକ ମତ ହେବ ବୋଲି ଜୟନାରାୟଣ କହିଛନ୍ତି।

## କଳିଙ୍ଗ ନଗର: ଇସ୍ପାତ କାରଖାନାରେ ଦୁର୍ଘଟଣା, ୯ ଆହତ

**ଯାଜପୁର,୨୧।୩(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା କଳିଙ୍ଗନଗର ଟାଟା ଷ୍ଟିଲ୍ କାରଖାନାର ଷ୍ଟିଲ୍ ମେଲ୍ଟିଂ ଶପ୍‌ରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ଦୁର୍ଘଟଣା ଘଟି ୯ଜଣ ଆହତ ହୋଇଛନ୍ତି। ଷ୍ଟିଲ୍ ମେଲ୍ଟିଂ ଶପ୍‌ର ଇଲେକ୍ଟ୍ରିକାଲ କଣ୍ଟ୍ରୋଲ ରୁମ୍‌ରେ ତରଳ ମେଟାଲ ପଡ଼ିଯିବାରୁ ସାମାନ୍ୟ ବିସ୍ଫୋରଣ ଘଟିଥିଲା। ଏଥିଯୋଗୁ କାନ୍ଥର କେତେକାଂଶ ଭାଙ୍ଗି ଯାଇ କେତେକ ମେଶିନ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ଆହତ ହୋଇଥିବା ୯ ଜଣଙ୍କୁ ତୁରନ୍ତ ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତ କର୍ମଚାରୀମାନେ ହେଲେ ବିହାର ପାଟନା ଅଞ୍ଚଳର ରାହୁଲ କୁମାର, ଜାମସେଦପୁରର ମନୋଜ କୁମାର ଓ ପ୍ରଦୀପ କୁମାର, ରାଉରକେଲାର ଶ୍ରଦ୍ଧାଞ୍ଜଳି ଭୂୟାଁ, ପଶ୍ଚିମବଙ୍ଗର ଜୟନ୍ତ ପାଲ ଓ ସାଇ ସାମନ୍ତ ବାଗଡି, ଛତିଶଗଡ଼ର ରୋହିତ ଯାଦବ, ରାଞ୍ଚିର ଲୋକେଶ ରାୟ। ସେମାନଙ୍କ ମଧ୍ୟରୁ ଜଣେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇ ଘରକୁ ଫେରିଛନ୍ତି। ଅନ୍ୟ ଆହତମାନେ ବିପଦମୁକ୍ତ ଅଛନ୍ତି ବୋଲି ସୂଚନା ମିଳିଛି। ଏନେଇ ଟାଟା ଷ୍ଟିଲ୍ ପକ୍ଷରୁ କୁହାଯାଇଛି ଯେ, ଚିକିତ୍ସା ସୁବିଧା ପ୍ରଦାନ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ। ସେମାନଙ୍କର ଆଶୁ ଆରୋଗ୍ୟ ସୁନିଶ୍ଚିତ କରିବା ପାଇଁ ସମସ୍ତ ଆବଶ୍ୟକ ପ୍ରୟାସ କରାଯାଉଛି। ଘଟଣା ସମ୍ପର୍କରେ ବିଭାଗୀୟ ସରକାରୀ ଅଧିକାରୀ ଓ ଆହତଙ୍କ ପରିବାର ଲୋକଙ୍କୁ ଅବଗତ କରାଯାଇଛି। ଘଟଣାସ୍ଥଳକୁ ବ୍ୟାରିକେଡ୍ କରାଯାଇ ଆଭ୍ୟନ୍ତରୀଣ ତଦନ୍ତ ଜାରି ରହିଛି। ସ୍ଥିତି ମୁକାବିଲା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି। ଦୟାକରି ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଭିଡିଓକୁ ଆମ କାରଖାନାର ଘଟଣା ବୋଲି ବିଶ୍ୱାସ ନ କରିବାକୁ ଟାଟା ଷ୍ଟିଲ୍ କର୍ତ୍ତୃପକ୍ଷ ଅନୁରୋଧ କରିବା ସହ ଏକ ଦାୟିତ୍ୱବାନ୍ କର୍ପୋରେଟ ଭାବରେ କର୍ମଚାରୀ ଓ ସମସ୍ତ ସହଯୋଗୀଙ୍କ ସୁରକ୍ଷା ଏବଂ କଲ୍ୟାଣ ସର୍ବୋଚ୍ଚ ପ୍ରାଥମିକତା ବୋଲି ସୂଚନା ଦିଆଯାଇଛି।

DSPL - 431

Adimission to B.CAT Through OJEE-2025
25 Years
BIJU PATTANAIK FILM & TELEVISION INSTITUTE OF ODISHA, CUTTACK
4-year Degree Courses (affiliated to BPUT, Rourkela & Under AICTE ambit) are offerd:
CINEMATOGRAPHY
+2 Science from any State Board,ICSE,CBSE, or Equivalent as Declaed by CHSE' Odisha
SOUND RECORDING & SOUND DESIGN
+2 Science from any State Board ICSE,CBSE,or Equivalent as Declaed by CHSE' Odisha
FILM EDITING
+2 Science, Arts and Commerce from any State Board ICSE,CBSE, or Equivalent as Declaed by CHSE' Odisha
LAST DATE 25th MARCH 2025
Filling up of online application cum registration through
www.ojee.nic.in/www.odishajee.com
FOR ANY QUERIES CONTACT 8249889162,9437069564,9439978071
www.bpftio.ac.in, E-mail:bpftio123@gmail.com, BOSE Campus, Cuttack-753007
OIPR-44029/13/0008/2425

କୋଷ୍ଠକାଠିନ୍ୟ ?

ଦ୍ରୁତ କାର୍ଯ୍ୟକାରୀ
ଗୋଟିଏ ରାତିରେ ଉପଶମ
କୋଷ୍ଠକାଠିନ୍ୟ, ଗ୍ୟାସ ଓ ଏସିଡିଟିରୁ ଆରାମ
ଆୟୁର୍ବେଦିକ ଓ ନିରାପଦ
କେମିକାଲ୍ ନାହିଁ
Baidyanath Kabz Har Helps Relieve Constipation
▲ ପାଉଡର ▲ ଟାବଲେଟ୍
ବୈଦ୍ୟନାଥ
କବ୍ଜ ହର
www.baidyanath.com | amazon | Flipkart | TATA 1mg | 1800 102 1855 (10 am - 6 pm)

ନୂଆ ଓ ଉନ୍ନତମାନର
ଆଲୋଏ କୁଲିଂ ପାଉଡର
POND'S SKIN INSTITUTE

ପାଆନ୍ତୁ 3X* ଇନଷ୍ଟାଣ୍ଟ କୁଲିଂ
200 ଗ୍ରାମ୍ ପାଇଁ ₹149*
ଆଜ ମଧ୍ୟ 18 ଗ୍ରାମ, 100 ଗ୍ରାମ୍ ଓ 400 ଗ୍ରାମ୍ ପ୍ୟାକରେ ଉପଲବ୍ଧ

DADLS-106


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଆର୍ଥ ଆୱାର
୨୨ ମାର୍ଚ୍ଚ, ୨୦୨୫
ରାତ୍ରି ୮.୩୦ ଘଟିକାରୁ ୯.୩୦ ଘଟିକା
୧ ଘଣ୍ଟା ଆମ ପୃଥିବୀ ମା' ପାଇଁ
ପୃଥିବୀର ସୁରକ୍ଷା ପାଇଁ ପ୍ରତିବର୍ଷ ମାର୍ଚ୍ଚ ମାସର ଶେଷ ଶନିବାର ଦିନ ପୃଥିବୀବାସୀ ୧ଘଣ୍ଟା ପର୍ଯ୍ୟନ୍ତ ନିଜର ଅନାବଶ୍ୟକ ଲାଇଟ୍‌କୁ ସୁଇଚ୍ ଅଫ୍ କରିଥାନ୍ତି। ଏହା ହେଉଛି ଏହି ଆର୍ଥ ଆୱାର ପାଳନର ଉଦ୍ଦେଶ୍ୟ।
ଆସନ୍ତୁ, ଆମେ ଓଡ଼ିଶାବାସୀ ଏହି ନୈତିକ ଅଭିଯାନରେ ନିଜକୁ ସାମିଲ କରିବା। ଆଜି ରାତ୍ରି ୮.୩୦ଘ. ରୁ ୯.୩୦ଘ. ପର୍ଯ୍ୟନ୍ତ ଆମ ଘରେ ତଥା କାର୍ଯ୍ୟାଳୟରେ ସମସ୍ତ ଅନାବଶ୍ୟକ ଲାଇଟ୍‌କୁ ସୁଇଚ୍ ଅଫ୍ ରଖିବା।
ଆସନ୍ତୁ ! ଆମ ଭବିଷ୍ୟତକୁ ଗଢ଼ିବା...

ସୁଇଚ୍ ଅଫ୍ ଲାଇଟ୍ସ ଟୁ ସୁଇଚ୍ ଅନ୍ ଲାଇଭ୍‌ସ
ଶକ୍ତି ବିଭାଗ
ଓଡ଼ିଶା ସରକାର
OIPR-15001/13/0461/2425

ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଊର୍ଦ୍ଧ୍ୱକୁ ଉଠିଥିବା ଯେକୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ- ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ ଇଚ୍ଛା ବା ସଂକଳ୍ପ କଲେ- ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ। -ଶ୍ରୀଅରବିନ୍ଦ



# ରେଖାଙ୍କ ନୂଆ ବ୍ୟବସ୍ଥା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଦିଲ୍ଲୀରେ ଭାରତୀୟ ଜନତା ପାର୍ଟି (ଭାଜପା) କ୍ଷମତାକୁ ଆସିବା ପରେ କୌଣସି ବିପଦକୁ ବରଣ କରିବାକୁ ଚାହୁଁନାହିଁ। ରେଖା ଗୁପ୍ତାଙ୍କ ନେତୃତ୍ୱାଧୀନ ଦିଲ୍ଲୀ ସରକାର ଯୋଜନାବଦ୍ଧ ଭାବେ ଆରମ୍ଭ କରିବାକୁ ଚାହୁଁଛି। ୬ ଜଣ ବରିଷ୍ଠ ଅଧିକାରୀଙ୍କୁ ପରାମର୍ଶଦାତା କିମ୍ବା ଅଫିସର୍ସ ଅନ୍ ସ୍ପେଶିଆଲ ଡ୍ୟୁଟି (ଓଏସ୍‌ଡିଏସ୍) ଭାବେ ନିଯୁକ୍ତି ଦେବାକୁ ଯୋଜନା କରୁଛି। ଏହା ସହ ୬ ଜଣ କ୍ୟାବିନେଟ୍ ମନ୍ତ୍ରୀଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ପାଇଁ ମଧ୍ୟ ଜଣେ ବରିଷ୍ଠ ଡିଏନ୍‌ଆଇସିଏସ୍ ଅଧିକାରୀ ରହିବେ। ଏହା ସ୍ପଷ୍ଟ ସୂଚିତ କରୁଛି ଯେ, ପ୍ରଶାସନ କାର୍ଯ୍ୟକୁ ଗମ୍ଭୀରତାର ସହ ନେଉଛି। ମନ୍ତ୍ରୀମାନଙ୍କୁ ସହଯୋଗ କରିବା ପାଇଁ ଜଣେ ସଚିବ ଓ ୨ ଜଣ ସ୍ୱତନ୍ତ୍ର ସଚିବଙ୍କୁ ନେଇ ସୁରୁଖୁରୁରେ ଶାସନ ଚଳାଇବା ଲାଗି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ)ର ମଧ୍ୟ ଏକ ସଙ୍ଗଠିତ ଟିମ୍ ରହିଛି। ଅନ୍ୟପଟେ ଦେଖିଲେ ପୂର୍ବ ଶାସନରେ କେଜ୍‌ରିୱାଲଙ୍କ ନେତୃତ୍ୱାଧୀନ ସରକାର ଏକ ଭିନ୍ନ ଦୃଷ୍ଟିକୋଣ ଆପଣାଇଥିଲା। ବିଭିନ୍ନ ବିଭାଗର ମନ୍ତ୍ରୀମାନଙ୍କ ପାଇଁ ଦଳୀୟ ପଦାଧିକାରୀଙ୍କୁ ନିଯୁକ୍ତ କରାଯାଇଥିଲା। ଏ କ୍ଷେତ୍ରରେ ଯଦିଓ ରାଜନୈତିକ ନିୟନ୍ତ୍ରଣ ନିଶ୍ଚିତ କରାଯାଇଥଲା, ତଥାପି ବହୁ ସମୟରେ ସଚିବାଳୟରେ ସେମାନଙ୍କ ଦାୟିତ୍ୱ ଅସ୍ପଷ୍ଟ ରହୁଥିଲା। ଏହି ପରିପ୍ରେକ୍ଷୀରେ ଦେଖିଲେ ଶୀଲା ଦୀକ୍ଷିତଙ୍କ ଶାସନ କାଳ ସମ୍ପୂର୍ଣ୍ଣ ନିଆରା ଥିଲା। ତାଙ୍କ ଶାସନ ଢାଞ୍ଚା ଅମଲାତନ୍ତ୍ର ସହ ଅତ୍ୟନ୍ତ ସହଯୋଗଭିତ୍ତିକ ଥିଲା ଏବଂ କାର୍ଯ୍ୟ ନିରୀକ୍ଷଣ କରିବା ପାଇଁ ଅତିରିକ୍ତ ରାଜନୈତିକ ନିଯୁକ୍ତିର ଆବଶ୍ୟକତା ପଡୁ ନ ଥିଲା। ଏବେ ଗୁପ୍ତାଙ୍କ ନୂଆ ବ୍ୟବସ୍ଥା ଶୃଙ୍ଖଳା ଓ ଉତ୍ତମ ଶାସନ ଯୋଗାଇଦେବାର ଏକ ସ୍ପଷ୍ଟ ପ୍ରୟାସ। କିନ୍ତୁ ପ୍ରଶ୍ନ ଉଠୁଛି, ଏହା ଏକ ଆବଶ୍ୟକ ପ୍ରଶାସନିକ ପଦକ୍ଷେପ ନା ଅଧିକ ରାଜନୈତିକ ନିୟନ୍ତ୍ରଣ ସ୍ଥାପନ କରିବା ପାଇଁ ଉଦ୍ଦିଷ୍ଟ।

### ଦୁର୍ବଳ କାର୍ଯ୍ୟାନୁଷ୍ଠାନ

ଜମ୍ମୁ କଶ୍ମୀରରେ ବରିଷ୍ଠ ଆଇଏଏସ୍ ଅଧିକାରୀମାନେ ଜଡ଼ିତ ଥିବା ଏକ ଦୀର୍ଘଦିନର ଅସ୍ତ୍ରଶସ୍ତ୍ର ଲାଇସେନ୍ସ ଦୁର୍ନୀତି ସମ୍ପର୍କିତ କାଗଜପତ୍ର ହଜିଯିବା ଘଟଣାର ଖୋଳତାଡ଼ କରୁଛି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ(ଏମ୍‌ଏଚ୍‌ଏ)। ନିକଟରେ ଏମ୍‌ଏଚ୍‌ଏ ପଦକ୍ଷେପ ସ୍ୱରୂପ ୩ ଜଣ ଅଧିକାରୀ ଯାଶା ମୁଦ୍‌ଗଲ, ଶହୀଦ ଇକ୍‌ବାଲ ଚୌଧୁରୀ ଏବଂ ନିରଜ କୁମାରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ବା ଅଭିଯୋଗ ପ୍ରସ୍ତାବ ପୁନଃ ଦାଖଲ କରିବାକୁ ଜମ୍ମୁ-କଶ୍ମୀରର ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛି। କାରଣ ଏବେ ସୁଦ୍ଧା କେତେକ କାଗଜପତ୍ର ମିଳୁନାହିଁ। ଏମ୍‌ଏଚ୍‌ଏ ପ୍ରଥମ ଥର ପାଇଁ ଏଭଳି କରିନାହିଁ। ଏହା ପୂର୍ବରୁ ଫେବୃଆରୀରେ ୨ଜଣ ଆଇଏଏସ୍ ଅଧିକାରୀ ଏମ୍.ରାଜୁ ଏବଂ ପ୍ରସନ୍ନା ରାମସ୍ୱାମୀ ଜିଙ୍କ ବିରୋଧରେ ଆଇନଗତ ବିଚାର ପାଇଁ ସିବିଆଇର ଅନୁରୋଧକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଏମ୍‌ଏଚ୍‌ଏ ନିର୍ଦ୍ଦେଶ ଦେଇଥିଲା। ଏଭଳି ପ୍ରକ୍ରିୟାରେ ଦୀର୍ଘଦିନ ହେଲା ଫାଇଲ ଏପାଖ ସେପାଖ ହେଉଛି, କିନ୍ତୁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏକଥା ଭୁଲିଯିବା ଉଚିତ ନୁହେଁ ଯେ, ଅର୍ଥ ପାଇଁ ଅବୈଧ ଉପାୟରେ ବନ୍ଧୁକ ଲାଇସେନ୍ସ ଦେଇଥିବା ଅଭିଯୋଗରେ ୫ ଜଣ ଅଧିକାରୀଙ୍କ ବିରୋଧରେ ଆଇନଗତ ବିଚାର ପାଇଁ ଜମ୍ମୁ କଶ୍ମୀର ପ୍ରଶାସନ ଡିସେମ୍ବର ୨୦୨୪ରେ ଅନୁମତି ଦେଇଥିଲା। ଏସବୁ ସତ୍ତ୍ୱେ ଏମ୍‌ଏଚ୍‌ଏ ଏବେ ସୁଦ୍ଧା ଜମ୍ମୁ କଶ୍ମୀର ସରକାରଙ୍କଠାରୁ ଏକ ଚୂଡ଼ାନ୍ତ ପ୍ରତିକ୍ରିୟା ଅପେକ୍ଷାରେ ରହିଛି। ଜମ୍ମୁ କଶ୍ମୀରରେ ସାଧାରଣ ପ୍ରଶାସନ ବିଭାଗ(ଜିଏଡି) ଆଇଏଏସ୍ ଅଧିକାରୀ ପି.କେ.ପୋଲଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ ଜାରି ରଖିଛି। ଏହା ସହ ଜିତେନ୍ଦ୍ର କୁମାର ସିଂ, ରମେଶ କୁମାର ଏବଂ ପୁଣି ଥରେ ପ୍ରସନ୍ନା ରାମସ୍ୱାମୀ ଜିଙ୍କ ବିରୋଧରେ ତଦନ୍ତ ସ୍ଥଗିତ ରହିଛି। ଏହିସବୁ ଘଟଣା ଦୁର୍ନୀତି ବିରୋଧୀ କାର୍ଯ୍ୟାନୁଷ୍ଠାନକୁ ଦୁର୍ବଳ କରିବାର ଅୟମାରମ୍ଭ ତଥା ପ୍ରଶାସନିକ ସମସ୍ୟାକୁ ସୂଚିତ କରୁଛି।

### ରହସ୍ୟମୟ ମାମଲା

ଭାରତୀୟ ଅମଲାତନ୍ତ୍ର କ୍ଷେତ୍ରରେ ଅମିତ ଲୋଧାଙ୍କ କାହାଣୀ ସବୁଠୁ ନାଟକୀୟ। ଲୋଧା ହେଉଛନ୍ତି ଜଣେ ପୋଲିସ ଅଧିକାରୀ ତଥା ବିହାର ଡାଏରିଜ୍‌ର ଲେଖକ, ଯାହା ନେଟ୍‌ଫ୍ଲିକ୍ସର ଭାରତୀୟ କ୍ରାଇମ ଥ୍ରିଲର ସରିଜ 'ଖାକି: ଦ ବିହାର ଚାପ୍ଟର'ର ରୂପାନ୍ତରଣ ଥିଲା। ରିଲ୍ ଲାଇଫର ଚମକ ସାମ୍ନାକୁ ଆସିବା ପରେ ନିକଟରେ ରିୟଲ ଲାଇଫ୍‌ର ବିବାଦ ସାମ୍ନାକୁ ଆସିଲା। ଏକ ଔପଚାରିକ ଅଭିଯୋଗ, ବେଆଇନ ଭାବେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଏବଂ ଏକ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ତଦନ୍ତ ଯୋଗୁ ତାଙ୍କ କ୍ୟାରିୟର ବିପଦରେ ଥିବା ଜଣାପଡ଼ିଥିଲା। ତଥାପି ବିହାର ସରକାର ତାଙ୍କୁ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ(ଏଡିଜି) ପଦକୁ ପଦୋନ୍ନତି ଦେଇଛନ୍ତି। ଏହି ପଦକ୍ଷେପକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ତେବେ ତାଙ୍କ ବିରୋଧରେ ଅଭିଯୋଗ କ'ଣ ନିରାଧାର ଥିଲା କିମ୍ବା ଏହା ରାଜନୈତିକ ଧାରାରେ ପରିବର୍ତ୍ତନର ସଙ୍କେତ ଥିଲା , ଯେଉଁଠି ପୂର୍ବରୁ ତାଙ୍କୁ ଉତ୍ତରଦାୟୀ କରାଯାଉଥିଲାବେଳେ ଏବେ ସ୍ୱାଗତ କରାଯାଉଛି କି? ଏହା ଅନୁମାନ କରାଯାଉଥିଲା ଯେ, ତାଙ୍କ ପ୍ରତ୍ୟାବର୍ତ୍ତନ କଠିନ ଥିଲା। ସେମାନେ ସମ୍ଭବତଃ ସ୍କ୍ରିପ୍ଟକୁ ଭୁଲ୍ ଅର୍ଥରେ ବୁଝିଥିଲେ। ତଥାପି ଇଡି ତଦନ୍ତ ଓ ଭିଜିଲାନ୍ସ ମାମଲା ଗୁରୁତ୍ୱପୂର୍ଣ୍ଣ ହୋଇ ରହିଛି। ଇଡି ମାମଲା ସେହି ସମାନ ଘଟଣା ଉପରେ ଆଧାରିତ ଯାହା ୨୦୨୨ରେ ଲୋଧାଙ୍କ ବିରୋଧରେ ରାଜ୍ୟ ଭିଜିଲାନ୍ସ ବିଭାଗ ଦାୟର କରିଥିଲା। ଏସବୁ ଯଦି ଗମ୍ଭୀର ବିଷୟ , ତେବେ ସ୍ୱଚ୍ଛତାକୁ ନେଇ ଗର୍ବ କରୁଥିବା ଏକ ବ୍ୟବସ୍ଥାରେ ଏହି ଅଭିଯୋଗଗୁଡ଼ିକ ସମସ୍ୟା ନ ଥିଲା କି? ତେବେ ଲୋଧାଙ୍କ ପଦୋନ୍ନତି ସମ୍ଭବତଃ ଆଉ ଏକ ବାର୍ତ୍ତା ଦିଏ ଯେ, ଏହା ଅପରାଧ ଓ ଦଣ୍ଡର ବିଷୟ ନୁହେଁ ବରଂ ରାଜନୈତିକ ଗଣନାର ବିଷୟ।

Email: dilipcherian@gmail.com

su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 9 | | | | | | 1 |
| | | | | 2 | | | | 4 |
| | 2 | | | 5 | | 8 | 7 | |
| | | | | | 5 | | 4 | |
| 6 | | | 9 | | | | 2 | |
| | 4 | | | | | 6 | | 8 |
| 7 | | | 3 | | | | 6 | |
| | | 1 | 6 | 8 | | 3 | | |
| 4 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 6 | 2 | 8 | 3 | 4 | 1 | 7 |
| 7 | 2 | 1 | 5 | 4 | 9 | 8 | 3 | 6 |
| 3 | 4 | 8 | 1 | 7 | 6 | 2 | 5 | 9 |
| 1 | 6 | 5 | 8 | 2 | 4 | 9 | 7 | 3 |
| 4 | 8 | 3 | 7 | 9 | 1 | 6 | 2 | 5 |
| 2 | 7 | 9 | 6 | 3 | 5 | 1 | 8 | 4 |
| 8 | 3 | 2 | 9 | 6 | 7 | 5 | 4 | 1 |
| 9 | 5 | 4 | 3 | 1 | 8 | 7 | 6 | 2 |
| 6 | 1 | 7 | 4 | 5 | 2 | 3 | 9 | 8 |

ଗତକାଲିର ଉତ୍ତର

# ହିମଖଣ୍ଡ ସଂରକ୍ଷଣରେ ଜଳ ସୁରକ୍ଷା



ଡ. ପ୍ରମୋଦ କୁମାର ପଣ୍ଡା



ଡ. ଅର୍ଜମାଦତ୍ତ ଷଡ଼ଙ୍ଗୀ

୧୯୯୨ ମସିହାରେ ମିଳିତ ଜାତିସଂଘର ସାଧାରଣ ପରିଷଦ ମାର୍ଚ୍ଚ ୨୨ ତାରିଖକୁ ପ୍ରତିବର୍ଷ ବିଶ୍ୱ ଜଳ ଦିବସ ରୂପେ ପାଳନ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରିଥିଲା। ତଦନୁସାରେ ୧୯୯୩ରୁ ମିଳିତ ଜାତିସଂଘର ସମସ୍ତ ସଦସ୍ୟ ରାଷ୍ଟ୍ର ବିଶ୍ୱ ଜଳ ଦିବସ ପାଳନ କରିଆସୁଛନ୍ତି। ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ହେଲା ସମାଜର ସବୁ ବର୍ଗର ଲୋକଙ୍କୁ ଜଳ ସମସ୍ୟା ବିଷୟରେ ସଚେତନ କରାଇ, ଜଳ ସମ୍ପଦର ସଂରକ୍ଷଣ ଓ ତା'ର ସଦୁପଯୋଗ ଉପରେ ଧ୍ୟାନ ଦେବା। ପ୍ରତିବର୍ଷ ବିଶ୍ୱ ଜଳ ଦିବସର ଏକ ଥିମ୍ ବା ମୁଖ୍ୟ ବାର୍ତ୍ତା ଥାଏ, ଯାହାକୁ କେନ୍ଦ୍ରକରି ଚର୍ଚ୍ଚା, ପ୍ରଚାର ପ୍ରସାର ଓ କାର୍ଯ୍ୟକ୍ରମ ଖସଡ଼ା ପ୍ରସ୍ତୁତ ହୋଇଥାଏ। ଏ ବର୍ଷର ବିଶ୍ୱ ଜଳ ଦିବସର ବାର୍ତ୍ତା ହେଉଛି ହିମଖଣ୍ଡ ସଂରକ୍ଷଣ। ଅର୍ଥାତ ପୃଥିବୀର ଜୀବଜଗତ ବଞ୍ଚିରହିବା ପାଇଁ ହିମଖଣ୍ଡକୁ ସଂରକ୍ଷଣ କରିବାକୁ ହେବ। ଆମକୁ ହିମଖଣ୍ଡର ଜଳବାୟୁ ସନ୍ତୁଳନରେ ଥିବା ଭୂମିକାକୁ ବୁଝିବାକୁ ହେବ ଅଥବା ସିଧାସିଧା କହିବାକୁ ଗଲେ ଆମେ ହିମଖଣ୍ଡର ଜଳଚକ୍ର ଉପରେ ଥିବା ପ୍ରଭାବକୁ ଉପଲବ୍ଧି କରିବା, ଯଦ୍ୱାରା ତା'ର ସଂରକ୍ଷଣ ପାଇଁ ବିଭିନ୍ନ ସ୍ତରରେ ଉପଯୁକ୍ତ ପଦକ୍ଷେପ ନେବା।

ବିଶ୍ୱ ଉତ୍ତପ୍ତୀକରଣ ଯୋଗୁ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧିପାଉଛି ଏବଂ ତା'ର ପ୍ରଭାବରେ ହିମଖଣ୍ଡ ତରଳୁଛି ଓ ସତ୍ତା ହରାଉଛି। ଆଇପିସିସି ଆକଳନ ଅନୁସାରେ ଏକବିଂଶ ଶତାବ୍ଦୀର ଶେଷବେଳକୁ ବାୟୁମଣ୍ଡଳର ହାରାହାରି ତାପମାତ୍ରା ପ୍ରାୟ ୧.୫ ରୁ ୨.୦ ଡିଗ୍ରୀ ସେଣ୍ଟିଗ୍ରେଡ ବୃଦ୍ଧିପାଇବାର ସମ୍ଭାବନା ଅଛି। ଉତ୍ତରମେରୁ, ଦକ୍ଷିଣମେରୁ ଏବଂ ହିମାଳୟ ଭଳି ପର୍ବତରେ ଜମାହୋଇ ରହିଥିବା ହିମଖଣ୍ଡ ତରଳିବାକୁ ଲାଗିବ ଏବଂ ସମୁଦ୍ରର ଜଳପତ୍ତନ ବୃଦ୍ଧି ପାଇବ। ସମୁଦ୍ର ଜଳସ୍ତର ବୃଦ୍ଧି ହେଲେ, ଅନେକ ସମୁଦ୍ରକୂଳିଆ ଅଞ୍ଚଳ ଜଳମଗ୍ନ ହେବ ଓ ସମୁଦ୍ର ଜଳର ଲବଣ ନଦୀ ନାଳ ମାଧ୍ୟମରେ ବିଲ ଓ କିଆରି ମଧ୍ୟକୁ ପ୍ରବେଶ କରିବ ଏବଂ ଚାଷୀଙ୍କ ଅମଳ କମାଇଦେବ। ତେଣୁ ଆମ ସମସ୍ତଙ୍କର ପ୍ରଥମ ଓ ପ୍ରଧାନ କାମ ହେଲା ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି ରୋକିବା। ଅର୍ଥାତ ଯେଉଁ ଜୀବନଶୈଳୀ ଓ ଉତ୍ପାଦନ ପ୍ରକ୍ରିୟାରେ କମ୍ ଗ୍ରୀନ୍ ହାଉସ ଗ୍ୟାସ୍ ନିର୍ଗମନ ହେବ, ସେ ସବୁକୁ ଆପଣେଇବା।

ବର୍ତ୍ତମାନ ପୃଥିବୀର ବିଭିନ୍ନ ଭାଗରେ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କଲାଣି। ଆମ ଦେଶରେ ମଧ୍ୟ ବିଭିନ୍ନ ଭାଗରେ ଜଳ ସମସ୍ୟାମାନ ମୁଣ୍ଡ ଟେକିଲାଣି। କେତେକ ରାଜ୍ୟରେ କ୍ରେନ ଓ ଟ୍ୟାଙ୍କର

**ବିଶ୍ୱ ଜଳ ଦିବସ ଉପଲକ୍ଷେ**



ଯୋଗେ ଖରାଦିନେ ପାନୀୟ ଜଳଯୋଗାଣ କରାଯାଉଛି। ଓଡ଼ିଶାର ବିଭିନ୍ନ ଜିଲାରେ ମଧ୍ୟ ଗୁରୁତର ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଦେଶର କେତେକ ସ୍ଥାନରେ ଭୂତଳ ଜଳସ୍ତର କ୍ରମଶଃ କମିଯିବାରୁ ଖରାଦିନେ କୂଅ ଓ ନଳ କୂପରେ ପାଣି ଆସୁନାହିଁ। ଜଳବାୟୁ ପରିବର୍ତ୍ତନ ଜନିତ ବିଭ୍ରାଟ ଯୋଗୁ ଅଳ୍ପ ସମୟରେ ମାତ୍ରାଧିକ ବୃଷ୍ଟିପାତ ଓ ବର୍ଷା ଋତୁରେ ଉତ୍କଟ ମରୁଡ଼ି ଭଳି ସ୍ଥିତି ଉତ୍ପନ୍ନ ହେଉଛି।

ବିଶ୍ୱ ଜଳଦିବସ ପାଳନ ଆମର ଯୋଜନାକାରୀ, ପ୍ରଶାସକ, ଗବେଷକ, ଛାତ୍ରସମାଜ, କୃଷକ ଓ ସମାଜର ସମସ୍ତ ନାଗରିକଙ୍କୁ ଏକାଠି କରି, ଜଳ ସମସ୍ୟା ଓ ତା'ର ସମାଧାନ ଉପରେ ଖସଡ଼ା ପ୍ରସ୍ତୁତ ଏବଂ ତା'ର କ୍ରିୟାନ୍ୱୟନ ପାଇଁ ଏକ ସୁଯୋଗ ସୃଷ୍ଟି କରୁଛି। ଯଦିଓ ପୃଥିବୀର ସମୁଦାୟ ଭୂଭାଗରେ ଶତକଡ଼ା ୭୧ ଭାଗ ଜଳ ସମ୍ପଦରେ ପରିପୂର୍ଣ୍ଣ, ମାତ୍ର ସେଥିମଧ୍ୟରୁ ଶତକଡ଼ା ୯୭.୩ ଭାଗ ଲବଣାକ୍ତ ଜଳ ଓ ମାତ୍ର ୨.୭ ଭାଗ ମଧୁର ଜଳ। ଅଳ୍ପ କିଛି ହେନ୍ତାଳ ଜାତୀୟ ବୃକ୍ଷ ଓ ସାମୁଦ୍ରିକ ଜଳ ଜୀବ ସାମୁଦ୍ରିକ ପକ୍ଷୀକୁ ଛାଡ଼ିଦେଲେ, ସଂପୂର୍ଣ୍ଣ ମାନବ ସମାଜ, ପଶୁ ପକ୍ଷୀ ଓ ଉଦ୍ଭିଦ ଜଗତ ଲବଣାକ୍ତ ଜଳରେ ବଞ୍ଚିବା କଷ୍ଟକର। ତେଣୁ ମଧୁର ଜଳର ମହତ କେତେ ଆମେ ସହଜରେ ଅନୁମାନ କରିପାରିବା।

ବିଶ୍ୱର ସମୁଦାୟ ମଧୁର ଜଳର ଶତକଡ଼ା ୮୮ ଭାଗ ଜୀବଜଗତ ପାଇଁ ଅନୁପଲବ୍ଧ (୭୭% ଗ୍ଲେସିୟର ବରଫ ଖଣ୍ଡ ଓ ମେରୁ ବରଫ ଖଣ୍ଡରେ ଆବଦ୍ଧ ଥାଏ, ଯାହା କେବେ ତରଳେ ନାହିଁ ଓ ଶତକଡ଼ା ୧୧ ଭାଗ ଭୂପୃଷ୍ଠର ୮୦୦ ମିଟର ତଳେ ଥାଏ, ଯାହାକୁ ବର୍ତ୍ତମାନର ଉପଲବ୍ଧ ଜ୍ଞାନକୌଶଳ ଉପଯୋଗ କରି ଉତ୍ତୋଳନ କରିବା ସମ୍ଭବ ନୁହେଁ)। ଏହି ହିମଖଣ୍ଡ ତରଳିଗଲେ ପୃଥିବୀର ବିଭିନ୍ନ ଅଞ୍ଚଳର ଜଳବାୟୁ ଓ ଜଳଚକ୍ରରେ ସୃଷ୍ଟି ବ୍ୟତିକ୍ରମ ଜୀବଜଗତକୁ ବହୁଳ ଭାବେ ପ୍ରଭାବିତ କରିବ। ସମୁଦାୟ ମଧୁର ଜଳର ମାତ୍ର ୧୨ ଭାଗ ଆମର କାମରେ ଲାଗିଥାଏ। ତା'ଛଡ଼ା ସମୁଦ୍ର ଜଳରୁ ମଧୁର ଜଳ ପ୍ରସ୍ତୁତି ଅତ୍ୟନ୍ତ ବ୍ୟୟସାପେକ୍ଷ, ଯଦ୍ୱାରା ଏତେ ଦାମ୍ ଦେଇ ଜଳ ଉପଯୋଗ କରିବା ସମ୍ଭବ ହେବ ନାହିଁ। ଅନ୍ୟ ପକ୍ଷରେ ଆମେ ବିନା ମୂଲ୍ୟରେ ପ୍ରଚୁର ମଧୁର ଜଳ ବର୍ଷା ରୂପରେ ପାଇଥାଉ। ତା'ର ସଂରକ୍ଷଣ ଓ ସଦୁପଯୋଗ କାହିଁକି ନ କରିବା?

ବିଶ୍ୱର ହାରାହାରି ମୁଣ୍ଡପିଛା ବାର୍ଷିକ ଜଳ ଉପଲବ୍ଧତା ପ୍ରାୟ ୭୦୦୦ ଘନ ମିଟର। ଗ୍ରହଣୀୟ ମାନକ ହିସାବରେ ଯଦି କୌଣସି ଦେଶର ବାର୍ଷିକ ମୁଣ୍ଡପିଛା ଜଳ ଉପଲବ୍ଧତା ୨୦୦୦ ଘନ ମିଟର ରହେ, ତା ହେଲେ ସେ ଦେଶ ଜଳ ସମ୍ପଦରେ ସ୍ୱଚ୍ଛଳ ବୋଲି ଧରାଯାଏ। ମାତ୍ର ତାହା ହ୍ରାସ ପାଇ ୧୭୦୦ ଓ ୧୦୦୦ ଘନ ମିଟର ତଳକୁ ଗଲେ ସେ ଦେଶ ଯଥାକ୍ରମେ ଜଳକ୍ଲିଷ୍ଟ ଓ ଜଳ ସଙ୍କଟରେ ଥାଏ ବୋଲି ବିବେଚନା କରାଯାଏ। ତଦନୁସାରେ ଆମ ଦେଶର ବାର୍ଷିକ ମୁଣ୍ଡପିଛା ଜଳ ଉପଲବ୍ଧତା ୧୯୫୧ରେ ୫୧୭୭ ଘନ ମିଟର ଥିଲାବେଳେ, ଜନସଂଖ୍ୟା ବୃଦ୍ଧି ଯୋଗୁ ତାହା କ୍ରମଶଃ ହ୍ରାସ ପାଇ ବର୍ତ୍ତମାନ ୧୪୫୦ ଘନ ମିଟରରେ ପହଞ୍ଚିଛି, ଯାହାକି ଜଳକ୍ଲିଷ୍ଟ ଅବସ୍ଥାକୁ ହାସଲ କରିଛି। ଏବେଠୁ ଯଦି ଆମେ ସଚେତନ ନ ହୋଇ ଜଳ ସମ୍ପଦର ସୁରକ୍ଷା ଦିଗରେ ଧ୍ୟାନ ନ ଦେବା ତେବେ ନିକଟ ଭବିଷ୍ୟତରେ ଆମେ ଜଳ ସଙ୍କଟ ଅବସ୍ଥାର ସମ୍ମୁଖୀନ ହେବା। ଆମ ରାଜ୍ୟର ବିଭିନ୍ନ ଆଭ୍ୟନ୍ତରୀଣ ଓ ପାହାଡ଼ିଆ ଜିଲାଗୁଡ଼ିକରେ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କଲାଣି। ଯଦିଓ ଆମେ ବର୍ଷକୁ ୧୫୦୦ ମିଲିମିଟର ବର୍ଷା ପାଉଛୁ, ଏକ ହିସାବ ଅନୁସାରେ ୨୦୫୦ ମସିହା ବେଳକୁ ଆମକୁ ସର୍ବମୋଟ ୧୪୪୭ ବିସିଏମ (ବିଲିଅନ କ୍ୟୁବିକ ମିଟର) ଜଳ ଆବଶ୍ୟକ ଯାହାକି ଆମ ଦେଶର ମୋଟ ଜଳ ଉପଲବ୍ଧତାଠୁ ୩୨୪ ବିସିଏମ ଅଧିକ। କୃଷି କ୍ଷେତ୍ରକୁ ସେ ସମୟରେ ୧୦୭୨ ବିସିଏମ ଜଳ ଆବଶ୍ୟକ ହେବ, ଯାହାକି ସମୁଦାୟ ଜଳ ଆବଶ୍ୟକତାର ୭୪%। କୌଣସି ଦେଶ ଘରୋଇ, ଶିଳ୍ପ, ଶକ୍ତି ଆଦି କ୍ଷେତ୍ରର ଆବଶ୍ୟକତାକୁ କମ୍ କରି ନିଜ ଜଳ ସମ୍ପଦର ୭୪ ଭାଗ ଜଳ କୃଷି କ୍ଷେତ୍ରକୁ ଦେଇ ପାରିବେ ନାହିଁ। ତେଣୁ ଆମକୁ କମ୍ ଜଳରେ ଅଧିକ ଉତ୍ପାଦନ ହୋଇପାରୁଥିବା ଜ୍ଞାନକୌଶଳକୁ ଉପଯୋଗ କରିବାକୁ ପଡ଼ିବ। ସମାଜର ସବୁ ବର୍ଗର ଲୋକ ଜଳ ସମସ୍ୟାର ଗମ୍ଭୀରତାକୁ ଉପଲବ୍ଧ କରି ତା'ର ସଂରକ୍ଷଣ ଓ ସଦୁପଯୋଗ ଉପରେ ଧ୍ୟାନ ଦେବାକୁ ପଡ଼ିବ। ଅଧିକ ସଂଖ୍ୟକ ନଦୀବନ୍ଧ ଯୋଜନା, ଚେକ୍ ଡ୍ୟାମ୍, ଗଡ଼ିଆ, ପୋଖରୀ ଆଦିକୁ ନିର୍ମାଣ କରିବାକୁ ହେବ , ଯାହାଦ୍ୱାରା ବର୍ଷାଜଳ ସଂରକ୍ଷଣ ଓ ଭୂ-ଜଳସ୍ତର ବୃଦ୍ଧି ହୋଇପାରିବ। ପୁରୁଣା ଜଳାଶୟରୁ ପଙ୍କ ଉଦ୍ଧାର କରି ତା'ର ବର୍ଷାଜଳ ଧାରଣ କ୍ଷମତା ବୃଦ୍ଧି କରିବାକୁପଡିବ। ଶିଳ୍ପ କ୍ଷେତ୍ରରେ ବର୍ଷାଜଳ ସଂରକ୍ଷଣ ଓ ତାହାର ଉପଯୋଗ ବାଧ୍ୟତାମୂଳକ କରିବାକୁ ହେବ। । ଭୂତଳ ଜଳ ହ୍ରାସ ଅଞ୍ଚଳରେ କୃତ୍ରିମ ଜଳ ଭରଣ ୟୁନିଟ ସ୍ଥାପନ କରିବାକୁ ପଡ଼ିବ । ବର୍ଜ୍ୟ ଜଳକୁ ବିଶୋଧିତ କରି କୃଷି ଓ ଅନ୍ୟାନ୍ୟ କାର୍ଯ୍ୟରେ ଲଗାଇବାକୁ ପଡିବ। ଆସନ୍ତୁ ସମସ୍ତେ ମିଶି ଏକ ଶପଥ ନେବା ଯେ ବ୍ୟକ୍ତିଗତ ସ୍ତରରେ ଆବଶ୍ୟକତାଠୁ ଅଧିକ ଜଳ ଖର୍ଚ୍ଚ କରିବା ନାହିଁ ଓ ଜଳର ଅପଚୟ ରୋକିବା, ଯଦ୍ୱାରା ଆଗାମୀ ଦିନରେ ସମସ୍ତଙ୍କ ପାଇଁ ଜଳ ସୁରକ୍ଷା ପ୍ରଦାନ କରିବା ସମ୍ଭବ ହୋଇପାରିବ।

**ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ, ଭୁବନେଶର**

# ସଭା ଓ ଶୋଭାଯାତ୍ରା



ଯଦୁମଣି ପାଣିଗ୍ରାହୀ

ଆଜିକାଲି ସଭା ଓ ଶୋଭାଯାତ୍ରା ଏକ ନିତିଦିନିଆ ଘଟଣା ହୋଇଗଲାଣି। ତେବେ ଅନୁଷ୍ଠିତ ସଭାଗୁଡ଼ିକ ମଧ୍ୟରେ ସାହିତ୍ୟ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ସଭା ଏବେ ବହୁଳ ମାତ୍ରାରେ ଦେଖିବାକୁ ମିଳୁଛି। ବର୍ତ୍ତମାନ ସମୟରେ ଗାଁ ଗହଳିଠୁଁ ଆରମ୍ଭ କରି ସହର ବଜାର ଯାଏ ଛତୁ ଫୁଟିଲା ଭଳି ବିଭିନ୍ନ କିସମର ସଙ୍ଗଠନ ମାନ ଗଢ଼ି ଉଠିଛି। ବର୍ଷର ବିଭିନ୍ନ ସମୟରେ ସଭାସମିତି ଆୟୋଜନ କରାଇ କବି, ଲେଖକ ଓ ସାହିତ୍ୟିକଙ୍କୁ ଅନୁଷ୍ଠାନମାନେ ଏକଜୁଟ କରାଉଛନ୍ତି। ଅତିଥିମାନଙ୍କୁ ଡକାଇ ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ ଆଲୋଚନା ମଧ୍ୟ କରାଉଛନ୍ତି। କେଉଁଠି କବିତା/ଗଳ୍ପ ପାଠ କରାଯାଉଛି ତ କେଉଁଠି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ରହୁଛି। ତେବେ ଏସବୁ ସଭା ପ୍ରତି ସାଧାରଣ ଶ୍ରୋତାମାନେ ଅନାଗ୍ରହ ପ୍ରକାଶ କରୁଥିବା ବେଳେ କେବଳ ଆୟୋଜକ ଗୋଷ୍ଠୀ ଓ ସମ୍ବର୍ଦ୍ଧିତ ହେବାକୁ ଥିବା ପ୍ରତିଭାଙ୍କ ଉପସ୍ଥିତି ସଭା ଶେଷଯାଏ ରହୁଥିବା ଦେଖିବାକୁ ମିଳୁଛି। ମାତ୍ର କବିତା ପଢ଼ିସାରି କବିମାନେ ଫେରାର ହୋଇଯାଉଛନ୍ତି। ଅସଲ କଥା ହେଲା, ଯେଉଁ ଉଦ୍ଦେଶ୍ୟରେ ସଭାଟି ଆୟୋଜିତ ହୋଇଥାଏ ତାହା ସାଧିତ ହୋଇପାରେନି। ନିର୍ଦ୍ଧାରିତ ପ୍ରସଙ୍ଗ ଉପରେ ଆବଶ୍ୟକ ଦକ୍ଷତା ବା ବିଷୟଜ୍ଞାନ ନ ଥିବା କାରଣରୁ ଅନେକ କ୍ଷେତ୍ରରେ ଆଲୋଚନା ବିପଥଗାମୀ ହୁଏ। ସାମାଜିକ କ୍ଷେତ୍ରରେ ତା'ର ପ୍ରତିଫଳନ ଦୃଷ୍ଟିକୁ ଆସେ ନାହିଁ। କିନ୍ତୁ ରାଜନୈତିକ ସଭା ଓ ଶୋଭାଯାତ୍ରାରେ ଲୋକଙ୍କର ବେଶି ଭିଡ଼ ଦେଖିବାକୁ ମିଳିଥାଏ ; ଯାହା ପ୍ରାୟୋଜିତ। ନିର୍ବାଚନ ପାଖେଇ ଆସିଲେ ଲୋକଙ୍କ ସମର୍ଥନ ଯୋଗାଡ଼ କରିବାକୁ ରାଜନୈତିକ ଦଳ ଓ ଦଳୀୟ ନେତାଙ୍କ ପକ୍ଷରୁ ଆୟୋଜିତ ସଭା ଓ ଶୋଭାଯାତ୍ରା ହୁଏତ ଦଳୀୟ ସ୍ୱାର୍ଥ ସାଧନରେ ସହାୟକ ହୋଇଥାଏ, କିନ୍ତୁ ସାଧାରଣ ଲୋକଙ୍କୁ ଏଥିପାଇଁ ବହୁ ଦୁର୍ଦ୍ଦଶା ଭୋଗିବାକୁ ପଡ଼େ। ଅଧିକାଂଶ ସମୟରେ ଏହାକୁ ନେଇ ରାସ୍ତାଘାଟରେ ଟ୍ରାଫିକ ଜାମ୍ ଓ ପରିବେଶ ପ୍ରଦୂଷଣଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ଏକଥା ଅବଶ୍ୟ ସତ ଯେ, ସାହିତ୍ୟ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ସଭାଗୁଡ଼ିକ ଲୋକଙ୍କର ଜ୍ଞାନର ପରିସର ବୃଦ୍ଧି ଓ ବୌଦ୍ଧିକ ଚେତନାକୁ ଜାଗ୍ରତ କରାଇବାରେ କିଛି ଅଂଶରେ ସହାୟକ ହେଉଥିବା ବେଳେ ରାଜନୈତିକ ସଭା ସହିତ କିନ୍ତୁ ଲୋକଙ୍କର ସିଧାସଳଖ କିଛି ନା କିଛି ସ୍ୱାର୍ଥ ଓ ଭାବଗତ ସମ୍ପର୍କ ରହିଛି।

ଏସବୁ ସଭା ବ୍ୟତୀତ ଆଜିକାଲି ଶ୍ରଦ୍ଧାଞ୍ଜଳି ବା ସ୍ମୃତିଚାରଣ ସଭା ଓ ଶବ ଶୋଭାଯାତ୍ରାଗୁଡ଼ିକ ବହୁଳ ମାତ୍ରାରେ ଅନୁଷ୍ଠିତ ହେଉଛି। ଆଉ ଏଥିରେ ଭେଦଭାବ ବି କିଛି ରହୁନି। ଦିନଥିଲା ସେବା, ତ୍ୟାଗ ଓ ପରୋପକାର ଭଳି ମହନୀୟ ଗୁଣରେ ବିଭୂଷିତ ସର୍ବୋପରି ସାମାଜିକ କ୍ଷେତ୍ରରେ ଅବଦାନ ଥିବା କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପରଲୋକରେ ତାଙ୍କର ସ୍ମୃତିଚାରଣ ସଭା ଅନୁଷ୍ଠିତ ହେଉଥିଲା। ଏବେ କିନ୍ତୁ ରାଜନୈତିକ ପ୍ରଭାବ ଓ ପତିଆରା ଥିବା ବ୍ୟକ୍ତିଙ୍କର ବି ସ୍ମୃତିଚାରଣ ସଭା ଓ ଶବ ଶୋଭାଯାତ୍ରା ବଡ଼ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହେଉଛି। ଆଉ ଏମାନଙ୍କର ସ୍ତାବକ ଓ ପ୍ରଶଂସକମାନେ ବିଭିନ୍ନ ଉପମା ଅଳଙ୍କାର ଦେଇ ଏମାନଙ୍କ ଗୁଣକୀର୍ତ୍ତନ କରୁଥିବା ଦେଖିବାକୁ ମିଳୁଛି। ସରକାରଙ୍କ ପକ୍ଷରୁ ଲୋକଙ୍କୁ ସଚେତନ କରିବାକୁ ବିଭିନ୍ନ ସଚେତନତା ସଭା ଓ ଶୋଭାଯାତ୍ରାର ଆୟୋଜନ କରାଯାଉଛି। ଆଉ ଏଥିପାଇଁ ବି ବହୁଳ ଅର୍ଥ ବ୍ୟୟ କରାଯାଉଛି। ଏହାର କୌଣସି ସୁଦୂର ପ୍ରସାରୀ ପ୍ରଭାବ କାହା ଉପରେ ପଡ଼ିବା ଭଳି ମନେହେଉନି। ବିଭିନ୍ନ ଦାବି ହାସଲ ଓ ସମସ୍ୟା ସମାଧାନ ଲାଗି ବିଭିନ୍ନ ଗୋଷ୍ଠୀ ଓ ସଙ୍ଗଠନଗୁଡ଼ିକ ପକ୍ଷରୁ ଅଧିକାଂଶ ସମୟରେ ପ୍ରତିବାଦ ସଭା ଓ ଶୋଭାଯାତ୍ରା ମାନ ଅନୁଷ୍ଠିତ ହୋଇଥାଏ। ବିଶେଷକରି ବିଧାନସଭା ଅଧିବେଶନ ସମୟରେ ଏହି ସଭା ଓ ଶୋଭାଯାତ୍ରାର ଉଷ୍ମତା ଅଧିକ ଜଣାପଡ଼େ। ଅନ୍ୟପକ୍ଷେ ଉତ୍ସବ/ମହୋତ୍ସବ ଏବଂ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ ନାଁରେ ସଭା ସାଙ୍ଗକୁ ଯୁବକମାନଙ୍କୁ ନେଇ ବାଇକ ଓ ମହିଳାଙ୍କୁ ନେଇ କଳସ ଶୋଭାଯାତ୍ରା ଆୟୋଜିତ ହୋଇଥାଏ। ଏସବୁ ବି ରାସ୍ତାଘାଟ ଜାମ କରିବା ସହିତ ସାଧାରଣ ଲୋକଙ୍କ ଗମନାଗମନରେ ବାଧା ସୃଷ୍ଟି କରିଥାଏ। ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ସ୍କୁଲ କଲେଜର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସଭାମାନଙ୍କରେ ଡାକିଆଣି ସମବେତ କରାଇବା ଏକ ଅହିତକର ପରମ୍ପରା ସୃଷ୍ଟି କରୁଥିଲେ ବି ନେତା ଓ ବୁଦ୍ଧିଜୀବୀମାନେ ଏଥିପ୍ରତି ଆଖି ବୁଜି ଦେଇଥାନ୍ତି। ଏସବୁ ସଭାରେ ବକ୍ତାଙ୍କ ବକ୍ତବ୍ୟ ଶୁଣିବା ଅପେକ୍ଷା ମନୋରଞ୍ଜନ କାର୍ଯ୍ୟକ୍ରମ ଉପରେ ପିଲାଙ୍କ ନଜର ଅଧିକ କେନ୍ଦ୍ରୀଭୂତ ହୋଇଥାଏ।

ସେହିପରି ବିଭିନ୍ନ ସରକାରୀ/ବେସରକାରୀ ଦପ୍ତର, ସ୍କୁଲ, କଲେଜର ଶିକ୍ଷକ/ ଅଧ୍ୟାପକମାନଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ ମଧ୍ୟ କରାଯାଇଥାଏ। ଏଥିରେ ନୂତନତ୍ୱ ବୋଲି କିଛି ନ ଥାଏ ଏବଂ ଏସବୁ ସଭା ବାରମାସୀ ଓ ଏଗୁଡ଼ିକ ଚିରାଚରିତ ଢଙ୍ଗରେ ସମ୍ପନ୍ନ କରାଯାଇଥାଏ। କାହାର କାହା ପ୍ରତି ଅନ୍ତରରେ ଶ୍ରଦ୍ଧା, ସମ୍ମାନ କି ଭଲ ପାଇବା ଥାଉ କି ନ ଥାଉ ସଭାରେ ଉପସ୍ଥିତ ହୋଇ କେବଳ ଦି'ପଦ ପ୍ରଶଂସା ସୂଚକ ବକ୍ତବ୍ୟ ପ୍ରଦାନ କରିବାରେ ସେବାରେ ଥିବା ଓ ସେବା ନିବୃତ୍ତବ୍ୟକ୍ତି ଆତ୍ମତୃପ୍ତି ଓ ସନ୍ତୋଷ ଲାଭ କରିଥାନ୍ତି। ସଭା ଓ ଶୋଭାଯାତ୍ରାର ଆୟୋଜକମାନେ ନିଜ ଭିତରେ ଥିବା ସଂକୀର୍ଣ୍ଣ ମନୋଭାବ ଓ ହୀନମନ୍ୟତାକୁ ଦୂରକରି ସାମାଜିକ ହିତ ଦୃଷ୍ଟିରୁ ସେମାନଙ୍କ ଦୃଷ୍ଟିଭଙ୍ଗୀକୁ ବ୍ୟାପକ ଓ ସମାଜ ଉପଯୋଗୀ କରିବା ପରିବର୍ତ୍ତେ ଶସ୍ତା ଲୋକପ୍ରିୟତା ହାସଲ କରିବାକୁ ଯାଇ ଅଯଥା ଓ ଅକାରଣରେ ଆତ୍ମ ସଂକୀର୍ତ୍ତନ ଉଦ୍ଦେଶ୍ୟରେ ସଭା ଓ ଶୋଭାଯାତ୍ରା ମାନ ଆୟୋଜନ କରିଥାନ୍ତି। ସମୟ ଆସିଛି ଏଭଳି ସଭା ଓ ଶୋଭାଯାତ୍ରାର ଔଚିତ୍ୟକୁ ନେଇ ଏବଂ ଏହାର ସାମାଜିକ ଯଥାର୍ଥତାକୁ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରିବାର ଆବଶ୍ୟକତା ରହିଛି। ତା'ନ ହେଲେ ଆଗାମୀ ପିଢ଼ି ସଂକ୍ରମିତ ହେବାର ସମ୍ଭାବନା ମଧ୍ୟ ରହିଛି।



**ଶଂଖୁଡ଼ା, ତିହିଡ଼ି, ଭଦ୍ରକ**
**ମୋ:୯୯୩୭୫୬୫୫୨୭**

## ଏଇ ଭାରତରେ

ଉତ୍ତର ଭାରତର କେତେକ ରାଜ୍ୟରେ ଖୁଣ୍ଟା ପୋଡ଼ି ଯୋଗୁ ବାୟୁ ପ୍ରଦୂଷଣର ଗମ୍ଭୀର ପରିଣାମ ଦେଖିବାକୁ ମିଳୁଛି। କୃଷକମାନଙ୍କୁ ଏହି କାର୍ଯ୍ୟରୁ ବିରତ କରିବା ପାଇଁ କୋର୍ଟ ଏବଂ ରାଜ୍ୟ ସରକାରଗୁଡ଼ିକ ପଦକ୍ଷେପ ନେଲେ ମଧ୍ୟ ଏଥିରେ ସମ୍ପୂର୍ଣ୍ଣ ସଫଳତା ମିଳିପାରୁନାହିଁ। ତେବେ ଖୁଣ୍ଟା ପୋଡ଼ି ରୋକିବା ଲାଗି ପଞ୍ଜାବର ପରମିନ୍ଦର ସିଂଙ୍କ ବିକଳ୍ପ ତଥା ଅଭିନବ ପ୍ରୟାସ ପ୍ରଶଂସନୀୟ। ସେ କୃଷକମାନଙ୍କଠାରୁ ଖୁଣ୍ଟା ବର୍ଜ୍ୟ ସଂଗ୍ରହ କରି ସେମାନଙ୍କ ପାଇଁ ଆୟର ଉତ୍ସ ସୃଷ୍ଟି କରିବା ସହ ଖୁଣ୍ଟାରୁ ପରିବେଶ ଉପଯୋଗୀ ଟାଇଲ ତିଆରି କରିଛନ୍ତି। ସେ ଟାଇଲ ତିଆରି କରିବା ପାଇଁ ୮ ବର୍ଷ ଧରି ପରୀକ୍ଷା ନିରୀକ୍ଷା ଜାରି ରଖିଥିଲେ। ଏହି ଅବଧିରେ ଲୋକେ ତାଙ୍କୁ ସମାଲୋଚନା କରିଥିଲେ। କିନ୍ତୁ ସେ ତାଙ୍କ ଲକ୍ଷ୍ୟ ହାସଲ କରିବା ପରେ ସମସ୍ତେ ତାଙ୍କୁ ପ୍ରଶଂସା କରିବାରେ ଲାଗିଛନ୍ତି। କହିବାକୁ ଗଲେ ସମସ୍ୟାକୁ ସୁଯୋଗ (ନିଯୁକ୍ତି ବା ରୋଜଗାର)ରେ ପରିଣତ କରିପାରିଛନ୍ତି ପରମିନ୍ଦର। ତାଙ୍କ ଦ୍ୱାରା ତିଆରି କରାଯାଉଥିବା ଟାଇଲ ସମ୍ପୂର୍ଣ୍ଣ ଭାବେ ପାଣି ଓ ଅଗ୍ନି ପ୍ରତିରୋଧୀ। ଏସବୁକୁ ବିଶେଷକରି ଘରର ସିଲିଂରେ ଅଧିକ ବ୍ୟବହାର କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୨ ମାର୍ଚ୍ଚ ୧୯୭୬**

- ବଡ଼ ବଡ଼ ଶିଳ୍ପପତିଙ୍କ ଶିଳ୍ପାନୁଷ୍ଠାନର ହିସାବ କରି ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ତନଖି କରିବା ପାଇଁ କେନ୍ଦ୍ର କମ୍ପାନୀ ବ୍ୟାପାର ବିଭାଗ ଦୃଢ଼ ପଦକ୍ଷେପ ନେଇଛନ୍ତି।
- ଉତ୍ତର କୋରିଆ ଭାରତକୁ ଲେଡ୍, ଜିଙ୍କ, ଇସ୍ପାତ ପ୍ଲେଟ ଓ ୟୁରିଆ ପ୍ରଭୃତି ଯୋଗାଇଦେବା ସଂକ୍ରାନ୍ତରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ।
- ବ୍ରିଟେନ ରାଜକୁମାରଙ୍କ ପତ୍ନୀ ମାର୍ଗାରେଟ ଆନୁଷ୍ଠାନିକ ଭାବେ ତାଙ୍କ ସ୍ୱାମୀ ଲର୍ଡ ସ୍ନୋ ଡାଉନଙ୍କ ସହ ସମ୍ପର୍କ ଛିନ୍ନ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ନେତାଙ୍କ ଆଚରଣ ମାର୍ଜିତ ହେଉ

ମହାଶୟ,

ଲୋକସଭା ହେଉ ଅବା ରାଜ୍ୟସଭାରେ ସାଂସଦ ତଥା ବିଧାନସଭା ସଦସ୍ୟଙ୍କ ବିଶୃଙ୍ଖଳିତ ଆଚରଣ ଓ ଉଚ୍ଚାରଣ ପ୍ରଦର୍ଶନ ଉପରେ ଅଙ୍କୁଶ ଲଗାଯିବା ଉଚିତ। ଏଥିପାଇଁ ନିର୍ବାଚନ ଆଇନରେ କଠୋର ଦଣ୍ଡ ବ୍ୟବସ୍ଥା କରାଯିବା ସହ ସେମାନଙ୍କ ସଦସ୍ୟତା ପଦକୁ ରଦ୍ଦ କରାଯିବା ଉପରେ ବିଚାର କରିବାର ଆବଶ୍ୟକତା ଜରୁରୀ । ଏହାଦ୍ୱାରା ସେମାନଙ୍କୁ ଶୃଙ୍ଖଳିତ କରାଇବାର ସଚେତନତା ଆଣିବ। ଉଭୟ ଶାସକଦଳ ଓ ବିରୋଧୀଦଳ ପରସ୍ପର ମଧ୍ୟରେ ଅସଂଯତ, ଅଭଦ୍ରୋଚିତ ଟିପ୍ପଣୀ ଦେବା, ମାରପିଟ ହେବା, ଚୌକି ଟେବୁଲ ଏବଂ ମାଇକକୁ ଭାଙ୍ଗିଦେବା, ବାଚସ୍ପତିଙ୍କ ଉପରକୁ ଚପଲ ଫୋପାଡ଼ିବା କେତେ ଯଥାର୍ଥତା ବହନ କରୁଛି, କେବଳ ସେମାନେ ହିଁ ଉତ୍ତର ଦେବେ। ଏହା ଅତ୍ୟନ୍ତ ଦୁଃଖଦ ଓ ଦୁର୍ଭାଗ୍ୟଜନକ ବୋଲି କୁହାଯାଇପାରେ। ଗୃହମଧ୍ୟରେ ବିଭିନ୍ନ ଦଳୀୟ ନେତାଙ୍କ ଆଚରଣ ଓ ସମାଲୋଚନା ସର୍ବଦା ମାର୍ଜିତ ଓ ଶୁଦ୍ଧ ହେଲେ ସେମାନେ ଲୋକଙ୍କ ପ୍ରିୟଭାଜନ ହୋଇପାରିବେ।

**– ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆସ ମୋର ଦିବସ କ୍ରୀଡ଼ା
ଆମ ଗୋ ମୋର ସାନ୍ଧ୍ୟ ବ୍ରୀଡ଼ା
ଶ୍ରାବଣ ଘନ ନିଶୀଥ ପୀଡ଼ା-ବ୍ୟଞ୍ଜନା
ଆସ ଗୋ ଉଷା-ପ୍ରତୀଚୀ-ଭାଲ-ରଞ୍ଜନା।
-(ବର୍ଷା ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# କାର୍ଯ୍ୟଚ୍ୟୁତ ପାରାମେଡିକାଲ କର୍ମଚାରୀଙ୍କ ଧାରଣା ସ୍ଥଗିତ

**ନବରଙ୍ଗପୁର, ୨୧ା୩(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଉଥିବା କାର୍ଯ୍ୟଚ୍ୟୁତ ପାରା ମେଡିକାଲ କର୍ମଚାରୀ ଶୁକ୍ରବାର ଏହାକୁ ସ୍ଥଗିତ ରଖିଛନ୍ତି। ଅତ୍ୟଧିକ ଗରମ ଓ ଖରା ଯୋଗୁ ପରମେଡିକାର ମହିଳା ସ୍ୱାସ୍ଥ୍ୟ କର୍ମୀମାନେ ଧାରଣାସ୍ଥଳରେ ସମସ୍ୟା ଭୋଗୁଥିଲେ। ଏହା ମଧ୍ୟରେ ଜିଲା ପ୍ରଶାସନ ସେମାନଙ୍କୁ ପୁନଃ ଅବସ୍ଥାପିତ ପାଇଁ ସରକାରଙ୍କୁ ଚିଠି କରିଛନ୍ତି। ଏହାକୁ ଦୃଷ୍ଟିରେ ରହି ଆନ୍ଦୋଳନ ସ୍ଥଗିତ କରାଯାଇଛି। ଏପ୍ରିଲ ୨୬ ସୁଦ୍ଧା ଦାବି ପୂରଣ ନ ହେଲେ ଆନ୍ଦୋଳନନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ନବରଙ୍ଗପୁର ଜିଲା ସ୍ୱାସ୍ଥ୍ୟ ବିଭାଗରେ ଭୁବନେଶ୍ୱରର ଏକ ଆଉଟ ସୋର୍ସିଂ ସଂସ୍ଥା ମାଧ୍ୟମରେ ୨୦୨୪ରେ ନିଯୁକ୍ତି ପାଇଥିବା ୩୭ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ କାର୍ଯ୍ୟଚ୍ୟୁତ କରାଯାଇଥିଲା। ଏହା ପୂର୍ବରୁ ସେମାନଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା। ଜିଲା ସ୍ୱାସ୍ଥ୍ୟ ବିଭାଗର ଏହି ନିଷ୍ପତ୍ତିକୁ କର୍ମଚାରୀମାନେ ନାପସନ୍ଦ କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜାନୁଆରୀ ୧୨ରୁ ପ୍ରତୀକ ଧାରଣା ଦେଉଥିଲେ। କଂଗ୍ରେସର ମୁନା ତ୍ରିପାଠୀ, ଅବଦୁଲ ଫିରଜ, ଅନୁସୂଚିତ ଜାତି ଓ ଜନଜାତି ପରିସଂଘ ସଭାପତି ଭଗବାନ ବୈରାଗୀ, ଅବିଭକ୍ତ କୋରାପୁଟ ଜିଲା ମୂଳନିବାସୀ ବିକାଶ ପରିଷଦର ଅଧ୍ୟକ୍ଷ ଚନ୍ଦ୍ରଧ୍ୱଜ ମାଝୀ, ବିଜେଡିର ସରୋଜ ପାତ୍ର, ଉତ୍ତମ ତ୍ରିପାଠୀ, ବିଜେଡି ଜିଲା ସଭାନେତ୍ରୀ ମଞ୍ଜୁଳା ମାଝୀ, ପ୍ରକାଶ ସାମନ୍ତରାୟଙ୍କ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଧାରଣାକୁ ସମର୍ଥନ କରୁଥିଲେ। ଚଳିତ ମାସ ୧୮ ତାରିଖରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହିତ ବିଭିନ୍ନ ସଙ୍ଗଠନ ନେତା ଓ ମୁଖିଆ ଆଲୋଚନା କରିଥିଲେ। ଖାଲିଥିପଡିଥିବା ପଦବୀ ପୂରଣ ପାଇଁ କର୍ପସ ପାଣ୍ଠିରୁ ଦରମା ବ୍ୟବସ୍ଥା ସହ ନିୟୋଜିତ କରାଯିବା ନେଇ ପ୍ରତିଶ୍ରୁତି ମିଳିଥିଲା। ଗରମ ଖରା ଓ ସିଡିଏମଓଙ୍କ ସହିତ ଆଲୋଚନା ପରେ ପ୍ରତିଶ୍ରୁତିକୁ ଦୃଷ୍ଟିରେ ରଖି ଆନ୍ଦୋଳନ ସ୍ଥଗିତ କରାଇଛନ୍ତି। ଦାବି ପୂରଣ ନହେଲେ ପୁଣି ଅନ୍ୟ ଆନ୍ଦୋଳନ କରାଯିବ ବୋଲି କଂଗ୍ରେସ ନେତା ମୁନା ତ୍ରିପାଠୀ କହିଛନ୍ତି।



କଂଗ୍ରେସ ନେତା ମୁନା ତ୍ରିପାଠୀ ଓ ସଂଗଠନର ସଦସ୍ୟମାନେ ଧାରଣାରୁ ହଟିବାକୁ ପାରା ମେଡିକାଲ କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି ।

# ୨୫ରେ ଜିଲାସ୍ତରୀୟ ନିଯୁକ୍ତି ମେଳା



ଅଧିକାରୀମାନେ ଆଲୋଚନା କରୁଛନ୍ତି।

**ନବରଙ୍ଗପୁର, ୨୧ା୩ (ସଦାଶିବ ପ୍ରହରାଜ)**

**ଦୂର ବ୍ଲକର ଯୁବତୀ ଯୁବକଙ୍କ ପାଇଁ ବସ୍ ବ୍ୟବସ୍ଥା**

ଆସନ୍ତା ୨୫ ତାରିଖରେ ନବରଙ୍ଗପୁର ରାଜା ଚୈତନ୍ୟ ଦେବ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହେବ। ଏ ନେଇ ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ଏବଂ ଜିଲା ନିୟୋଜନ ତଥା ଦକ୍ଷତା ବିକାଶ ବିଭାଗ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତପନ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଯୁଗ୍ମ ସଚିବ ଦୀପ୍ତି ମହାପାତ୍ର, ଦକ୍ଷତା ବିକାଶ ଜିଲା କର୍ମ ନିୟୋଜନ ତଥା ଦକ୍ଷତା ବିକାଶ ଅଧିକାରୀ ଆନନ୍ଦ ପଲେଇ, ଡିଆଇପିଆରଓ ମନୋଜ ବେହେରା, ଅତିରିକ୍ତ ଦକ୍ଷତା ବିକାଶ ଅଧିକାରୀ ଶୁଭମ୍ ମହାପାତ୍ର ଉପସ୍ଥିତ ଥିଲେ। ନିଯୁକ୍ତି ମେଳା ୨୫ ତାରିଖ ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୩୫ ନିଯୁକ୍ତି ଦାତା ସଂସ୍ଥା ଏବଂ ୧୦ରୁ ୧୨ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ଯୋଗ ଦେବେ। ଜିଲାର ବେକାର ଯୁବତୀ ଯୁବକ ପ୍ରକଳ୍ପ କାର୍ଯ୍ୟକାରୀଣି ସଂସ୍ଥା ମାଧ୍ୟମରେ ଜିଲା ଏବଂ ବାହାରେ ତାଲିମ ନେଇ ନିଶ୍ଚିତ ନିଯୁକ୍ତି ସୁଯୋଗ ହାସଲ କରିପାରିବେ। ରୋଜଗାର ସନ୍ଧାନରେ ଥିବା ଅନ୍ୟୁନ ୫ମ ପାସ୍ କରିଥିବା ଯୁବତୀ ଯୁବକ ଏହି ମେଳାରେ ଭାଗ ନେଇପାରିବେ। ଶିକ୍ଷାଗତ ଯୋଗ୍ୟତା, ବାସିନ୍ଦା ପ୍ରମାଣପତ୍ର, ଜାତି ପ୍ରମାଣପତ୍ର, ଫଟୋ ସହିତ ନିଯୁକ୍ତି ମେଳାରେ ଯୋଗ ଦେଇପାରିବେ। ନିଯୁକ୍ତି ମେଳାରେ ଦୂରଦୁରାନ୍ତରୁ ଯୋଗ ଦେବାକୁ ଆସୁଥିବା ରାଇଘର, ଚନ୍ଦାହାଣ୍ଡି ଓ ଝରିଗାଁ ବ୍ଲକ ଆଶାୟୀ ପ୍ରାର୍ଥୀଙ୍କ ପାଇଁ ୨ଟି ବସ୍‌ର ବ୍ୟବସ୍ଥା କରାଯାଉଛି। ମେଳାରେ ଆସୁଥିବା ପାର୍ଥିଙ୍କ ପାଇଁ ପାନୀୟ ଜଳ, ଖାଦ୍ୟ, ଶୌଚାଳୟ ବ୍ୟବସ୍ଥା ରହିଛି। ଏହି ମେଳାର ପ୍ରଚାର ପ୍ରସାର ପାଇଁ ଖବରଦାତାଙ୍କୁ ସହକାରୀ ସଚିବ ଏବଂ କର୍ମ ନିୟୋଜନ ଅଧିକାରୀ ଅନୁରୋଧ କରିଥିଲେ।

# ୨ ବାଲି ବୋଝେଇ ଟ୍ରାକ୍ଟର ଜବତ



ଜବତ ଟ୍ରାକ୍ଟର।

**ଉମରକୋଟ, ୨୧ା୩(ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଉମରକୋଟ ଏସ୍‌ଡିପିଓ ଶୁଭେନ୍ଦୁ ଶବରଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ପୋଲିସ ୨ ବାଲି ବୋଝେଇ ଟ୍ରାକ୍ଟର ଜବତ କରି ଥାନାରେ ଅଟକ ରଖିଛି। ଉମରକୋଟ ପୋଲିସ ବାଲି ଚାଲାଣ ଖବରପାଇ ତୋହରା ଗ୍ରାମ ବନିପଦର ଛକରେ ୨ଟି ଟ୍ରାକ୍ଟରକୁ ଅଟକାଇ ଥିଲା। ବିନା ରୟାଲିଟିରେ ତୋହରା ଅଞ୍ଚଳରୁ ବାଲି ରାଇଘର ଅଞ୍ଚଳକୁ ଚାଲାଣ ହେଉଥିବା ଯାଞ୍ଚବେଳେ ଜଣାପଡ଼ିଥିଲା। ପୋଲିସ ଟ୍ରାକ୍ଟରକୁ ଆଣି ଥାନାରେ ରଖିଛି। ଗୋଟେ ଟ୍ରାକ୍ଟରର ଇଞ୍ଜିନ ନମ୍ବର (ଓଡି-୨୪ବି-୨୪୨୮) ଓ ଡାଲା ନମ୍ବର (ଓହି-୨୪ବି-୨୪୨୯) ଥିବାବେଳେ ଅନ୍ୟଟି ନମ୍ବର ବିହୀନ ଟ୍ରାକ୍ଟର। ଗାଡ଼ି ଜବତବେଳେ ଉମରକୋଟ ଥାନା ସବ୍ ଇନ୍ସପେକ୍ଟର ଅକ୍ଷୟ ମିଶ୍ର ଓ ଶିବଜୀ ପଣ୍ଡା ଉପସ୍ଥିତ ଥିଲେ। ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଶିକ୍ଷକଙ୍କ ଚାପୁଡ଼ାରେ ଛାତ୍ରଙ୍କୁ ଶୁଭୁ ନ ଥିବା ଅଭିଯୋଗ

**ନନ୍ଦାହାଣ୍ଡି, ୨୧ା୩ (ପ୍ରଦୀପ କୁମାର ଦାଶ)**

ବିଦ୍ୟାଳୟ ପରିସରକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରିଛନ୍ତି ସରକାର। ସ୍କୁଲ ପିଲାଙ୍କୁ ମାଡ଼ମାରିବା ଏକ ଅପରାଧ ଏବଂ ମାଡ଼ ମାରିଥିବା ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାର ମଧ୍ୟ ନିୟମ ରହିଛି। ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍ ବି.ମାଳିଗୁଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଏହି ନିୟମ ଉଲ୍ଲଂଘନ ହୋଇଥିବା ଅଭିଯୋଗ ଆସିଛି। ସ୍କୁଲ ଶିକ୍ଷକ ଅଶ୍ୱିନୀ କୁମାର ପ୍ରଧାନଙ୍କ ଚାପୁଡ଼ାରେ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ କାନକୁ ଶୁଭୁ ନ ଥିବା ଅଭିଯୋଗ କରିଛନ୍ତି ଛାତ୍ରଙ୍କ ବାପା।

ମିଳିଥିବା ସୂଚନାନୁଯାୟୀ, ହୋମ୍‌ୱାର୍କରେ ସାମାନ୍ୟ ତ୍ରୁଟି ଥିବାରୁ ୨ ଦିନ ତଳେ କୁନାଲଙ୍କୁ ଶିକ୍ଷକ ଅଶ୍ୱିନୀ ବାରମ୍ବାର ଚାପୁଡ଼ା ମାରିଥିଲେ। ଫଳରେ କୁନାଲଙ୍କ କାନ ଭିତରେ ଯନ୍ତ୍ରଣା ହୋଇଥିଲା। ପରେ ସେହି କାନକୁ ଶୁଭୁ ନ ଥିବାରୁ ସେ ତାଙ୍କ ଘରେ ଘଟଣା ସମ୍ପର୍କରେ ଜଣାଇଥିଲେ। କୁନାଲଙ୍କ ବାପା ଲଛମନ ହରିଜନ ଘଟଣା ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁଙ୍କୁ ଲିଖିତଭାବେ ଜଣାଇଥିଲେ। ଶିକ୍ଷକ ଜଣକ ବିଭିନ୍ନ ବାହାନାକରି ଅନେକ ସମୟରେ ସ୍କୁଲରେ ଅନୁପସ୍ଥିତ ରୁହନ୍ତି। ଏ ନେଇ ଅଭିଯୋଗକଲେ ମଧ୍ୟ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପୋଷାକ ବଣ୍ଟନ ଏବଂ ମଧ୍ୟାହ୍ନଭୋଜନରେ ମଧ୍ୟ ବହୁତ ହେରଫେର ଅଭିଯୋଗ ଆଣି ଘଟଣାର ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅଭିଯୋଗ ସମ୍ପର୍କରେ ଶିକ୍ଷକ ଅଶ୍ୱିନୀ ପ୍ରଧାନଙ୍କୁ ତାଙ୍କ ଟେଲିଫୋନ୍ ନମ୍ବର ୭୦୦୮୭୬୮୬୨ରେ ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ତାହାର ଉତ୍ତର ଦେଇ ନ ଥିଲେ। ଘଟଣା ସମ୍ପର୍କରେ ପ୍ରଧାନ ଶିକ୍ଷକ ଆଲୋକ ଦାଶଙ୍କ ପଚାରିବାରୁ ଶିକ୍ଷକ ଅଶ୍ୱିନୀଙ୍କୁ ଏକ କାରଣ ଦର୍ଶାଅ ନୋଟିସ କରିଥିବା କହିଛନ୍ତି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ଅଛି। ଘଟଣାର ତଦନ୍ତ ସହ ୩ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।



କୁନାଲ ଓ ତାଙ୍କ ବାପା ଅଭିଯୋଗ କରୁଛନ୍ତି।

# ଜଙ୍ଗଲରେ ନିଆଁ ନ ଲଗାଇବାକୁ ସଚେତନତା

**ମାଥିଲି, ୨୧ା୩(ସୁବାଷ ଚନ୍ଦ୍ର ଖୁଡ଼ୁପିଆ)**

ମାଥିଲି ଫରେଷ୍ଟ ରେଞ୍ଜ ବନାଞ୍ଚଳରେ ବନ କର୍ମଚାରୀମାନେ ଜଙ୍ଗଲରେ ନିଆଁ ନ ଲଗାଇବାକୁ ସଚେତନ କରୁଛନ୍ତି। ଜଙ୍ଗଲରେ ନିଆଁ ନ ଲଗାଇବା ସହ ନିଆଁ ଲାଗିଥିବା ଦେଖିଲେ ସଙ୍ଗେସଙ୍ଗେ ସ୍ଥାନୀୟ ବନ କର୍ମଚାରୀଙ୍କୁ ଜଣାଇବାକୁ ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ କହିଛନ୍ତି।

ସ୍ଥାନୀୟ ଲୋକେ ସଚେତନତା ଅଭାବ, ଜଙ୍ଗଲ ନିଆଁର କୁପରିଣାମ ସମ୍ପର୍କରେ ଅବଗତ ନ ହୋଇ କେନ୍ଦୁପତ୍ର ଓ ମହୁଏ ବାହାନାରେ ଜଙ୍ଗଲରେ ବାହା ନାଁରେ ଲୋକେ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି। ଫଳରେ ଜଙ୍ଗଲର ବହୁମୂଲ୍ୟ ସମ୍ପଦ, ଆଦିବାସୀମାନଙ୍କ ଜଡିବୁଟି ଗଛ ଆଦି ପୋଡ଼ି ନଷ୍ଟ ହୋଇଯାଉଛି। ଏଥିସହ ପଶୁ ପକ୍ଷୀ ଗାଁ ମୁହାଁ ହେଉଛନ୍ତି। ଜଙ୍ଗଲ ସମ୍ପଦ ନଷ୍ଟ ହେଉଛି। ତେଣୁ ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ ଗାଁ କୁ ଗାଁ ବୁଲି ବୁଲି ଲୋକଙ୍କୁ ସଚେତନତା କରୁଛନ୍ତି। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ଆମ ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି କହିଥିଲେ। ଜଙ୍ଗଲରେ ନିଆଁ ଲାଗିଥିଲେ ସଙ୍ଗେ ସଙ୍ଗେ ଫରେଷ୍ଟ ଗାର୍ଡ଼ ଓ ଫରେଷ୍ଟରଙ୍କୁ କିମ୍ବା ରେଞ୍ଜ ଅଫିସରଙ୍କୁ ଜଣାଇଲେ ନିଆଁକୁ ଆୟତ୍ତ କରିହେବ ବୋଲି ଲୋକଙ୍କୁ ବୁଝାଯାଇଛି।



ମାଥିଲି ଜଙ୍ଗଲରେ ଲାଗିଥିବା ନିଆଁ ।

# ପଞ୍ଚାୟତିରାଜ ବିଭାଗ ଯୁଗ୍ମ ନିର୍ଦ୍ଦେଶକଙ୍କ କ୍ଷେତ୍ର ପରିଦର୍ଶନ

**ନବରଙ୍ଗପୁର, ୨୧ା୩(ସଦାଶିବ ପ୍ରହରାଜ)**

ପଞ୍ଚାୟତିରାଜ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ବିମ୍ବାଧର ସେଠୀ କୋଷାଗୁମୁଡା ବ୍ଲକରେ କ୍ଷେତ୍ର ପରିଦର୍ଶନ କରିଛନ୍ତି। ପଥମେ ସେ କୋଡ଼ିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ମହିଳା ଓ ଏସ୍‌ଏଚ୍‌ଜିଙ୍କୁ ଭେଟି ସେମାନଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ଯୋଗ୍ୟ ହିତାଧିକାରୀ ଘର ପାଇଛନ୍ତିକି ନାହିଁ ଓ ସେମାନଙ୍କ କଣ ସମସ୍ୟା ରହିଛି ସେନେଇ ୪ ଜଣ ହିତାଧିକାରୀଙ୍କ ଘରକୁ ଯାଇ ବୁଝିଥିଲେ। ସେଠାରୁ କୋଷାଗୁମୁଡ଼ା ସଦର ମହାକୁମାରେ ଥିବା ମିଶନଶକ୍ତି କାଫେକୁ ଯାଇଥିଲେ। କାଫେ ଦେଖି ସେ ଖୁସି ବ୍ୟକ୍ତ କରିଥିଲେ। ପରେ ବ୍ଲକ କାର୍ଯ୍ୟାଳୟ ସମସ୍ତ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ବ୍ଲକରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ସିଡିଓ ବିରଞ୍ଚି ନାରାୟଣ ଦରୱାନ, ବିଡିଓ ଅସିତ୍ ତ୍ରିପାଠୀ, ଏପିଡ଼ି(ଗ୍ରାମୀଣ ଆବାସ) ଦେବସ୍ମିତା, ବ୍ଲକ ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।




କୋଷାଗୁମୁଡ଼ାସ୍ଥିତ ମିଶନ ଶକ୍ତି କାଫେରେ ପଞ୍ଚାୟତିରାଜ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ବିମ୍ବାଧର ସେଠୀ ଓ ଅନ୍ୟମାନେ।

# ପ୍ରଥମ ଦିନରେ ଦଣ୍ଡାମୁଣ୍ଡା, ଚନ୍ଦାହାଣ୍ଡି ଦଳ ବିଜୟୀ

**ଚନ୍ଦାହାଣ୍ଡି, ୨୧ା୩(ଦିଲୀପ ଦାସ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାଟଖଲିଆ ପଞ୍ଚାୟତ ଅଧୀନରେ ଥିବା ଧୁରୁଆପଡ଼ା ଗ୍ରାମର ମାଁ ଠାକୁରାଣୀ ଯୁବକ ସଙ୍ଘ ଆନୁକୂଲ୍ୟରେ ସ୍ଥାନୀୟ ତାମ୍ରଧ୍ୱଜ ବାଘ ଷ୍ଟାଡିୟମରେ ରାତ୍ରକାଳୀନ କ୍ରିକେଟ ପ୍ରତିଯୋଗିତାର ତୃତୀୟ ସଂସ୍କରଣ ଉଦ୍‌ଘାଟିତ ହୋଇଛି। ରୂପେ ପାଟଖଲିଆ ସରପଞ୍ଚ ସୁଶୀଳା ପୂଜାରୀ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ପାଟଖଲିଆ ସମିତି ସଭ୍ୟା ନିରୁପମା ଧୂରୁଆ, ପୂର୍ବତନ ସରପଞ୍ଚ ହର ପୂଜାରୀ, ଦଳବେଡା ସମିତି ସଭ୍ୟ ଟେକରାମ ମାଝୀ, ଶୋଭାସିଂ ପୂଜାରୀ, ଡମ୍ବରୁ ବାଘ ଯୋଗଦେଇଥିଲେ। ଅତିଥିମାନେ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିବା ପରେ ପ୍ରଥମେ ମ୍ୟାଚ ଦଣ୍ଡାମୁଣ୍ଡା ଓ ଫଟକି ମଧ୍ୟରେ ଖେଳା ଯାଇଥିଲେ।

ଦଣ୍ଡାମୁଣ୍ଡା ଦଳ ବ୍ୟାଟର ଟିଙ୍କୁ ୩୮ ବଲରେ ୧୨୦ ରନ କରିଥିଲେ। ଦଳ ୧୦ ଓଭରରେ ୧୭୮ ରନ୍ କରିଥିଲା। ଫଟକି ଦଳ ୯.୩ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୭୮ ରନ କରିଥିଲା। ଦଣ୍ଡାମୁଣ୍ଡା ଦଳ ବ୍ୟାଟର ଟିଙ୍କୁଙ୍କୁ ମ୍ୟାନ୍ ଅଫ ଦ ମ୍ୟାଚ ଭାବେ ବିବେଚିତ କରାଯାଇଛି। ଦ୍ୱିତୀୟ ମ୍ୟାଚ ଗୌରଝରିଆ ସହିତ ଚନ୍ଦାହାଣ୍ଡି ମଧ୍ୟରେ ଖେଳାଯାଇଥିଲା। ଚନ୍ଦାହାଣ୍ଡି ପ୍ରଥମେ ଟସ ଜିତି ଗୌରଝରିଆକୁ ବ୍ୟାଟିଙ୍ଗ ଦେଇଥିଲା। ଗୌରଝରିଆ ୧୦ ଓଭରରେ ୫ ଉଇକେଟ ହରାଇ ୧୦୫ କରିଥିଲା। ଚନ୍ଦାହାଣ୍ଡି ଦଳର ରିଙ୍କୁ ୧୪ ବଲରେ ୪୦ ରନ କରିଥିଲେ। ଦଳ ୯.୨ ଓଭରରେ ମ୍ୟାଚ ଜିତିଯାଇଥିଲା। ରିଙ୍କୁଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଦିଆଯାଇଛି। ପବିତ୍ର ସୁନା, ହେମାନନ୍ଦ ପୂଜାରୀ, ତ୍ରିନାଥ ଡ଼ଙ୍ଗରି ଓ ସୁପେତ ପୂଜାରୀ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ବିପିନ ପୂଜାର ସ୍କୋରର, ଭାଷ୍ୟକାର ଭାବେ ଝରିଗାଁ ବ୍ଲକ ରାନୀ ଚଚରା ଗ୍ରାମର ନୀଳକଣ୍ଠ ସାନ୍ତା ( ବୁଲୁ ) ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତାକୁ ସକଳ ପୂଜାରୀ, ଅକ୍ଷୟ ଧୂରୁଆ, ନିମନ ଧୂରୁଆ, କୃତିବାସ ଝାଙ୍କର, ଦେବେନ୍ଦ୍ର ଧୂରୁଆ, ଅର୍ଜୁନ ପୂଜାରୀ, ହେମନ୍ତ ଧୂରୁଆ, ପ୍ରଶାନ୍ତ ନେତାମ, ଟଙ୍କଧର ବାଘ, ପର୍ଶୁରାମ ଧୂରୁଆ, ବଳରାମ ପୂଜାରୀ, ମନଧର ସୁନା, ଜୟରାମ ପୂଜାରୀ, ଶିବ ଧୂରୁଆଙ୍କ ସମେତ ଧୂରୁଆପଡା ଗ୍ରାମର ସମସ୍ତ ଗ୍ରାମବାସୀ ଓ ମାଁ ଠାକୁରାଣୀ ଯୁବକ ସଂଘ ସଦସ୍ୟମାନେ ପରିଚାଳନା କରୁଥିଲେ।

**ମାଁ ଠାକୁରାଣୀ ରାତ୍ରିକାଳୀନ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ**



ଅତିଥିମାନେ ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି।

**ଏକତା, କୋରାପୁଟ**

**ସତ୍ୟ, ନିରପେକ୍ଷ ଖବରକାଗଜ ଧରିତ୍ରୀର ସମସ୍ତ ପାଠକ ପାଠିକାଙ୍କୁ ଶୁଭେଚ୍ଛା।**

ଏକତା, କୋରାପୁଟ ମୁଖ୍ୟତଃ ସ୍ୱାସ୍ଥ୍ୟ, ଶିଶୁମାନଙ୍କର ଅଧିକାର, ଦିବ୍ୟାଙ୍ଗଜନ ଏବଂ ଯତ୍ନକାରୀମାନଙ୍କର ବିଭିନ୍ନ ସୁବିଧା ସୁଯୋଗ ଓ ଅଧିକାର ଏବଂ ଜୀବନ ଜୀବିକାରେ ଉନ୍ନତି ଆଣିବାରେ କାମ କରୁଅଛି। ସେହିପରି ଆଦିବାସୀ କଳା, ସଂସ୍କୃତି, ଜୀବନଶୈଳୀ, ଚାଲିଚଳଣ ଓ ପରମ୍ପରାକୁ ନେଇ ଆଗାମୀ ଦିନମାନଙ୍କରେ ନୂତନ ପିଢ଼ି ଏହାକୁ କିପରି ବଜାୟ ରଖିପାରିବେ ସେ ଉପରେ ଗୁରୁତ୍ୱ ଦେଉଅଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

HIRING
ASM, SO, SE, SR required
for formation of new Sales team for all districts of Odisha for a FMCG company located in Jagatpur, Cuttack. Freshers & experienced candidates are welcomed. Immediate hiring.
Contact ✆ 7978944424

JALAN GROUP OF INDUSTRIES
(Infrastructure - Road & Highways)
WALK-IN-INTERVIEW - BULK HIRING
At: Rourkela, Jharsuguda, Sambalpur

Jalan Infrastructure LLP, Winner of 2025 Emerging Infrastructure Award & 2024 Eastern India Best Employer Brand, a company working with NHAI, MORTH, PWD etc., for Road and Highway construction has vacancies at sites in Cuttack, Kandhamal, Sambalpur and Bhubaneswar Regional Office.

| Sl. No. | Post | Sl. No. | Post |
|---|---|---|---|
| 1 | Project Manager | 5 | QS Billing |
| 2 | Site/Highway Engineer | 6 | Store Keeper-in-Charge |
| 3 | Supervisor (Road) | 7 | Liaison-cum-Admin Officer |
| 4 | Mechanics | | |

22nd March, Panthanivas, OTDC, Sector-5, Rourkela 11.00 A.M. to 6.00 P.M.
23rd March, Hotel Meghdoot, Station Road, Jharsuguda 11.00 A.M. to 6.00 P.M.
24th March, Panthanivas, OTDC, Hans Nagar, Sambalpur 11.00 A.M. to 6.00 P.M.
Contact Person: Ms. Sahana Mitra, Mobile: 7439689940
email: hradmin@jalangroup.co.in
Website: www.jalangroupofindustries.com
Minimum 3 years of Road Construction Experience Required

ଧରିତ୍ରୀ DHARITRI Oriya daily
WANTED

| POSITION | ELIGIBILITY | LOCATION |
|---|---|---|
| OFFICE EXECUTIVES | ▸ Responsibilities will include coordinating and scheduling advertising activities, managing campaign calendars, maintaining data & billing of advertisements. ▸ Candidates should be well equipped with Back office work, MS Office & should have basic knowledge of Tally. ▸ Minimum 3 years experience in print media will be preferred. | BHUBANESWAR |
| CIRCULATION EXECUTIVES | ▸ 2-3 years sales experience in print media. ▸ Oversee distribution to subscribers, retailers & customers. ▸ Willingness to travel & keep in touch with agents. Collection of outstanding dues. Own bike or transport will be preferred. ▸ Proficiency in MS-Office. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

# ପାନୀୟ ଜଳ, ବିଦ୍ୟୁତ୍ ସମସ୍ୟା ଦୂର ନ ହେଲେ ଆନ୍ଦୋଳନ

**ରାୟଗଡ଼ା,୨୧।୩(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଏକ ଖଣିଜ ସମ୍ପଦ ଭରା ଅଞ୍ଚଳ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ବିଶେଷ ଭାବେ ବକ୍ସାଇଟ ଖଣି ପାଇଁ ଦେଶ ପ୍ରସିଦ୍ଧି ଲାଭ କରିଛି । ହେଲେ ରାୟଗଡ଼ା ଜିଲା ଗଠନର ୩୨ବର୍ଷ ଅତିକ୍ରମ କରିଥିଲେ ହେଁ ଆଜି ବି କାଶୀପୁର ବ୍ଲକର ବହୁ ଗ୍ରାମାଞ୍ଚଳ ପାନୀୟ ଜଳ, ବିଦ୍ୟୁତ୍ ସେବା ଭଳି ମୌଳିକ ସୁବିଧାରୁ ବଞ୍ଚିତ ରହିଛି । ଏ ନେଇ ଅଞ୍ଚଳର ବିଭିନ୍ନ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁବିଧା ମିଳୁ ନ ଥିବା ଅଞ୍ଚଳବାସୀ କହିଛନ୍ତି । ଏ ନେଇ କାଶୀପୁର ବ୍ଲକ ଅର୍ନ୍ତଗତ ପରଜାଶିଳା ଗ୍ରାମର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ପରିବାର ଶୁକ୍ରବାର ରାୟଗଡ଼ା ଆସି ପାନୀୟ ଜଳ ଓ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ପାଇଁ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଥିଲେ । ଅତିରିକ୍ତ ଜିଲାପାଳ ନବୀନ ନାୟକ ଦାବିପତ୍ର ଗ୍ରହଣ କରି ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି ।


ଦାବିପତ୍ର ଦେବାକୁ ଆସିଥିବା ପରଜାଶିଳା ଗ୍ରାମବାସୀ।

### ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ପରଜାଶିଳା ଗ୍ରାମବାସୀ

ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଗ୍ରାମରେ ଜଳ ଯୋଗାଣ ବ୍ୟବସ୍ଥା ନ ଥିବା କାରଣରୁ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି । ସେହିଭଳି ବିଦ୍ୟୁତ୍ ସେବା ବ୍ୟବସ୍ଥା ନ ଥିବାରୁ ଅନ୍ଧାର ହେଲେ କେହି ଘରୁ ବାହାରିବାକୁ ଭୟ କରୁଛନ୍ତି । ଏଭଳିକି ଗ୍ରାମର ପାଠ ପଢୁଥିବା ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶ ଓ ଉନ୍ନତି ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିଲେ ମଧ୍ୟ ଜିଲାରେ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବ ଯୋଗୁ ଯୋଜନା କେବଳ କାଗଜକଲମରେ ସଫଳ ରୂପାୟନ ନେଉଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ । ଏନେଇ ବରିଷ୍ଠ କଂଗ୍ରେସ ନେତା ଦୁର୍ଗା ପ୍ରସାଦ ପଣ୍ଡା କହିଛନ୍ତି, କାଶୀପୁର ବ୍ଲକରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଯନ୍ତ୍ରୀ ନିଜ ସ୍ୱାର୍ଥ ପାଇଁ କିଛି ଦଲାଲଙ୍କ ସହିତ ମିଶି କାମ କରୁଛନ୍ତି, ହେଲେ ଅଞ୍ଚଳବାସୀଙ୍କ କୌଣସି ସୁବିଧା କରୁନାହାନ୍ତି । ତେଣୁ ଜିଲା ପ୍ରଶାସନ ଏଥିପ୍ରତ ଦୃଷ୍ଟି ଦେଇ ତୁରନ୍ତ ଅଞ୍ଚଳବାସୀଙ୍କ ସମସ୍ୟା ସମାଧାନ କରନ୍ତୁ ନଚେତ୍ କଂଗ୍ରେସ ଅଞ୍ଚଳବାସୀଙ୍କ ସହିତ ରାଜରାସ୍ତାକୁ ଓହ୍ଲାଇବ ବୋଲି କହିଛନ୍ତି ଦୁର୍ଗା ପଣ୍ଡା । ଏହି ଦାବିପତ୍ର ପ୍ରଦାନ ବେଳେ ଅଞ୍ଚଳବାସୀଙ୍କ ସମେତ କଂଗ୍ରେସ ନେତା ଦୁର୍ଗା ପଣ୍ଡାଙ୍କ ସମେତ ପାର୍ଥ ବର୍ଦ୍ଧନ ଓ ହୁତାଶନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ନିଖୋଜର ୧୧ ଦିନ ପରେ ଶିଶୁପୁତ୍ର ମୃତଦେହ ଠାବ

**ରାୟଗଡ଼ା,୨୧।୩(ଆଶିଷ ରଞ୍ଜନ ପଣ୍ଡା)**

ନିଖୋଜର ୧୧ ଦିନ ପରେ ଜଣେ ୧୩ ମାସର ଶିଶୁପୁତ୍ରର ମୃତଦେହକୁ ଶୁକ୍ରବାର ଠାବ କରିଛି ରାୟଗଡା ଜିଲା କଲ୍ୟାଣସିଂହପୁର ପୋଲିସ । ମୃତ ଶିଶୁ କଲ୍ୟାଣସିଂପୁର ବ୍ଲକ୍ ସଦର ପଞ୍ଚାୟତ ୧୫ ନମ୍ବର ୱାର୍ଡ ଘାଗୁଡିମାଳ ଗ୍ରାମର ଅଜିତ ନାଗବଂଶଙ୍କ ପୁଅ ବୋଲି ଜଣାପଡ଼ିଛି । ରାୟଗଡ଼ା ଏସ୍‌ଡିପିଓ ଗୌରହରି ସାହୁ ଓ ତଦନ୍ତକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଶିଶୁର ମୃତଦେହ ଜବତ କରି କୋରାପୁଟ ଏସ୍‌ଏଲଏନ୍ ମେଡିକାଲକୁ ପଠାଇଛନ୍ତି । ତେବେ ୧୩ମାସର ଶିଶୁ କିଭଳି ଘର ଲୋକଙ୍କ ଅଜାଣତରେ ଏତେ ଦୂର ଗଲା ଏବଂ ମୃତ୍ୟୁବରଣ କଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପରିବାରବର୍ଗ ମଧ୍ୟ କାହା ଉପରେ ସନ୍ଦେହ ନ ଥିବା ପ୍ରକାଶ କରିଛନ୍ତି ।

ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ଅଜିତ ଓ ଗ୍ରାମର କେତେଜଣ ଲୋକ ଘାଗୁଡିମାଳ ନାଳର ମଶାଣି ତୁଠକୁ ଶୌଚ ପାଇଁ ଯାଇଥିଲେ । ସେଠାରେ ପଚା ଦୁର୍ଗନ୍ଧ ହେବାରୁ ଖୋଜାଖୋଜି କରିଥିଲେ । ବୁଦାମୂଳରେ ଏକ ଶିଶୁର ମୃତଦେହ ପଡ଼ିଥିବା ଦେଖିଥିଲେ । ଶିଶୁ ପିନ୍ଧିଥିବା ଶାର୍ଟକୁ ଦେଖି ଅଜିତ ତାଙ୍କ ପୁଅ ବୋଲି ଚିହ୍ନି ପାରି ସ୍ଥାନୀୟ ପୋଲିସକୁ ଯୋଗାଯୋଗ କରିଥିଲେ । ଥାନା ଅଧିକାରୀ ନୀଳକଣ୍ଠ ବେହେରା,ଏସ୍‌ଆଇ ପୁରୁଷୋତ୍ତମ ଜାନି ଘଟଣାସ୍ଥଳରେ ପହଞ୍ଚି ଉପରିସ୍ଥ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ ।

ପ୍ରକାଶଥାଉକି, ଗତ ୧୦ ତାରିଖ ସନ୍ଧ୍ୟାରେ ନିଜର ୧୩ମାସର ଶିଶୁ ପୁତ୍ର ନିଖୋଜ ହୋଇଥିବା ନେଇ ବୁଧବାର ସକାଳୁ ଅଜିତ ଓ ତାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ନେଇ ଏସ୍‌ଡିପିଓ ସାହୁ ଓ ସ୍ଥାନୀୟ ପୋଲିସ ଡଗ୍ ସ୍କାଡ୍ ଟିମ୍ ସହ ଘାଗୁଡିମାଳ ଯାଇ ଖୋଜାଖୋଜି କରିଥିଲେ ହେଁ ଶିଶୁପୁତ୍ରର କୌଣସି ସନ୍ଧାନ ମିଳି ନ ଥିଲା ।

# ମାଟ୍ରିକ୍ ଖାତା ମୂଲ୍ୟାୟନ ବ୍ୟବସ୍ଥାରେ ସୁଧାର ଆଣିବା ଦାବି

**ଗୁଣପୁର,୨୧।୩(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲା ମାଟ୍ରିକ୍ ଖାତା ମୂଲ୍ୟାୟନ ବ୍ୟବସ୍ଥାରେ ସୁଧାର ଆଣିବା ଓ ଶିକ୍ଷକମାନଙ୍କୁ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇ ଦେବାକୁ ଏବିଭିପି ପକ୍ଷରୁ ଦାବି ହୋଇଛି । ଏ ନେଇ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଗଣ ଶିକ୍ଷା ବିଭାଗର ସଚିବ, ମାଧ୍ୟମିକ ଶିକ୍ଷା ପରିଷଦ ସଚିବ, ଜିଲାପାଳ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କ ମେଲ ଯୋଗେ ଶୁକ୍ରବାର ଦୃଷ୍ଟି ଆକର୍ଷଣ କରାଯାଇଛି । ଜିଲାରୁ ପ୍ରତିନିଧିତ୍ୱ କରୁଥିବା ପ୍ରଦେଶ କାର୍ଯ୍ୟକାରିଣୀ ସଦସ୍ୟ ଆଦିତ୍ୟ ପାଢୀ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ଗ୍ରହଣ କରିବାକୁ ଦାବି ଜଣାଇଛନ୍ତି । ରାୟଗଡା ଜିଲାରେ ୨ଟି ସବଡିଭଜନ ଥିବାରୁ ୨ଟି ମୂଲ୍ୟାଙ୍କନ କେନ୍ଦ୍ର କରାଯିବା, ଶାରୀରିକ ପିଡିତ ଓ ସମସ୍ୟାଗ୍ରସ୍ତ ଶିକ୍ଷକଙ୍କୁ ଏଥିରୁ ବାଦ ଦେବା, ମୂଲ୍ୟାଙ୍କନ କେନ୍ଦ୍ର ନିକଟରେ ରାତ୍ର ରହଣି, ଭୋଜନ ନିମନ୍ତେ ଦେୟଯୁକ୍ତ ବ୍ୟବସ୍ଥା କରାଯିବା, ମୂଲ୍ୟାଙ୍କନ କେନ୍ଦ୍ରର ୫୦କିମି ଉର୍ଦ୍ଧ୍ୱରେ କର୍ତ୍ତବ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ମୂଲ୍ୟାଙ୍କନ କେନ୍ଦ୍ରରେ ଦାୟିତ୍ୱ ଦେବା ବନ୍ଦ କରିବା ଆଦି ପ୍ରଦାନ କରାଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି ।

ଏବିଭିପି ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ରାୟଗଡା ଜିଲା ଭଳି ଦୁର୍ଗମ ଅଞ୍ଚଳରେ ଯେଉଁଠି ୨ଟି ପରୀକ୍ଷା ମୂଲ୍ୟାୟନ କେନ୍ଦ୍ର ରଖାଯିବା କଥା ସେଠାରେ ମାତ୍ର ଗୋଟିଏ କେନ୍ଦ୍ର କରାଯାଇଛି । ଏହି ମୂଲ୍ୟାୟନ କେନ୍ଦ୍ରରେ ୮୦ରୁ ୯୦ କି.ମି. ଦୂରରେ ବସବାସ କରୁଥିବା ଶିକ୍ଷକ, ହୃଦ୍‌ରୋଗ ଯୋଗୁ ଅସ୍ତ୍ରୋପଚାର ହୋଇଥିବା ଶିକ୍ଷକ, ଦୃଷ୍ଟିବାଧିତ, କିଡ୍‌ନୀ ରୋଗରେ ପୀଡିତ, ଅବସର ଶେଷ ମାସରେ ଥିବା ଶିକ୍ଷକମାନଙ୍କୁ ମୂଲ୍ୟାୟନ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି । ସହରର ନିକଟରେ ଥିବା ଶିକ୍ଷକମାନଙ୍କୁ ଏହି ଦାୟିତ୍ୱ ପ୍ରଦାନ କରା ନ ଯିବା, ଅତି ସଙ୍କୁଚିତ ଭାବରେ ବସି ମୂଲ୍ୟାଙ୍କନ ବ୍ୟବସ୍ଥା କରାଯିବା, ମୂଲ୍ୟାଙ୍କନ କେନ୍ଦ୍ରରେ ଆବଶ୍ୟକୀୟ ଫ୍ୟାନ ନ ଥିବା, ସଫାସୁତରା ନ ଥିବା, ଶୌଚାଳୟ ବ୍ୟବସ୍ଥା ନ ଥିବା, ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦିଆ ନ ଯିବା ଭଳି ସମସ୍ୟା ନେଇ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

# ମହିଳା ଚାଷୀଙ୍କୁ ଛତୁ ବିହନ ବଣ୍ଟନ


ସିଆରପିଏଫ୍ ୪ର୍ଥ ବାଟାଲିୟନ କର୍ମଚାରୀଙ୍କ ସହ ଛତୁ ବିହନ ପାଇଥିବା ମହିଳା ଚାଷୀ।

**ଚନ୍ଦ୍ରପୁର, ୨୧।୩ (ବିଜୟ ପ୍ରସାଦ ଉଲାକା)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ଡ଼ାଙ୍ଗସରଡା ସଦର ମହକୁମାରେ ଥିବା ସିଆରପିଏଫ୍‌ର ୪ର୍ଥ ବାଟାଲିୟନ ତରଫରୁ ଶୁକ୍ରବାରଏକ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଚତୁର୍ଥ ବାଟାଲିୟନର କମାଣ୍ଡାଣ୍ଟ ଫିଯୋର୍ କୁଜୁରଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟକ୍ରମ କରାଯାଇଥିଲା । କାର୍ଯ୍ୟକ୍ରମରେ ଯୁଗାପଦର୍, ପାଣ୍ଡରାଖାଲ, ଗୋଇଗୁଡ଼ା ଗ୍ରାମର ବହୁ ଅଗ୍ରଣୀ ମହିଳା ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ଛତୁ ବିହନ ସହ ମହୁ ଚାଷ କରିବା ପାଇଁ ଆବଶ୍ୟକୀୟ ଯନ୍ତ୍ରପାତ ଅତିଥିଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା । ଛତୁ ଓ ମହୁ ଚାଷକରି ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ସୂଚନା ଦିଆଯାଇଥିଲା । ପୂର୍ବରୁ ଚାଷ ନିମନ୍ତେ ତାଲିମ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସିଆରପିଏଫ୍‌ର ସେକେଣ୍ଡ କମାଣ୍ଡାଣ୍ଟ ସଞ୍ଜୟ ରାଉତ, ଏସ୍‌ଡିପିଓ ସନ୍ତୋଷିନି ଓରାମ, ଡ଼ାଙ୍ଗସୋରଡ଼ା ସରପଞ୍ଚ ଅନୀତା ଶବର, ଇନ୍ସପେକ୍ଟର, ବୈଦ ରାଜ, ବି ରାଉତ, ଫାଣ୍ଡି ଇନ ଚାର୍ଜ ନରେନ୍ଦ୍ର କୁମାର ବେହେରା, ସମସ୍ତ ଯବାନଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ ।

# ଏଡିଏମ୍‌ଙ୍କ ନାଁରେ ଏତଲା ଦେଲେ ଅଞ୍ଚଳବାସୀ

**ରାୟଗଡ଼ା,୨୧।୩(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଅତିରିକ୍ତ ଜିଲାପାଳ (ଏଡିଏମ୍) ନିହାର ରଞ୍ଜନ କହଁରଙ୍କ ନାଁରେ ରାୟଗଡ଼ା ବ୍ଲକର ଅଞ୍ଚଳବାସୀ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଞ୍ଚଳବାସୀ ନିଜର ସମସ୍ୟା ନେଇ ଅତିରିକ୍ତ ଜିଲାପାଳ କହଁରଙ୍କ ନିକଟକୁ ଆସିଥିବାବେଳେ ସେମାନଙ୍କୁ ସେ ଦୁର୍ବ୍ୟବହାର କରିବା, ଗାଳିଗୁଲଜ କରିବା ଓ ଧର୍ମ ପରିବର୍ତ୍ତନ ପାଇଁ ବାଧ୍ୟ କରୁଥିବା ନେଇ ଶୁକ୍ରବାର ସନ୍ଧ୍ୟାରେ ଥାନାରେ ଲିଖିତ ଅଭିଯୋଗ ହୋଇଛି । ରାୟଗଡ଼ା ବ୍ଲକ ଚାନ୍ଦିଲି, କୋମତାଲପେଟା ଓ ଜେକେପୁର ଯୁବକଙ୍କ ସମେତ ରାୟଗଡ଼ା ସହରର ବହୁ ଯୁବକ ଏହି ଏତଲା ଦେଇଛନ୍ତି । ଉକ୍ତ ଏତଲା ଅନୁସାରେ ଜିଲାପାଳ ପାରୁଲ ପଟାୱରି ଗୁରୁବାର ସନ୍ଧ୍ୟାରେ ନ ଥିବା ବେଳେ ଅତିରିକ୍ତ ଜିଲାପାଳ କହଁରଙ୍କୁ ଅଞ୍ଚଳବାସୀ ପାନୀୟ ଜଳ ସମସ୍ୟା ନେଇ ଭେଟିଥିଲେ । ଏହି ସମୟରେ ସେମାନଙ୍କୁ ଅଶିକ୍ଷିତ କହିବା ସହ ଜାତିଆଣ ଆକ୍ଷେପ କରିବା, ଦୁର୍ବ୍ୟବହାର କରିବା, ସହିତ ଧର୍ମ ପରିବର୍ତ୍ତନ କରିବାକୁ କହୁଥିଲେ । ନଚେତ୍ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଭଳି ପରିସ୍ଥିତି ସୃଷ୍ଟି ହେବ ବୋଲି ଧମକ ଦେଇଥିବା ଉକ୍ତ ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି । ତେବେ ଏ ନେଇ ଅତିରିକ୍ତ ଜିଲାପାଳ ନୀହାର ରଞ୍ଜନ କହଁରଙ୍କୁ ପଚାରିବାରୁ ଏହା ସମ୍ପୂର୍ଣ୍ଣ ମିଥ୍ୟା ଏବଂ ସେଭଳି କିଛି ଘଟଣା ଘଟିନାହିଁ ବୋଲି ସେ କହିଛନ୍ତି । ଏହି ଏତଲା ଦେବା ସମୟରେ ଅଞ୍ଚଳର ବହୁ ଯୁବକଯୁବତୀ ଉପସ୍ଥିତ ଥିଲେ ।


ସ୍ଥାନୀୟ ଲୋକେ ଟାଉନ ଥାନାରେ ଲିଖିତ ଅଭିଯୋଗ କରୁଛନ୍ତି।

# ଖଡ଼ିଛୁଆଁ ପାଇଁ ନିମନ୍ତ୍ରଣକଲେ ବିଡିଓ, ତହସିଲଦାର

**ଗୁଡାରି,୨୧।୩ (ପ୍ରମୋଦ କୁମାର ପତି)**

ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ନିମନ୍ତେ ଶୁକ୍ରବାର ସ୍ଥାନୀୟ ଶିକ୍ଷା ବିଭାଗ ପକ୍ଷରୁ ବିଡ଼ିଓ ସୁଚିସ୍ମିତା ବେହେରା ଓ ତହସିଲଦାର ଏ. ସ୍ନେହଲତା ଅଲଗା ଅଲଗା ଗ୍ରାମରେ ପିଲାଙ୍କୁ ନିମନ୍ତ୍ରଣ ପତ୍ର ବଣ୍ଟନ କରିଛନ୍ତି । ବିଡ଼ିଓ ବେହେରା ଅସଡା ଗ୍ରାମପଞ୍ଚାୟତର ବାମୁଣୀଡ଼ଙ୍ଗର ଗ୍ରାମରେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଗ୍ରାମବାସୀଙ୍କୁ ବୁଝାଇଥିଲେ । ଏଥିସହ ଆସନ୍ତା ଏପ୍ରିଲ ୨ରୁ ୫ ତାରିଖ ମଧ୍ୟରେ ଏହି ଉତ୍ସବରେ ଯୋଗଦେଇ ବିଦ୍ୟାଳୟରେ ନିଜ ପିଲାଙ୍କ ନାମ ଲେଖାଇବା ପାଇଁ କହିଥିଲେ । ଏହାବ୍ୟତୀତ ସମସ୍ତ ଯୋଗ୍ୟ ପିଲାମାନେ ଯେପରି ଏହି କାର୍ଯ୍ୟକ୍ରମରେ ସାମିଲ ହେବେ ସେ ନେଇ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କହିଥିଲେ । ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରତ୍ନମୟୀ ପୁରୋହିତ, ସ୍ଥାନୀୟ ସିଆରସିସି, ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକ, ଅଙ୍ଗନୱାଡି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ସାନହୁମା ଗ୍ରାମପଞ୍ଚାୟତର ବିରିସା ଗ୍ରାମରେ ତହସିଲଦାର ଏ. ସ୍ନେହଲତା ଯୋଗଦେଇ ଗ୍ରାମର ଅନେକ ପରିବାର ନିକଟକୁ ଯାଇ ନିମନ୍ତ୍ରଣ ପତ୍ର ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୁଷ୍ମନ୍ତ ମିଶ୍ର, ସିଆରସିସି ଅବନି ହରିଚନ୍ଦନ, ଅଙ୍ଗନୱାଡି କର୍ମୀ, ସ୍ଥାନୀୟ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ ।


ବିଡ଼ିଓ ପିଲାଙ୍କୁ ନିମନ୍ତ୍ରଣପତ୍ର ବଣ୍ଟନ କରୁଛନ୍ତି।

# ଗୁଣପୁର ନୌପଡ଼ା ରେଳପଥରେ ଟ୍ରେନ୍ ବେଗ ବୃଦ୍ଧି ଦାବି

**ଗୁଣପୁର,୨୧।୩(ପ୍ରଦୀପ କୁମାର ପାଢୀ)**

ଗୁଣପୁର ନୌପଡା ରେଳପଥରେ ଟ୍ରେନ୍ ବେଗ ବୃଦ୍ଧି ଦିଗରେ ପଦକ୍ଷେପ ନିଆଯିବାକୁ ଆନ୍ଧ୍ର ଓଡିଶା ରେଳ ବ୍ୟବହାରିକ ସଂଘର ସଭାପତି ଡ. ସତ୍ୟ ପ୍ରକାଶ ପଣ୍ଡା ଦାବି କରିଛନ୍ତି । ରେଳ ବିଭାଗ ପକ୍ଷରୁ ଶେଷ ଅନୁଧ୍ୟାନ ତଥା ନିରୀକ୍ଷଣ ହୋଇ ନ ଥିବାରୁ ଟ୍ରେନ୍ ବେଗ ବୃଦ୍ଧି ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ । ତେଣୁ ରେଳ ବିଭାଗ ଏ ଦିଗରେ ଦୃଷ୍ଟି ଦେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଡ. ପଣ୍ଡା ଚିଫ୍ କମିଶନର ରେଳ ନିରାପତ୍ତା ବିଭାଗ, ନୂଆଦିଲ୍ଲୀକୁ ପତ୍ର ଲେଖି ଦାବି ଜଣାଇଛନ୍ତି । ସୂଚନାଯୋଗ୍ୟ, ଗତ ୧୪ ବର୍ଷ ହେବ ଏହି ରେଳପଥରେ ବେଗ ବୃଦ୍ଧି ପାଇଁ ଦାବି ହୋଇ ଆସୁଛି । ବର୍ତ୍ତମାନ ଦ୍ରୁତଗାମୀ ଟ୍ରେନ୍‌ଗୁଡିକ ହାରାହାରି ୩୫ କିମି ବେଗରେ ଯାତାୟତ କରୁଥିବାରୁ ଯାତ୍ରାରେ ବିଳମ୍ବ ହେଉଛି । ଏଥିସହ ଏହି ରେଳପଥରେ ଗୋଟାଏ ଟ୍ରାକ ବ୍ୟବସ୍ଥା ରହିଥିବାବେଳେ ବିଭିନ୍ନ ଷ୍ଟେଶନରେ ଟ୍ରେନ୍ କ୍ରସିଂର ସୁବିଧା ମଧ୍ୟ ନାହିଁ । ଫଳରେ ଗୁଣପୁର ନୌପଡା ରେଳପଥରେ ଟ୍ରେନ୍ ଯାତାୟାତରେ ବିଭିନ୍ନ ସମସ୍ୟା ଦେଖାଦେଉଛି । ଗୁଣପୁର ନୌପଡା ରେଳପଥରେ ୯୦ କି.ମି ବେଗରେ ଟ୍ରେନ ଯାତାୟତ ନେଇ କାର୍ଯ୍ୟ ହୋଇଥିବା ବିଶାଖାପାଟଣା ଡିଆରଏମ୍ ମଧ୍ୟ ପୂର୍ବରୁ କହିଥିଲେ । ସେମାନେ ଏହାର ଅନୁଧ୍ୟାନ ମଧ୍ୟ କରିଥିଲେ ।

# ୨୬ରେ ବନ ବିଭାଗ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ

**ଗୁଣପୁର,୨୧।୩(ପ୍ରଦୀପ କୁମାର ପାଢୀ)**

ଗୁଣପୁର ବନ ବିଭାଗର ଆଉଟସୋର୍ସିଂ କର୍ମଚାରୀ ସୋମବାରଠାରୁ କଳାବ୍ୟାଜ ପରିଧାନ କରି ଆରମ୍ଭ କରିଥିବା ଆନ୍ଦୋଳନ ଶୁକ୍ରବାର ଶେଷ ହୋଇଛି । ତେବେ ଦାବି ପୂରଣ ହୋଇ ନ ଥିବାରୁ ଆସନ୍ତା ୨୬ରେ ଭୁବନେଶ୍ୱରଠାରେ ହେବାକୁ ଥିବା ଆନ୍ଦୋଳନରେ କର୍ମଚାରୀମାନେ ସାମିଲ ହେବାକୁ ନିଷ୍ପତ୍ତି ନେଇଛନ୍ତି । ଜିଲା ବନ କର୍ମଚାରୀ ସଂଘର ସଭାପତି ଡମ୍ବରୁଧର ନାୟକଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ଲକ୍ଷ୍ମୀ ନାରାୟଣ ଶବରଙ୍କ ସହ ଅନ୍ୟ ଅସ୍ଥାୟୀ କର୍ମଚାରୀମାନେ ରେଞ୍ଜ ଅଫିସ ସମ୍ମୁଖରେ ପ୍ରତିବାଦ କରିଥିଲେ । ସ୍ଥାୟୀ ନିଯୁକ୍ତି, ଦୈନିକ ବେତନ ବଦଳରେ ମାସିକିଆ ଦରମା, ପ୍ରୋତ୍ସାହନା ଭତ୍ତା, ଦାବିରେ କର୍ମଚାରୀମାନେ ଆନ୍ଦୋଳକୁ ଓହ୍ଲାଇଛନ୍ତି ।

# ଯୁବକଙ୍କୁ ହତ୍ୟା ପରେ ଗାଁ ନିକଟରେ ଫୋପାଡ଼ିଦେଲେ ଦୁର୍ବୃତ୍ତ

**ଟିକିରି,୨୧।୩(ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡା ଜିଲା କାଶୀପୁର ଥାନା ଅନ୍ତର୍ଗତ ସିରିପାଇ ପଞ୍ଚାୟତ ଅନ୍ତର୍ଗତ ବାହାରଦୁଲକି ଗାଁରେ ଜଣେ ଯୁବକଙ୍କୁ କେହି ଦୁର୍ବୃତ୍ତ ହତ୍ୟାକରି ଗାଁ ନିକଟରେ ଫୋପାଡ଼ି ଦେଇଥିବା ଅଭିଯୋଗ ହୋଇଛି । ମୃତ ଯୁବକ ହେଲେ କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ପିପଲପଦର ପଞ୍ଚାୟତ ଅନ୍ତର୍ଗତ ଲୁଲୁପଦର ଗ୍ରାମର କୁମାର ସ୍ୱାମୀ ହାଲୁଆ (୪୦ ) । କୁମାର ସ୍ୱାମୀ ତାଙ୍କ ଶ୍ୱଶୁର ଘର ବାହାରଦୁଲକି ଗାଁକୁ ଆସିଥିଲେ । ଗୁରୁବାର ରାତିରେ କେହି ତାଙ୍କୁ ହତ୍ୟାକରିବା ପରେ ଗାଁ ନିକଟରୁ ୨୦୦ ମିଟର ଦୂରରେ ଫିଙ୍ଗିଦେଇ ଚାଲିଯାଇଥିବା ଶ୍ୱଶୁରଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଶରୀରର ଅନେକ ସ୍ଥାନରେ କ୍ଷତ ଚିହ୍ନ ମଧ୍ୟ ରହିଛି । ଅଭିଯୋଗକୁ ଆଧାରକରି କାଶୀପୁର ପୋଲିସ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି ।

# ବସୁନ୍ଧରା ଯୋଜନାରେ ୧୨ ଜଣଙ୍କୁ ମିଳିବ ଘରବାରି ପଟ୍ଟା

**ଗୁଡାରି, ୨୧।୩(ପ୍ରମୋଦ କୁମାର ପତି )**

ଗୁଡ଼ାରି ତହସିଲ ଅନ୍ତର୍ଗତ ମେଟୁଖିଲିଙ୍ଗିରାଇ ଗ୍ରାମପଞ୍ଚାୟତର ରେଙ୍ଗିଡ଼ି ଓ ରାମଚନ୍ଦ୍ରପୁର ଗ୍ରାମର ୧୨ ଜଣଙ୍କୁ ପ୍ରଦାନ କରିଯିବ ଘରବାରି ପଟ୍ଟା । ଗତ ବୁଧବାର ତହସିଲଦାର ଏ. ସ୍ନେହଲତା ଦୁଇ ଗ୍ରାମର ୧୨ ଗୋଟି ପରିବାରଙ୍କ ଘରକୁ ଯାଇ ଯାଞ୍ଚ କରିଥିଲେ । ରେଙ୍ଗିଡ଼ି ଗ୍ରାମର ୭ ଏବଂ ରାମଚନ୍ଦ୍ରପୁର ଗ୍ରାମର ୫ ଜଣ ପରିବାରଙ୍କୁ ବସୁନ୍ଧରା ଯୋଜନାରେ ଘରବାରି ପଟ୍ଟା ପ୍ରଦାନ ନିମନ୍ତେ ଯାଞ୍ଚ କରାଯାଇଥିଲା । ପଟ୍ଟା ମିଳିବା ପରେ ଏହି ୧୨ଟି ପରିବାର ସରକାରଙ୍କ ଆବାସ ଯୋଜନାରେ ସାମିଲ ହେବା ସହ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ନେଇପାରିବେ ।ଏହି ଯାଞ୍ଚ ସମୟରେ ରାଜସ୍ୱ ନିରୀକ୍ଷକ ବାଳକୃଷ୍ଣ ବେହେରା, ଅମିନ ଅନାସୀମ ଶବର, ଅନିଲ ପାଣିଗ୍ରାହୀ ଓ ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ପର୍ଯ୍ୟାୟକ୍ରମେ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସୂଚନା ମିଳିଛି ।


ତହସିଲଦାର ଓ ଅନ୍ୟମାନେ ଯାଞ୍ଚ କରୁଛନ୍ତି।

# ପ୍ରକୃତି ସୁରକ୍ଷା ପଦଯାତ୍ରାକୁ ପଦ୍ମପୁରରେ ସ୍ୱାଗତ

**ପଦ୍ମପୁର,୨୧।୩ (ପ୍ରଶାନ୍ତ କୁମାର କର)**

ସୃଷ୍ଟିରେ ଜୀବ ଜଗତର ରକ୍ଷା ପାଇଁ ପ୍ରକୃତି ସୁରକ୍ଷା ନିତ୍ୟାନ୍ତ ଆବଶ୍ୟକ, ପ୍ରକୃତି ବଞ୍ଚିଲେ ସମଗ୍ର ଜୀବଜଗତ ବଞ୍ଚିରହିବ ବୋଲି ବିଶିଷ୍ଟ ଗାନ୍ଧୀବାଦୀ ନେତା ଚିତ୍ତରଞ୍ଜନ ଷଡଙ୍ଗୀ ସୁଦୂର ମାଲକାନଗିରି ଜିଲାରୁ ପଦ୍ମପୁର ପଦଯାତ୍ରାରେ ପହଞ୍ଚି ମତବ୍ୟକ୍ତ କରୁଛନ୍ତି । ପ୍ରକୃତି ସୁରକ୍ଷା ବାର୍ତ୍ତା ନେଇ ଗତ ମାର୍ଚ୍ଚ ପହିଲାରୁ ମାଲକାନଗିରିରୁ ପଦଯାତ୍ରାରେ ବାହାରିଥିବା ବ୍ୟକ୍ତିମାନେ ଗୁରୁବାର ପଦ୍ମପୁର ଜଗମଣ୍ଡା ଛକ ନିକଟରେ ପହଞ୍ଚିବା ପରେ ଭାଗବତ ଟୁଙ୍ଗି ସଦସ୍ୟଙ୍କ ସହ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ଓ ଗଣମାଧ୍ୟମ ପ୍ରତିନିଧି, ଅଞ୍ଚଳବାସୀ ସେମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ସହ ପାଛୋଟି ନେଇଥିଲେ । ଏଥିରେ ବିଶିଷ୍ଟ ଗାନ୍ଧୀବାଦୀ ନେତା ଚିତ୍ତରଞ୍ଜନ ଷଡଙ୍ଗୀ, ନାରୀନେତ୍ରୀ ତଥା ସାମାଜିକ କର୍ମୀ ଚିତ୍ରୂପା ଷଡ଼ଙ୍ଗୀ, ମାଲକାନଗିରି ବୈଦ୍ୟ ସଂଘର ସଭାପତି ରବୀନ୍ଦ୍ର ନାଥ ଅଟାଇ, ସଂଘର ସଂପାଦକ ନୀଳକଣ୍ଠ କିଷାନୀ, ଓଡ଼ିଶା ସ୍ୱାସ୍ଥ୍ୟ ସେବା ସଂଘର ଉପସଭାପତି ସୃତି ଶେଖର ସାହୁ, ବୈଜ୍ଞାନିକ ଡ. ସୁଧୀର ପଣ୍ଡା, ଉତ୍ତର ପ୍ରଦେଶର ଆଇଟି ବିଶେଷଜ୍ଞ ନିହାଲ ଗାନ୍ଧୀ, ସାମାଜିକ କର୍ମୀ ବଳରାମ ପଣ୍ଡା ପ୍ରମୁଖ ପ୍ରକୃତି ସୁରକ୍ଷା ଉପରେ ଲୋକଙ୍କୁ ସଚେତନ କରିଥିଲେ । ଏହାପରେ ସେମାନେ ପଦ୍ମପୁରରେ ରାତ୍ରି ଯାପନ କରି ଶୁକ୍ରବାର ରାୟଗଡ଼ା ଜିଲା ଅତିକ୍ରମ କରି ୧୭ ନମ୍ବର ଜାତୀୟ ରାଜପଥର ଅଡବା, ମୋହନା ଅଞ୍ଚଳକୁ ବାହାରିଥିଲେ । ବିଦାୟ ସମୟରେ ଭାଗବତ ଟୁଙ୍ଗିର ମୁଖ୍ୟ ନରସିଂହ ପଣ୍ଡା, ରବି ରଥ, ଜଗଦୀଶ ମିଶ୍ର, ଶେଷସାୟୀ ସେନାପତି, ଖବରଦାତା ପ୍ରଶାନ୍ତ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ ।



ପଦ୍ମପୁରରେ ପହଞ୍ଚିଥିବା ପ୍ରକୃତି ସୁରକ୍ଷା ପଦଯାତ୍ରା।

# ସାମୂହିକ ଉଦ୍ୟମ ଦ୍ୱାରା ଜଙ୍ଗଲ ସମ୍ପଦର ସୁରକ୍ଷା ସମ୍ଭବ

### ଜିଲାସ୍ତରୀୟ ବିଶ୍ୱ ବନ ଦିବସ

**ମୁନିଗୁଡ଼ା,୨୧।୩ (ନନ୍ଦ କିଶୋର ପଟ୍ଟନାୟକ)**

ରାୟଗଡ଼ା ଜିଲା ମୁନିଗୁଡ଼ାର ଫରେଷ୍ଟ ରେଞ୍ଜର କାର୍ଯ୍ୟାଳୟ ସଭାଗୃହ ପରିସରରେ ରାୟଗଡ଼ା ବନଖଣ୍ଡ ସୌଜନ୍ୟରୁ ଜିଲାସ୍ତରୀୟ ୧୩ତମ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି । ଶିକ୍ଷାନବୀଶ ଭାରତୀୟ ବନସେବା ଅଧିକାରୀ ପ୍ରତୀକ ପ୍ରକାଶ ଇନ୍ଦଲକରଙ୍କ ସଭାପତିତ୍ୱ ଓ କୃଷି ବୈଷୟିକ ପ୍ରବନ୍ଧକ ଉତ୍ତମ କୁମାର ଦାସଙ୍କ ସଂଯୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବନଖଣ୍ଡ ଅଧିକାରୀ ସଚିନ ଆନ୍ନାସାହେବ ୱହାଲ, ମୁଖ୍ୟବକ୍ତା ଅବୈତନିକ ଜିଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଡ଼ା. ଗୌରାଙ୍ଗ ଚରଣ ରାଉତ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ମାର୍କମା ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଶ୍ୱିନୀ କୁମାର ପଣ୍ଡା, ମୁନିଗୁଡ଼ା ମହାବିଦ୍ୟାଳୟର ଅଧ୍ୟକ୍ଷ ହୃଷୀକେଶ ଜାଲି, ସହକାରୀ ବନ ସଂରକ୍ଷକ ଅଶୋକ କୁମାର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅତିଥିମାନେ ଜଙ୍ଗଲ ଧ୍ୱଂସକୁ ନେଇ ଚିନ୍ତାବ୍ୟକ୍ତ କରିବା ସହ ଏହାର ନିରାକରଣ ଉପରେ ଆଲୋଚନା କରିଥିଲେ । ଜୀବନ ଜୀବିକା ପାଇଁ ଗୁରୁତ୍ୱବହନ କରୁଥିବା ଜୈବ ବିବିଧତା ସଂରକ୍ଷଣରେ ପ୍ରମୁଖ ଭୂମିକା ନିର୍ବାହନକାରୀ ଜଙ୍ଗଲ ସମ୍ପଦର ସୁରକ୍ଷା ସାମୂହିକ ଉଦ୍ୟମ ଦାରା ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ । ଓଡ଼ିଶାର ଅନ୍ୟତମ ବୃହତ୍ତର ବନଖଣ୍ଡ ଏବଂ ବୃହତ୍ତର ମୁନିଗୁଡ଼ା ଉପଖଣ୍ଡ ଅଞ୍ଚଳରେ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ସମସ୍ତ ବନ ସୁରକ୍ଷା ସମିତି, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀ, ସ୍ୱେଚ୍ଛାସେବୀ,ଗଣମାଧ୍ୟମ ପ୍ରତିନିଧି ସମସ୍ତେ ମିଳିମିଶି ଗୁରୁତ୍ୱ ଦେବାକୁ ନିବେଦନ କରିଥିଲେ । ଏହି ଅବସରରେ ଜଙ୍ଗଲ ସୁରକ୍ଷା, ବୃକ୍ଷରୋପଣ, ବନ୍ୟପ୍ରାଣୀ ସୁରକ୍ଷା,ନିଆଁ ନିଭାଇଥିବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ପୁରସ୍କାର ଭାବେ ଗୁଣପୁର ଜିଆଇଟି ବିଶ୍ୱବିଦ୍ୟାଳୟ, ଜଗଦମ୍ବା ସରକାରୀ ମାଧ୍ୟମିକ ବିଦ୍ୟାଳୟଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ବନପାଳ ଉମ୍ବରୁ ସେନାପତି, ପ୍ରଦ୍ୟୁମ୍ନ ବେହେରା, ବନରକ୍ଷୀ ସୋନାଲି ସ୍ୱାଇଁ, ରଜନୀ ସାହୁ, ପ୍ରସାଦ ବେହେରା, ସୀମାଞ୍ଚଳ ପଟ୍ଟନାୟକ, ବିଦ୍ୟାଧର ପାଣ୍ଡେ, ଅମୂଲ୍ୟ ମୁଗୁଲୀ, ଜଗଦୀଶ ନାୟକଙ୍କୁ ମାନପତ୍ର, ଉପଢୌକନ ଓ ଚେକ୍ ମାଧ୍ୟମରେ ଅର୍ଥରାଶି ଦେଇ ପୁରସ୍କୃତ କରାଯାଇଥିଲା । ସହକାରୀ ବନ ସଂରକ୍ଷକ ଅଶୋକ କୁମାର ପ୍ରଧାନ ବନ ଦିବସର ତାତ୍ପର୍ଯ୍ୟ ଉପରେ କହିଥିବା ବେଳେ ବନାଞ୍ଚଳ ଅଧିକାରୀ ଅନିଲ କୁମାର ବାଲା, ଦିଲ୍ଲୀପ କୁମାର ପଟ୍ଟନାୟକ, କାମେଶ୍ୱର ଆଚାରି, ଗଙ୍ଗାଧର ମିଶ୍ର,ଅନ୍ତର୍ଯ୍ୟାମୀ ସାହୁ,ଅଗ୍ନିଶମ ବାହିନିର ମଦନ କୁମାର ସେଠୀ ବିଶ ବନ ଦିବସ ଓ ଏହାର ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ ।କାର୍ଯ୍ୟକ୍ରମରେ ସମସ୍ତ ବନପାଳ ଓ ବନରକ୍ଷୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ବନପାଳ ପ୍ରମୋଦିନି ମାଣ୍ଡିଙ୍ଗି ଧନ୍ୟବାଦ ଅର୍ପଣ କରିଥିବା ବେଳେ ବନରକ୍ଷୀ ରୋନୀତ ମହାରଣା ସମେତ ମୁନିଗୁଡ଼ା ବାନାଞ୍ଚଳର ସମସ୍ତ ବନରକ୍ଷୀ ସହଯୋଗ କରିଥିଲେ ।


କାର୍ଯ୍ୟକ୍ରମରେ ଉପସ୍ଥିତ ବନ ବିଭାଗ ଅଧିକାରୀ ଏବଂ ପରିବେଶବିତ୍।

## ସଂକ୍ଷେପରେ

### ଦେଶୀ ମଦ ଚାଲାଣ, ୩ ଗିରଫ

ଜୟପୁର,୨୧।୩(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ ପକ୍ଷରୁ ଚଢାଉ କରାଯାଇ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ଜୟନଗର ପୁଲସା ପାଣି(୪୭), ଗଡପଦର ଗ୍ରାମର ସୋନୁ କନ୍ଦପାନ(୨୮) ଓ କଳାଗୁଡା ଗ୍ରାମର ସେନାପତି ପାଙ୍ଗି (୪୫)। ଦେଶୀ ମଦ ଚାଲାଣ ହେଉଥିବା ବେଳେ ଜୟନଗର, ଗଡପଦର ଓ କଳାଗୁଡା ରାସ୍ତାରେ ଚଢାଉ ହୋଇଥିଲା। ସେମାନଙ୍କଠାରୁ ୩୮ ଲିଟର ଦେଶୀ ମଦ ଜବତ କରାଯାଇଛି। ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଅବକାରୀ ନିରୀକ୍ଷକ ଶଶୀକାନ୍ତ ଦତ୍ତ ସୂଚନା ଦେଇଛନ୍ତି।

### ଝିଲିମିଲିଗୁଡ଼ ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର,୨୧।୩(ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅନ୍ତର୍ଗତ ଝିଲିମିଲିଗୁଡା ଜଙ୍ଗଲରେ ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢାଉ କରାଯାଇଛି। ମଦ ମାଫିଆମାନେ ଚମ୍ପଟ ମାରିଥିବା ବେଳେ ବିଭାଗ ମଦ ଭାଟି ଭାଙ୍ଗି ୪୫୦ଶହ ଲିଟର ପୋଚ ଓ ୨୫ ଲିଟର ଦେଶୀ ମଦ ନଷ୍ଟ କରିଛି। ମଦ ସରଞ୍ଜାମ ଓ ଡ୍ରମ ଆଦିକୁ ଜବତ କରାଯାଇଥିବା ଅବକାରୀ ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି।

### ଅଧ୍ୟାପକଙ୍କ ପରଲୋକ

ନାରାୟଣପାଟଣା,୨୧।୩(ରାଜକିଶୋର ଜେନା)

ନାରାୟଣପାଟଣାସ୍ଥିତ ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରାଜନୈତିକ ଅଧ୍ୟାପକ ପ୍ରଫୁଲ୍ଲ ମହାରଣାଙ୍କ ପରଲୋକ ହୋଇଛି। ସେ ୨ ମାସ ହେବ ଲିଭରଜନିତ ରୋଗରେ ଆକ୍ରାନ୍ତ ଥିବା ବେଳେ ଭୁବନେଶ୍ୱରସ୍ଥିତ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସେ ୧୯୯୧ରୁ ୩୦ ବର୍ଷ ଶିକ୍ଷକତା କରିଥିଲେ। ଶାନ୍ତ ସରଳ ବ୍ୟକ୍ତିତ୍ୱ ଭାବେ ସେ ଅଞ୍ଚଳରେ ପରିଚିତ ଥିଲେ। ଅଧ୍ୟାପକ ମହାରଣାଙ୍କ ଆତ୍ମାର ସଦ୍‌ଗତି ନେଇ ନାରାୟଣପାଟଣା ବ୍ଲକ୍‌ର ଛାତ୍ରୀଛାତ୍ର ଓ ଗ୍ରାମବାସୀ ପ୍ରାର୍ଥନା କରିଛନ୍ତି।



ପ୍ରଫୁଲ୍ଲ ମହାରଣା

# ଉପରସେମ୍ଭି ଗ୍ରାମ ଜଙ୍ଗଲରେ ପଡ଼ିରହିଛି ସୀମା ଚିହ୍ନଟ ଖୁଣ୍ଟି

ପଟ୍ଟାଙ୍ଗି,୨୧।୩(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନରେ ଥିବା କୋଟିଆ ପଞ୍ଚାୟତର ସୀମାନ୍ତ ଉପରସେମ୍ଭି ଗ୍ରାମର ଜଙ୍ଗଲରେ ପଡି ରହିଥିବା ସୀମା ଚିହ୍ନଟ ଖୁଣ୍ଟିକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହାକୁ ନେଇ ପଡୋଶୀ ଆନ୍ଧ୍ରର ସିପିଆଇଏମ୍ ଦଳ ପକ୍ଷରୁ ନିନ୍ଦା କରାଯାଇଥିବା ବେଳେ ଏହା କାହାର କାର୍ଯ୍ୟ ହୋଇଥିବା ନେଇ ପ୍ରଶ୍ନ ଉଠୁଛି। ପଡି ରହିଥିବା ସୀମା ଖୁଣ୍ଟି ଓ ପୋତାହେବା ପୂର୍ବରୁ ଭିତ୍ତିପ୍ରସ୍ତର ପାଇଁ ଭଙ୍ଗାଯାଇଥିବା ନଡିଆର ଭିଡ଼ିଓ ଏବଂ ଫଟୋ ଭାଇରାଲ ହେବାରେ ଲାଗିଛି। ଏ ନେଇ ଓଡ଼ିଶାର ପ୍ରଶାସନ ନିକଟରେ କୌଣସି ଖବର ନ ଥିବା ଚର୍ଚ୍ଚା ଜୋର ଧରିଛି। ଏହି ଗ୍ରାମ ଜଙ୍ଗଲରେ ପଡିଥିବା ସୀମା ଚିହ୍ନଟ ଖୁଣ୍ଟିକୁ ନେଇ ଆନ୍ଧ୍ରର



ଜଙ୍ଗଲରେ ଖୁଣ୍ଟି ପଡ଼ିରହିଛି।

ସିପିଆଇଏମ୍ ଦଳର ସାଲୁର ବ୍ଲକ୍‌ର ସଚିବ ମାରି ଶ୍ରୀନିବାସ ଆନ୍ଧ୍ର ସରକାର କୋଟିଆ ପଞ୍ଚାୟତର ସୀମାନ୍ତ ଗ୍ରାମବାସୀଙ୍କୁ ସୁରକ୍ଷା ଦେବା ଆବଶ୍ୟକ ବୋଲି ଦାବି କରିଛନ୍ତି। ଦୀର୍ଘ ବର୍ଷ ଧରି ଏହି ପଞ୍ଚାୟତର ସୀମା ବିବାଦ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ

**ଫଟୋ,ଭିଡିଓ ଭାଇରାଲ**

ପକ୍ଷରୁ ସମାଧାନ ହୋଇପାରୁ ନାହିଁ। ଏହି ସ୍ଥିତିରେ ସୀମାନ୍ତବାସୀ ଅନେକ ଅସୁବିଧାର ସମ୍ମୁଖୀନ ହୋଇ ଜୀବନଯାପନ କରୁଥିବା ଓ ପୋଲିସ ଫୋର୍ସ ବଳରେ ଖଣି ସୀମା ଚିହ୍ନଟ ଖୁଣ୍ଟି ଲଗାଇବା ପରି କାର୍ଯ୍ୟ ଠିକ୍ ନୁହେଁ। ଏହିପରି କାର୍ଯ୍ୟକୁ ନେଇ ସୀମାନ୍ତରେ ଥିବା ଆଦିବାସୀମାନେ ପ୍ରସ୍ତୁତ ହେବେ ବୋଲି ସେ ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କୁ ଯୋଗାଯୋଗ କରିବାରୁ ଏ ନେଇ ତାଙ୍କ ନିକଟରେ କୌଣସି ସୂଚନା ନାହିଁ। ବ୍ଲକ୍ ପ୍ରଶାସନ ସହ ଆଲୋଚନାକରି ମତାମତ ଦେବେ ବୋଲି ସେ କହିଛନ୍ତି।

# ଜିଲାସ୍ତରୀୟ ପ୍ରେରଣା ତାଲିମ ଉଦ୍‌ଘାଟିତ





କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ଓ ଅନ୍ୟ ଅଧିକାରୀମାନେ।

କୋରାପୁଟ,୨୧।୩(ଅମିତାଭ ବେହେରା)

ନବ ନିଯୁକ୍ତ କନିଷ୍ଠ ଶିକ୍ଷକମାନଙ୍କ ଶୈକ୍ଷିକ ଦକ୍ଷତା ବୃଦ୍ଧି ପାଇଁ ପ୍ରେରଣା ତାଲିମ ପେଟିକା କାର୍ଯ୍ୟକ୍ରମ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଜିଲା ଶିକ୍ଷାଧିକାରୀ ଡ.ପ୍ରଶାନ୍ତ କୁମାର ମହାନ୍ତି, ସମ୍ମାନିତ ଅତିଥି ନବରଙ୍ଗପୁର ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, କୋରାପୁଟ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଅର୍ପିତା ପ୍ରଧାନ, ନନ୍ଦାହାଣ୍ଡି ବରିଷ୍ଠ ବ୍ଲକ୍ ଶିକ୍ଷାଧିକାରୀ ଶ୍ରୀକାନ୍ତ ଜନୀ ଓ ଗୁଣାତ୍ମକ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ସହ ସକାରାତ୍ମକ ମନୋଭାବ, କର୍ତ୍ତବ୍ୟ ପରାୟଣ, ଦାୟିତ୍ୱବୋଧ ଓ ପିଲାଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ପ୍ରୟାସ ଜାରି ରଖିଲେ ଗୁଣାତ୍ମକ ଶିକ୍ଷା ସମ୍ଭବ ବୋଲି ଅତିଥି କହିଛନ୍ତି। ଏହା ୨୧ ମାର୍ଚ୍ଚରୁ ୨୫ ଯାଏ ଅନୁଷ୍ଠିତ ହେବ। ଏଥିରେ ୧୪ ବ୍ଲକ୍‌ର ମୋଟ ୫୬ ସାଧନ କର୍ମୀ ଅଂଶଗ୍ରହଣ କରିଥିଲେ। ଜିଲା ସାଧନ କର୍ମୀ ଭାବେ ପ୍ରଶିକ୍ଷିକା ଉମାକାନ୍ତି ବାଇପେଇ, ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ,ସାଗରିକା ମିଶ୍ର ଓ ଜ୍ୟୋତି ରାଣୀ ପଣ୍ଡା ତାଲିମ ଦେଇଥିଲେ।

# ଆଦିମଜାତି ସେବକ ସଂଘର ବାର୍ଷିକ ଅଧିବେଶନ





କାର୍ଯ୍ୟକ୍ରମରେ ଉପସ୍ଥିତ ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଅର୍ଜୁନ ମୁଣ୍ଡା,ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଓ ଅନ୍ୟମାନେ।

କୋରାପୁଟ,୨୧।୩(ଅମିତାଭ ବେହେରା)

କୋରାପୁଟସ୍ଥିତ ସର୍ବୋଦୟ ସମିତି ପରିସରରେ ଭାରତୀୟ ଆଦିମଜାତି ସେବକ ସଂଘର ୭୭ତମ ଦୁଇଦିନିଆ ବାର୍ଷିକ ଅଧିବେଶନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଅର୍ଜୁନ ମୁଣ୍ଡା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଭାରତୀୟ ଆଦିମ ଜାତି ସେବକ ସଂଘର ସଭାପତି ନୟନଚାନ୍ଦ ହେମ୍ରମଙ୍କ ଅଧକ୍ଷତାରେ ସମ୍ମାନିତ ଅତିଥି ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଓ କୋରାପୁଟ ଜିଲାର ସାମାଜିକକର୍ମୀ କୃଷ୍ଣ ସିଂ ଯୋଗଦେଇଥିଲେ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷା ଓ ଆଦିବାସୀ ଜନଜାତିଙ୍କ ବିକାଶ ହେବା ନେଇ କହିଥିଲେ। ଏଥିରେ ଭାରତର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଜନଜାତି ସାମିଲ ହୋଇଥିଲେ। ସର୍ବଭାରତୀୟ ଜନଜାତି ସେବକ ସଂଘ ବୈଠକ ସହ ଆଦିମ ଜାତିଙ୍କ ଉନ୍ନତି ନେଇ ବିଭିନ୍ନ ଆଲୋଚନା ହେବ। କାର୍ଯ୍ୟକ୍ରମରେ ଆଦିମଜାତି ସେବକ ସଂଘର ଉପାଧ୍ୟକ୍ଷ ନରସିଂୱାଖେଲେ, ସାଧାରଣ

**ଆଦିବାସୀ ଜନଜାତିଙ୍କ ବିକାଶ ନେଇ ଆଲୋଚନା**

ସମ୍ପାଦକ ଏ. କେ.ରୁବେ ଓ ସମ୍ପାଦାକ ଆର. କେ. ମାଳବିୟ ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ ସର୍ବୋଦୟ ସମିତିର ସମ୍ପାଦକ ପ୍ରଦୀପ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ରାତିରେ ପୋଲିସର ଗାଡ଼ି ଯାଞ୍ଚ

ସେମିଳିଗୁଡା/ସୁନାବେଡା,୨୧।୩ (ବାସୁଦେବ ବରାଡ/ବାସୁଦେବ ବରାଡ଼)

ସେମିଳିଗୁଡା ଥାନା ପକ୍ଷରୁ ସେମିଳିଗୁଡା ଟ୍ରାଫିକ ଛକ ନିକଟରେ ଶୁକ୍ରବାର ରାତିରେ ଗାଡ଼ି ଯାଞ୍ଚ କରାଯାଇଛି। ରାତି ୯ଟା ୩୦ରେ ସେମିଳିଗୁଡା ଥାନା ଏଏସ୍‌ଆଇ ଭି. ଡି. ମାଝୀ ଓ ଏଏସ୍ ଆଇ ବିରଞ୍ଚି ବାଣୁଆଙ୍କ ସହ ଟିମ୍ ସମସ୍ତ ଗାଡ଼ି ଯାଞ୍ଚ କରିଥିଲେ। କୌଣସି



ଏକ ନିର୍ଦ୍ଦିଷ୍ଟ ସୂଚନା ପାଇ ପୋଲିସ ଗାଡ଼ିଗୁଡିକୁ ଯାଞ୍ଚ କରିଥିବା ଜଣାପଡ଼ିଛି।

# ସହରର ବିଭିନ୍ନ ସମସ୍ୟା ନେଇ ଦାବିପତ୍ର



କାର୍ଯ୍ୟକ୍ରମରେ ଉପସ୍ଥିତ ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ ଓ ଅନ୍ୟମାନେ।

ଜୟପୁର,୨୧।୩(ପବନ ପାଣିଗ୍ରାହୀ)

ଜୟପୁର ସହରର ଟ୍ରାଫିକ୍ ବ୍ୟବସ୍ଥା ସୁଧାରିବା, ରାସ୍ତା ଅବରୋଧ ହଟାଇବା, ଯଥାଶ୍ରୀଘ୍ର ଜଗନ୍ନାଥ ସାଗରର ପୁନରୁଦ୍ଧାର ଓ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଆନୁଷଙ୍ଗିକ ବ୍ୟବସ୍ଥା ସୁଧାରିବା ଆଦି ବିଭିନ୍ନ ସମସ୍ୟାକୁ ନେଇ ଜୟପୁର ସିଟିଜେନ୍ କମିଟି ପକ୍ଷରୁ ଏସ୍‌ଡିପିଓ ପାର୍ଥ କାଶ୍ୟପଙ୍କ ଉପସ୍ଥିତିରେ ଜୟପୁର ଉପଜିଲାପାଳ ଆକବରମ ଶସ୍ୟା ରେଡ୍ଡୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ସଂଗଠନର ଉପସଭାପତି ମଦନମୋହନ ନାୟକ, ଦେବେନ୍ଦ୍ର ବାହିନୀପତି, ସୁବାସ ଚନ୍ଦ୍ର ପଣ୍ଡା, ଭବାନୀ ଚରଣ ଆଚାର୍ଯ୍ୟ, ଗୌରହରି ନାୟକ, ଅଭିମନ୍ୟୁ ଭଞ୍ଜମିଶ୍ର, ପରମେଶ୍ୱର ପାତ୍ର ଓ ରବିନାରାୟଣ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ମହୁମାଛି ଆକ୍ରମଣରେ ୩ ଆହତ

କୋରାପୁଟ,୨୧।୩(ଅମିତାଭ ବେହେରା)

କୋରାପୁଟ କୋର୍ଟ ସମ୍ମୁଖ ରାସ୍ତାରେ ମହୁମାଛି ଆକ୍ରମଣରେ ୩ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଧିରେଜ କୁମାର ଗୌଡ, ସୁରେଶ ହାଲବା ଓ କୋର୍ଟର ଅବସରପ୍ରାପ୍ତ ସିରୋସଦାର ଭୈରବ ଜେନା। ମହୁମାଛି ଆକ୍ରମଣରୁ ରକ୍ଷା ପାଇବାକୁ ଲୋକେ ଏଣେତେଣେ ଦୌଡୁଥିଲେ। ଧିରେଜ ଗୁରୁତର ହୋଇ କୋରାପୁଟ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017
**Corrigendum to Notice Inviting Tender (NIT)**
Tender Notice No. TPWODL/PJ/O/SU/39
**Purchase order for supply of 1MVA, 11/0.433KV, BIS Lev-II Distribution Transformer**
The time period is hereby extended for Submission of Tender Participation Fee and Authorization Letter through e-mail till **28th March 2025**, after which link from e-Tender system shall be shared. A Corrigendum to the said notice has been uploaded in our website **www.tpwesternodisha.com.** Prospective bidders are requested to visit the website for detailed amendment and updated tender document.
Sd/- Head-Contracts and Procurement

**ପୂର୍ବ ତଟ ରେଳପଥ**
ଡିପୋ ଏବଂ ଡିଭିଜନ ପାଇଁ ମାର୍ଚ୍ଚ–2025 ନିମନ୍ତେ ଇ–ନିଲାମ କାର୍ଯ୍ୟସୂଚୀ ର
**ଯୋଗପତ୍ର**
**ଅତିରିକ୍ତ ଇ–ନିଲାମର ଅନୁସୂଚୀ**

| ମାସ | ଡିଭିଜନ/ୟୁନିଟ୍ | ତାରିଖ |
|---|---|---|
| ମାର୍ଚ୍ଚ-2025 | ଖୋର୍ଦ୍ଧା ରୋଡ଼ ଡିଭିଜନ | 26.03.2025 |
| | ୱାଲ୍ଟିୟର ଡିଭିଜନ | 31.03.2025 |

ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସଂପୂର୍ଣ୍ଣ ବିବରଣୀ ନିଲାମ ତାରିଖର 07(ସାତ) ଦିନ ପୂର୍ବରୁ ଆମର ୱେବ୍‌ସାଇଟ୍: **www.ireps.gov.in** ରେ ଉପଲବ୍ଧ ହେବ।
PR-1110/P/24-25 ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

# ଜିଲାର ୧୪ ନର୍ସରି, କର୍ମଚାରୀ ସମ୍ମାନିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ବନଖଣ୍ଡ ଅଧିକାରୀମାନେ।

କୋରାପୁଟ,୨୧।୩(ଅମିତାଭ ବେହେରା)

କୋରାପୁଟ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ବିଶ୍ୱ ବନ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ କୋରାପୁଟ ବନଖଣ୍ଡ ଅଧୀନରେ ଥିବା ଲମତାପୁଟ, ବାଲଡ଼ା, ସେମିଳିଗୁଡ଼ା, କୋରାପୁଟ, ଲକ୍ଷ୍ମୀପୁର ଓ ନାରାୟପାଟଣା ଆଦି ୬ ରେଞ୍ଜର,୧୪ ନର୍ସରି ଓ କର୍ମଚାରୀଙ୍କୁ ଅତିଥି ସମ୍ମାନିତ କରିଥିଲେ। କୋରାପୁଟ ବନଖଣ୍ଡ ଅଧିକାରୀ ଭାସ୍କର ରାଓଙ୍କ ଅଧକ୍ଷତାରେ ଗୋପବନ୍ଧୁ ସେବାସମିତିର ଅଧକ୍ଷ ଭବାନୀ ଶଙ୍କର ମିଶ୍ର, ବରିଷ୍ଠ ଖବରଦାତା ସିଏଚ୍ ସାନ୍ତାକାର, ପରିବେଶବିତ ରାମ ସାହୁ ଓ ଜୟପୁର ବନଖଣ୍ଡ ଅଧିକାରୀ ପ୍ରତାପ ବେହେରା

**ଜିଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ**

ଯୋଗଦେଇଥିଲେ। ବୃକ୍ଷ ଓ ପଶୁପକ୍ଷୀଙ୍କର ସୁରକ୍ଷା ଉପରେ ଧ୍ୟାନଦେବାକୁ ପରାମର୍ଶ ଦେଇଥିଲେ। ଜଙ୍ଗଲଜାତ ବିଭିନ୍ନ ଖାଦ୍ୟର ଉନ୍ନତୀକରଣ ଓ ତା'ର ସୁରକ୍ଷା ଉପରେ ଧ୍ୟାନ ଦେବାକୁ କହିଥିଲେ। ଉତ୍ସବରେ ଜିଲାର ବିଭିନ୍ନ ରେଞ୍ଜର ଅଧିକାରୀ ଓ କର୍ମଚାରୀ ଜଙ୍ଗଲ ସୁରକ୍ଷା ସମିତି ସାମିଲ ହୋଇଥିଲେ। ଜଙ୍ଗଲର ସୁରକ୍ଷା ପାଇଁ କାର୍ଯ୍ୟ କରିଥିବା ବନ ଅଧିବାସୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଜଙ୍ଗଲ ନିଆଁ ନିବାରଣ, ନିୟନ୍ତ୍ରଣ ନେଇ ସଚେତନତା

**ବିଶ୍ୱ ଜଙ୍ଗଲ ଦିବସ ପାଳିତ**

ଜୟପୁର,୨୧।୩ (ପବନ ପାଣିଗ୍ରାହୀ)

ବନାଗ୍ନି ନିବାରଣ, ନିୟନ୍ତ୍ରଣ, ସଚେତନତା ସଭା ଓ ବିଶ୍ୱ ଜଙ୍ଗଲ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏମ୍ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେଶନର ସମ୍ମିଳନୀ କକ୍ଷରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଆମରି ସୁରକ୍ଷା ଆମରି ହାତେ, ଜଙ୍ଗଲ ସୁରକ୍ଷା କରିବା ଯେତେ, ସୁରକ୍ଷିତ ହେଲେ ପୁରୁଣା ବନ, ସୁରକ୍ଷିତ ହେବ ଆମ ଜୀବନ ନାରା ଦେଇ ସଚେତନ କରାଯାଇଛି। ଜୟପୁର ବନାଞ୍ଚଳ ଅଧିକାରୀ ସଚିଦା ନନ୍ଦ ପରିଡ଼ାଙ୍କ ତତ୍ତ୍ୱାବଧାନରେ ବ୍ଲକ୍ ଅଧକ୍ଷା ତିଲୋତ୍ତମା ମୁଦୁଲି, ଉପାଧ୍ୟକ୍ଷ ଗଣେଶ ପାଢ଼ୀ, ଡିଏଫ୍‌ଓ ପ୍ରତାପ କୁମାର ବେହେରା, ଏସିଏଫ୍ ପ୍ରସନ କୁମାର ମିଶ୍ର, ଏସିଏଫ୍ ଅମିତ ପ୍ରକାଶ ନାୟକ, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ପ୍ରଫେସର ଉଦୟ କୁମାର ଦାସ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର ମିଶ୍ର ଉପସ୍ଥିତ ଥିଲେ। ବକ୍ତୃତାରେ ୪୦ ଛାତ୍ରୀଛାତ୍ର ଭାଗ ନେଇଥିବା ବେଳେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏସ୍ଏସ୍‌ଜି ମହିଳା ଓ ବନ ସୁରକ୍ଷା ସମିତିର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷାକରିବା, ବେଆଇନ ଶିକାର,ବନ୍ୟଜନ୍ତୁ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ନେଇ ବିଭାଗ ପକ୍ଷରୁ ଆମ ଜଙ୍ଗଲ ଯୋଜନାରେ ସଚେତନ କରାଯାଇଥିଲା।

**ଦ.ପୂ. ରେଳପଥ – ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ଯନ୍ତ୍ରୀ (ସିଓଏନ)/ଏଚ୍‌କ୍ୟୁ/ଗାର୍ଡେନ୍ ରିଚ୍, ଦ.ପୂ. ରେଳପଥ (କ୍ର.ସଂ. ୧ ପାଇଁ) ଏବଂ ମୁଖ୍ୟ ଯନ୍ତ୍ରୀ (ସିଓଏନ)/II/ଗାର୍ଡେନ୍ ରିଚ୍, ଦ.ପୂ. ରେଳପଥ (କ୍ର.ସଂ. ୨ ପାଇଁ) ନିମ୍ନଲିଖିତ କାର୍ଯ୍ୟ ନିମନ୍ତେ ଇ–ଟେଣ୍ଡର ଆହ୍ୱାନ କରାଯାଉଛି। ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ୍ **www.ireps.gov.in**ରେ ଅପ୍‌ଲୋଡ୍ ହୋଇଛି। ଟେଣ୍ଡରଗୁଡ଼ିକ ଧାର୍ଯ୍ୟ ତାରିଖରେ ୧୨.୦୦ ଘଟିକାରେ ବନ୍ଦ ହୋଇଯିବ। **କ୍ର.ସଂ. ଓ ଇ-ଟେଣ୍ଡର ନୋଟିସ୍ ନଂ.; କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା; ଆନୁମାନିକ ମୂଲ୍ୟ; ବିଡ୍ ଅମାନତ ଯଥାକ୍ରମେ: (୧) ୪୪୪୯-ଜିଆର୍‌ସି-ସିଇ-ସି-ଏଚ୍‌କ୍ୟୁ-୦୭-୨୦୨୫, ତାରିଖ: ୨୦।୦୩।୨୦୨୫;** ମୁଖ୍ୟ ଯନ୍ତ୍ରୀ/ଏଚ୍‌କ୍ୟୁ/ଗାର୍ଡେନ୍ ରିଚ୍, ନିର୍ମାଣ ସଂଗଠନ, ଦକ୍ଷିଣ ପୂର୍ବ ରେଳପଥଙ୍କ କ୍ଷେତ୍ରାଧିକାରରେ ବିଭିନ୍ନ ନିର୍ମାଣ ସ୍ଥଳ/ସେକ୍ସନଠାରେ ପ୍ରକଳ୍ପ ତତ୍ତ୍ୱାବଧାନ ସେବା ଯୋଗାଇବା ପାଇଁ ପ୍ରକଳ୍ପ ତତ୍ତ୍ୱାବଧାନ ସେବା ଏଜେନ୍ସି (ପିଏସ୍ଏସ୍ଏ)ଙ୍କ ନିଯୁକ୍ତ ଲାଗି ପ୍ରସ୍ତାବ ଅନୁରୋଧ (ଆର୍ଏଫ୍‌ପି); ₹୭.୯୫ କୋଟି; ₹୫,୪୭,୪୦୦/–। **(୨) ୪୫୫୫-ଜିଆର୍‌ସି-ସିଇ-ସି-II-୦୬-୨୦୨୫,** ତାରିଖ: ୨୦।୦୩।୨୦୨୫; ଚକ୍ରଧରପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥର ଉପମୁଖ୍ୟ ଯନ୍ତ୍ରୀ/ନିର୍ମାଣ/ଝାରସୁଗୁଡ଼ାଙ୍କ କ୍ଷେତ୍ରାଧିକାର ଅଧୀନରେ କୁସାରାଠାରେ ବରପାଲି ଲୋଡିଂ ବଲ୍‌ବ ସକାଶେ ଫିଲିଂ ଓ କଟିଂ, ବ୍ଲାଙ୍କେଟିଂ ଦ୍ୱାରା ଫର୍ମେଶନରେ ଆର୍ଥୱାର୍କର ନିର୍ବାହ ପାଇଁ କମ୍ପୋଜିଟ୍ କାର୍ଯ୍ୟ, ଛୋଟ ପୋଲ, ସାଇଡ୍ ଡ୍ରେନ୍, ସେଣ୍ଟ୍ରାଲ ଡ୍ରେନ୍, କ୍ୟାଚ୍ ୱାଟର ଡ୍ରେନ୍‌ର ନିର୍ମାଣ, ସୁରକ୍ଷା କାର୍ଯ୍ୟ, ପି.ୱେ ଟ୍ରାକ୍ ଲିଙ୍କିଂ କାର୍ଯ୍ୟ, ପି.ୱେ ଫିଟିଂ, ପି.ୱେ ସାମଗ୍ରୀଗୁଡ଼ିକର ପରିବହନ, ବାଲାଷ୍ଟର ଯୋଗାଣ, ସର୍ଭିସ୍ ବିଲ୍‌ଡିଂଗୁଡ଼ିକର ନିର୍ମାଣ, ସି ଆଣ୍ଡ ଡବ୍ଲ୍ୟୁ ଏକ୍ସାମିନେଶନ୍ ଲାଇନ୍ ପାଇଁ ଗୁମ୍ଟି, ହେଭି ରିପେୟାର୍ ଶେଡ୍, ପ୍ରସ୍ତାବିତ ବଗି ଶପ୍, ଶେଡ୍ ସହିତ ଷ୍ଟୋରର ନିର୍ମାଣ, ସଡ଼କ କାମ, ସର୍କୁଲେଟିଂ ଏରିଆ, ଘର୍ଷଣ ପ୍ରତିରୋଧୀ ଗ୍ରାନୋଲିଥିକ୍ କଂକ୍ରିଟ୍ ଫ୍ଲୋରିଂ, ବାଲାଷ୍ଟବିହୀନ ଟ୍ରାକ୍ ବିମ୍, କ୍ରିଡିଆର୍ ପାଥ୍‌ୱେ କାର୍ଯ୍ୟ, ଷ୍ଟ୍ରକ୍ଚରାଲ୍ ଷ୍ଟିଲ କାର୍ଯ୍ୟ ଏବଂ ମେଟାଲାଇଜିଂ କାର୍ଯ୍ୟ ଆଦିର ନିର୍ବାହ; ₹୪୩୫.୯୦ କୋଟି; ₹୧,୦୦,୦୦,୦୦୦/–। **ସମାପ୍ତି ଅବଧି:** ଉଭୟ ପାଇଁ ୨୪ ମାସ। **ସମାପ୍ତି ତାରିଖ:** କ୍ର.ସଂ. ୧ ପାଇଁ ତା୧୬।୦୪।୨୦୨୫ରିଖ ଏବଂ କ୍ର.ସଂ. ୨ ପାଇଁ ତା୨୫।୦୪।୨୦୨୫ରିଖ। ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** "ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। (PR-1258)

**IN THE DEBTS RECOVERY TRIBUNAL : CUTTACK**
C-71, SECTOR-7, CDA, CUTTACK-753014
O.A. NO. 457/2024
**State Bank of India** .....Applicant
Vs.
**Sri Pradip Kumar Sahoo & Ors.** .....Defendants
1. **Sri Pradip Kumar Sahoo**, aged about 44 yrs., S/o- Parshuram Sahoo.
2. **Sri Pratap Kumar Sahoo**, aged about 41 yrs., S/o- Parshuram Sahoo,
Both residing at Sankarpur, Dhia Sahi, PO: Arunodaya Market, Badambadi, Cuttack-753012.
**SUMMONS BY PAPER PUBLICATION**
**FOR SHOWING CAUSE AS TO WHY RELIEFS PRAYED FOR SHOULD NOT BE GRANTED**
Take notice that the applicant has instituted **OA No. 457/24** in the Debts Recovery Tribunal, Cuttack for recovery of **Rs.20,00,981.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through Advocates or authorized agents and show cause on **27.05.2025** at **10.30 AM** positively as to why the reliefs prayed for should not be granted.
Take notice that in case of your default the original application shall be heard and disposed off exparte in your absence.
Given under hand and seal of this Tribunal on this **13th day of month March of 2025.**
By orders of this Tribunal,
Sd/- (Shri Nikhila Ranjan Pati)
Registrar
Debts Recovery Tribunal

**Government of Jharkhand**
**Department of Information Technology and e-Governance**
**3rd Floor, Jharkhand Mantralaya, Dhurwa, Ranchi-834004**
Bids are invited from CERT-IN empaneled auditor for audit of ASA & AUA/ KUA (DoIT & e-Gov., Govt. of Jharkhand) for year 2024-25. The bid document can be downloaded from Govt. of Jharkhand's e-procurement website- **"www.jharkhandtenders.gov.in"**. The bidder may submit their proposals latest by **02.04.2025 at 03:00 PM** though the online e-tendering portal.
For further queries please contact on Email – uidcellpmu-doit@jharkhandmail.gov.in
The details of the tender are as follows:
**Important Information**

| Sl. No. | Description | Detailed Information |
|---|---|---|
| 1 | Name of project | RFP for Audit of ASA, AUA/KUA & Other Departments |
| 2 | Tender Reference Number | ASA_AUA/KUAAudit-06/2024-25 |
| 3 | Date of release of bidding document on Jharkhand e-Tender Portal | 21.03.2025 at 10:00 AM onwards |
| 4 | Last date and time for bid document can be download from Jharkhand e-Tender portal | 01.04.2025 at 06:00 PM |
| 5 | Last date and time for bid submission on e-Tender portal | 02.04.2025 at 03:00 PM |
| 6 | Date and time for opening of Technical Bid | 03.04.2025 at 04:00 PM |
| 7 | Date and time for opening of Financial Bid | To be informed later |
| 8 | Address of Opening of Technical Bid | Chamber of Joint Secretary, 3rd Floor, Project Bhawan, Ranchi, Jharkhand. |
| 9 | Bid related queries | Phone No.: +91-651-2970091 Email Id: uidcellpmu-doit@jharkhandmail.gov.in |
| 10 | EMD | Rs. 20,000/- (Rs. Twenty Thousand Only) (EMD is waived off for Government entities, Autonomous bodies, PSUs and Jharkhand State MSME) |

Note: -
1. Bids should be submitted online through Govt. of Jharkhand's e-procurement website
2. Bids will be opened online; Bidders may view the details through their terminal.
PR 348901 Information Technology (24-25)_D
Sd/- Joint Secretary
DoIT & e-Gov

सं0 संख्या–5/प्रशि0(क्षेत्रीय क्रय)-07–2023–
**झारखण्ड सरकार**
**श्रम, नियोजन, प्रशिक्षण एवं कौशल विकास विभाग,**
**निदेशालय, नियोजन एवं प्रशिक्षण, झारखण्ड, राँची**
पत्रांक–381 **निविदा सूचना** दिनांक–21.03.2025
एतद् द्वारा सर्वसाधारण को सूचित किया जाता है कि श्रम, नियोजन, प्रशिक्षण एवं कौशल विकास विभाग के अधीनस्थ औद्योगिक प्रशिक्षण संस्थानों में New Age Courses हेतु मशीन/टूल्स एवं उपकरण के क्रय से संबंधित विभाग द्वारा e-Tenders (Online Open Tenders) संख्या–Bid No.-DET/New Age Courses/11/2024-25, दिनांक–19.03.2025 को प्राप्ति की अंतिम तिथि दिनांक–24.03.2025 को संध्या–06.00 तक विस्तारित की जाती है एवं उक्त निविदा दिनांक–26.03.2025 के अपर्राह्न 12:30 बजे कमरा नंबर–307, नेपाल हाऊस, डोरण्डा, राँची के कक्ष में खोला जायेगा। निविदा हेतु विस्तृत निविदा अभिलेख https://jharkhandtenders.gov.in/nicgep/app पर उपलब्ध है।
ह0/–
उप निदेशक प्रशिक्षण(मु0)
PR 348933 Labour Employment and Traning(24-25)#D निदेशालय, नियोजन एवं प्रशिक्षण, झारखण्ड राँची

**SRI SRI NRUSINGHANATH TEMPLE**
Index No. 1406/8NS, At: Durgapali, P.O.: Paikmal
Dist.: Bargarh, Ph.: 7683834862
Web: www.nrusinghanathtemple.in
e-mail Id: srisrinrusinghanathtemple@gmail.com
Letter No. 41 (2) Date: 19.03.25
**ଇସ୍ତାହାର**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ କାର୍ଯ୍ୟସୂଚୀ ମତେ ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ଅଧୀନସ୍ଥ ଗାଡ଼ି ପାର୍କିଂ, ମୋଟର ସାଇକେଲ ଷ୍ଟାଣ୍ଡ, ଜୋତା ଷ୍ଟାଣ୍ଡ ଆଦିକୁ ସ୍ମ ୨୦୨୫–୨୦୨୬ ଆର୍ଥିକ ବର୍ଷ ସକାଶେ ଏକ ବର୍ଷ ପାଇଁ ନିଲାମରେ ଦେବା ପାଇଁ ସ୍ଥିରୀକୃତ ହୋଇଅଛି। ଏଣୁ ନିଲାମ ନେବାକୁ ଥିବା ଇଚ୍ଛୁକ ବ୍ୟକ୍ତି ତା୦୬।୦୪।୨୦୨୫ରିଖ ରବିବାର ଦିନ ସନ୍ଧ୍ୟା ୬ଘଟିକା ସୁଦ୍ଧା ଅମାନତ ଟଙ୍କା ସମ୍ପୃକ୍ତ ଟେଣ୍ଡର ଅଧିକାରୀଙ୍କଠାରେ ଜମାଦେଇ ରସିଦ ଗ୍ରହଣ କରିବେ। ଧାର୍ଯ୍ୟ ତାରିଖ ଓ ସମୟ ପରେ ଗ୍ରହଣ କରାଯିବ ନାହିଁ। ଅମାନତ ଜମାକାରୀ ତା୦୬।୦୪।୨୦୨୫ରିଖ ରବିବାର ସକାଳ ୧୦ଘଟିକାରୁ ୬ଘଟିକା ସୁଦ୍ଧା ନିଜର ଡାକ ମୂଲ୍ୟକୁ ସିଲ୍‌କରି ଟେଣ୍ଡର ଅଧିକାରୀଙ୍କଠାରେ ଜମାଦେବେ। ତା୦୭।୦୪।୨୦୨୫ରିଖ ଦିନ ସୋମବାର ୧୧ଘଟିକାରେ ଟେଣ୍ଡର ଗ୍ରହଣକାରୀ ଓ ନିଲାମ ଅଧିକାରୀଙ୍କ ଉପସ୍ଥିତିରେ ଖୋଲାଯାଇ ସର୍ବୋଚ୍ଚ ଡାକଥିବା ବ୍ୟକ୍ତିଙ୍କୁ ଦିଆଯିବ। ନିଲାମର ସର୍ତ୍ତାବଳୀ ଜାଣିବା ପାଇଁ ମନ୍ଦିର କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ବା ମନ୍ଦିର ୱେବ୍‌ସାଇଟ୍ **https://nrusinghanathtemple.in/tender/**ରେ ଦେଖନ୍ତୁ। ଟେଣ୍ଡର ଦାଖଲ କରିବା ପାଇଁ ଇଚ୍ଛୁକ ବ୍ୟକ୍ତି ଟ.୫,୦୦୦/–ରେ ଟେଣ୍ଡର ଫର୍ମ ମନ୍ଦିର କାର୍ଯ୍ୟାଳୟରୁ କ୍ରୟକରି ଟେଣ୍ଡର ପକାଇପାରିବେ।

| କ୍ର.ନଂ. | ସମ୍ପତ୍ତିର ନାମ | ସମ୍ପତ୍ତିର ଧାର୍ଯ୍ୟ ମୂଲ୍ୟ | ଅମାନତ ଜମା |
|---|---|---|---|
| ୧ | ଗାଡ଼ି ପାର୍କିଂ | ଟ.୧୯,୮୦,୦୦୦.୦୦ | ଟ.୫,୯୪,୦୦୦.୦୦ |
| ୨ | ମୋଟର ସାଇକେଲ ଷ୍ଟାଣ୍ଡ | ଟ.୪,୪୦,୦୦୦.୦୦ | ଟ.୧,୩୨,୦୦୦.୦୦ |
| ୩ | ଜୋତା ଷ୍ଟାଣ୍ଡ | ଟ.୧,୪୮,୫୦୦.୦୦ | ଟ.୪୪,୫୫୦.୦୦ |

ସ୍ୱା./– ଏ.ବି.ଡି.ଓ., ପାଇକମାଳ ତଥା
ମଧ୍ୟବର୍ତ୍ତିକାଳୀନ ଟ୍ରଷ୍ଟି / ଟେଣ୍ଡର ଅଧିକାରୀ
ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର

**JAMSHEDPUR NOTIFIED AREA COMMITTEE**
New Kalimati Road, Sakchi-831001
E- mail ID-jnacjsr@gmail.com
**Very Short E- Procurement Notice**
**Tender Notice**
**NIT No- JNAC/38/2024-25 Date-20-03-2025**

| | | |
|---|---|---|
| 1. | Name of the work | Faecal Sludge and Septage Management Under Jamshedpur Notified Area Committee (JNAC), Hurlung Jamshedpur. |
| 2. | Estimated Cost (rs.) | Construction cost with operation & maintenance cost of one year total Rs. 3,33,49,799.00 |
| 3. | Cost of Bid Document (INR) | INR 10,000/- (Ten thousand Only) Non-Refundable. |
| 4. | Bid Security (INR) | Bid Security: Rs 3,33,497.00 |
| 5. | Time of Completion | 1Year |
| 6. | Date/Time of publication of tender on website | 22-03-2025 at 05:00 Pm |
| 7. | Document downloading Start date | 22-03-2025 at 05:00 Pm |
| 8. | Pre bid meeting date, Time & venue | 28-03-2025 at 03:00 Pm, JNAC Conference Hall |
| 9. | Bid Submission Start date | 29-03-2025 at 05:00 Pm |
| 10. | Bid Submission end date | 05-04-2025 at 05:00 Pm |
| 11. | Bid Opening date | 07-04-2025 (Online) 03:00PM |
| 12. | Mode of Submission of bids | E-tendering (http://jharkhandtenders.gov.in) |
| 13. | Name and address of office inviting tender | Deputy Municipal Commissioner, Jamshedpur Notified area Committee, Jamshedpur. |
| 14. | Contact No. of procurement officer | |
| 15. | Helpline No. of E-procurement cell | |

Note- 1. Only E-tender will be accepted, further details can be seen on website (http://jharkhandtenders.gov.in)
PR 348920 Urban Development(24-25).D
Deputy Municipal Commissioner, Jamshedpur Notified Area Committee, Jamshedpur.

# ଜଙ୍ଗଲ ସୁରକ୍ଷା ଆମ ସମସ୍ତଙ୍କ କର୍ତ୍ତବ୍ୟ

ମାଲକାନଗିରି,୨୧।୩ (ଦୁର୍ଯ୍ୟୋଧନ ପାତ୍ର)


ଜିଲାର ଶ୍ରେଷ୍ଠ ବିଦ୍ୟାଳୟ ଭାବେ ସେରପାଲ୍ଲୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ପୁରସ୍କୃତ କରାଯାଉଛି।

## ବିଶ୍ୱ ବନ ଦିବସ ପାଳିତ

ମାନବ ସମାଜ ବଞ୍ଚିବା ପାଇଁ ବ୍ୟବହାର କରୁଥିବା ପ୍ରତ୍ୟେକ ଖାଦ୍ୟ ପଦାର୍ଥ ଜଙ୍ଗଲରୁ ହିଁ ଉତ୍ପାଦନ ହୁଏ। ତେଣୁ ଜଙ୍ଗଲ ସୁରକ୍ଷା ସମସ୍ତଙ୍କ ଜନସମାଜର ମୁଖ୍ୟ କର୍ତ୍ତବ୍ୟ ବୋଲି ବିଶ୍ୱ ବନ ଦିବସ ଉପଲକ୍ଷେ ଶୁକ୍ରବାର ଖଣ୍ଡୀୟ ବନାଧିକାରୀ ପ୍ରତାପ କତାପାଲୀ ପ୍ରକାଶ କରିଛନ୍ତି। ସ୍ଥାନୀୟ ସତୀଗୁଡା ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ସଭାଗୃହରେ ଖଣ୍ଡୀୟ ବନାଧିକାରୀ କତାପାଲୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ବନ ସଂରକ୍ଷକ ସୁଶ୍ରୀ ପ୍ରିୟଙ୍କା ମହୁକା, ବରିଷ୍ଠ ଖବରଦାତା ଦେବପ୍ରସାଦ ଦାସ, ସବୁଜ ବାହିନୀ ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର ନିଜ ନିଜର ମତ ଦେଇଥିଲେ। ଏବେ ବିଭିନ୍ନ କଳକାରଖାନା, ରାସ୍ତା ନିର୍ମାଣ, ବିଦ୍ୟୁତ୍ ଲାଇନ, ବୃହତ୍ ଜଳଭଣ୍ଡାର, କୋଠାଘର ନିର୍ମାଣ, ଏବଂ ଜନସଂଖ୍ୟା ବୃଦ୍ଧି ଯୋଗୁ ନୂତନ ସ୍ଥାପନ ପାଇଁ ଜଙ୍ଗଲ ନଷ୍ଟ ଇତ୍ୟାଦି ଦ୍ୱାରା ଜଙ୍ଗଲ ଆସ୍ତେ ଆସ୍ତେ କ୍ଷୟ ହେବାରେ ଲାଗିଛି। ଅନ୍ୟପକ୍ଷରେ ଜଙ୍ଗଲରେ ନିଆଁ ଲଗାଇବା, ଅବାଧରେ ବନ୍ୟ ଜନ୍ତୁ ଶିକାର କରିବା ଦ୍ୱାରା ଆଜି ପ୍ରାକୃତିକ ଜଙ୍ଗଲ ପୂର୍ବାବସ୍ଥା ନାହିଁ। ଏଥିସହ ନିୟମିତ ଋତୁ, ନିୟମିତ ବୃଷ୍ଟିରେ ଅନିୟମିତତା ଦେଖାଦେଇଛି। ତେଣୁ ଆଜିର ଦିବସରେ ଜଙ୍ଗଲ ସୁରକ୍ଷା କରିବା, ଜଙ୍ଗଲରେ ନିଆଁ ନ ଲଗାଇବା, ବୃକ୍ଷରୋପଣ କରିବା, ଜଙ୍ଗଲ ବୃଦ୍ଧି କରିବା ନିମନ୍ତେ ସମସ୍ତେ ଶପଥ ପାଠ କରିବା ଉଚିତ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଉପଲକ୍ଷେ ଜିଲାରେ ସେରପାଲ୍ଲୀ ଉଚ୍ଚ ବିଦ୍ୟାଳୟ ଜଙ୍ଗଲ ସୁରକ୍ଷା , ବୃକ୍ଷରୋପଣ ଓ ଜଙ୍ଗଲ ସମ୍ବନ୍ଧୀୟ ସଚେତନ ସୃଷ୍ଟି କରିଥିବାରୁ ଜିଲାର ଶ୍ରେଷ୍ଠ ବିଦ୍ୟାଳୟ ଭାବେ ରାଜ୍ୟ ସରକାରଙ୍କ ତରଫରୁ ପ୍ରଧାନ ଶିକ୍ଷକ ନନିଗୋପାଳ ଦାସଙ୍କୁ ୧୦ ହଜାର ଟଙ୍କାର ଚେକ୍, ମାନପତ୍ର ଏବଂ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବନ ସଂରକ୍ଷଣ ସମିତି ସଭାପତି, ବିଦ୍ୟାଳୟର ଛାତ୍ରୀମାନେ ଉପସ୍ଥିତ ଥିଲେ। ସମସ୍ତ ବନାଞ୍ଚଳ ଅଧିକାରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବେଳେ ମାଲକାନଗିରି ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ରାଉତ ପରିଚାଳନା କରିଥିଲେ।

# ମୃତ ୧୮ ମାଓବାଦୀଙ୍କ ପରିଚୟ ମିଳିଲା, ଅସ୍ତ୍ରଶସ୍ତ୍ର ଜବତ



ଜବତ ଅସ୍ତ୍ରଶସ୍ତ୍ର।

ମାଲକାନଗିରି, ୨୧।୩ (ନୃସିଂହ ଚରଣ ମହାନ୍ତି)

## ସୀମାନ୍ତରେ ଏନ୍‌କାଉଣ୍ଟରରେ ୩୦ ମାଓବାଦୀ ନିହତ ଘଟଣା

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ଗୁରୁବାର ପୃଥକ୍ ଦୁଇଟି ସ୍ଥାନରେ ପୋଲିସ ଏନ୍‌କାଉଣ୍ଟରରେ ୩୦ ମାଓବାଦୀ ନିହତ ହୋଇଥିଲେ। ଏହି ଘଟଣାରେ ସମସ୍ତ ମାଓବାଦୀଙ୍କ ମରଶରୀର ଜବତ କରାଯାଇଛି। ତେବେ ବିଜାପୁର ଗୁଳି ବିନିମୟରେ ନିହତ ହୋଇଥିବା ୨୬ ଜଣ ମାଓବାଦୀଙ୍କ ମୃତଦେହ ଜବତ କରାଯାଇଛି ; ଯେଉଁଥିରେ ୧୪ ଜଣ ମହିଳା ମାଓବାଦୀଙ୍କ ମରଶରୀର ରହିଛି। ଏନ୍‌କାଉଣ୍ଟରରେ ନିହତ ୧୮ ଜଣ ମାଓବାଦୀଙ୍କୁ ଚିହ୍ନଟ କରାଯାଇଛି। ଚିହ୍ନଟ ହୋଇଥିବା ୧୮ ମାଓବାଦୀଙ୍କ ମଧ୍ୟରେ ଡିଭିସିଏମ୍, ଏସିଏମ୍, ପିଏଲ୍‌ଜିଏ ସଦସ୍ୟ ଭଳି ଅନେକ କ୍ୟାଡର ଓ ଇନାମି ମାଓବାଦୀ ରହିଛନ୍ତି। ସେହିପରି ଘଟଣାସ୍ଥଳରୁ ବିପୁଳ ପରିମାଣର ଏକେ-୪୭ ରାଇଫଲ, ଏସ୍‌ଏଲ୍‌ଆର୍, ଇନ୍ସାସ, ରାଇଫଲ, ୩୦୩ ରାଇଫଲ, ରକେଟ ଲଞ୍ଚର୍, ବିଜିଏଲ ଲଞ୍ଚର ଅସ୍ତ୍ରଶସ୍ତ୍ର ସହିତ ବିସ୍ଫୋରକ ସାମଗ୍ରୀ, ଔଷଧ, ମାଓବାଦୀ ୟୁନିଫର୍ମ, ସାହିତ୍ୟ ଏବଂ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଜବତ କରାଯାଇଛି। ସେହିପରି ଗୁରୁବାର ଶହୀଦ ହୋଇଥିବା ଡିଆର୍‌ଜି କନ୍‌ଷ୍ଟେବଲ ରାଜୁରାମ ଓୟାମଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏନ୍‌କାଉଣ୍ଟରରେ ନିହତ ୧୮ ଜଣ ମାଓବାଦୀଙ୍କ ପ୍ରାଥମିକ ଚିହ୍ନଟ କରାଯାଇଥିବା ବେଳେ ଏମାନଙ୍କ ନାମରେ ପ୍ରାୟ ୯୩ ଲକ୍ଷର ପୁରସ୍କାର ରାଶି ରହିଥିବା ଜଣାପଡିଛି।

# ଗୃହରକ୍ଷୀଙ୍କୁ ଆକ୍ରମଣ ଘଟଣା, ୧୭ ଗ୍ରାମବାସୀ ଚିହ୍ନଟ

ଚିତ୍ରକୋଣ୍ଡା,୨୧।୩ (ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ପାପରମେଟଲା ଥାନା ଅନ୍ତର୍ଗତ ଲିମାତଙ୍ଗ ଗ୍ରାମରେ ଚିତ୍ରକୋଣ୍ଡା ପୋଲିସ ଚଢ଼ାଉ କରିବା ସମୟରେ ଗ୍ରାମବାସୀ ପୋଲିସ ଉପରେ ଆକ୍ରମଣ କରିବା ଘଟଣାରେ ସମ୍ପୃକ୍ତ ୧୭ ଜଣଙ୍କୁ ଶୁକ୍ରବାର ଚିତ୍ରକୋଣ୍ଡା ପୋଲିସ ଚିହ୍ନଟ କରିଛି। ପ୍ରକାଶ ଥାଉକି , ଗତ ୧୯ ତାରିଖରେ ଚିତ୍ରକୋଣ୍ଡା ଥାନା ପୋଲିସ ଓ ଗୃହରକ୍ଷୀମାନେ ମିଳିତ ଭାବେ ଲିମାତଙ୍ଗ ଗ୍ରାମରେ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିବା ପାଇଁ ଉକ୍ତ ଗ୍ରାମରେ ଚଢାଉ କରିଥିଲେ। ପୋଲିସକୁ ଦେଖି ଲିମାତଙ୍ଗ ଗ୍ରାମବାସୀ ପୋଲିସ ଉପରେ ଆକ୍ରମଣ କରିଥିଲେ। ଗ୍ରାମବାସୀଙ୍କ ଆକ୍ରମଣରେ ଦେବେନ୍ଦ୍ର ରାଉତ ନାମକ ଜଣେ ଗୃହରକ୍ଷୀ ଗୁରୁତର ହୋଇଥବାବେଳେ କେତେଜଣ ପୋଲିସ ମଧ୍ୟ ଆହତ ହୋଇଥିଲେ। ଏହାକୁ ଆଧାର କରି ଶୁକ୍ରବାର ଚିତ୍ରକୋଣ୍ଡା ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଥିବା ଲିମାତଙ୍ଗ ଗ୍ରାମର ୧୭ ଜଣଙ୍କୁ ଚିହ୍ନଟ କରିଥିବାବେଳେ ପରବର୍ତ୍ତୀ ସମୟରେ ସେମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

# ଖଡ଼ିଛୁଆଁ ଉତ୍ସବ ପାଇଁ ନିମନ୍ତ୍ରଣପତ୍ର ବଣ୍ଟନ


ତହସିଲଦାର ଏବଂ ଅନ୍ୟ ଅଧିକାରୀ ଶିଶୁ ବାଟିକ ନିମନ୍ତ୍ରଣପତ୍ର ପ୍ରଦାନ କରୁଛନ୍ତି।

ଝରିଗାଁ,୨୧।୩(କିଶୋର ଚନ୍ଦ୍ର ମଣ୍ଡଳ)

ଚଳିତ ଶିକ୍ଷାବର୍ଷରୁ ଲାଗୁହେବ ଶିଶୁ ବାଲବାଟିକା। ଏପ୍ରିଲ ୨ରେ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ। ଏ ନେଇ ଶୁକ୍ରବାର ଝରିଗାଁ ସଦର ଭୂତପୂର୍ବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳରେ ଶିଶୁ ବାଟିକ ନିମନ୍ତ୍ରଣପତ୍ର ବଣ୍ଟନ କାର୍ଯ୍ୟକ୍ରମ ବିଇଓଙ୍କ ଅଧ୍ୟକ୍ଷତାରେ କରାଯାଇଛି। ଏଥିରେ ଝରିଗାଁ ତହସିଲଦାର ସୁମନ୍ତ କୁମାର ପାତ୍ର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ବ୍ଲକ୍ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ସ୍ଥାନୀୟ ସରପଞ୍ଚ ଯୋଗେଶ୍ୱର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଗ୍ରାମରେ କେତେଜଣ ଅଭିଭାବକମାନଙ୍କୁ ସାକ୍ଷାତକରି ପିଲାମାନଙ୍କୁ ଶିଶୁବାଟିକରେ ସାମିଲକରିବା ନେଇ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଅଛି । ପ୍ରାଥମିକ ଶିକ୍ଷାକୁ ଜାତୀୟ ଶିକ୍ଷାନୀତି ଆଧାରରେ ପରିଚାଳନା ପାଇଁ ଶିଶୁବାଟିକାର ଗୁରୁତ୍ୱ, ପ୍ରସ୍ତୁତି, ଶ୍ରେଣୀ ଶୃଙ୍ଖଳା ନିମନ୍ତେ ବିଭିନ୍ନ ଦିଗର ବିକାଶ ତଥା ଶିଶୁ ବାଟିକା ଶ୍ରେଣୀର ମାନ ନିର୍ଦ୍ଧାରଣ କୌଶଳକୁ ଅବଗତ କରାଇବା ଶିବିରର ମୂଳଲକ୍ଷ୍ୟ ବୋଲି ତହସିଲଦାର କହିଛନ୍ତି। ୫ ରୁ ୬ ବର୍ଷ ବୟସର ପିଲାଙ୍କୁ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପାଇଁ ଭର୍ତ୍ତି କରାଯିବ। ୨୦୨୫-୨୬ ଶିକ୍ଷାବର୍ଷରୁ ପ୍ରଥମ ଶ୍ରେଣୀରେ ନାମଲେଖା ପାଇଁ ଶିଶୁର ବୟସ ସେହି ଶିକ୍ଷାବର୍ଷର ସେପ୍ଟେମ୍ବର ପହିଲା ସୁଦ୍ଧା ୬+ ବର୍ଷ ହୋଇଥିବା ଆବଶ୍ୟକ। ୨୦୨୫-୨୬ ଶିକ୍ଷାବର୍ଷ ଏପ୍ରିଲ ପହିଲାରୁ ଆରମ୍ଭ ହେବ। ଆସନ୍ତା ୨ଏପ୍ରିଲରୁ ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଏବଂ ଖଡିଛୁଆଁ ଅଭିଯାନ ପାଳନ କରାଯିବ ବୋଲି ବିଇଓ ସୋଭେନ୍ କୁମାର ମଣ୍ଡଳ କହିଛନ୍ତି। ଏହି ଅବସରରେ ଝରିଗାଁ ସିଆର୍‌ସିସି କ୍ଷମାନିଧି ହରିଜନ, ପ୍ରଧାନ ଶିକ୍ଷକ ବିପିନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ତାଲିଆମ୍ବାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ମିଲି ଡାକୁଆ ଏବଂ ଜୟନ୍ତୀ ଗ୍ରାମ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସରିତା ମହାନ୍ତିଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମାଝୀ ଏବଂ ବିଡିଓ ମଧୁସୂଦନ ମାଝୀ, ବିଇଓ ସୋଭେନ ମଣ୍ଡଳ ପ୍ରମୁଖ ଅଭିଭାବକମାନଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ।

# ସେକ୍ସ ର୍ୟାକେଟ୍‌ର ୫ ଅଭିଯୁକ୍ତ ଗିରଫ

ଜୟପୁର,୨୧।୩(ପବନ ପାଣିଗ୍ରାହୀ)

## ଲଜ୍‌ରେ ପୋଲିସର ଚଢ଼ାଉ


ଗିରଫ ୩ ଅଭିଯୁକ୍ତ।

ଜୟପୁରର ରୋଜ୍ ଲ୍ୟାଣ୍ଡ ଲଜ୍‌ରେ ସେକ୍ସ ର୍ୟାକେଟ୍ ଚାଲିଥିବା ବେଳେ ଜୟପୁର ଟାଉନ ପୋଲିସ ଚଢ଼ାଉ କରି ୨ ମହିଳାଙ୍କ ସହ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନୟାଗଡର ସୁମନ୍ତ କୁମାର ନିଶଙ୍କ(୩୦), କୋରାପୁଟର ଅଶୋକ କୁମାର ଗୁଜେଲ(୨୨) ଓ ବିଜୟ କୁମାର ଭଇଁସା(୨୧)। ସେମାନଙ୍କଠାରୁ ବହୁ ଆପତ୍ତିଜନକ ସାମଗ୍ରୀ, ଔଷଧ ଓ ୨ଟି ସ୍ମାର୍ଟ ଫୋନ ଜବତ କରାଯାଇଛି। ଟାଉନ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ମୁଖ୍ୟ ରାସ୍ତାରେ ଥିବା ଲଜ୍‌ରେ ସେକ୍ସ ର୍ୟାକେଟ ଚାଲିଥିବା ସୂଚନା ମିଳିଥିଲା। କେସ୍ ନଂ. ୧୧୯/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଟାଉନ ଥାନା ଅଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# ଓଡ଼ିଆ ଭାଷା ସାହିତ୍ୟର ମାଟିମଗ୍ନା କବି ଥିଲେ ବଳରାମ


ଅତିଥିମାନେ କବିଙ୍କ ସ୍ମୃତିରେ ଏକ ସ୍ମରଣିକା 'ମାଲ୍ୟବନ୍ତର ମହାନାୟକ' ଉନ୍ମୋଚନ କରୁଛନ୍ତି।

କୋରୁକୋଣ୍ଡା,୨୧।୩(ଶିବଦତ୍ତ ସାହୁ )

## ସ୍ୱର୍ଗତ କବି ବଳରାମ ପୂଜାରୀଙ୍କ ୫୧ତମ ଜୟନ୍ତୀ

ଓଡିଆ ଭାଷା ସାହିତ୍ୟର ଜଣେ ମାଟିମଗ୍ନା କବି ଭାବରେ ସ୍ୱର୍ଗତ ବଳରାମ ପୂଜାରୀ ସୁପରିଚିତ। ତାଙ୍କ ରଚନାରେ ମାଲ୍ୟବନ୍ତର ଭାବ ଝଲସି ଉଠେ। ସୌଭାଗ୍ୟ ବସତଃ ସେ ବିଶ୍ୱ କବିତା ଦିବସରେ ଜନ୍ମ ଗ୍ରହଣ କରି ମାଲକାନଗିରି ଜିଲା ତଥା ରାଜ୍ୟକୁ କାବ୍ୟମୟ କରି ପାରିଛନ୍ତି। ତାଙ୍କ ଲେଖାର ସଂରକ୍ଷଣ ତଥା କବିଙ୍କ ସ୍ମୃତିରକ୍ଷା କରି ପ୍ରତିମୂର୍ତ୍ତି ସ୍ଥାପନ, ତାଙ୍କ ନାମରେ ବିଭିନ୍ନ ସଡକ ନାମିତ କରିବା, କବିଙ୍କ ନାମରେ ପାଠାଗାର ପ୍ରତିଷ୍ଠା ଆଦି କରିପାରିଲେ ତାଙ୍କ ପ୍ରତି ଉଚିତ୍ ସମ୍ମାନ ହେବ ବୋଲି କବି ବଳରାମ ପୂଜାରୀଙ୍କ ୫୧ତମ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କୁଡୁମୁଲୁଗୁମ୍ମାସ୍ଥିତ ଡାରୱିନ ସ୍ନାତକ ମହାବିଦ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ଅଞ୍ଚଳରୁ ଅନେକ ସାରସ୍ୱତ ସାଧକ ଯୋଗଦେଇଥିଲେ। ଏହି ଅବସରରେ ମୁକେଶ କବାସିଙ୍କ ଦ୍ୱାର ପ୍ରସ୍ତୁତ କବିଙ୍କୁ ସମର୍ପିତ ବାଲୁକା କଳାକୁ ଅତିଥିମାନେ ଉଦ୍‌ଘାଟନ କଲା ପରେ ଆନୁଷ୍ଠାନିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆକାଶବାଣୀ ଜୟପୁରର ଉଦ୍‌ଘୋଷକ ରଘୁନାଥ ବିଶ୍ୱାଳ ମଞ୍ଚ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ଲକ୍ଷ୍ମୀ ମାଝୀ, ଦେଶିଆ କୁଟୁମ୍ବର ସଭାପତି ସାଇମନ ବିଡିକା, ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀର ମହାସଚିବ ଦଣ୍ଡପାଣି ମହାପାତ୍ର, ବ୍ଲକ ଶିକ୍ଷାଧିକାରୀ ଗାୟତ୍ରୀ ଦେବୀ, ନିର୍ବାଣ ସାହିତ୍ୟ ସଂସଦର ସମ୍ପାଦକ ଚନ୍ଦ୍ରକାନ୍ତ ବିଶ୍ୱାଳ, ଚକ୍ରପାଣି ପରିଚ୍ଛା, ବୈଶାଖୀ ପରିବାରର ସମ୍ପାଦକ ବିଚିତ୍ରାନନ୍ଦ ପଣ୍ଡା ଅତିଥି ଭାବରେ ଥିବାବେଳେ ଉପସ୍ଥିତ କବିମାନେ ବଳରାମ ପୂଜାରୀଙ୍କ ଲିଖିତ କବିତାପାଠ କରିଥିଲେ। କବିଙ୍କ ସ୍ମୃତିରେ ଏକ ସ୍ମରଣିକା "ମାଲ୍ୟବନ୍ତର ମହାନାୟକ" ଉନ୍ମୋଚନ ହୋଇଥିଲା । କୁଡୁମୁଲୁଗୁମ୍ମା ସାମ୍ବାଦିକ ସଂଘ ତରଫରୁ କବି ପୂଜାରୀଙ୍କ ଧର୍ମପତ୍ନୀ ପୁଷ୍ପାଞ୍ଜଳୀ ରଣାଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଡାରୱିନ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଇକୋ କ୍ରାଫ୍ଟ କର୍ମଶାଳା


ଛାତୀଛାତ୍ର କଳାକୃତି ପ୍ରଦର୍ଶନ କରୁଛନ୍ତି।

ଜୟପୁର,୨୧।୩(ପବନ ପାଣିଗ୍ରାହୀ)

ଜୟପୁର ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟରେ ଇକୋ କ୍ରାଫ୍ଟ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଖଲିକୋଟ ଚିତ୍ର ଓ କାରୁକଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ସଂଯୋଜକ ଜୟନ୍ତ କୁମାର ଦାଶ, କଳା ବିଦ୍ୟାଳୟର ଅଧ୍ୟକ୍ଷ ଯୁଧିଷ୍ଠିର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ପୂର୍ବତନ ଜିଲା ସଂସ୍କୃତି ଅଧିକାରୀ କୃଷ୍ଣଚନ୍ଦ୍ର ନିଶଙ୍କ ଯୋଗଦେଇଥିଲେ। ବିଦ୍ୟାଳୟର ୩୫ ଛାତ୍ର ଓ ୨୦ଜଣ ପୂର୍ବ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରତ୍ୟେକ ବିଭାଗରେ ୧୨ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ପାରମ୍ପରିକ ଚିତ୍ରକଳାର କର୍ମଶାଳା ଯଥା ଜୟପୁରର ବାଉଁଶ କାମ ଆଶିଷ କୁମାର ରଥ, ଲାଖ କାମ ନବରଙ୍ଗପୁରର ପାର୍ବତି ପାତ୍ର, ଟେରାକୋଟା କାମ ନବରଙ୍ଗପୁରର ମୀନାକ୍ଷି ନାୟକ ଓ ଜୟପୁର କୋବର କୁଣ୍ଡେଇ କାମ ସରୋଜିନୀ ମହାପାତ୍ର କରିଥିଲେ। ବିଦ୍ୟାଳୟର କର୍ମଚାରୀ କୃଷ୍ଣା ପାଙ୍ଗି, ଅର୍ଚ୍ଚନା ଦାଶ, କେ. ସୁନୀଲ କୁମାର ଓ ସୁରେନ୍ଦ୍ର ବାଘ ସହଯୋଗ କରିଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ବିଶେଷଜ୍ଞମାନଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇଥିଲା।

# ଲିଖିଲ ୱାରିଅରକୁ ହରାଇ ବିରାଟ ରାଇଡର ଚାମ୍ପିୟନ

## ରାତ୍ରିକାଳୀନ ମାଥିଲି କ୍ରିକେଟ ପ୍ରିମିୟର ଲିଗ୍ ଉଦ୍‌ଯାପିତ

ମାଥିଲି, ୨୧।୩ (ସୁବାଷ ଚନ୍ଦ୍ର ଖୁଡୁପିଆ)



ଅତିଥିଙ୍କ ସହ ବିଜୟୀ ଦଳର ଖେଳାଳି ଓ ଅନ୍ୟମାନେ।

ମାଲକାନଗିରି ଜିଲା ମାଥିଲି ମିନି ଷ୍ଟାଡିୟମରେ ୧୧ ଦିନ ଧରି ଚାଲିଥିବା ଟେନିସ୍ ବଲ କ୍ରିକେଟ ପ୍ରିମିୟର ଲିଗ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି। ଏଥିରେ ୬ଦଳ ଭାଗ ନେଇଥିଲେ। ଗୁରୁବାର ଫାଇନାଲ ମ୍ୟାଚ ବିରାଟ ରାଇଡର ଓ ଲିଖିଲ ୱାରିୟର୍ସ ମଧ୍ୟରେ ଖେଳା ଯାଇଥିଲା। ବିରାଟ ରାଇଡର ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୪ ଉଇକେଟ ହରାଇ ୨୦୪ ରନ କରିଥିଲା। ଜବାବରେ ଲିଖିଲ ୱାରିଅର ସମସ୍ତ ଉଇକେଟ ହରାଇ ୭୫ ରନ କରିଥିଲା। ବିରାଟ ରାଇଡରର ଖେଳାଳି ଗଜେନ୍ଦ୍ର ମାଝୀ ୩ଓଭରରେ ୪ ଉଇକେଟ ନେଇଥିଲେ। ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚଭାବେ ପୁରସ୍କୃତ କରାଯାଇଛି। ଲିଖିଲ ୱାରୀଅର ଦଳର ଖଲିଲ ସାହାଙ୍କୁ ମ୍ୟାନ ଅଫ ଦି ସିରିଜଭାବେ ବିବେଚିତ କରାଯାଇଛି। ବିଜୟୀ ଦଳକୁ ୭୭ ହଜାର ୭୭୭ ଓ ରନର୍ସଅପ୍ ଦଳକୁ ୬୬ ହଜାର ୬୬୬ ପୁରସ୍କାର ରାଶୀ ଓ ଟ୍ରଫି ପ୍ରଦାନ କରାଯାଇଛି। ବସନ୍ତ ପଣ୍ଡା ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟା ସସ୍ମିତା ମାଝୀ, ମାଥିଲି ଥାନାଧିକାରୀ ଦେବଦତ୍ତ ମଲ୍ଲିକ, ସମିତି ସଭ୍ୟ ବାଲାରାଜୁ କୋପେ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଚିତ୍ତରଞ୍ଜନ ମହାରଣା, କଲେଜ ଅଧ୍ୟକ୍ଷ ସୁବ୍ରତ ଭଦ୍ର, ପୂର୍ବତନ ଖେଳାଳି ବିଜୟ ପଣ୍ଡା, ପୂର୍ବତନ ଖେଳାଳି ଦୀନବନ୍ଧୁ ନାୟକ, ଚାଉଳମେଣ୍ଡି ସରପଞ୍ଚ ଜଳନ୍ଧର ନାୟକ, ପାଙ୍ଗାମ ସରପଞ୍ଚ ଇନ୍ଦ୍ର ନାୟକ, ଗୋବିନ୍ଦପାଲି ସରପଞ୍ଚ ଶ୍ରୀନିବାସ ମୁଦୁଲି ଯୋଗ ଦେଇଥିଲେ। ଅମ୍ପାୟାରଭାବେ ତୁଷାରକାନ୍ତ ପଣ୍ଡା ଓ ଆକାଶ ପ୍ରଧାନ କାର୍ଯ୍ୟଭାର ତୁଲାଇଥିଲେ। ରୋହିତ ବେହେରା ଟୁର୍ନାମେଣ୍ଟର ଧାରା ବିବରଣୀ ଦେଇଥିଲେ।

# ୧୦ ଦଫା ଦାବି ନେଇ ଆଶାକର୍ମୀଙ୍କ ଦାବିପତ୍ର

ମାଲକାନଗିରି,୨୧।୩ (ଦୁର୍ଯ୍ୟୋଧନ ପାତ୍ର)

ରାଜ୍ୟ ଆଶାକର୍ମୀ ସଂଘର ମାଲକାନଗିରି ଜିଲା ତରଫରୁ ଶୁକ୍ରବାର ଜିଲାର ସମସ୍ତ ଆଶାକର୍ମୀମାନେ ରାଲି ମାଧ୍ୟମରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ୧୦ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି, ଆଶାକର୍ମୀଙ୍କ ଦରମା ୧୮ ହଜାର ଏବଂ ଆଶା ଫେମିନିରେଟରଙ୍କ ଦରମା ୨୪ ହଜାରକୁ ବର୍ଦ୍ଧିତ କରାଯାଉ, ଆଶାକର୍ମୀଙ୍କ ଦୁର୍ଘଟଣା ହେଲେ କିମ୍ବା କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କଲେ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ, ଆଶାକର୍ମୀଙ୍କୁ ଅବସରକାଳୀନ ସହାୟତା ବାବଦକୁ ୧୦ ଲକ୍ଷ ଟଙ୍କା ପ୍ରଦାନ, ପ୍ରତ୍ୟେକ ଚିକିତ୍ସାଳୟ ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଶାକର୍ମୀଙ୍କ ନିମନ୍ତେ ସ୍ୱତନ୍ତ୍ର ବିଶ୍ରାମ ଗୃହ ନିର୍ମାଣ, ଆଶାକର୍ମୀମାନେ ପ୍ରତି ଗ୍ରାମ ବୁଲି ସେବା ଯୋଗାଉଥିବାବେଳେ ଗ୍ରାମଗୁଡିକୁ ଯାତ୍ରା କରିବା ନିମନ୍ତେ ଯାତ୍ରାଜନିତ ଅର୍ଥ ରାଶି ପ୍ରଦାନ କରାଯିବାକୁ ଦାବି ହୋଇଛି। ସେହିପରି ବରିଷ୍ଠ ଆଶାକର୍ମୀଙ୍କୁ ଟିକାକରଣ ସମ୍ବନ୍ଧୀୟ ତାଲିମ ପ୍ରଦାନ କରାଯାଉ, ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମନଧନ ଯୋଜନାରେ ପ୍ରବେଶିକାଙ୍କ ବୟସ ସୀମା ୧୮ ରୁ ୪୦ ବର୍ଷ ଥିବା ବେଳେ ଏହାକୁ ୬୦ ବର୍ଷକୁ ବର୍ଦ୍ଧିତ କରାଯାଉ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ଆଶାକର୍ମୀ ଯୋଗଦେଇଥିଲେ।



ମାଲକାନଗିରି ଜିଲା ଆଶାକର୍ମୀ ସଂଘର ଶୋଭାଯାତ୍ରା।

# ୨୭ରେ ବିଧାନସଭା ଘେରାଉ ପାଇଁ ଜିଲା କଂଗ୍ରେସର ପ୍ରସ୍ତୁତି

ମାଲକାନଗିରି,୨୧।୩ (ଦୁର୍ଯ୍ୟୋଧନ ପାତ୍ର)



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତା ।

ଓଡ଼ିଶାରେ ବିଜେଡି ଓ ଭାଜପା ନାରୀ ନିର୍ଯାତନା ରୋକିବାରେ ବିଫଳ ହୋଇଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ୨୭ ତାରିଖରେ ବିଧାନସଭା ଘେରାଉ ପାଇଁ ମାଲକାନଗିରି ଜିଲା କଂଗ୍ରେସ କମିଟି ତରଫରୁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ସହ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୋରାପୁଟ ପୂର୍ବତନ ବିଧାୟକ କୃଷ୍ଣ ସଗରିଆ, ବରିଷ୍ଠ କଂଗ୍ରେସ ନେତା ଦ୍ୱାରିକା ମହାପାତ୍ର, ମାଲକାନଗିରି କାର୍ଯ୍ୟକାରୀ ସଭାପତି ଜି. ଶ୍ରୀନିବାସ ରାଓ, କାଲିମେଳା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ମାଲା ମାଡି, ପୋଟ୍ରେଲ ପୂର୍ବତନ ସରପଞ୍ଚ ଭୀମା ବାର୍ସେଙ୍କ ସହ ୫୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

ଦୀର୍ଘ ୨୪ ବର୍ଷ ବିଜେଡି ଶାସନରେ ଓଡ଼ିଶାରେ ବହୁ ନାରୀଙ୍କୁ ନିର୍ଯାତନା ସହ ହତ୍ୟା କରାଯାଇଛି। ମୋଟ ୧୬୦୦ ନାରୀ ନିର୍ଯାତନା ମାମଲା ଘଟିଥିବା ବେଳେ ଅନେକ ସ୍ଥାନରେ ଏଥିରେ ଦଳୀୟ ନେତାମାନେ ସମ୍ପୃକ୍ତ ଥିବା ପୂର୍ବରୁ ଅଭିଯୋଗ ହୋଇଆସୁଛି। ତେବେ ୨୪ ବର୍ଷର ବିଜେଡି ଓ ୯ ମାସର ଭାଜପା ସରକାର ଏଥିପାଇଁ କୌଣସି ପଦକ୍ଷେପ ନ ନେବା ନାରୀ ସମାଜ ପ୍ରତି ଅବମାନନା। ସୁଭଦ୍ରା ଯୋଜନାକରି ନାରୀମାନଙ୍କୁ ଭୁଆଁ ବୁଲାଉଥିବା ସରକାର ନାରୀଙ୍କ ଉନ୍ନତି ଏବଂ ସ୍ୱାବଲମ୍ବୀ ଚାହାନ୍ତି ନାହିଁ। ଗତ ଫେବୃଆରୀ ୬ରେ ମାଲକାନଗିରି ଜିଲା କାଲିମେଳା ବ୍ଲକ ଏମ୍‌ଭି-୭୨ ବିଦ୍ୟାଳୟର ୨ଜଣ ନାବାଳିକା ଛାତ୍ରୀଙ୍କୁ ହତ୍ୟା କରାଯାଇଥିବା ବିଭିନ୍ନ ସଂସ୍ଥା ଓ ପରିବାରବର୍ଗ ଅଭିଯୋଗ କରିଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର ଉଚିତ ପଦକ୍ଷେପ ନିଆଯାଇନାହିଁ କିମ୍ବା ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ। ବିଜେଡି ସରକାର ସମୟରେ ଅନେକ ମନ୍ତ୍ରୀ ବଳାତ୍କାର ଓ ହତ୍ୟାରେ ସମ୍ପୃକ୍ତ ଥିଲେ ମଧ୍ୟ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହାର ପ୍ରତିବାଦ କରାଯାଇ ନାରୀ ସୁରକ୍ଷା ଦାବି ନେଇ ଆସନ୍ତା ୨୭ରେ ସାରା ରାଜ୍ୟର ୩୦ଟି ଜିଲାର କଂଗ୍ରେସ କର୍ମୀ, କର୍ମକର୍ତ୍ତା, ସାମାଜିକ କର୍ମୀ, ବୁଦ୍ଧିଜୀବୀମାନେ ବିଧାନସଭା ଘେରାଉ କରିବେ। ଏହି ଆନ୍ଦୋଳନରେ ମାଲକାନଗିରି ଜିଲାରୁ ୧୦ ହଜାର କର୍ମୀ ଅଂଶଗ୍ରହଣ କରିବେ ବୋଲି ଜିଲା କଂଗ୍ରେସ କମିଟି ସଭାପତି ପାତ୍ର ପ୍ରକାଶ କରିଛନ୍ତି।

# ୨୫୦ ନିୟୁତ ଟନ୍ ପଣ୍ୟ ପରିବହନ

ଭୁବନେଶ୍ୱର,୨୧।୩(ଅନୁରାଧା ମହାରଣା)



ପୂର୍ବତଟ ରେଳପଥ ପଣ୍ୟ ପରିବହନ କ୍ଷେତ୍ରରେ ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି। ୨୦୨୪–୨୫ ଆର୍ଥିକ ବର୍ଷ ଶେଷ ହେବାର ୧୧ଦିନ ପୂର୍ବରୁ ୨୫୦ ମେଟ୍ରିକ୍ ଟନ୍ ପଣ୍ୟ ପରିବହନ କରି ରେକର୍ଡ ସୃଷ୍ଟି କରିଛି। ଏତେ ପରିମାଣର ପଣ୍ୟ ପରିବହନ କରିବାରେ ଏହା ଦେଶର ପ୍ରଥମ ରେଳ ଜୋନ୍ ହୋଇଛି। ଲଗାତାର ଭାବେ ଦ୍ୱିତୀୟ ବର୍ଷ ପାଇଁ ୨୫୦ ନିୟୁତ ଟନ୍ ସୀମା ଅତିକ୍ରମ କରିଛି। ଏହି ସଫଳତା ହାସଲ କରିବା ପାଇଁ ପୂର୍ବତଟ ରେଳପଥ ଗତ ଆର୍ଥିକ ବର୍ଷରେ ୩୬୦ ଦିନ ସମୟ ନେଇଥିଲାବେଳେ ଚଳିତ ବର୍ଷ ୩୫୫ ଦିନରେ ଲକ୍ଷ୍ୟ ହାସଲ କରିଛି। ଏହାସହ ପୂର୍ବତଟ ରେଳପଥ କ୍ରମାଗତ ୬ଷ୍ଠ ଥର ପାଇଁ ୨୦୦ ନିୟୁତ ଟନ ପଣ୍ୟ ପରିବହନ ଅତିକ୍ରମ କରିବାର ଗୌରବ ମଧ ହାସଲ କରିଛି। ଏହା ବ୍ୟତୀତ ପୂର୍ବତଟ ରେଳପଥ ୨୦୨୪–୨୫ ଆର୍ଥିକ ବର୍ଷରେ ନିଜ କ୍ଷେତ୍ର ମଧ୍ୟରେ ୨୨୮.୩ ନିୟୁତ ଟନ୍ ମାଲ ପରିବହନ ମୁକ୍ତ/ଅନ୍‌ଲୋଡ କରିଛି, ଯାହା ୨୦୨୩–୨୪ ଆର୍ଥିକ ବର୍ଷ ତୁଳନାରେ ୨.୬% ଅଧିକ। ୨୦୨୩–୨୪ ଆର୍ଥିକ ବର୍ଷରେ ୨୧ ମାର୍ଚ୍ଚ ସୁଦ୍ଧା ପୂର୍ବତଟ ରେଳପଥ ୨୨୨.୪ ନିୟୁତ ଟନ୍ ମାଲ ପରିବହନ କରିଥିଲା। ଏହି ଐତିହାସିକ ସଫଳତା ହାସଲ କରିବାରେ ତାଳଚେରରେ ଥିବା ମହାନଦୀ କୋଲଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ)ର କୋଇଲା କ୍ଷେତ୍ର, ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଥିବା ପାରାଦୀପ, ଧାମରା, ବିଶାଖାପାଟଣା, ଗଙ୍ଗାଭରମ ଏବଂ ଗୋପାଳପୁର ଆଦି ୫ଟି ପ୍ରମୁଖ ବନ୍ଦର, ବୈଲାଡିଲା (ଛତିଶଗଡ଼) ଏବଂ କେଉଁଝର ଜିଲା (ଓଡ଼ିଶା)ରେ ଲୁହା ଖଣି, ପ୍ରମୁଖ ଇସ୍ପାତ ଓ ଆଲୁମିନିୟମ ଶିଳ୍ପ ଏହି ରେକର୍ଡ ସୃଷ୍ଟିରେ ସହାୟକ ହୋଇଥିବା ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ଉତ୍ସର୍ଗୀକୃତ ମନୋଭାବ ସଫଳତା ଆଣିଦେବ

**୧୯୭୯ ମସିହାରେ ବଲାଙ୍ଗୀରରେ ଯୁବୋଦ୍ୟୋଗୀ ବ୍ରିଜେଶ ମେହେରଙ୍କ ଜନ୍ମ। ବ୍ୟବସାୟ କ୍ଷେତ୍ରରେ ଏକାଗ୍ରତା ଓ କଠିନ ପରିଶ୍ରମ ଉପରେ ଗୁରୁତ୍ୱ ଦେଉଥିବା ବ୍ରିଜେଶ ମିନରବା ଜୁଏଲର୍ସରୁ ତାଙ୍କର ବ୍ୟବସାୟିକ ଜୀବନ ଆରମ୍ଭ କରିଥିଲେ । ପରେ ମିନରବା ଅଟୋମୋବାଇଲ୍ସ ନାଁରେ ଡିଲରଶିପ୍ ନେଇ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ପାଲଟିଛନ୍ତି। ଏକ ବହୁରାଷ୍ଟ୍ରୀୟ କମ୍ପାନୀ(ଏମ୍‌ଏନ୍‌ସି)ରେ କାର୍ଯ୍ୟ କରି ଫେରିବା ପରେ ନିଜ ଜନ୍ମମାଟିରେ ସେ କିପରି ବ୍ୟବସାୟ କ୍ଷେତ୍ରରେ ପାଦ ଦେଇଥିଲେ ଏବଂ ସଫଳତା ସାଉଁଟିଥିଲେ ସେନେଇ ବ୍ରିଜେଶଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଲୋଚନା...**




**ପ୍ର– ବ୍ୟବସାୟିକ ଯାତ୍ରା ସମ୍ପର୍କରେ ସଂକ୍ଷେପରେ କହିବେ?**

ଉ– ୨୦୦୪ରେ ବାଙ୍ଗାଲୋରରେ ଏମ୍‌ବିଏ ସାରିବା ପରେ ଏକ ଏମ୍‌ଏନ୍‌ସିରେ ୨ବର୍ଷ କାମ କରିଥିଲି।୨୦୦୬ରେଜନ୍ମମାଟିବଲାଙ୍ଗୀରଫେରି ମିନରବା ଜୁଏଲର୍ସ ନାମରେ ରିଟେଲ ଜୁଏଲେରି ବ୍ୟବସାୟ ଆରମ୍ଭ କରିଲି। ୨୦୧୨ରେ ପଶ୍ଚିମ ଓଡ଼ିଶାରେ ମହିନ୍ଦ୍ରା ଡିଲରଶିପ୍‌ର ସୁଯୋଗ ପାଇଲି। ୨୦୧୩ରେ ମିନରବା ଅଟୋମୋବାଇଲ୍ସ ପ୍ରାଇଭେଟ୍ ଲିମିଟେଡ୍ ନାମରେ ମହିନ୍ଦ୍ରା ଡିଲରଶିପ୍ ଆରମ୍ଭ କରିଥିଲି।

**ପ୍ର– ଓଡ଼ିଶାରେ କାର୍ ବଜାର ସ୍ଥିତି କିପରି ରହିଛି?**

ଉ– କୋଭିଡ୍ ସମୟରେ ଇଣ୍ଡଷ୍ଟ୍ରି କ୍ଷତିଗ୍ରସ୍ତ ହୋଇଥିଲା। ମାତ୍ର ଲୋକମାନେ ପ୍ରାଇଭେଟ୍ ଟ୍ରାନ୍ସପୋର୍ଟକୁ ଗୁରୁତ୍ୱ ଦେଉଥିବାରୁ ପରବର୍ତ୍ତୀ ମୁହୂର୍ତ୍ତରେ ଏହାର ଚାହିଦା ଖୁବ୍ ବଢ଼ିଛି। ବଜାରରେ ନୂଆ ନୂଆ ମଡେଲ ଉପଲବ୍ଧ ହେଉଛି। ବିଶେଷକରି ଏସୟୁଭି କ୍ଷେତ୍ରରେ ଗ୍ରାହକଙ୍କ ଆଗ୍ରହ ବଢ଼ିଛି। ସାରା ଦେଶରେ କାର ବିକ୍ରି କ୍ଷେତ୍ରରେ ଓଡ଼ିଶା ଖୁବ୍ ଆଗରେ ରହିଛି। ଗତ ୩ରୁ ୪ ବର୍ଷ ମଧ୍ୟରେ ସଡ଼କ ଏବଂ ଉନ୍ନତ ଭିତ୍ତିଭୂମି କାରଣରୁ ଯାନ ବିକ୍ରି ତ୍ୱରାନ୍ୱିତ ହୋଇଛି।

**ପ୍ର– ଏହି ଶିଳ୍ପରେ କେଉଁ ସବୁ ସମସ୍ୟା ଦେଇ ଗତି କରିବାକୁ ପଡ଼େ? ଗ୍ରାହକ ସନ୍ତୁଷ୍ଟୀକରଣ କେତେ ଗୁରୁତ୍ୱ ବହନ କରେ?**

ଉତ୍ତର: ବର୍ତ୍ତମାନ ପର୍ଯ୍ୟନ୍ତ ସେପରି କୌଣସି ବଡ଼ ଆହ୍ୱାନ ଆସିନାହିଁ। ମାତ୍ର ଭାବୁଛି ସୁଧହାରରେ କ୍ରମାଗତ ବୃଦ୍ଧି ଅଟୋମୋବାଇଲ୍ ବିକ୍ରିକୁ ଟିକେ ହତାଶ କରିଛି। ଏଥିସହ ଓଡ଼ିଶାରେ ନୂତନ ସରକାର ଗଠନ ହୋଇଥିବାବେଳେ ଗତ ୯ ମାସ ମଧ୍ୟରେ ଆନୁଷ୍ଠାନିକ ତଥା ସରକାରୀ ବିକ୍ରିକୁ ମନ୍ଥର କରିଦେଇଛି। ସ୍ଥିରତା ଏବଂ ତୀବ୍ର ନୀତି ନିର୍ଦ୍ଧାରଣ କରି ସ୍ଥିତି ନିୟନ୍ତ୍ରଣକୁ ଅଣାଯାଇପାରିବ। ସେହିପରି ପ୍ରତିଯୋଗିତାମୂଳକ ଭାବେ ଏହି ଶିଳ୍ପ ଅଗ୍ରଗତି କରୁଥିବାବେଳେ ଗ୍ରାହକ ସନ୍ତୁଷ୍ଟୀକରଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଯଦି ଜଣେ ଗ୍ରାହକଙ୍କୁ ସନ୍ତୁଷ୍ଟ କରିବାରେ ବିଫଳ ହେଉଛି ତେବେ ଗ୍ରାହକ ତାଙ୍କ ନିକଟକୁ ଫେରିବେ ବୋଲି ଆଶା ନ କରିବା ଭଲ।


**ପ୍ର– ସଷ୍ଟେନବଲ୍ ମୋବିଲିଟି କ୍ଷେତ୍ରରେ ବୈଦ୍ୟୁତିକ ଯାନର କ'ଣ ଭୂମିକା ରହିବ?**

ଉ– ବୈଦ୍ୟୁତିକ ଯାନ ଏପର୍ଯ୍ୟନ୍ତ ଏହାର ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି। ଚାର୍ଜ ଭିତ୍ତିଭୂମି ଭଳି ଆହ୍ୱାନ ରହିଛି। ମାତ୍ର ଜୀବାଶ୍ମ ଇନ୍ଧନ ପାଇଁ ଏହା ନିଶ୍ଚିତ ଭାବରେ ଏକ ଉତ୍ତମ ବିକଳ୍ପ। କମ୍ପାନୀଗୁଡ଼ିକ ବର୍ତ୍ତମାନ ନୂତନ ମଡେଲ ମଧ୍ୟ ଆଣୁଛନ୍ତି, ଯାହା ବୈଦ୍ୟୁତିକ ଯାନ ବିକ୍ରିରେ ସାହାଯ୍ୟ କରିବ।

**ପ୍ର– ଆପଣ ଯୁବୋଦ୍ୟୋଗୀଙ୍କୁ କ'ଣ ପରାମର୍ଶ ଦେବେ?**

ଉ– ଅଭିଜ୍ଞତାକୁ ଆଧାରକରି ଯୁବୋଦ୍ୟୋଗୀଙ୍କୁ ଗୋଟିଏ ପରାମର୍ଶ ଦେବାକୁ ଚାହିଁବି, ପ୍ରଥମତଃ ଆପଣଙ୍କ କର୍ମଚାରୀଙ୍କୁ ଖୁସି ଏବଂ ସନ୍ତୁଷ୍ଟ ରଖିବା ପାଇଁ ଆପଣ ଯାହା କରିପାରିବେ ତାହା କରନ୍ତୁ ଏବଂ ଏହାର ପ୍ରତିବଦଳରେ ସେମାନେ ଆପଣଙ୍କ ଗ୍ରାହକଙ୍କ ଯତ୍ନ ନେବେ। ଦ୍ୱିତୀୟରେ ଆଜିକାଲି ଅଟୋମୋବାଇଲ ଡିଲରଶିପ୍‌ର ବହୁତ ଚାହିଦା ରହିଛି। ଏହି କ୍ଷେତ୍ରରେ ଉତ୍ସର୍ଗୀକୃତ ମନୋଭାବ ଓ କଠିନ ପରିଶ୍ରମ ସଫଳତା ଆଣିଦେବ।

–ସାକ୍ଷାତ୍‌କାର: **ଅନୁରାଧା ମହାରଣା,** ଭୁବନେଶ୍ୱର



ବ୍ରିଜେଶ ମେହେର

# ରିଅଲ୍‌ମିର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୨୧।୩

ରିଅଲ୍‌ମିର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ରିଅଲମି ପି୩ ସିରିଜ ୫ଜିର ୨ୟ ଶୃଙ୍ଖଳକୁ ନିକଟରେ ଅନାବରଣ କରାଯାଇଛି। ଏପରିକି ରିଅଲମି ପି୩ ଅଲଟ୍ରା ୫ଜି ଓ ରିଅଲମି ପି୩ ୫ଜି ନେତୃତ୍ୱରେ ଏହି ଶୃଙ୍ଖଳ ଭାରତୀୟ ଉପଭୋକ୍ତାଙ୍କ ପାଇଁ ନିର୍ମିତ ହୋଇଛି। ସେହିଭଳି ପି୩ ସିରିଜ ୫ଜି ମିଡ୍ ସେଗମେଣ୍ଟରେ ନୂଆ ବେଂଚମାର୍କ ଧାର୍ଯ୍ୟ କରିବା ସହିତ ସେଗମେଣ୍ଟ ପ୍ରଥମ ଉଦ୍ଭାବନଗୁଡ଼ିକୁ ଆଣିଛି। ଏ ସମ୍ପର୍କରେ ରିଅଲମିର ପ୍ରବକ୍ତା କହିଛନ୍ତି, ଆମେ ରିଅଲ୍‌ମି ପି୩ ଅଲଟ୍ରା ୫ଜି ଓ ରିଅଲ୍‌ମି ପି୩ ୫ଜିକୁ ଅନାବରଣ ସହ ବଜାର ପ୍ରବେଶ କରାଇଛୁ।

# କୋଇଲା ଉତ୍ପାଦନରେ ଭାରତର ନୂଆ ମାଇଲଖୁଣ୍ଟ

ନୂଆଦିଲ୍ଲୀ,୨୧।୩



କ୍ରମାଗତ ଭାବେ କୋଇଲ ଉତ୍ପାଦନ ବୃଦ୍ଧି ଯୋଗୁ ଭାରତ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଦେଶ ୧ ବିଲିୟନ ଟନ୍ କୋଇଲା ଉତ୍ପାଦନର ଐତିହାସିକ ଆକଳନକୁ ମଧ୍ୟ ନିକଟରେ ଅତିକ୍ରମ କରିଛି। ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ୧ ବିଲିୟନ ଟନ୍ କୋଇଲା ଉତ୍ପାଦନର ଐତିହାସିକ ସଫଳତାକୁ ପ୍ରଶଂସା କରିଛନ୍ତି, ଯାହା ଶକ୍ତି ସୁରକ୍ଷା, ଆର୍ଥିକ ଅଭିବୃଦ୍ଧି ଏବଂ ଆତ୍ମନିର୍ଭରଶୀଳତା ପ୍ରତି ଦେଶର ଗୁରୁତ୍ୱପୂର୍ଣ୍ଣ ପ୍ରତିବଦ୍ଧତାକୁ ଦର୍ଶାଉଛି। ସେହିଭଳି ମୋଦି ଏହି ସଫଳତାକୁ ପ୍ରଶଂସାକରି ଏହାକୁ ଭାରତ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି ଅଭିହିତ କରିଛନ୍ତି ଏବଂ ଏହି କ୍ଷେତ୍ର ସହିତ ଜଡିତ ଲୋକମାନଙ୍କର ନିରନ୍ତର ସମର୍ପଣ ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଛନ୍ତି। ସେହିପରି କେନ୍ଦ୍ର କୋଇଲା ଏବଂ ଖଣିମନ୍ତ୍ରୀ ଜି. କିଶନ ରେଡ୍ଡୀ ମଧ ଏକ ଏକ୍ସ ପୋଷ୍ଟରେ ସୂଚନା ଦେଇ କହିଛନ୍ତି, ଭାରତ ୧ ବିଲିୟନ ଟନ୍ କୋଇଲା ଉତ୍ପାଦନ ସହିତ ଐତିହାସିକ ଆକଳନ ଅତିକ୍ରମ କରିଛି। କେନ୍ଦ୍ର ମନ୍ତ୍ରୀଙ୍କ ଏକ୍ସ ପୋଷ୍ଟ ଉପରେ ପ୍ରତିକ୍ରିୟା ଦେଇ ମୋଦି ଲେଖିଛନ୍ତି, ଭାରତ ପାଇଁ ଏକ ଗର୍ବର ମୁହୂର୍ତ୍ତ। ୧ ବିଲିୟନ ଟନ୍ କୋଇଲା ଉତ୍ପାଦନର ମାଇଲଖୁଣ୍ଟ ଅତିକ୍ରମ କରିଛି।

# ମୋବାଇଲ ଗେମିଂର ଚାହିଦା ବୃଦ୍ଧି

ନୂଆଦିଲ୍ଲୀ,୨୧।୩

କ୍ରମାଗତ ଭାବେ ମୋବାଇଲ ଗେମିଂର ଚାହିଦା ବୃଦ୍ଧି ପାଉଛି। ଏପରିକି ଭାରତର ଖେଳାଳୀଙ୍କ ସଂଖ୍ୟା ଗତ ୬ବର୍ଷ ମଧ୍ୟରେ ବାର୍ଷିକ ୧୪.୬% ହାରରେ ବୃଦ୍ଧି ପାଇଛି। ଏପରିକି ଆଇଏମଏଆରସି ରିପୋର୍ଟର ଧାରା ଉପରେ ଆଧାରିତ ଖେଳାଳୀଙ୍କ ସଦ୍ୟତମ ଆକଳନ ପ୍ରାୟ ୪୮ କୋଟିରେ ପହଁଚିଛି। ୨୦୨୩ରେ ଏହି ଖେଳାଳୀଙ୍କ ସଂଖ୍ୟା ୪୩.୯ କୋଟି ଥିଲା। ଅପରପକ୍ଷରେ ଆଇକ୍ୟୁଓଓର ଦ୍ରୁତ ବିସ୍ତାରିତ ଗୋଷ୍ଠୀକୁ ଆହୁରି ଜଡ଼ିତ କରିବା, ନବସୃଜନକୁ ପ୍ରୋତ୍ସାହିତ କରିବା ଓ ଭାରତରେ ମୋବାଇଲ ଗେମିଂର ଭବିଷ୍ୟତକୁ ସୁଦୃଢ କରିବାକୁ ଲକ୍ଷ୍ୟ ରଖିଛି। ଆଇକ୍ୟୁଓଓ ସଂପ୍ରତି ମୋବାଇଲ ଗେମିଂରେ ସବୁଠାରୁ ବଡ଼ ଉଦ୍ୟୋଗ ସୃଷ୍ଟି ଉଦ୍ୟମରେ ରହିଛି। ଭାରତର ସାତଟି ବଡ଼ ଖେଳାଳୀ ଆଇକନ– ଡାଇନାମୋ ଗେମିଂ, ଗେମରଫ୍ଲିଟ, ମର୍ଟଲ, ପାୟଲ ଗେମିଂ,ସ୍କାଉଟ ପ୍ରଭୃତି ଗେମରଙ୍କ ସହ ମିଳିତ ହୋଇଛି। ଏହି ଶ୍ରେଷ୍ଠ ଖେଳଳୀମାନେ ଆଇକ୍ୟୁଓର ଖେଳାଳୀ ସ୍ମାର୍ଟଫୋନଗୁଡ଼ିକୁ ପରୀକ୍ଷାରେ ରଖିଛନ୍ତି, ପ୍ରକୃତ ସମୟ ମତାମତ ପ୍ରଦାନ ଓ ଡିଭାଇସ ଗୁଡ଼ିକୁ ପ୍ରମାଣିତ କରୁଛନ୍ତି। ୨୦୨୪ ଡିସେମ୍ବରରେ ବ୍ରାଣ୍ଡ ଭାରତରେ ଇ ସ୍ପୋର୍ଟସ ବୃଦ୍ଧିକୁ ଇନ୍ଧନ ଦେବା ଲାଗି ୬ଟି ଶ୍ରେଷ୍ଠ ବିଜିଏମଆଇ ଇସ୍ପୋର୍ଟସ ଦଳ ଓ ୧୦୦ରୁ ଅଧିକ ଖେଳଳୀଙ୍କ ସହ ମିଶିଥିଲା। ଏ ନେଇ ଆଇକ୍ୟୁଓଓର ସିଇଓ ନିପୁଣ ମାରିଆ କହିଛନ୍ତି, ଆମେ ସର୍ବଦା ଭାରତର ଗେମିଂ ଗୋଷ୍ଠୀ ଶକ୍ତି ଉପରେ ବିଶ୍ୱାସ କରିଆସୁଛୁ। ଏପରିକି ଆମର ପୂର୍ବ ମୁଖ୍ୟ ଗେମିଂ ଅଫିସର (ସିଜିଓ) ହଣ୍ଟରଙ୍କ ଉଲ୍ଲେଖନୀୟ ପ୍ରତିକ୍ରିୟା ଏହାକୁ ପୁନଃନିର୍ମାଣ କରିଛି।

# ବେଦାନ୍ତରେ ୧୬ ବିଲିୟନ ଲିଟର ଜଳ ପୁନଶ୍ଚକ୍ରଣ

ଭୁବନେଶ୍ୱର,୨୧।୩



ଚଳିତ ଆର୍ଥିକ ବର୍ଷ ମଧ୍ୟରେ ବେଦାନ୍ତ ଆଲୁମିନିୟମ ପ୍ରାୟ ୧୬ ବିଲିୟନ ଲିଟର ଜଳ କାର୍ଯ୍ୟ ପରିସରରେ ପୁନଶ୍ଚକ୍ରଣ କରିଛି, ଯାହା ଏହାର ସ୍ଥାୟିତ୍ୱ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି କୁହାଯାଉଛି। ସନ୍ଦର୍ଭରେ ଏହି ପରିମାଣ ପ୍ରାୟ ୬,୪୦୦ ଅଲିମ୍ପିକ୍ ଆକାରର ସୁଇମିଂ ପୁଲ୍ ସହିତ ସମାନ ଏବଂ ୧୫% ଜଳ ପୁନଃ ଚକ୍ରଣ ହାର ସହ କମ୍ପାନୀ ଏହାର କାର୍ଯ୍ୟରେ ଜଳ ସଂରକ୍ଷଣରେ ଉଲ୍ଲେଖନୀୟ ଅଗ୍ରଗତି ଜାରି ରଖିଛି। ଗତ ବର୍ଷ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ବେଦାନ୍ତ ସଂରକ୍ଷଣ କ୍ଷମତା ବୃଦ୍ଧି କରିବା ପାଇଁ ୮୧ଟି ସାମୁଦାୟିକ ପୋଖରୀର ନବୀକରଣ କରିଛି ଏବଂ ସ୍ଥାନୀୟ ଜଳ ସଂରକ୍ଷଣରେ ଅତିରିକ୍ତ ୧୦,୦୦୦ ଘନ ମିଟର ଯୋଗଦାନକରି ଅତିକମ୍‌ରେ ୨୦ଟି ଅତିରିକ୍ତ ଫାର୍ମ ପୋଖରୀ ନିର୍ମାଣ କରିବାକୁ ଯୋଜନା କରିଛି। ଏହି ବର୍ଷ 'ହିଂଶାବଳୀ ସଂରକ୍ଷଣ' ବିଷୟବସ୍ତୁ ଅନୁଯାୟୀ ବେଦାନ୍ତ ମଧୁର ଜଳ ସମ୍ପଦର ସ୍ଥାୟୀ ପରିଚାଳନା ପାଇଁ ଗଭୀର ଭାବରେ ପ୍ରତିବଦ୍ଧ ରହିଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ଆମେ ସ୍ୱୀକାର କରୁଛୁ ଯେ ଜଳ ହିଁ ଜୀବନ, ସମ୍ପ୍ରଦାୟ ଏବଂ ଶିଳ୍ପକୁ ବଜାୟ ରଖିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଏକ ମୂଲ୍ୟବାନ୍ ଏବଂ ସହଭାଗୀ ସମ୍ପଦ। ଏହି ବିଶ୍ୱ ଜଳ ଦିବସରେ ଆମେ ଅଭିନବ ପ୍ରଯୁକ୍ତିବିଦ୍ୟା, ଦକ୍ଷ ଜଳ ପରିଚାଳନା ଅଭ୍ୟାସ ଏବଂ ଗୁରୁତ୍ୱପୂର୍ଣ୍ଣ ଜ୍ଞାନ ବଣ୍ଟନ ଅଧିବେଶନ ଭଳି ସମ୍ପ୍ରଦାୟଚାଳିତ ପଦକ୍ଷେପ ମାଧ୍ୟମରେ ୨୦୩୦ ସୁଦ୍ଧା ନେଟ୍ ୱାଟର ପଜିଟିଭ୍ ସ୍ଥିତି ହାସଲ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପୁନଃ ସ୍ଥାପନ କରୁଛୁ। ସଚେତନତା ବୃଦ୍ଧି ଏବଂ ସ୍ଥାୟୀ ସମାଧାନ କାର୍ଯ୍ୟକାରୀ କରି ଆମେ ନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛୁ ଯେ ଆମର କାର୍ଯ୍ୟଗୁଡ଼ିକ କେବଳ ଜଳ ସଂରକ୍ଷଣ କରିବ ନାହିଁ ବରଂ ଆମ ଚାରିପାଖରେ ଥିବା ପରିବେଶ ଏବଂ ସମ୍ପ୍ରଦାୟର କଲ୍ୟାଣରେ ମଧ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ।

# ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉପରେ ଆକର୍ଷଣୀୟ ଅଫର

ନୂଆଦିଲ୍ଲୀ,୨୧।୩

ଆମାଜନ୍.ଇନ୍‌ର ବହୁ ପ୍ରତୀକ୍ଷିତ ତଥା ପ୍ରଥମ ଇଲେକ୍ଟ୍ରୋନିକ୍ସ ପ୍ରିମିୟର ଲିଗ୍ ନିକଟରେ ଶୁଭାରମ୍ଭ ହୋଇଯାଇଛି। ଯେଉଁଥିରେ ସ୍ମାର୍ଟଫୋନ୍, ବଡ଼ ଉପକରଣ, ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ଏବଂ ଟେଲିଭିଜନର ବିଭିନ୍ନ ବ୍ରାଣ୍ଡ୍ ଚୟନ ଉପରେ ଆକର୍ଷଣୀୟ ଡିଲ୍ ଏବଂ ଅଫର ରହିଛି। ଏପରିକି ଅତ୍ୟାଧୁନିକ ସ୍ମାର୍ଟଫୋନ୍ ଏବଂ ଅତ୍ୟାଧୁନିକ ଲାପ୍‌ଟପ୍‌ଠାରୁ ଆରମ୍ଭକରି ପ୍ରିମିୟମ୍ ସ୍ମାର୍ଟୱାଚ୍, ହେଡ୍‌ଫୋନ୍, ଟେଲିଭିଜନ ଆଦି ଗ୍ୟାଜେଟ୍ ପ୍ରେମୀମାନେ ଏହାକୁ ଅନୁସନ୍ଧାନ କରିପାରିବେ। ଏହାବ୍ୟତୀତ ଗ୍ରାହକମାନେ ନୋ କଷ୍ଟ ଇଏମ୍‌ଆଇ, ଇନ୍‌ଷ୍ଟାଣ୍ଟ ବ୍ୟାଙ୍କ ରିହାତି, ଏକ୍ସଚେଞ୍ଜ ବୋନସ ଏବଂ ଅନ୍ୟାନ୍ୟ ସୁଲଭ ବିକଳ୍ପ ସହିତ ଏହି ମାସରେ ନିଜର ଟେକ୍ ଗେମ୍ ଅପ୍‌ଗ୍ରେଡ୍ କରିପାରିବେ। ଏହି ଅଫର ୨୦୨୫ ମାର୍ଚ୍ଚ ୨୬ ପର୍ଯ୍ୟନ୍ତ ଲାଇଭ୍ ରହିଛି। ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍/ଡେବିଟ୍ କାର୍ଡ ଏବଂ ଆକ୍ସିସ୍ ବ୍ୟାଙ୍କ କ୍ରେଡିଟ୍ କାର୍ଡ କାରବାର ଉପରେ ୭.୫% ସଞ୍ଚୟ ସୁବିଧା ରହିଛି। ସ୍ମାର୍ଟଫୋନ୍ ଏବଂ ଆକ୍ସେସରିଜ୍ ଉପରେ ୪୦% ପର୍ଯ୍ୟନ୍ତ ରିହାତି ଏବଂ ଫ୍ଲାଗ୍‌ଶିପ୍ ସ୍ମାର୍ଟଫୋନଗୁଡ଼ିକ ୧୯୯୯ ଟଙ୍କା/ମାସରୁ ନୋ କଷ୍ଟ ଇଏମ୍‌ଆଇ ସହିତ ଉପଲବ୍ଧ ହେବ। ଏ ସମ୍ପର୍କରେ ଆମାଜନ ଇଣ୍ଡିଆର କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସର ନିର୍ଦ୍ଦେଶକ ଲଜବା ଖାନ୍ କହିଛନ୍ତି, ଏହି କ୍ରିକେଟ ଉତ୍ସାହକୁ ପାଳନ କରିବା ପାଇଁ ଆମେ ମାର୍ଚ୍ଚ ୨୧ରୁ ଆମାଜନ ଇଣ୍ଡିଆରେ ଇଲେକ୍ଟ୍ରୋନିକ୍ସ ପ୍ରିମିୟର ଲିଗ୍ ଆରମ୍ଭକରି ବେଶ୍ ଉତ୍ସାହିତ ଅଛୁ।

# ଶେୟାର ବଜାରରେ ଉତ୍ସାହ



ମୁମ୍ବାଇ,୨୧।୩

କ୍ରମାଗତ ପଞ୍ଚମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ବୃଦ୍ଧି ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୫୭ (୫୫୭.୪୫) ପଏଣ୍ଟ ବୃଦ୍ଧି ଘଟି ୭୬,୯୦୫ (୭୬,୯୦୫.୫୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି–୫୦ ରେ ମଧ ୧୬୦ (୧୫୯.୭୫) ପଏଣ୍ଟ ବଢ଼ି ୨୩,୩୫୦ (୨୩,୩୫୦.୪୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ ବୃଦ୍ଧି ଘଟିଛି।

# ବଜାରରେ ଅଲ୍ ନ୍ୟୁ ହୋଣ୍ଡା ସାଇନ୍ ୧୦୦

ନୂଆଦିଲ୍ଲୀ,୨୧।୩ (ଅଭୟ ଦାଶ)




ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ଅଲ୍ ନ୍ୟୁ ହୋଣ୍ଡା ସାଇନ୍ ୧୦୦ର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ଏଚ୍‌ଏମ୍‌ଏସ୍‌ଆଇର ଅପ୍‌ଡେଟେଡ୍ ଓବିଡି୨ବି ନିୟାମକ ଅନୁରୂପ ସାଇନ୍ ୧୦୦ ସହ ବର୍ଦ୍ଧିତ ଷ୍ଟାଇଲିଂରେ ଏହାକୁ ଉପସ୍ଥାପନ କରାଯାଇଛି। ସେହିଭଳି ଏହି ନୂତନ ୨୦୨୫ ସାଇନ୍ ହୋଣ୍ଡା ସାଇନ୍ ୧୦୦ର (ଏକ୍ସ ଶୋ'ରୁମ୍ ଦିଲ୍ଲୀ) ମୂଲ୍ୟ ୬୮,୭୬୭ ଟଙ୍କାରୁ ଆରମ୍ଭ ହେଉଛି। ବର୍ତ୍ତମାନ ଏହି ସାଇନ ୧୦୦ ଭାରତୀୟ ବଜାରରେ ଏଚ୍‌ଏମ୍‌ଏସ୍‌ଆଇର ଅଧିକୃତ ବିକ୍ରେତାମାନଙ୍କ ନିକଟରେ ଉପଲବ୍ଧ ହେଉଛି।

ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ଏମ୍‌ଡି, ସଭାପତି ତଥା ସିଇଓ ସୁଟ୍‌ସୁମୁ ଓଟାନୀ କହିଛନ୍ତି, ଆମେ ଆମର ନୂତନ ମଡେଲ ଅଲ୍ ନ୍ୟୁ ହୋଣ୍ଡା ସାଇନ ୧୦୦କୁ ଅନାବରଣ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଓବିଡି୨ବି ନିୟାମକ ଅନୁରୂପ ସାଇନ ୧୦୦କୁ ଗ୍ରାହକମାନଙ୍କ ନିକଟରେ ପହଞ୍ଚାଇ ଅତ୍ୟନ୍ତ ଖୁସିବ୍ୟକ୍ତ କରୁଛୁ। ସେହିଭଳି ଏଚ୍‌ଏମ୍‌ଏସ୍‌ଆଇର ନିର୍ଦ୍ଦେଶକ (ସେଲସ୍ ଆଣ୍ଡ ମାର୍କେଟିଂ) ଯୋଗେଶ ମାଥୁର କହିଛନ୍ତି, ଆମେ ଆମର ବର୍ଦ୍ଧିତ ଶୈଳୀ ତଥା ନିୟାମକ ଅନୁରୂପ ସାଇନ ୧୦୦ ହୋଣ୍ଡା ଗ୍ରାହକମାନଙ୍କୁ ଅଧିକରୁ ଅଧିକ ଆକର୍ଷଣ ନିଶ୍ଚିତ ଭାବେ ବଜାୟ ରଖିବ।

ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ ହୋଣ୍ଡା ସାଇନ୍ ୧୦୦ ରେ ସମସ୍ତ ପ୍ରକାର ସୁରକ୍ଷା ଫିଚର ସାମିଲ ରହିଛି। ଏପରିକି ଏକ ଆକର୍ଷଣୀୟ ଗଠନ ତଥା ବୈଶିଷ୍ଟ୍ୟଯୁକ୍ତ ଶୈଳୀକୁ ନେଇ ସମସ୍ତଙ୍କର ପ୍ରିୟଭାଜନ ହୋଇଥିବା ସାଇନ ୧୨୫ ଦ୍ୱାରା ଅନୁପ୍ରାଣିତ ହୋଇପାରିଛି। ବର୍ତ୍ତମାନ ଏହା ନୂତନ ରଙ୍ଗର ଯୋଜନା ତଥା ଏକ ସତେଜଭରା ଚମକ ସହିତ ଆସିଅଛି। ଏଥିରେ ରହିଥିବା ବୈଶିଷ୍ଟ୍ୟତା ମଧ୍ୟରେ ସମ୍ମୁଖ ଭାଗ କାଓଲ, କଳା ରଙ୍ଗରେ ସଜ୍ଜିତ ଆଲଏ ହ୍ୱିଲସ, ଆଲୁମିନିୟମ ଗ୍ରାବାଲ, ଲମ୍ବା ଆରାମଦାୟକ ଏକକ ସିଟ୍ ତଥା ପତଳା ସ୍ମୁଥ୍ ଷ୍ଟାଇଲଯୁକ୍ତ ମୋଟରସାଇକେଲ ଆଦି ସାମିଲ ରହିଛି, ଯାହାକି ଦୈନନ୍ଦିନ ଚାଳନାରେ ସମସ୍ତ ପ୍ରକାର ବର୍ଦ୍ଧିତ ସୁବିଧା ପ୍ରଦାନ କରୁଅଛି।

ସାଇନ୍ ୧୦୦ ୫ଟି ବିବିଧ ରଙ୍ଗର ବିକଳ୍ପ ସହିତ ବିବିଧ ପ୍ରକାର ଚାଳନାର ସୁବିଧା ଏଥିରେ ରହିଛି। ଏହା ମଧ୍ୟରେ ରେଡ୍, ବ୍ଲାକ୍ ୱିଥ୍ ବ୍ଲୁ, ବ୍ଲାକ୍ ୱିଥ୍ ଅରେଞ୍ଜ, ବ୍ଲାକ୍ ୱିଥ୍ ଗ୍ରେ ଏବଂ ବ୍ଲାକ୍ ୱିଥ ଗ୍ରୀନ୍ ଆଦି କଳର ସାମିଲ ରହିଛି। ଅତି ହାଲୁକା ଓଜନ ସହିତ ସ୍ଥାୟୀ ଡାଇମଣ୍ଡ ଫ୍ରେମ୍ ଆକାରରେ ପ୍ରସ୍ତୁତ ହୋଇଥିବା ଏହି ସାଇନ ୧୦୦ ଅତ୍ୟନ୍ତ ଉନ୍ନତମାନର ଚାଳନାର ଆରାମଦାୟକତା ପାଇଁ ଡିଜାଇନ କରାଯାଇଛି। ଏହା ଟେଲିସ୍କୋପି ସମ୍ମୁଖ ଭାଗ ଫର୍କ, ଦୁଇଟି ପଛପାର୍ଶ୍ୱ ସକ୍ ଆବଜରଭର ଏବଂ ସ୍ଥିରତା ତଥା ସଡ଼କର ବିଭିନ୍ନ ଅବସ୍ଥାକୁ ସୁହାଇଲା ଭଳି ପରିସ୍ଥିତିକୁ ନେଇ ସଜ୍ଜିତ ହୋଇଆସିଛି।


ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ଼୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

सत्यमेव जयते

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050
Email: roc.cpace@mca.gov.in


ଫର୍ମ ନଂ. ଏସ୍‌ଟିକେ-୬
**ସର୍ବସାଧାରଣ ବିଜ୍ଞପ୍ତି**
*[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ–ଧାରା (୨) ଏବଂ ଉପ–ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]*

ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୪-୨୫/୧୮୫୭ ତାରିଖ:- ୦୬।୦୩।୨୦୨୫
**ସନ୍ଦର୍ଭ:** (୧) କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୧୩)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୨୬୮୭୩୦୯ | ୟୁ୯୩୦୯୦ଓଆର୍୨୦୧୭ପିଟିସି୦୨୭୨୪୮ | ଇନ୍‌ସର୍ଭିଆ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏବି୨୫୮୨୦୩୬ | ୟୁ୭୪୯୯୯ଓଆର୍୨୦୧୮ପିଟିସି୦୨୯୨୬୧ | ମାୟାପା ଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍ |
| ୩ | ଏବି୨୬୬୭୮୦୧ | ୟୁ୨୨୨୧୯ଓଆର୍୨୦୨୨ପିଟିସି୦୪୦୨୨୦ | ଭୁବନେଶ୍ୱର ପ୍ରିଣ୍ଟିଂ ଇଣ୍ଡଷ୍ଟ୍ରୀଜ୍ ପ୍ରାଇଭେଟ୍ ଲିମିଟେଡ୍ |
| ୪ | ଏବି୨୪୪୯୯୬୭ | ୟୁ୭୨୨୦୦ଓଆର୍୧୯୯୯ପିଟିସି୦୦୫୯୧୫ | ଆଇଭିଏଫ୍ ନେଟ୍ ପ୍ରାଇଭେଟ୍ ଲିମିଟେଡ୍ |
| ୫ | ଏବି୨୫୧୪୭୨୨ | ୟୁ୦୫୦୦୪ଓଆର୍୧୯୯୪ପିଟିସି୦୦୩୭୫୯ | ଜଗନ୍ନାଥ ଆଗ୍ରୋ–ଆକ୍ୱା ପ୍ରାଇଭେଟ୍ ଲିମିଟେଡ୍ |
| ୬ | ଏବି୨୫୫୮୧୪୫ | ୟୁ୫୨୩୩୪ଓଆର୍୨୦୧୫ଓପିସି୦୧୯୭୩୧ | ରେଡି ରେସ୍‌ପଣ୍ଡ ସଲ୍ୟୁସନ୍ ପ୍ରୋଭାଇଡର୍ସ ପ୍ରାଇଭେଟ୍ ଲିମିଟେଡ୍ (ଓପିସି) |
| ୭ | ଏବି୨୪୨୫୮୧୪ | ୟୁ୭୨୪୦୦ଓଆର୍୨୦୧୩ପିଟିସି୦୧୭୪୬୯ | ଗୋ ୱାଇଫାଇ ନେଟ୍‌ୱର୍କିଂ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍ |
| ୮ | ଏବି୨୪୬୫୪୬ | ୟୁ୮୫୩୨୦ଓଆର୍୨୦୧୮ପିଟିସି୦୨୯୭୩୭ | ଏୟୁଏମ୍‌ଜେନ୍ ପ୍ରାଇଭେଟ୍ ଲିମିଟେଡ୍ |
| ୯ | ଏବି୨୬୧୬୨୭୧ | ୟୁ୫୧୯୦୯ଓଆର୍୨୦୨୨ପିଟିସି୦୩୮୭୨୯ | ଓମିଲାଇଫ୍ ହେଲ୍‌ଥକେୟାର୍ ପ୍ରାଇଭେଟ୍ ଲିମିଟେଡ୍ |
| ୧୦ | ଏବି୨୪୯୫୪୨୪ | ୟୁ୧୩୨୦୦ଓଆର୍୨୦୨୨ପିଟିସି୦୪୦୪୭୭ | ମହାପ୍ରଭୁ ନାଚୁରାଲ୍ ରିସୋର୍ସେସ୍ ପ୍ରାଇଭେଟ୍ ଲିମିଟେଡ୍ |
| ୧୧ | ଏବି୨୪୯୫୫୨୦ | ୟୁ୧୩୨୦୯ଓଆର୍୨୦୨୨ପିଟିସି୦୪୧୦୯୫ | ମହାପ୍ରଭୁ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ |
| ୧୨ | ଏବି୨୬୪୫୪୩୩ | ୟୁ୭୪୯୯୯ଓଆର୍୨୦୧୮ପିଟିସି୦୨୯୩୩୦ | ଅଦୀପ ଟେକ୍ ଆଣ୍ଡ ସ୍ମାର୍ଟ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍ |
| ୧୩ | ଏବି୨୬୮୮୫୧୬ | ୟୁ୬୫୯୯୦ଓଆର୍୨୦୨୧ପିଏଲ୍‌ଏନ୍୦୩୫୪୫୫ | ଧନମ୍ ବିନିୟୋଜନ୍ ନିଧି ଲିମିଟେଡ୍ |

(୨) ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ–ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି।
(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି।
(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି।

**ଇର୍କନ ତିର୍କୀ, ସହକାରୀ ନିବନ୍ଧକ**
**ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର**
CBC 07123/11/0790/2425



ଚେନ୍ନାଇଠାରେ ଶନିବାର ହେବାକୁ ଥିବା ଡେଲିମିଟେଶନ ଜଏଣ୍ଟ ଆକ୍ସନ୍ କମିଟି ବୈଠକରେ ଯୋଗଦେବାକୁ ଆସିଥିବା କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନଙ୍କ ସହ ଡିଏମ୍କେ ଏମ୍ପି କାନିମୋଝି ଆଲୋଚନା କରୁଛନ୍ତି।

# ସୌରଭଙ୍କୁ ଦିଲ୍ଲୀ, ସିସୋଡିଆଙ୍କୁ ପଞ୍ଜାବ ଆପ୍ ଦାୟିତ୍ୱ

**ନୂଆଦିଲ୍ଲୀ,୨୧।୩**

ଦିଲ୍ଲୀ ବିଧାନସଭା ନିର୍ବାଚନ ହାରିଯିବା ପରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଏହାର ସାଂଗଠନିକ ସ୍ତରରେ ବଡ଼ ପରିବର୍ତ୍ତନ କରିଛି। ପୂର୍ବତନ ମନ୍ତ୍ରୀ ସୌରଭ ଭରଦ୍ୱାଜଙ୍କୁ ଆପ୍ ଦିଲ୍ଲୀ ଶାଖାର ନୂଆ ସଭାପତି ନିଯୁକ୍ତ କରାଯାଇଥିବାବେଳେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ନେତା ମନୀଷ ସିସୋଡିଆଙ୍କୁ ପଞ୍ଜାବରେ ଦଳର ଦାୟିତ୍ୱ ଦିଆଯାଇଛି। ଗୋପାଳ ରାୟଙ୍କ ସ୍ଥାନରେ ଭରଦ୍ୱାଜ ଦିଲ୍ଲୀ ଭାଜପାର ମଙ୍ଗ ଧରିଛନ୍ତି। ଦଳର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କ ବାସଭବନରେ ଆପ୍ ରାଜନୈତିକ ବ୍ୟାପାର କମିଟି ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ଗୋପାଳ ରାୟ ଏଣିକି ଗୁଜରାଟ ଦାୟିତ୍ୱରେ ରହିବେ ବୋଲି ବୈଠକ ଶେଷରେ ଦଳର ସାଧାରଣ ସମ୍ପାଦକ ସନ୍ଦୀପ୍ ପାଠକ ଗଣମାଧ୍ୟମକୁ କହିଛନ୍ତି। ରାଜ୍ୟ ସଭା ସଦସ୍ୟ ଥିବା ପାଂକଙ୍କୁ ଆପ୍ ଛତିଶଗଡ଼ ଶାଖାର ଦାୟିତ୍ୱ ଦିଆଯାଇଥିବାବେଳେ ପଙ୍କଜ ଗୁପ୍ତା ଗୋଆରେ ଦଳର ଦାୟିତ୍ୱ ନେବେ। ସେହିପରି ମେହରାଜ ମଲିଭଙ୍କ ଜମ୍ମୁ-କଶ୍ମୀରରେ ଦଳର ନୂଆ ସଭାପତି ନିଯୁକ୍ତ କରାଯାଇଛି। ଏହା ବ୍ୟତୀତ ସତ୍ୟେନ୍ଦ୍ର ଜୈନଙ୍କୁ ପଞ୍ଜାବର ସହପ୍ରଭାରୀ କରାଯାଇଥିବାବେଳେ ଦୁର୍ଗେଶ ପାଠକଙ୍କୁ ଗୁଜରାଟ ଏବଂ ଅଙ୍କୁଶ ନାରଙ୍ଗ, ଆଭାଷ ଚାଣ୍ଡେଲା ଓ ଦୀପକ ସିଙ୍ଗଲାଙ୍କୁ ଗୋଆ ସହପ୍ରଭାରୀ କରାଯାଇଛି।



ସୌରଭ ଭରଦ୍ୱାଜ ଓ ମନୀଷ ସିସୋଡିଆ।

# ଭାଜପା ଜିଲା ସଭାପତିଙ୍କ ଗିରଫ ଦାବିକଲେ କଂଗ୍ରେସ ବିଧାୟକ

**ରାୟଗଡ଼ା,୨୧।୩(ଆଶିଷ ରଞ୍ଜନ ପଣ୍ଡା)**

**ଏଡିଏମ୍‌ଙ୍କୁ ଦୁର୍ବ୍ୟବହାର ଅଭିଯୋଗ**

ରାୟଗଡ଼ା ଜିଲାରେ ଭାଜପା ଜିଲା ସଭାପତି ଗୋପୀ ଆନନ୍ଦ ଓ ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁରଙ୍କ ମଧ୍ୟରେ ଦେଖାଦେଇଥିବା ବିବାଦ ଘନେଇବାରେ ଲାଗିଛି। ଏହି ବିବାଦ ଏବେ ରାଜନୈତିକ ମୋଡ଼ ନେଲାଣି। ଏନେଇ ରାୟଗଡ଼ା ଜିଲାର ୩ କଂଗ୍ରେସ ବିଧାୟକ ଶୁକ୍ରବାର ଭୁବନେଶ୍ୱରଠାରେ ଖବରଦାତା ସମ୍ମିଳନୀ କରି ଭାଜପା ଜିଲା ସଭାପତି ଗୋପୀ ଆନନ୍ଦଙ୍କ ଗିରଫ ଦାବି କରିଛନ୍ତି। ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ବିଷମକଟକ ବିଧାୟକ ନୀଳମାଧବ ହିକ୍‌କା ଓ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତିଙ୍କ ଉପରେ ବର୍ଷିଛନ୍ତି। ସେମାନେ କହିଛନ୍ତି, ଜଣେ ସରକାରୀ କର୍ମଚାରୀ ଜିଲାର ବିକାଶ ଓ ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ବେଳେ ଶାସକ ଦଳର ଜିଲା ସଭାପତି ଗୋପୀ ତାଙ୍କ ପ୍ରତି କରିଥିବା ଖରାପ ବ୍ୟବହାର ଆଦୌ ଗ୍ରହଣୀୟ ନୁହେଁ। ଜଣେ ଅତିରିକ୍ତ ଜିଲାପାଳଙ୍କୁ ଏଭଳି ବ୍ୟବହାର କରିବା ଦ୍ୱାରା ଜିଲାର ବିକାଶରେ ଅନ୍ତରାୟ ସୃଷ୍ଟିହେବ। ଏହାବ୍ୟତୀତ ଅତିରିକ୍ତ ଜିଲାପାଳ କହଁର ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ ତାଙ୍କୁ ଡରାଇ କାମ ହାସଲ କରିବା ପାଇଁ ଭାଜପା ଜିଲା ସଭାପତି ଚେଷ୍ଟା କରୁଛନ୍ତି। ଏହା ଏକ ଅପରାଧ। ତେଣୁ ପୋଲିସ ଗୋପୀଙ୍କୁ ଗିରଫ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ବିଧାୟକ ହିକ୍‌କା,ବିଧାୟକ ଗମାଙ୍ଗ କହିଛନ୍ତି। କୋରାପୁଟ ଏମ୍ପି ସପ୍ତଗିରି ଉଲାକା ମଧ୍ୟ ଘଟଣାର ନିନ୍ଦା କରିଛନ୍ତି। ତେବେ ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁର ଗୁରୁବାର ଅଭିଯୋଗ କରିବା ପରେ ରାୟଗଡ଼ା ଟାଉନ ଥାନା ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ଘଟଣାର ବିଭିନ୍ନ ଦିଗକୁ ଅନୁଧାନ କରୁଥିବା ଆଇଆଇସି କେକେବିକେ କହଁର କହିଛନ୍ତି। ବିଜେଡି ମଧ୍ୟ ଏହି ମାମଲାରେ ହସ୍ତକ୍ଷେପ କରିବା ସହ କିଛି ବଡ଼ ପଦକ୍ଷେପ ନେବ ବୋଲି ଚର୍ଚ୍ଚା ଚାଲିଛି।

# ହାଇକୋର୍ଟରେ ଟଙ୍କଧରଙ୍କ ଆବେଦନ ଖାରଜ

**କଟକ,୨୧।୩(କାର୍ତ୍ତିକ ସାହୁ)**

**ଝାରସୁଗୁଡ଼ା ନିର୍ବାଚନ ମାମଲା**

ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମାମଲାରେ ବିଜୟୀ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପକ୍ଷରୁ ବିନା ଶୁଣାଣିରେ ବିଜେଡିର ପରାଜିତ ପ୍ରାର୍ଥୀ ଦୀପାଳି ଦାସଙ୍କ ଆବେଦନ ଖାରଜ କରିବାକୁ ହୋଇଥିବା ଆବେଦନକୁ ଶୁକ୍ରବାର ହାଇକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ଅନ୍ୟପକ୍ଷରେ ଟଙ୍କଧରଙ୍କ ବିରୋଧରେ ରୁଜୁ ମାମଲାର ଶୁଣାଣି ଜାରି ରହିବ ବୋଲି ହାଇକୋର୍ଟ କହିଛନ୍ତି। ସେହିପରି ଟଙ୍କଧରଙ୍କ ବିରୋଧରେ ଥିବା ଆପରାଧିକ ମାମଲା ସମ୍ପର୍କରେ ତଥ୍ୟ ଦାଖଲ କରିବା ପାଇଁ ହାଇକୋର୍ଟ ଦୀପାଳି ଦାସଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଏପ୍ରିଲ୍ ୨୪ରେ ହେବ ବୋଲି ଧାର୍ଯ୍ୟ ହୋଇଛି।

ପ୍ରକାଶ ଯେ, ୨୦୨୪ ସାଧାରଣ ନିର୍ବାଚନରେ ଝାରସୁଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରୁ ପରାଜିତ ହୋଇଥିବା ବିଜେଡି ପ୍ରାର୍ଥୀ ଦୀପାଳି ଦାସ ବିଜୟୀ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ନାମରେ ନିର୍ବାଚନ ଅନିୟମିତତା ନେଇ ଆବେଦନ କରିଛନ୍ତି। ଟଙ୍କଧର ପ୍ରାର୍ଥୀପତ୍ର ଦାଖଲ କରିବାବେଳେ ସତ୍ୟପାଠରେ ତଥ୍ୟ ଲୁଚାଇବା ସହିତ ଏହି ନିର୍ବାଚନରେ ଅସାଧୁ ଉପାୟ ଅବଲମ୍ବନ କରିଥିବା ଦୀପାଳି ଆବେଦନରେ ଦର୍ଶାଇଛନ୍ତି। ତେଣୁ ଏହି ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ସେ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ନାମାଙ୍କନପତ୍ର ଦାଖଲ କଲାବେଳେ ବିଧାୟକ ଟଙ୍କଧର ଦାଖଲ କରିଥିବା ସତ୍ୟପାଠ ତ୍ରୁଟିପୂର୍ଣ୍ଣ ଏବଂ ଏହା ଅସତ୍ୟ ତଥ୍ୟ ଉପରେ ଆଧାରିତ ବୋଲି ଦୀପାଳି ଦର୍ଶାଇଛନ୍ତି।

# ସରକାରଙ୍କ ବିଫଳତା ଲୋକଙ୍କୁ ଜଣାଅ: ଅଜୟ ଲଲ୍ଲୁ

**ଭଦ୍ରକ,୨୧।୩(ସନାତନ ରାଉତ)**

କଂଗ୍ରେସ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଶୁକ୍ରବାର ଅପରାହ୍ନ ୧ଟାରେ ଭଦ୍ରକ ଗସ୍ତରେ ଆସି ଦଳୀୟ ସଂଗଠନ ଶକ୍ତି ବୃଦ୍ଧି ପାଇଁ ନେତା ଓ କର୍ମୀଙ୍କ ସହ ଆଲୋଚନା କରିଛନ୍ତି। ସରକାରଙ୍କ ବିଫଳତାକୁ ନେଇ ଲୋକଙ୍କୁ ପାଖକୁ ଯାଇ ଜଣାବାକୁ କର୍ମୀମାନକୁ କହିଛନ୍ତି। ଭଦ୍ରକ ଆରଡ଼ିଛକରେ ପହଞ୍ଚିବା ପରେ କଂଗ୍ରେସ ନେତା ଓ କର୍ମୀମାନେ ତାଙ୍କୁ ସ୍ୱାଗତ କରିବା ସହ ଭଦ୍ରକ ଟାଉନ ହଲ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଆଣିଥିଲେ।

ଅନୁଷ୍ଠିତ ବୈଠକରେ ଲଲ୍ଲୁ କହିଛନ୍ତି,ଏରାଜ୍ୟରେ ମହିଳା ଅସୁରକ୍ଷିତ ଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଚାଷୀଙ୍କୁ ଉଚିତ୍ ନ୍ୟାୟ ମିଳୁନାହିଁ। ତେବେ ଭଦ୍ରକ ଏବଂ ଓଡ଼ିଶାରେ ଦଳକୁ ସୁଦୃଢ଼ କରିବା ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହାସହ ପ୍ରତି ନିର୍ବାଚନ ମଣ୍ଡଳୀର ନେତାଙ୍କ ସହ ଗୁପ୍ତ ଆଲୋଚନା କରି ସ୍ଥିତି ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ଏମ୍ପି ଅନନ୍ତ ସେଠୀ, ବାସୁଦେବପୁର ବିଧାୟକ ଅଶୋକ ଦାସ, ଯୁବନେତା ଅସିତ୍ ପଟ୍ଟନାୟକ, ନଳିନୀକାନ୍ତ ମହାନ୍ତି, ନବଜ୍ୟୋତି ପଟ୍ଟନାୟକ, ଶୁଭେନ୍ଦୁ ରାୟ ମହାପାତ୍ର, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, କାଉନ୍‌ସିଲର ହେମନ୍ତ ସାହୁ, ଜିଲା ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଜେନା, ରଞ୍ଜନ ବେହେରା, ଅମୀୟ ମହାପାତ୍ର, ଦିଗମ୍ବର ଦାସ, ଦେବେନ୍ଦ୍ର ମହାନ୍ତି, ବଳରାମ ରାଉତ, ଜିଲା ମହିଳା ସଭାନେତ୍ରୀ ସବିତା ଚାନ୍ଦ, ବରିଷ୍ଠ ନେତ୍ରୀ ଅମିତାବାଳା ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ।



ଅଜୟ କୁମାର ଲଲ୍ଲୁ(ଡାହାଣରୁ ଦ୍ୱିତୀୟ)ଙ୍କୁ ଦଳୀୟ ନେତା ସ୍ୱାଗତ କରି ଆଣୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଟିଙ୍ଗାଳି କଥା**
**ଟାଣୁଆ ପାଇଲେ ନୁଆଁଏ ମଥା।**

ସାଧାରଣତଃ ଟିଙ୍ଗା ବା କ୍ଷଣକୋପି ବ୍ୟକ୍ତି ଟିକେ ଟିକେ କଥାରେ ରାଗି ଯାଇଥାନ୍ତି। ଏଭଳି ବ୍ୟକ୍ତିଙ୍କ ସମ୍ମୁଖରେ କଥା କହିବା ଲାଗି ଅନେକେ ସାହସ କରିପାରି ନ ଥାନ୍ତି। କିନ୍ତୁ ଏପରି ଟିଙ୍ଗା ଲୋକ ଆଗରେ କେହି ଟାଣୁଆ ଲୋକ ପଡ଼ିଲେ ତା'ର ଟାଣ କଥା ଆଗରେ ସେ ମୁଣ୍ଡ ନୁଆଁଇ ଥାଏ। ତେଣୁ ଟିଙ୍ଗା ଲୋକକୁ ସବୁବେଳେ ଡରିବା ଉଚିତ ନୁହେଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଟାଙ୍ଗରା ମୁଣ୍ଡରେ ମହଣ ପାତିଆ**
**ଉଞ୍ଚୁ କପାଳରେ ଟିକିଲି**
**ଟାକୁଆ ଗାଲକୁ ବାହାଡ଼ା ଦାନ୍ତ**
**ନାକ ଛିଣ୍ଡିଠେଇଁ ରସିଲି।**

ଯାହା ମନୁଷ୍ୟ ପାଇଁ ଉପଲବ୍ଧ ହୁଏ, ତାକୁ ଯଦି ସୁନ୍ଦର ଶୈଳୀ ମନେକରି ଗ୍ରହଣ କରାଯାଏ ତାହା ବିପରୀତବୋଧ ସମାବେଶ ହେଲେ ସୁଦ୍ଧା ଅନ୍ୟର ସେଥିରେ ମନ ଖରାପ କରିବା କିଛି କାରଣ ନ ଥାଏ। ପରୋକ୍ଷରେ ଭଲକୁ ଛାଡ଼ି ଭେଲକୁ ଆପଣେଇନେବା ବା ମୋହିବାର ଫଳ ଅନେକ ସମୟରେ ମନ୍ଦ ହେଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ବିଧାନସଭା ଖବର

# ତାରା-ଜୟଙ୍କ ବାକ୍ ଯୁଦ୍ଧ

**ଭୁବନେଶ୍ୱର,୨୧।୩**
**(ରବିନାରାୟଣ ଜେନା)**

ଦୀର୍ଘଦିନ ଧରି ଗୃହରେ କଂଗ୍ରେସର ପ୍ରତିବାଦକୁ ନେଇ ଭାଜପା ସଦସ୍ୟ ଜୟନାରାୟଣ ମିଶ୍ର ବିସ୍ଫୋରକ ବୟାନ ଦେଇଛନ୍ତି।

ଜୟନାରାୟଣ କହିଛନ୍ତି, ପିସିସି ସଭାପତିଙ୍କ ନିର୍ଦ୍ଦେଶରେ ଗୃହ ଅଚଳ ହେଉଛି। ସର୍ବଦଳୀୟ ବୈଠକରେ ଖୋଦ୍ ଏକଥା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀ ପତି କହିଛନ୍ତି। ବୈଠକରେ କଂଗ୍ରେସ ସ୍ୱୀକାର କଲା, ଇଚ୍ଛା ନ ଥାଇ ବି ସେମାନେ ଗୃହରେ ପ୍ରତିବାଦ କରୁଛନ୍ତି। କାରଣ ନୂଆ ସଭାପତି ଏପରି କରି ମାଇଲେଜ ନେବାକୁ ନିର୍ଦ୍ଦେଶ ଦେଇଥିବା ଜୟନାରାୟଣ କହିଛନ୍ତି।

ଏହାର ଜବାବ ରଖିଛନ୍ତି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି। ସେ କହିଛନ୍ତି, ଭାଜପା ବିଧାୟକ ଜୟ ନାରାୟଣ ମିଶ୍ର ମିଛ କହୁଛନ୍ତି। ତାରା କହିଲେ, ସର୍ବଦଳୀୟ ବୈଠକରେ କଂଗ୍ରେସ କହିଲା ପିସିସି ସଭାପତି ନାରୀ ସୁରକ୍ଷା ପାଇଁ ଲଢୁଛନ୍ତି। ହେଲେ ଏହାକୁ ନେଇ ଜୟ ନାରାୟଣଙ୍କ ପରି ବରିଷ୍ଠ ବିଧାୟକ ମିଛ କହିବା ଅତ୍ୟନ୍ତ ଦୁଃଖଦାୟକ ଘଟଣା। ଆମେ ମହିଳାଙ୍କ ସୁରକ୍ଷା ପାଇଁ ଲଢୁଛୁ, ହେଲେ ସରକାରଙ୍କ ନିରବତା ପାଇଁ ନାରୀ ନିର୍ଯାତନା ରାଜ୍ୟରେ ବଢ଼ି ଚାଲିଛି।

ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ମନ୍ତ୍ରୀ ପଦ ପାଇବା ପାଇଁ ମିଶ୍ରବାବୁ ଏଭଳି ନାଟକବାଜି କରୁଛନ୍ତି। କେତେବେଳେ କୋଶଳ ପ୍ରସଙ୍ଗ ଉଠାଇ ନିଜ ଦଳକୁ ସମସ୍ୟା ଘେରକୁ ଠେଲୁଛନ୍ତି ତ ଆଉ କେତେବେଳେ ନିଜେ ମିଡିଆ ଚର୍ଚ୍ଚାରେ ରହିବା ପାଇଁ ମନଗଢ଼ା କାହାଣୀ କହୁଛନ୍ତି।

# କଳା ପୋଷାକ ପିନ୍ଧି ଘଣ୍ଟ, ତୂରୀ, ବଂଶୀ ବଜାଇଲେ



କଂଗ୍ରେସ ବିଧାୟକମାନେ ବାଚସ୍ପତିଙ୍କ ପୋଡ଼ିୟମ୍ ଆଗରେ ଘଣ୍ଟ ବଜାଉଛନ୍ତି।

**ଭୁବନେଶ୍ୱର,୨୧।୩**
**(ରବିନାରାୟଣ ଜେନା)**

**ବିଧାନସଭାରେ କଂଗ୍ରେସର ଅଭିନବ ପ୍ରତିବାଦ**

- **ଗୃହ କମିଟି ଗଠନ ଦାବିରେ ପ୍ରଥମାର୍ଦ୍ଧ ଅଚଳ**
- **ବସିଲା ସର୍ବଦଳୀୟ ବୈଠକ, ବାହାରିଲାନି ନିଷ୍କର୍ଷ**

ବିଧାନସଭାରେ ଶୁକ୍ରବାର କଂଗ୍ରେସ ସଦସ୍ୟମାନେ କଳା ପୋଷାକ ପିନ୍ଧି ଘଣ୍ଟ, ତୂରୀ, ବଂଶୀ ବଜାଇ ପ୍ରତିବାଦ କରିଛନ୍ତି। ରାଜ୍ୟରେ ମହିଳାଙ୍କ ସୁରକ୍ଷା ପାଇଁ ବିଧାନସଭା ଗୃହ କମିଟି ଗଠନ ଦାବିରେ ଅଟଳ ଥିବା କଂଗ୍ରେସ ଆଜି ପୁଣିଥରେ ତା'ର ପ୍ରତିବାଦକୁ ଶାଣିତ କରିଛି। ଘଣ୍ଟ, ତୂରୀ ଓ ବଂଶୀର ନାଦ ଏଭଳି ଥିଲା ଯେ ଗୃହ ୫ମିନିଟ୍ ବି ଚାଲିପାରି ନ ଥିଲା। ଗୃହରେ ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବା ଲାଗି ବାଚସ୍ପତି ସୁରମା ପାଢ଼ୀ ବାରମ୍ବାର କଂଗ୍ରେସ ଓ ବିଜେଡି ସଦସ୍ୟଙ୍କୁ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଅନୁରୋଧ କରିଥିଲେ, ମାତ୍ର ତାହା ସମ୍ଭବ ହୋଇ ନ ଥିଲା। ଏମିତି କି ସର୍ବଦଳୀୟ ବୈଠକ ଡାକିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ନ ଥିଲା। ଫଳରେ ପ୍ରଥମାର୍ଦ୍ଧରେ ପ୍ରଶ୍ନକାଳ ଓ ଶୂନ୍ୟକାଳ ସହିତ କୌଣସି ଆଲୋଚନା ସମ୍ଭବ ହୋଇ ନ ଥିଲା। ୪ଟି ପର୍ଯ୍ୟାୟରେ ବାଚସ୍ପତି ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ଶୁକ୍ରବାର ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସର ସମସ୍ତ ସଦସ୍ୟ କଳା ପୋଷାକ ପିନ୍ଧି ଓ ମୁଣ୍ଡରେ କପଡ଼ା ବାନ୍ଧି ଗୃହକୁ ପ୍ରବେଶ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କଳାକପଡ଼ା ଘୋଡ଼େଇ ହୋଇ ଆସିଥିବା ବେଳେ ସଦସ୍ୟା ସୋଫିଆ ଫିରଦୋସ କଳାଶାଢ଼ି ପିନ୍ଧିଥିଲେ। କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିବା ସହ ରାଜ୍ୟରେ ମହିଳାଙ୍କ ସୁରକ୍ଷା ଲାଗି ଗୃହ କମିଟି ଗଠନ କରାଯାଉ ବୋଲି ଅଡ଼ି ବସିଥିଲେ।

ବାଚସ୍ପତିଙ୍କ ପୋଡିୟମ ତଳେ ଗୃହ କମିଟି ଦାବିରେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି, ପବିତ୍ର ସାଉନ୍ତା, ଦାଶରଥି ଗମାଙ୍ଗ, କାଡ୍ରାକା ଆପଲସ୍ୱାମୀ, ନୀଳମାଧବ ହିକ୍‌କା ପ୍ରମୁଖ ଘଣ୍ଟ ବଜାଇ ପ୍ରତିବାଦ କରିଥିଲେ। ସେହିଭଳି କଂଗ୍ରେସ ସଦସ୍ୟ ମଙ୍ଗୁ ଖିଲ ତୂରୀ ବଜାଉଥିବା ଦେଖିବାକୁ ମିଳିଥିଲା। ବିଜେଡି ସଦସ୍ୟମାନେ ସରକାର ଗଣତନ୍ତ୍ରର କଣ୍ଠରୋଧ କରୁଥିବା ଅଭିଯୋଗ କରି ପ୍ରତିବାଦ କରିଥିଲେ। ବିରୋଧୀଙ୍କ ପ୍ରତିବାଦ କାରଣରୁ ବାଚସ୍ପତି ଗୃହକୁ ପ୍ରଥମେ ପୂର୍ବାହ୍ନ ୧୦ଟା ୩୨ରୁ ୧୧ଟା ୩୦ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ମଧ୍ୟ କଂଗ୍ରେସ ସଦସ୍ୟ ସମାନ ଭାବେ ଗୃହ ମଧ୍ୟରେ ନିଜ ପ୍ରତିବାଦ ଜାରି ରଖିଥିଲେ। ଫଳରେ ବାଚସ୍ପତି ଗୃହକୁ ୧୧ଟା ୩୧ରୁ ୧୨ଟା ୦୧ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ରଖି ସର୍ବଦଳୀୟ ବୈଠକ ଡକାଇଥିଲେ। ବାଚସ୍ପତି ବିରୋଧୀ ଦଳ ନେତା, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଭାଜପା ସଦସ୍ୟ ଜୟ ନାରାୟଣ ମିଶ୍ରଙ୍କ ସହ ସର୍ବଦଳୀୟ ବୈଠକରେ ଆଲୋଚନା କରିଥିଲେ। ଦୀର୍ଘ ଦେଢ଼ଘଣ୍ଟା ଧରି ସର୍ବଦଳୀୟ ବୈଠକ ବସିଥିଲେ ହେଁ କୌଣସି ନିଷ୍ପତ୍ତି ହୋଇ ନ ପାରିବାରୁ ଉପବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

ଗୃହ ମୁଲତବୀ ହେବା ପରେ କଂଗ୍ରେସ ସଦସ୍ୟମାନେ ବିଧାନସଭା ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲେ। ଏହି ଅବସରରେ ୭ଦିନ ପରେ ନିଲମ୍ବନରୁ ଫେରିଥିବା କଂଗ୍ରେସର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି କହିଥିଲେ, ରାଜ୍ୟରେ ଗଣତନ୍ତ୍ର ନାହିଁ। ମହିଳାମାନେ ଅସୁରକ୍ଷିତ ଅଛନ୍ତି। ଏହାର ପ୍ରତିବାଦ କରିବାରୁ ମୁଁ ୭ଦିନ ନିଲମ୍ବନ ହେଲି। ମାତ୍ର ସରକାର ନୀରବ। ଗୃହ କମିଟି ଗଠନ କରାଯାଉ ନାହିଁ। ତେଣୁ କଂଗ୍ରେସ ପକ୍ଷରୁ ଆଜି କଳାପୋଷାକ ପିନ୍ଧି ପ୍ରତିବାଦ କରାଯାଇଛି।

ଏନେଇ ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀ କହିଛନ୍ତି, କଂଗ୍ରେସ ଗୃହକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛି। କଂଗ୍ରେସ ପାଖରେ କୌଣସି ଗଠନମୂଳକ ପ୍ରସ୍ତାବ ନ ଥିବାରୁ ସେ ଏଭଳି ନାଟକବାଜି କରୁଛି। ରାଜ୍ୟବାସୀ ସବୁ ଦେଖୁଛନ୍ତି,ଉଚିତ ସମୟରେ ଠିକଣା ଜବାବ ଦେବେ।

# ରାଜ୍ୟର ୩୩.୬୭ ଭାଗ ଜଙ୍ଗଲ: ମନ୍ତ୍ରୀ

ଭୁବନେଶ୍ୱର,୨୧।୩(ବନ୍ଦନା ସେଠୀ)

■ ଚଳିତ ବର୍ଷ ୩୦,୭୧୯ ହେକ୍ଟର ଅଞ୍ଚଳରେ ବନୀକରଣ କରାଯାଇଛି
■ ଓଡ଼ିଶା ଉପକୂଳ ୫୭୬ କି.ମି.କୁ ବୃଦ୍ଧି ପାଇଛି

ମାନବ ଜାତି ଓ ସୁସ୍ଥ ପରିବେଶ ପାଇଁ ଜଙ୍ଗଲ ଗୁରୁତ୍ୱପୂର୍ଣ୍ଣ। ଏହା ସମଗ୍ର ବିଶ୍ୱ ପାଇଁ ପ୍ରକୃତିର ଏକ ବରଦାନ, ଯେଉଁଥିପାଇଁ ଜଙ୍ଗଲକୁ ପୃଥିବୀର ଫୁସ୍ଫୁସ୍ ବୋଲି କୁହାଯାଏ। ଜଳବାୟୁ ପରିବର୍ତ୍ତନ ସହିତ ଲଢ଼ିବା ପାଇଁ ଏହା ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ମନୁଷ୍ୟ ସମାଜ ପାଇଁ ବହୁମୂଲ୍ୟ ଜୈବବିବିଧତାର ମୂଳ ଉତ୍ସ ହେଉଛି ଜଙ୍ଗଲ। ଏହାର ଶ୍ରୀବୃଦ୍ଧି ଓ ସମୃଦ୍ଧି ଉପରେ ମାନବ ଜାତିର ଭବିଷ୍ୟତ ନିର୍ଭର କରିଥାଏ। ତେଣୁ ଜଙ୍ଗଲ ସମ୍ପଦର ପୋଷଣୀୟ ବ୍ୟବହାର, ପରିବେଶ ଅବକ୍ଷୟ ଓ ପ୍ରଦୂଷଣର ମାତ୍ରା ହ୍ରାସ କରିବା ଦିଗରେ ସମସ୍ତଙ୍କ ସଙ୍କଳ୍ପବଦ୍ଧ ଉଦ୍ୟମ ଲୋଡ଼ା ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ଆହ୍ୱାନ ଦେଇଛନ୍ତି। ଶୁକ୍ରବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ମନ୍ତ୍ରୀ କହିଲେ, ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା ଡେରାଡୁନ ଦ୍ୱାରା ଉପଗ୍ରହ ମାଧ୍ୟମରେ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୩ରେ ଓଡ଼ିଶାରେ ସମୁଦାୟ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳର ପରିମାଣ ୫୨,୪୩୩.୫୬ ବର୍ଗ କି.ମି.। ଏହା ରାଜ୍ୟର ସମୁଦାୟ ଭୌଗୋଳିକ ଆୟତନର ଶତକଡ଼ା ୩୩.୬୭ ଭାଗ। ଜଙ୍ଗଲର ପୁନରୁଦ୍ଧାର, ପୁନଃସ୍ଥାପନ, ନୂତନ ଜଙ୍ଗଲ ସୃଷ୍ଟି ସହିତ ସ୍ଥାୟୀ ଜଙ୍ଗଲ ପରିଚାଳନା ଉପରେ ଗୁରୁତ୍ୱ ଦେଇ ରାଜ୍ୟ ସରକାର ବିଭିନ୍ନ ବନୀକରଣ ଯୋଜନା ପ୍ରଣୟନ କରିଛନ୍ତି। ଚଳିତ ବର୍ଷ ଏହିସବୁ କାର୍ଯ୍ୟକ୍ରମରେ ସମୁଦାୟ ୧.୯୫ କୋଟି ଚାରା ରୋପଣ କରାଯିବା ସହିତ ୨.୩୩ କୋଟି ବୃକ୍ଷ ଚାରା ଜନସାଧାରଣ, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକୁ ବିତରଣ କରାଯାଇଛି। ୩୦,୭୧୯ ହେକ୍ଟର ଅଞ୍ଚଳରେ ବନୀକରଣ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ କହିଲେ, ରାଜ୍ୟର ୪୮୦ କିଲୋମିଟର ସୁଦୀର୍ଘ ଉପକୂଳ ଏବେ ବୃଦ୍ଧି ପାଇ ୫୭୬ କି.ମି ହୋଇଛି। ନିକଟରେ ରଶିକୁଲ୍ୟା ମୁହାଣକୁ ୭ଲକ୍ଷ ଓ ଗହୀରମଥାକୁ ୭ଲକ୍ଷ ଅଲିଭ୍ ରିଡ୍ଲେ କଇଁଛ ଅଣ୍ଡାଦାନ ପାଇଁ ଆସିବା ରାଜ୍ୟ ଜଙ୍ଗଲ ବିଭାଗ ଲାଗି ଗୌରବର ବିଷୟ। ଶିମିଳିପାଳକୁ ୟୁନେସ୍କୋ ହେରିଟେଜ୍ ସାଇଟ୍ ହିସାବରେ ସ୍ଥାନିତ କରିବା ପାଇଁ ଚିନ୍ତା କରାଯାଉଛି।

ଏହି ଅବସରରେ ଜଙ୍ଗଲ ବିଭାଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୪ଟି ବନଖଣ୍ଡକୁ ସମ୍ମାନିତ କରାଯାଇଥିଲା। ସେହିପରି ବନରକ୍ଷୀ, ବନପାଳ ଏବଂ ବନ ରେଞ୍ଜ ଅଧିକାରୀଙ୍କୁ ମିଶାଇ ମୋଟ ୪୦ଜଣ କ୍ଷେତ୍ରୀୟ କର୍ମଚାରୀଙ୍କୁ 'ରାଜ୍ୟ ବନୀକରଣ ପୁରସ୍କାର' ପ୍ରଦାନ କରାଯାଇଥିଲା। ଏଥିସହ 'ହାଇଲାଇଟ୍ସ ଅଫ୍ ଓଡ଼ିଶା ଫରେଷ୍ଟ୍ରି ସେକ୍ଟର ୨୦୨୫' ଶୀର୍ଷକ ଏକ ତଥ୍ୟଭିତ୍ତିକ ବାର୍ଷିକ ସଂକଳନ, ଗୁଗଲ୍ ଆର୍ଥ ଇଞ୍ଜିନ୍ ଫର୍ ଫରେଷ୍ଟ୍ରି ଇନ୍‌ସାଇଟ୍ସ ଫ୍ରମ୍ ଓଡ଼ିଶା, ମାମାଲ୍ସ ଆଣ୍ଡ ବାର୍ଡ୍ସ ଅଫ୍ ବଣାଇ ଫରେଷ୍ଟ ଡିଭିଜନ୍ ଏବଂ 'ବଣାଇ ଅଞ୍ଚଳର ପାରମ୍ପରିକ ଉପକରଣ ଏବଂ ତା'ର ବ୍ୟବହାର' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନସଂରକ୍ଷକ ଓ ବନ ବାହିନୀ ମୁଖ୍ୟ ସୁରେଶ ପନ୍ତ ସ୍ୱାଗତ ଭାଷଣ ଦେଇଥିବାବେଳେ ଅତିରିକ୍ତ ମୁଖ୍ୟ ବନ ସଂରକ୍ଷକ ଡ. କେ. ମୁରୁଗେସନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମନ୍ତ୍ରୀଙ୍କ ସହ ଅନ୍ୟ ଅତିଥିମାନେ ଆୟୋଜିତ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ।

# ୨୭ ଜିଲ୍ଲାକୁ କାଳବୈଶାଖୀ ସତର୍କତା

ଭୁବନେଶ୍ୱର,୨୧।୩(ଅନୁରାଧା ମହାରଣା)

ରାଜ୍ୟରେ ବେଶ୍ କିଛିଦିନ ପ୍ରବଳ ଖରା ଓ ଗୁଳୁଗୁଳି ଅନୁଭୂତ ହେବା ପରେ ଏବେ ପାଗ ବଦଳୁଛି। ରାଜ୍ୟରେ ତାପମାତ୍ରା ହ୍ରାସ ପାଉଥିବାବେଳେ କାଳବୈଶାଖୀ ତାଣ୍ଡବ ରହୁଛି। ଶୁକ୍ରବାର ଉତ୍ତର ଓଡ଼ିଶାରେ କାଳବୈଶାଖୀ ବ୍ୟାପକ କ୍ଷୟକ୍ଷତି ଘଟାଇଥିବାବେଳେ ଶନିବାର ପାଇଁ ୨୭ ଜିଲ୍ଲାକୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି। ଉତ୍ତର ପଶ୍ଚିମ ଓଡ଼ିଶାର ୯ ଜିଲାରେ ଘଡ଼ଘଡ଼ି ବିଜୁଳି ସହ କୁଆପଥର ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହାସହ ପବନର ବେଗ ଘଣ୍ଟାପ୍ରତି ୫୦ରୁ ୬୦ କିଲୋମିଟର ରହିବ। ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହେବା ସହ ସାରା ରାଜ୍ୟରେ କାଳବୈଶାଖୀ ପ୍ରଭାବ ପଡ଼ିବ। ଏଥିପାଇଁ କେନ୍ଦ୍ରାପଡ଼ା, ଯାଜପୁର, ଢେଙ୍କାନାଳ, ଅନୁଗୋଳ, କନ୍ଧମାଳ, ବୌଦ୍ଧ, ସୋନପୁର, ବଲାଙ୍ଗିର, କଳାହାଣ୍ଡି, ନୂଆପଡ଼ା ଓ ନବରଙ୍ଗପୁର ସମେତ ୧୮ ଜିଲ୍ଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଥିବାବେଳେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ୧୨ ଜିଲ୍ଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ତେବେ ଆସନ୍ତା ୨୪ ତାରିଖ ଯାଏ ଏଭଳି ପାଗ ରହିବ। ଏହାପରେ ପାଗ ପୁଣି ବଦଳିପାରେ ବୋଲି ପୂର୍ବାନୁମାନ କରାଯାଇଛି।

## DISTRICT OFFICE, SUNDARGARH
(Social Welfare Section)
No 1378/Dt. 19-03-2025

### TENDER CALL NOTICE

**No.g-195** : Sealed Tenders in the prescribed format are invited from interested Firms/agents for supply of design of packaging material for Take Home Ration (THR) provided under MSPY in Sundargarh District.

The Tender notice along with Terms & conditions and other details for the above purpose can be downloaded from District Websites (https://sundargarh.odisha.gov.in/ or can be seen in the Tender Notice displayed in the notice board of DSWO, Sundargarh.

Sd./- District Social Welfare Officer
Sundargarh

OIPR-24400/11/0009/2425

## OFFICE OF THE PANCHAYAT SAMITI, PAIKMAL
At/P.O./PS: Gaisilet, Dist.: Bargarh (Odisha), PIN - 768039
E-mail ID: ori-paikmal@nic.in

No. 760 — "e" - Procurement Notice — Dt.18.03.25

### Bid Identification No. BDO/Paikmal/04/2024-25

No. i-570: Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersodisha.gov.in**.

1. Nature of work : Civil Works
2. No. of Works : 1
3. Estimated Cost : As per NIT
4. Period of Completion : As per NIT
5. Date and time of availability of the documents in the portal : From 21.03.2025, 11.00 A.M. to 31.03.2025, 5.00 P.M.
6. Last date/time for receipt of Bids in the portal : Dt.31.03.2025 upto 5.00 P.M.
7. Bids received online shall be opened on : Dt.02.04.2025 at 11 A.M.
8. Name and address of the Officer Inviting Bid : Block Development Officer, Paikmal

Further, the details can be seen from the procurement portal **www.tendersodisha.gov.in.**

OIPR-19175/11/0004/2425 — Sd./- Block Development Officer, Paikmal

## GOVERNMENT OF ODISHA, "e"-PROCUREMENT NOTICE
## OFFICE OF THE SUPERINTENDING ENGINEER, PURI (R&B) DIVISION, PURI
WORKS DEPARTMENT

### Short Tender Call Notice
E-mail: eerbpuri@yahoo.co.in
Bid Identification No. SE (R&B) Puri-57/2024-25

**No.B-1092:**The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in single cover system in ONLINF, MODE from the eligible class of contractors registered with the State Governments and contractors of equivalent Grade/Class registered with Central Government/Railways:

1. Nature of Work : Civil Work.
2. No of Work : 2 Nos
3. Tender Cost : Rs. 6000.00/ each (On-Line)
4. Class of bidders : 'D' & C'/ 'B' Class
5. Available of Bid document in in th website : From 10.00 AM of Dt.24.03.2025 05.00 PM of Dt.02.04.2025
6. Last Date of receipt of tender : Dt.02.04.2025 upto 05.00 PM
7. Date of opening of Bid : Dt.03.04.2025 at 11:00 AM

The Bidders have to participate in ONLINE bidding only. Further details can be seen from the Website:https://tenderodisha.gov.in. Any Addendum/ Corrigendum/Cancellation of tender can also be seen in the said website.

Sd./- Superintending Engineer
Puri (R&B) Division, Puri

OIPR-34064/11/0024/2425

## GOVERNMENT OF ODISHA
## OFFICE OF THE SUPERINTENDING ENGINEER JHARSUGUDA (R&B) DIVISION, JHARSUGUDA
No.B-1094:
ଓଡିଶା ସରକାର
E-mail ID: eepwdjsg2014@gmail.com
Telephone:06645-271242, Kalimandir Road, Jharsuguda, 768202

"e" Procurement Notice
Bid Identification No.S.E. R&B-JSG-26 of 2024-25

| | | | |
|---|---|---|---|
| 1. | The Superintending Engineer, Jharsuguda (R&B) Division on behalf of Governor of Odisha inviting percentage rate bid in Double & Single Cover system on ONLINE mode from eligible contractors for Construction of Civil Work (Civil+EI) Works as detailed in DTCN. | | |
| 2. | Nature of Work | :- | Civil Works (Civil+EI) Works |
| 3. | Estimated Cost | :- | Rs.26.19 Lakhs, to Rs.55.41 Lakhs |
| 4. | No. of Work | :- | 03 (Three) Nos. |
| 5. | Tender Cost | :- | Rs.10000/- & Rs.6000.00 (as per DTCN) |
| 6. | Class of Contractor | :- | Sl.No.-1 & 2 - "B" Class, Sl.No.3- "C & B" |
| 7. | Availability of bid document in the website | :- | 10.00 A.M. of 25.03.2025 to 05.00 P.M. of 10.04.2025 |
| 8. | Date of Opening of Technical Bid (Cover-I) | :- | 11.00 AM on Dt.11.04.2025 |
| 9. | The bidders have to participate in ONLINE bidding only. Further details can be seen from the website https://tendersodisha.gov.in). Any addendum/ Corrigendum/Cancellation of tender can also be seen in the said website. | | |

Sd./- Superintending Engineer
Jharsuguda (R&B) Division

OIPR-34094/11/0022/2425

## OFFICE OF THE NOTIFIED AREA COUNCIL: G.UDAYAGIRI

### E-Procurement Notice
Bid Identification No:GUDR-NAC-02/2024-25
Letter No.991, Date:18.03.2025

**No.C-1925:**Name of the work for which e-Tender invited - Supply of labour, Vehicles, machineries & equipments for Sanitation Works including collection of solid waste from Door to Door, Road sweeping, Night Sweeping, Drain Cleaning, Bush Cutting, Bed level de-silting & Water Logging from Ward No. **1 to 13** of G UDAYAGIRI NAC area for the F.Y. 2025-26.

1. Estimated cost of work (Annually) - **Rs.1,48,27,956 /-**
2. Eligible Intending Registered & Financially Sound Manpower Service Provider Agency/Firms/ Trust/ N.G.O having similar nature of work experience of at least Five years and fulfilling the other criteria as given in the D.T.C.N.
3. The Bid documents will be available in the web-site i.e http://www.tendersodisha.gov.in from **11.00 A.M of 19.03.2025 to 5.00 P.M of 28/03/2025** for online bidding.
4. Bid identification No: GUDR-NAC-02/2024-25
5. Last date & time of receipt of Bid through online: **28/03/2025 of 5.00 P.M**
6. Deposit original financial documents online: **11.00 A.M of 19/03/2025 up to 28/03/2025 of 5 P.M**
7. Opening of Bid on **29/03/2025 at 11.00 Hrs.** at G UDAYAGIRI NAC.
8. The bidder has to participate in online bidding only.
9. For further detail information any one can visit the-procurement portal of the Govt. of Odisha i.e. http://www.tendersodisha.gov.in.

Sd./- Executive Officer
G UDAYAGIRI NAC

OIPR-13072/11/0011/2425

## OFFICE OF THE SUPERINTENDING ENGINEER KENDRAPARA (R&B) DIVISION No.II, KENDRAPARA
No.B-1093 E-mail:eerandbdivn2kpd@gmail.com, Tel.No.06727-220408
GOVERNMENT OF ODISHA "e" Procurement Notice

### E-Procurement Notice for Electrical Work
Bid Identification No.S.E. (RnB) KPD-II-19/2024-25

1. No. of Works : 3 Nos. of Electrical Work
2. Estimated Cost : Rs.48,19,060.00, Rs.14,91,259.00 Rs.12,02,633.00
3. Period of Completion : 01 (One) Calendar Month to 03 (Three) Calendar Month
4. Date & Time of Sale & Receipt of Bid Document : From 10.00 AM of 26.03.2025 to 5.00 PM of 07.04.2025
5. Last Date/Time of receipt of Bids : 5.00 P.M. of 07.04.2025
6. Date & Time of opening of Bids : 11.00 A.M. of 08.04.2025
7. Name and Address of the Inviting Bid : Superintending Engineer, Kendrapara (R&B) Division-II, Kendrapara.

Further details with any addendum, corrigendum, cancellation can be seen from the State Govt. Portal **"https://tendersorissa.gov.in."**

Sd./- Superintending Engineer
OIPR-34158/11/0011/2425 — Kendrapara (R&B) Division-II, Kendrapara

## OFFICE OF THE NOTIFIED AREA COUNCIL REMUNA, BALASORE
e-mail: remuna-nac@gov.in, Tel. No.: 06782-291978

### BID Identification No. RN_08_2024-25
**Letter No. 332** — **Date: 19.03.2025**

No. C-1932: The Executive Officer on behalf of Notified Area Council, Remuna invites tenders in Double Cover System. Bid documents consisting of specification the Schedule of quantities and the set of terms and conditions of contrat and other necessary documents can be seen the Govt. website i.e. **https://tendersodisha.gov.in**.

1. Number of Civil Works : 01 (One) Number
2. Estimated Costs : 85.57 lakhs
3. Period of Completion : As per NIT
4. Date and time of availability of the bid documents in the portal : From 10.00 A.M. on Dt.21.03.2025 upto 05.00 P.M. of 07.04.2025
5. Last date/time for receipt of bids in the portal : Upto 05.00 P.M. on 07.04.2025
6. Bids will be opened on : 11.00 A.M. on Dt.08.04.2025
7. Name and address of the Officer Inviting Bid : Executive Officer, Remuna NAC

Sd./- Executive Officer, Remuna NAC
OIPR-13204/11/0011/2425

See Career Appointment on every Wednesday & Saturday

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR
No. O-1640

### Corrigendum
**No. 1090** — **Date: 18.03.2025**

**1st Corrigendum to Bid Identification No. Tender-Online-C.C. 05 of 2025, Dated 01.03.2025 invited vide this office Lr. No. 936 dated 01.03.2025**

The date of availability of tender, date of opening of Technical Bid & Financial Bid invited vide this office N.I.T. No. Tender-Online-C.C.-05 of 2025 Dt.01.03.2025 issued vide this office Lr. No. 936 Dt.01.03.2025 is hereby rescheduled as below due to some unavoidable circumstances.

| Procurement Officer | Bid Identification No. | Availability of Tender Online for Bidding | Date & Time of opening of tender | |
|---|---|---|---|---|
| | | Upto | Technical Bid | Financial Bid |
| Chief Construction Engineer, Central Rural Works Circle, Bhubaneswar | Tender Online - C.C. 05 of 2025 | 15.04.2025 upto 5.00 P.M. | 16.04.2025 at 11.00 A.M. | To be intimated later on |

All other conditions remain unaltered.
OIPR-25194/11/0032/2425 — Sd./- Chief Construction Engineer, Central Rural Works Circle, Bhubaneswar

## OFFICE OF THE MUNICIPAL COUNCIL, CHOUDWAR
No.C-1934
Cuttack, Odisha, Pin - 754071
Phone No. - 0671-2394272(O)
E-mail : choudwarmunicipality@gmail.com

**Letter No. : 427** — **Date : 19.03.2025**

### Quotation Call Notice

1. Name of the Work : Engagement of 01 No Four-Wheeler Vehicle for Official Use
2. Period of Completion : (01) One Year
3. Date and Time of availability of the bid documents in the Portal : 19.03.2025 to 09.04.2025 www.choudwarmunicipality.in
4. Last Date / Time for receipt of bid document : 09.04.2025 at 01.00 P.M.
5. Bids received through Office Drop Box, shall be opened on dt.09.04.2025 at 04.00 P.M.
6. Name and address of the officer inviting Bid : Executive Officer, Choudwar Municipality, Choudwar

Further details for any Corrigendum/Cancellation/Addendum can be seen from www.choudwarmunicipality.in

Sd./- Executive Officer
Choudwar Municipality

OIPR-13138/11/0019/2425

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE
No.810/ WE, Dt.19.03.25

### e-Procurement Notice

**No.O-1642:** Name of the Work : "Building Works", 2. Estimated Cost:- As per Annexure. 3. Time for Completion:- As per Annexure. 4. No. of Work:- As per Annexure. 5.Summary for key dates is provided below:-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No-27 of 2024-25 | Dt.27.03.2025 at 11.00 A.M. | Dt.16.04.2025 upto 5.00 P.M. | Dt.15.04.2025 upto 5.00 P.M. | Dt.17.04.2025 at 11.00 A.M. | Will be intimated latter |

Further details can be seen from the website www.tendersodisha.gov.in
Any other changes/Corrigendums may be seen only in website www.tendersodisha.gov.in

Sd./- Er. Duryodhan Behera
OIPR-25105/11/0039/2425 — Chief Construction Engineer, Rural Works Circle, Balasore

## GOVT. OF ODISHA
## OFFICE OF THE EXECUTIVE ENGINEER, RURAL WORKS DIVISION, SONEPUR

### 1st Corrigendum
Letter No.1612, Dtd.19.03.2025

**No.O-1647:** In continuation to this office tender identification No. SNPR/Online 18 of 2024-25 invited vide this office letter No.1327 dtd.05.03.2025, under unavoidable circumstances partial modification Date & Time of TCN has been made as follows.

| Sl. No. | Tender Identification No. | Items | Date & Time Schedule as per original TCN | Date & Time Schedule as per 1st Corrigendum Notice |
|---|---|---|---|---|
| 1 | 2 | 3 | 4 | 5 |
| 1 | Bid Identification SNPR/Online-18 of 2024-25 | Availability of Tender On-line for bidding | 12.03.2025 at 11.00 A.M. to 25.03.2025 upto 5.00 P.M. | 12.03.2025 at 11.00 A.M. to 29.03.2025 upto 5.00 P.M. |
| 2 | | Date & Time of seeking tender clarification | 24.03.2025 upto 4.00 P.M. | 28.03.2025 upto 4.00 P.M. |
| 3 | | Date & Time of opening of tender | 26.03.2025 at 11.00 A.M. | 02.04.2025 at 11.00 A.M. |

OIPR-25054/11/0026/2425 — Sd./- Executive Engineer, Rural Works Division, Sonepur

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 5144 — IND–II–PH–୧୨୬୦ — ତା.18.03.2025
No. CAD-2896

### ବିଜ୍ଞାପନ

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡ, ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ଜଳଡିହି ଏବଂ କେନସର ଗ୍ରାମରେ ୧୦୦.୪୩୯ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ କେଡେସଲ ନର୍ଥ ଇଷ୍ଟ ଲୌହ ଖଣିଜ ବ୍ଲକରୁ ୧.୨୧ ଏମଟିପିଏ ଆରଓଏମ ଲୌହ ଖଣିଜ (ସମୁଦାୟ ୧୯୯୧୧୨୦ ଟିପିଏ ଉତ୍ତୋଳନ: ଆରଓଏମ ଲୌହ ଖଣିଜ ୧୨୧୦୦୦୦ ଟିପିଏ+ଓବି/ବର୍ଜ୍ୟ ୭୮୧୧୨୦ ଟିପିଏ) ଉତ୍ପାଦନ ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)], ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪.୦୯.୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୨୩.୦୪.୨୦୨୫ ରିଖ ଦିବା ୧୦.୦୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲା, କେନସର ଗ୍ରାମର ଫୁଟବଲ ଖେଳପଡିଆଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ସୁନ୍ଦରଗଡ଼**।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ସୁନ୍ଦରଗଡ଼**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ, **ସୁନ୍ଦରଗଡ଼**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ରାଉରକେଲା**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ https://ospcboard.odisha.gov.in ରୁ ମଧ୍ୟ ମିଳିପାରିବ।



ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ରାଉରକେଲା**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./- ସଦସ୍ୟ ସଚିବ
OSPCB-PH-MISC-0018-2025/5/2025 — OIPR-08012/11/0223/2425

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଞ୍ଜାମ
(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ)

ପତ୍ରସଂଖ୍ୟା:- 234//ଡି.ସି.ପି.ୟୁ/୨୫ — ତାରିଖ:-19.3.25

No.g-196:ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗଞ୍ଜାମ ଜିଲ୍ଲା ଶିଶୁ ମଙ୍ଗଳ କମିଟି,ବ୍ରହ୍ମପୁରଙ୍କ ନିର୍ଦ୍ଦେଶକ୍ରମେ ବାଲ୍ମୀକେଶ୍ୱର ଅନାଥ ଆଶ୍ରମ ଧରାକୋଟ, ଗଞ୍ଜାମଠାରେ ନିମ୍ନଲିଖିତ ଶିଶୁମାନେ ରହିଆସୁଛନ୍ତି । ପ୍ରକାଶଥାଉକି, ଉକ୍ତ ଶିଶୁମାନଙ୍କର କେହି ଯଦି ଜନ୍ମିତ ପିତା,ମାତା ଅଭିଭାବକ ଓ ଆଇନସିଦ୍ଧ ଦାବିଦାର ଥାଆନ୍ତି ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଗଞ୍ଜାମ କାର୍ଯ୍ୟାଳୟ, ରିକାପଲ୍ଲୀ, ଛତ୍ରପୁରଙ୍କ ଫୋନ ନଂ-୯୪୩୯୪୫୮୭୭୩ ଏବଂ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ, ଗଞ୍ଜାମ, ବ୍ରହ୍ମପୁରଙ୍କ ଫୋନ ନଂ.-୯୪୩୭୩୨୩୧୨୮ କିମ୍ବା ସଦସ୍ୟଙ୍କ ଫୋନ ନଂ-୯୦୪୦୩୪୫୯୯୯ କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣ ଦେଇ ନେଇଯିବାକୁ ଅନୁରୋଧ । ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନା ନକରନ୍ତି ତେବେ ଉକ୍ତ ଶିଶୁମାନଙ୍କୁ କିଶୋର ନ୍ୟାୟ ଯତ୍ନ ଓ ସୁରକ୍ଷା ଆଇନ ୨୦୧୫ ଅନୁଯାୟୀ ପୋଷ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ ଘୋଷଣା କରାଯିବ ।

| କ୍ର.ନଂ. | ନାମ | ଲିଙ୍ଗ | CWC Case ନମ୍ବର | ଗ୍ରାମ | ବର୍ତ୍ତମାନ ରହୁଥିବା ସ୍ଥାନ | ଫଟୋ |
|---|---|---|---|---|---|---|
| ୧ | କ୍ରିଷ୍ଣା ମଣ୍ଡଳ, ପିତା-ସ୍ୱର୍ଗତ ଜତୁ ମଣ୍ଡଳ, ମାତା-ଲଳିତା ମଣ୍ଡଳ | ପୁଅ | ୧୫୨୧/୨୦୧୭ | ତନ୍ତୀ ସାହି ପୁରୀ | ବାଲ୍ମୀକେଶ୍ୱର ଅନାଥ ଆଶ୍ରମ ଧରାକୋଟ |  |
| ୨ | ରଫିକ ଶେଖ, ପିତା-ରାଜୁ ଶେଖ, ମାତା-ନାଶୁ ଶେଖ | ପୁଅ | ୧୧୮୧/୨୦୧୮ | ମୁର୍ଶିଦାବାଦ ବେରହମପୁର, ବେଷ୍ଟବେଙ୍ଗଲ | ବାଲ୍ମୀକେଶ୍ୱର ଅନାଥ ଆଶ୍ରମ ଧରାକୋଟ |  |
| ୩ | ଚନ୍ଦନ କୁମାର, ପିତା-ଦିଲ୍ଲୀପ | ପୁଅ | ୧୪୪୭/୨୦୧୮ | G.C.H.B ଡାଇରୀ ଫାର୍ମ ବିଶାଖାଭେଲି ସ୍କୁଲ ନିକଟ, ବିଶାଖାପାଟମ | ବାଲ୍ମୀକେଶ୍ୱର ଅନାଥ ଆଶ୍ରମ ଧରାକୋଟ |  |

OIPR-33041/11/0007/2425 — ସ୍ୱା./- ଜିଲ୍ଲାପାଳ

## ODISHA JOINT ENTRANCE EXAMINATION - 2025 (OJEE-2025)
**No. OJEE/0097** — **Date: 20.03.2025**

### NOTICE FOR EXTENSION OF THE LAST DATE FOR ONLINE APPLICATION FOR OJEE-2025

No. h-21: This is for the information of all candidates, interested to apply for **Odisha Joint Entrance Examination (OJEE) - 2025,** that the **last date for registration and final submission of online application forms for OJEE-2025, which was earlier notified as 20.03.2025, is extended upto 25.03.2025 (till 05.00 P.M.).**

Candidates are advised to visit OJEE websites **(www.ojee.nic.in/www.odishajee.com)**, read the **'Information Brochure'** and the **'Instructions to fill Online Application Form'**, which are available in the OJEE websites and submit their online Application Forms as soon as possible, without waiting till the last date.

Further, another three days, i.e. **26.03.2025, 27.03.2025 and 28.03.2025 (till 11.59 P.M.)** will be provided to the candidates for correction(s), if necessary, as filled earlier by the candidates. The fee payment option will remain open till **28.03.2025 (11.59 P.M.).**

For other details please visit OJEE website: **https://ojee.nic.in.**

**It may be noted that there will be no further extension of the registration/application period beyond this date.**

**Sd./- Chairman, OJEE, Odisha**
OIPR-44026/11/0017/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରିଦ୍ଧି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଧାନ ବ୍ୟବସାୟୀଙ୍କଠାରୁ ୨.୩ ଲକ୍ଷ ଲୁଟ୍

**ଢେଙ୍କିକୋଟ,୨୧।୩(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ବ୍ୟବସାୟିକ ପେଣ୍ଠସ୍ଥଳୀ ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ବଡ଼ମସିଣାବିଲା ପଞ୍ଚାୟତ ସାନ ନୂଆଗାଁରେ ଦୁର୍ବୃତ୍ତମାନେ ଜଣେ ଧାନ ବ୍ୟବସାୟୀଙ୍କଠାରୁ ୨ ଲକ୍ଷ ୩୦ ହଜାର ଲୁଟି ନେଇଛନ୍ତି। ଏ ନେଇ ବ୍ୟବସାୟୀ ଶରତ ଚନ୍ଦ୍ର ସାହୁ ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ୍‌ରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। କିଛିଦିନ ବ୍ୟବଧାନରେ ଏହା ଦ୍ୱିତୀୟ ଲୁଟ୍ ହୋଇଥିବାରୁ ଦୁର୍ବୃତ୍ତମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଥିବା ଆଲୋଚନା ହେଉଛି।

ଶରତ ଢେଙ୍କିକୋଟ ବଜାରରେ ଥିବା ତାଙ୍କ ଦୋକାନକୁ ଆସୁଥିଲେ। ୨୦ ନମ୍ବର ଜାତୀୟ ରାଜପଥଠାରୁ ମାତ୍ର ୫୦ ମିଟର ଦୂର ନୂଆଗାଁ ରାସ୍ତାରେ ୩ ବାଇକ୍‌ରେ ୪ଜଣ ଆସି ତାଙ୍କୁ ଅଟକାଇ ଟଙ୍କା କାଢ଼ିବାକୁ କହିଥିଲେ। ସ୍କୁଟି ଚାବି ନେଇ ଡିକିରେ ଥିବା ୨ ଲକ୍ଷ ୨୦ ହଜାର ଓ ପକେଟ୍‌ରେ ଥିବା ୧୦ ହଜାର ଟଙ୍କା ନେଇ ସେମାନେ ବଡ଼ ମସିଣାବିଲା ଗ୍ରାମ ଦେଇ ପଳାଇଥିଲେ। ଶରତଙ୍କ ଅଭିଯୋଗ ଆଧାରରେ ବିଟ୍ ହାଉସ ଅଧିକାରୀ ତ୍ରିନାଥ ନାୟକ, ଘଟଗାଁ ଥାନା ଆଇଆଇସି ପ୍ରଶାନ୍ତ ସାମଲ, ଘଟଗାଁ ଏସ୍‌ଡିପିଓ ବିଜୟ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଏ ନେଇ ଘଟଗାଁ ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ୪ ଦିନ ପୂର୍ବେ ଘଟଗାଁଠାରେ ଥିବା ଏକ ଘରୋଇ ଫାଇନାନ୍ସ ସଂସ୍ଥାର ମହିଳା କର୍ମଚାରୀ ଅନିତା ଦାସ ଲୁଟ୍‌ର ଶିକାର ହୋଇଥିଲେ। ଋଣ ପରିଶୋଧ କରି ଫେରୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଅଟକାଇ ପ୍ରଥମେ ବ୍ଲାଙ୍କ୍ ଫାୟରିଂ କରିଥିଲେ। ପରେ ପାଟିରେ ବନ୍ଧୁକ ପୂରାଇ ବ୍ୟାଗ୍ ନେଇଯାଇଥିଲେ।


**ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା**



Rudranshi Beura (Ridhi)

FM, ବାଙ୍କୀ, ନିସ୍ତିପୁର

ପ୍ରଥମ ଜନ୍ମବାର୍ଷିକର ହାର୍ଦ୍ଦିକ ଶୁଭେଚ୍ଛା ସହ, ବାବା, ମାମା, ଦିଦି, ଓ ବେଉରା ପରିବାର ବର୍ଗ ।

ଧ-୭୬୮୦୨

**୨୦ତମ ବିବାହ ବାର୍ଷିକୀ ଶୁଭେଚ୍ଛା**



ବିଶ୍ୱଜିତ୍ ନାୟକ
ଓ
ଜ୍ୟୋସ୍ନା ମହାନ୍ତି

ଜଗତ୍‌ସିଂହପୁର

ତୁମ ଦୁହିଁଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ହେଉ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଶୁଭେଚ୍ଛା ସହ: ପରିବାର ଓ ବନ୍ଧୁବର୍ଗ ।

ଧ-୭୩୫୮୩


# ଜାହାଜରେ ବିଦେଶୀଙ୍କୁ ବେଆଇନ ସିମ୍ ବିକ୍ରି

**ଛତ୍ରପୁର,୨୧।୩(ସନ୍ତୋଷ ପାଢ଼ୀ/ଦିଲ୍ଲିପ ସାମଲ)**

## ଗୋପାଳପୁର ପୋର୍ଟ କର୍ମଚାରୀ ସମେତ ୨ ଗିରଫ

ଗଞ୍ଜାମ ଜିଲା ଗୋପାଳପୁର ପୋର୍ଟକୁ ଆସୁଥିବା ଜାହାଜର ବିଦେଶୀମାନଙ୍କୁ ବେଆଇନ ମୋବାଇଲ ସିମ୍ ବିକ୍ରି କରୁଥିବା ଏକ ରାକେଟକୁ ଆର୍ଯ୍ୟପଲି ମେରାଇନ ଥାନା ପୋଲିସ ପର୍ଦ୍ଦାଫାଶ କରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଆର୍ଯ୍ୟପଲି ମେରାଇନ ଥାନା ଅନ୍ତର୍ଗତ କତୁରୁ ଗ୍ରାମର ଜି. ଶାମ୍ବା (୫୪) ଓ ଏମ୍. କାମେୟା (୩୫)। ଶାମ୍ବା ହେଉଛନ୍ତି ଗୋପାଳପୁର ପୋର୍ଟର ଫୋରମ୍ୟାନ୍। ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ରାକେଟ ବହୁ ଦିନ ଧରି ଜାହାଜରେ ବିଦେଶୀଙ୍କୁ ସିମ୍ ବିକ୍ରି କରୁଥିଲା। ଏ ସମ୍ପର୍କରେ ସୂଚନାପାଇ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇଙ୍କ ନେତୃତ୍ୱରେ ଏକ ଟିମ୍ ଶାମ୍ବାଙ୍କ ଉପରେ ନଜର ରଖିଥିଲା। ଗୋପାଳପୁର ପୋର୍ଟରେ ଲାଗିଥିବା ଦୁବାଇର ଏକ ଜାହାଜରେ ଥିବା ବିଦେଶୀମାନଙ୍କୁ ଶାମ୍ବା ସିମ୍ ବିକ୍ରି କରିବାକୁ ଯାଉଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ଶାମ୍ବାଙ୍କଠାରୁ ୩୪ଟି ସିମ୍ ଓ ୨୨ ଡଲାର ଜବତ ହୋଇଛି। ପରେ ଏଥିରେ ସମ୍ପୃକ୍ତ ତଥା ମୋବାଇଲ ସିମ୍ ଦୋକାନୀ କାମେୟାଙ୍କୁ ପୋଲିସ ଗିରଫ କରି ତାଙ୍କଠାରୁ ୩୬ଟି ସିମ୍ ଜବତ କରିଥିଲା। ଗୋପାଳପୁର ପୋର୍ଟକୁ ଆସୁଥିବା ଜାହାଜରେ ବିଦେଶୀ ଅଫିସର ଓ କର୍ମଚାରୀ ଥାନ୍ତି। ସେମାନଙ୍କୁ ଗୋଟିଏ ସିମ୍ ପିଛା ୨ ହଜାର ଟଙ୍କାରେ ଶାମ୍ବା ବିକ୍ରି କରୁଥିଲେ। ତାଙ୍କ ଗ୍ରାମର ମୋବାଇଲ ସିମ୍ ଦୋକାନୀ କାମେୟାଙ୍କଠାରୁ ଗୋଟିଏ ସିମ୍‌କୁ ୪୦୦ ଟଙ୍କାରେ ସେ କିଣୁଥିଲେ। ବିଭିନ୍ନ ଲୋକଙ୍କ ଡକ୍ୟୁମେଣ୍ଟ ଓ ଫିଙ୍ଗର ପ୍ରିଣ୍ଟ ନେଇ ଶାମ୍ବା ସିମ୍ କିଣୁଥିଲେ। ବିଦେଶୀମାନେ ଉକ୍ତ ସିମ୍ ଦ୍ୱାରା ବିଭିନ୍ନ ବିଦେଶର ଲୋକଙ୍କୁ ହ୍ୱାଟ୍‌ସ ଆପ କଲ୍ କରି କଥା ହେଉଥିଲେ ବୋଲି ଏସ୍‌ଡିପିଓ କହିଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ଦେଶର ସୁରକ୍ଷା ପ୍ରତି ବିପଦ ଆଶଙ୍କା ରହୁଥିବା ମତ ପ୍ରକାଶ ପାଉଛି। ଟିମ୍‌ରେ ଚମାଖଣ୍ଡି ଓ ମେରାଇନ୍ ଥାନା ଆଇଆଇସି ସାମିଲ ହୋଇଥିଲେ ।

# ଗଞ୍ଜେଇ ଜବତ ପରେ ପୋଲିସକୁ ଆକ୍ରମଣ, ୨୬ ଆହତ

**ମୋହନା,୨୧।୩(ମନ୍ମଥ ମିଶ୍ର)**

ଗଞ୍ଜେଇ ଜବତ କରି ଫେରୁଥିବା ପୋଲିସ ଟିମ୍‌କୁ ଗୁରୁବାର ବିଳମ୍ବିତ ରାତିରେ ଅତର୍କିତ ସଂଘବଦ୍ଧ ଆକ୍ରମଣ କରାଯାଇଛି। ଏଥିରେ ଆର୍.ଉଦୟଗିରି ଏସ୍‌ଡିପିଓଙ୍କ ସମେତ ୨୬ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ୫ଟି ପୋଲିସ ଗାଡ଼ି ଭଙ୍ଗାରୁଜା ହୋଇଛି। ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଯୁବ ପଞ୍ଚାୟତର ପିଡିଆରି ଗ୍ରାମରେ ଏଭଳି ଘଟଣା ଘଟିଛି। ପିଡିଆରରେ ଗଞ୍ଜେଇ ଚୋରାଚାଲାଣ ଲାଗି ରଖାଯାଇଥିବା ପୋଲିସ ସୂଚନା ପାଇ ବିଳମ୍ବିତ ରାତିରେ ଆର୍.ଉଦୟଗିରି ଏସ୍‌ଡିପିଓ, ମୋହନା ଓ ଅଡବା ଥାନା ପୋଲିସ ଟିମ୍ ଚଢାଉ କରିଥିଲେ। ଏହି ସମୟରେ ପ୍ରାୟ ୨୦ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଥିଲା। କର୍ମଚାରୀମାନେ ଗଞ୍ଜେଇ ଜବତ କରି ଫେରୁଥିବା ବେଳେ ଗ୍ରାମର କେତେଜଣ ବ୍ୟକ୍ତି ସଂଘବଦ୍ଧ ହୋଇ ପୋଲିସକୁ ଘେରି ଆକ୍ରମଣ କରିଥିଲେ। ଫଳରେ ଏସ୍‌ଡିପିଓଙ୍କ ସମେତ ୨୬ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଭୋର୍ ୪ଟାରୁ ଶୁକ୍ରବାର ପୂର୍ବାହ୍ନ ୧୧ଟାଯାଏ ଉତ୍ତକ୍ତ ଲୋକେ ସମସ୍ତ ପୋଲିସଙ୍କୁ ଅଟକ ରଖିଥିଲେ। ପରେ ସ୍ଥାନୀୟ ଜନପ୍ରତିନିଧିଙ୍କ ଉପସ୍ଥିତିରେ ବୁଝାଶୁଝା ପରେ ସେମାନେ ଅଟକ ପୋଲିସଙ୍କୁ ଛାଡ଼ିଥିଲେ। ସେମାନଙ୍କୁ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି । ଘଟଣା ପରେ ଗଜପତି ଅତିରିକ୍ତ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।



ଗ୍ରାମବାସୀ ଭଙ୍ଗାରୁଜା କରିଥିବା ପୋଲିସ ଗାଡ଼ି।

# ହଡ଼ପ ୪୩ ଲକ୍ଷ ସରକାରୀ ଟଙ୍କାରେ ବେଟିଂ

## ଜେଲ ଗଲେ ରାଧାଦେଈପୁର ପିଇଓ



**ବ୍ରହ୍ମପୁର,୨୧।୩(ସୁବାସ ଚନ୍ଦ୍ର ପାଢ଼ୀ):** ଜଣେ ସରକାରୀ ଚାକିରିଆ ଜୁଆଖେଳ ନିଶାରେ ପଡ଼ି ସରକାରଙ୍କ ବିଭିନ୍ନ ଯୋଜନାରେ ଆସିଥିବା ହିତାଧିକାରୀଙ୍କ ଟଙ୍କା ହଡ଼ପ କରିବାକୁ ପଛାଇ ନାହାନ୍ତି। ପଞ୍ଚାୟତକୁ ଆସିଥିବା ୪୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାକୁ ସେ କ୍ରିକେଟ ବେଟିଂ ଓ ବିଭିନ୍ନ ଗେମିଂ ଆପ୍‌ରେ ଲଗାଇ ସବୁ ହାରି ସର୍ବସ୍ୱାନ୍ତ ହୋଇଛନ୍ତି। ଚାକିରି ବର୍ଷେ ପୂରଣ କରି ନ ଥିବା ଏହି ବାବୁ ଜଣଙ୍କୁ ଗୁରୁବାର ଭିଜିଲାନ୍ସ ଟିମ୍ ଉଠାଇ ନେଇଥିଲା। ଶୁକ୍ରବାର ଗିରଫ ପରେ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ସେ ହେଲେ ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ରାଧାଦେଈପୁର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) କ୍ଷେତ୍ରମୋହନ ନାୟକ। ଏହାର ଅଧିକ ତଦନ୍ତ ଜାରି ରହିଥିବା ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ପ୍ରଦୀପ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

୨୦୨୪ ଜୁଲାଇରେ କ୍ଷେତ୍ରମୋହନ ରଧାଦେଈପୁର ପଞ୍ଚାୟତରେ ପିଇଓ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ଏହାପରଠୁ ସେ ବିଭିନ୍ନ ଉପାୟରେ ସରକାରୀ ଅର୍ଥ ହେରଫେର୍ କରିବା ଆରମ୍ଭ କରି ଦେଇଥିଲେ। ସରପଞ୍ଚ ଡି.ରାକେଶ କୁମାର ପାତ୍ରଙ୍କ ଜାଲ ଦସ୍ତଖତ କରି ପଞ୍ଚାୟତର ଦିଗପହଣ୍ଡି ଆକ୍ସିସ ବ୍ୟାଙ୍କ ଏବଂ ପାଟପୁର କାନାରା ବ୍ୟାଙ୍କ ଶାଖାରେ ଥିବା ୪ଟି ଆକାଉଣ୍ଟରୁ ସେ ପର୍ଯ୍ୟାୟକ୍ରମେ ୩୮ ଲକ୍ଷ ଟଙ୍କା ଉଠାଇ ନେଇଥିଲେ। ସେହିପରି ବାର୍ଦ୍ଧକ୍ୟ ଭତ୍ତାଠାରୁ ଆରମ୍ଭ କରି ବିଭିନ୍ନ ଯୋଜନାର ଭତ୍ତା ଓ ଅନ୍ୟ ଟଙ୍କା ହିତାଧିକାରୀଙ୍କୁ ନ ଦେଇ ପିଇଓ କ୍ଷେତ୍ରମୋହନ ନିଜେ ହଡ଼ପ କରିଥିଲେ। ହିତାଧିକାରୀ ତାଙ୍କର ପ୍ରାପ୍ୟ ନ ପାଇବାରୁ ସରପଞ୍ଚଙ୍କୁ ଅଭିଯୋଗ କରିଥିଲେ। ସରପଞ୍ଚ ଏ ନେଇ ବ୍ଲକ ପ୍ରଶାସନକୁ ଅବଗତ କରିଥିଲେ। ତଦନ୍ତ ପରେ ପିଇଓ କ୍ଷେତ୍ରମୋହନ ଟଙ୍କା ଉଠାଇଥିବା ଜଣାପଡ଼ିଥିଲା। ଏ ନେଇ ଭିଜିଲାନ୍ସ ବିଭାଗରେ ଅଭିଯୋଗ ହେବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଏକ ଟିମ୍ ରାଧାଦେଈପୁର ପଞ୍ଚାୟତ କାର୍ଯ୍ୟାଳୟରେ ଚଢ଼ାଉ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିବା ସହିତ କ୍ଷେତ୍ରମୋହନଙ୍କୁ ଉଠାଇ ଆଣିଥିଲା।

# ୩ ଯୁବକ, ଅଣଓଡ଼ିଆ ଯୁବତୀ ଅଟକ

## ସେକ୍ସ ରାକେଟ ଚାଲିଥିବା ସନ୍ଦେହ

**ଅନୁଗୋଳ,୨୧।୩(ଜ୍ୟୋତିରଞ୍ଜନ ସାହୁ):** ଅନୁଗୋଳ ଟାଉନ ଥାନା ଦୁର୍ଗାବିହାରସ୍ଥିତ ଏକ ଘରେ ସେକ୍ସ ରାକେଟ ଚାଲିଥିବା ସନ୍ଦେହ କରି ପୋଲିସ ଶୁକ୍ରବାର ୩ ଯୁବକ ଓ ଜଣେ ଅଣଓଡ଼ିଆ ଯୁବତୀଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ, ଉକ୍ତ ଘର ସମ୍ମୁଖରେ ଗୁରୁବାର ରାତି ପ୍ରାୟ ୩ଟାରେ ୩ଜଣ ଯୁବକ ଓ ସମ୍ପୃକ୍ତା ଯୁବତୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସକାଳେ ସେହି ଘର ସମ୍ମୁଖରେ ସମ୍ପୃକ୍ତା ଯୁବତୀ ରକ୍ତାକ୍ତ ଅବସ୍ଥାରେ ବସିଥିବା ଦେଖି ସ୍ଥାନୀୟ ଲୋକେ ସରପଞ୍ଚଙ୍କୁ ଖବର ଦେଇଥିଲେ। ଘଟଣାସ୍ଥଳରେ ସରପଞ୍ଚ ପହଞ୍ଚି ପୋଲିସକୁ ଖବର କରିଥିଲେ। ପରେ ପୋଲିସ ପହଞ୍ଚି ସମ୍ପୃକ୍ତା ଅଣଓଡ଼ିଆ ଯୁବତୀକୁ ଉଦ୍ଧାର କରି ମୁଖ୍ୟ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇଥିଲା। ଉକ୍ତ ଘରେ ସେକ୍ସ ରାକେଟ ଚାଲିଥିବା ସାଧାରଣରେ ସନ୍ଦେହ କରାଯାଉଥିବାରୁ ପୋଲିସ ସେଠାରେ ଯାଞ୍ଚ ଚଳାଇଛି।


# Classified Everyday

**0674-2580101, 9692975378**



**AUTOMOBILE**

**SALE**

Tata Magic OD02 AZ 6002 new condition 25800 KMS 1st Owner No finance for sale 9040413717, 9861122959. D-3339



**REAL ESTATE**

**SALE**

ଗଙ୍ଗପଡ଼ା **Gift** କଲେଜ **Backside**ରେ **NH. 16** ରୁ **100 mtr** ଦୂରରେ ଘରବାରି, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ମିଳୁଅଛି– **7978676652, 9439087845.** D-76249

Gharabari, Boundary Full plot sale at Bankuala (Tankapani Road). 7008492511. D-3380

**Ready to move 2bhk flat for sale @ 22lakh near Gudiapokhari, Bhubaneswar. Call: 9937544226.** D-3125

ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft., 5,55,000/-ରେ ପ୍ଲଟ୍ ବିକ୍ରିହେବ। (Outright). 9348232008. D-76250

**Duplex sale with gated society near AIIMS Hospital, Bhubaneswar. 9777433701.** D-76248

Contact for complete House Construction (Simplex/ Duplex/ Apartment) and Interior design (Modular Kitchen/ TV Unit/ Wardrobe) by experts. 7008550473. D-3372





**6000sqft. vacant plot for rent in Palasuni (200meter from NH) for commercial purpose. Contact- 9338694855, 9439492831.** D-3363





All types hair cutting, body massage by smart lady room services available. Contact: 7077240328. D-71396

**Relax, Refresh your body, mind at Saikrupa Spa with best therapies. 7848011468.** D-3288

Newly open Jyoti SPA positively health benefits (Expert therapist). 8458067955. D-76904


## AFFIDAVIT

By virtue of an affidavit sworn before Executive Magistrate, Cuttack, dated 17.03.2025, I, Sailabala Baral, Address: At- Kantapanhara, P.O.- Gholapur, P.S.- Banki, Dist- Cuttack, PIN- 754029, declare that I have changed my name from Saila Baral to Sailabala Baral. Henceforth, I shall be known as Sailabala Baral for all purposes.
Sailabala Baral
D- 3369

By virtue of an affidavit sworn before the Executive Magistrate, Muniguda, on dated 19.02.2025 (Sl No. 215/25) I, Puda Bagsing, Father of Prince Bagsing, Village- Kutama, P.O./ P.S.- Chandrapur, Dist.- Rayagada, declare that I have changed my son's name who is Minor (9 years) name Pnish Bagsing to Prince Bagsing. Henceforth, he shall be known as Prince Bagsing for all purpose.
D-3370

By virtue of an affidavit sworn before Executive Magistrate, Nayagarh, I, Jharana Naik, C/o- Abhimanyu Naik, At- Ekatal. P.O.- Durudura, P.S.- Nuagaon, Dist.- Nayagarh. That declared I have changed my name from Jamuna Naik to Jharana Naik. Henceforth, I shall be known as Jharana Naik for all purposes.
D-3378

By virtue of an affidavit sworn before the Executive Magistrate, Bhubaneswar, dated 19.03.2025, I, Manaswini Panda, Address: W/o- Sambit Kumar Pani, permanent resident of At- Binatara, Gp- Baligan, P.O.- Goladia, P.S.- Chandabali, Dist.- Bhadrak- 756133 Odisha, currently residing at At- Flat No.- 304, Block- A, Kalyani Heights, Bhimpur, Bhubaneswar, Dist.- Khordha, Odisha- 752101, declare that I have changed my name from Manaswini Pani to Manaswini Panda. Henceforth, I shall be known as Manaswini Panda for all purposes.
Manaswini Panda
D- 3379

Before Executive Magistrate, Digapahandi, A/ 133/ 20.03.2025, I, Smrutimayi Kanyari (19), D/o- Sameer Kumar Kanyari, Vill- Khairapanka, P.O.- Mundapota, P.S.- K.Nuagam, Ganjam, State that my name Smrutimayi Kanyari as per my HSC Certificate but my Aadhaar Card wrongly mentioned as Surati Kanyari. Henceforth, I shall be known as Smrutimayi Kanyari for all future purposes.
D-3376

**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Notary Public, Bhubaneswar, dated 19.03.2025, I Noorjahan Bibi, Address: At- Plot No. 150, Durgamandap Basti, P.O.- Satya Nagar, P.S.- Kharvel Nagar, Bhubaneswar, Dist.- Khordha, PIN- 751007, declare that I have changed my daughter's name from Rehmatun Nessa to Rehamatun Nessa. Henceforth, she shall be known as Rehamatun Nessa for all purposes.
Noorjahan Bibi
D-3374

By virtue of an affidavit sworn before Notary Public, Bhubaneswar, dated 19.03.25, I Noorjahan Bibi, Address: At- Plot No.- 150, Durgamandap Basti, P.O.- Satya Nagar, P.S.- Kharvel Nagar, Bhubaneswar, Dist.- Khorda, PIN- 751007, declare that I have changed my name from Nurjahan Begum to Noorjahan Bibi. Henceforth, I shall be known as Noorjahan Bibi for all purposes.
Noorjahan Bibi
D-3375

I, Mamuni Sethi, W/o- Gangadhar Sethi, permanent resident of AL- Ghodapada, P.O.- Balipadar, P.S.- Buguda, Dist.- Ganjam, PIN- 761117, declare that I have changed my name from Mamini Sethi to Mamuni Sethi. Henceforth, I shall be known as Mamuni Sethi.
D-3377

## LEGAL NOTICE

ମାନ୍ୟବର ଜିଲ୍ଲାଜଜ୍ ଓ ଫାଷ୍ଟ
ଏମ୍.ଏ.ସି.ଟି., ସୋନପୁର
ଏମ୍.ଏ.ସି.ଟି. କେସ୍ ନମ୍ବର–
୧୫/୨୦୧୫

ଖେତୁ ମେହେର ଓ ଅନ୍ୟମାନେ...
ଆବେଦନକାରୀ
ବନାମ
ଗୋପାଳ ଚନ୍ଦ୍ର ଆଚାର୍ଯ୍ୟ ଓ ଅନ୍ୟମାନେ....
ପ୍ରତିବାଦୀ

ଅଡର, ୫ ରୁଲ– ୨୦ (୧)
ସି.ପି.ସି. ଅନୁସାରେ ନୋଟିସ୍

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଉପର ବର୍ଣ୍ଣିତ ମକଦ୍ଦମାରେ ବାଦୀ ଖେତୁ ମେହେର ଓ ଅନ୍ୟମାନେ, ପିତା– ଖେତୁ ମେହେର, ଗ୍ରାମ– କେନ୍ଦୁପାଲି, ଥାନା– ବୀରମହାରାଜପୁର, ଜିଲ୍ଲା– ସୁବର୍ଣ୍ଣପୁର, ପ୍ରତିବାଦୀ– ଗୋପାଳ ଚନ୍ଦ୍ର ଆଚାର୍ଯ୍ୟ, ପିତା– ଲବଣିଧର ଆଚାର୍ଯ୍ୟ, ଗ୍ରାମ– ଟିକରାପଡା, ଥାନା– ଜିଲ୍ଲା– ବଲାଙ୍ଗୀରଙ୍କ ନାମରେ ଅର୍ଜୁନପୁର ଛକ, ସୋନପୁର ଠାରେ ତା୧୯।୦୨।୨୦୧୪ ତାରିଖରେ ହୋଇଥିବା ଦୁର୍ଘଟଣା ଉପରେ ବୀମାରାଶି କ୍ଷତିପୂରଣ ପାଇବା ସକାଶେ ମକଦ୍ଦମା ଦାୟର କରିଛନ୍ତି। ଏଣୁ ଖବରକାଗଜ ନୋଟିସ୍ ମାଧ୍ୟମରେ ଆପଣଙ୍କୁ ଜଣେଇ ଦିଆଯାଉଛି ଯେ, ଉପରବର୍ଣ୍ଣିତ ମକଦ୍ଦମା ଆସନ୍ତା ୧୮।୦୪।୨୦୨୫ରେ ଧାର୍ଯ୍ୟ ଅଛି। ଏହି ତାରିଖରେ ଆପଣ ନିଜେ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଦ୍ୱାରା ଅଦାଲତରେ ହାଜର ହୋଇ ନିଜର ପକ୍ଷ ରଖି ଭାଗ ନେଇପାରନ୍ତି, ଅନ୍ୟଥା ମକଦ୍ଦମା ଆଇନ ଅନୁସାରେ ବିଚାର କରାଯିବ ।

ସ୍ୱା./– ମାନ୍ୟବର ଜିଲ୍ଲାଜଜ୍ ଓ ଫାଷ୍ଟ
ଏମ୍.ଏ.ସି.ଟି., ସୋନପୁର
D-3371


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସୌଦାମିନୀ ପଣ୍ଡା**

ସଙ୍ଗଳାଇ ଶାସନ, ପିପିଲି, ପୁରୀ

ଆବିର୍ଭାବ: ୦୨।୦୪।୧୯୬୭
ତିରୋଧାନ: ୦୨।୦୪।୨୦୨୪

ଆପଣଙ୍କ ଆବର୍ତ୍ତମାନ ଆମ ପାଇଁ ଅପୂରଣୀୟ ଶୂନ୍ୟସ୍ଥାନ ପୂରଣ କରିଛି। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ:- ସ୍ୱାମୀ: ପ୍ରମୋଦ କୁମାର ଉପାଧ୍ୟାୟ, ପୁତ୍ର: ମହେଶ ପ୍ରସାଦ ଉପାଧ୍ୟାୟ, ଝିଅ: ଲକ୍ଷ୍ମୀପ୍ରିୟା ଉପାଧ୍ୟାୟ, ଜ୍ୱାଇଁ: ବିଶ୍ୱଜିତ୍ ସେନ୍, ବନ୍ଧୁ ଓ ପରିବାରବର୍ଗ ।

ଧ-୩୩୮୧

**3rd Death Anniversary**



**PABITRA KUMAR PRADHAN (Pagala)**

1959- 2022

MANGALPUR, CHHOTI, KENDRAPARA


Not a single moment goes by without you in our thoughts. Life only gets liveable knowing and believing you are watching over us always. Forever in our hearts.

Deeply mourned by family, friends & relatives.

D-3368

## ଶ୍ରଦ୍ଧାଞ୍ଜଳି: ରମାକାନ୍ତ ରଥ

# ତମେ ଆଉ ନାହଁ ବୋଲି...



**୧୩ ଡିସେମ୍ବର ୧୯୩୪ - ୧୬ ମାର୍ଚ୍ଚ ୨୦୨୫**

୧୬ ମାର୍ଚ୍ଚ ରବିବାର ପ୍ରତ୍ୟୁଷରେ ଭାରତୀୟ କବିତାର କିମ୍ବଦନ୍ତୀପ୍ରତିମ କବି ରମାକାନ୍ତ ରଥ ଇହଲୀଳା ସାଙ୍ଗ କଲେ। ଓଡ଼ିଆ ଭାଷାରେ ସେ ଯେପରି ଥିଲେ ଭାରତୀୟ କବିତାର ନେତୃସ୍ଥାନୀୟ କବି, ଗଦ୍ୟରେ ବି ଥିଲେ ସେହିପରି ଅନତିକ୍ରମଣୀୟ। ସଚ୍ଚି ରାଉତରାୟ ଓ ଗୁରୁ ପ୍ରସାଦଙ୍କ କବିତାରୁ ଧୀରେ ବାଟ ଭାଙ୍ଗି ଓଡ଼ିଆ କବିତାକୁ ଏକ ଅଭାବନୀୟ ଉଚ୍ଚତାକୁ ଘେନି ଯାଇଥିଲେ ସେ। କେନ୍ଦ୍ର ସାହିତ୍ୟ ଏକାଡେମୀ, ଶାରଳା, ସାହିତ୍ୟ-ଭାରତୀ, କବୀର, ସରସ୍ୱତୀ ଓ ପଦ୍ମ ଭୂଷଣରେ ବିଭୂଷିତ ଏହି କବି ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ 'ଅତିବଡ଼ୀ' ସାଙ୍ଗକୁ କେନ୍ଦ୍ର ସାହିତ୍ୟ ଏକାଡେମୀର ପ୍ରମୁଖ ମାନ୍ୟତା 'ମହତ୍ତର ସଦସ୍ୟ' ପଦ ପ୍ରାପ୍ତ ହୋଇଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀର ଉପସଭାପତି ଓ ସଭାପତି ପଦ ମଣ୍ଡନ କରିଥିଲେ। ୧୯୭୮ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଗ୍ରହଣାନ୍ତେ ଭାରତୀୟ ବିଦ୍ୟାଭବନରେ ଏକାଡେମୀର ସଭାପତି ଡ. ଉମାଶଙ୍କର ଯୋଷୀଙ୍କ ଉପସ୍ଥିତିରେ ପୁରସ୍କୃତ ସମସ୍ତ ଭାରତୀୟ ସାହିତ୍ୟିକଙ୍କ ସହ 'ଧରିତ୍ରୀ' ପକ୍ଷରୁ କବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା, ଯାହାର ସ୍ମୃତି ଆଜି ବି ଜୀବିତ। ଭାରତୀୟ କବିତାର ଅତୁଳନୀୟ ମାର୍ଗଦ୍ରଷ୍ଟା ଏହି କବିଙ୍କୁ ବିନମ୍ର ଶ୍ରଦ୍ଧା ଜଣାଇ ଧରିତ୍ରୀର ପାଠିକାପାଠକଙ୍କୁ ନିବେଦିତ ହେଲା ଆଜିର 'ସାହିତ୍ୟାୟନ'...



## 'ଶ୍ରୀରାଧା'ର ରାଧା

**ହୃଷୀକେଶ ମଲ୍ଲିକ**

''ସଖୀ ଜଣେ ପଚାରିଲା
ତମକୁ କାହିଁକି ଏତେ ଭଲପାଏ ବୋଲି।
ତାକୁ କ'ଣ କହିଥାନ୍ତି ? ଖାଲି ତାରା ଖୁନ୍ଦି ହୋଇଥିବା
ଆକାଶକୁ ମୁଁ ଚାହିଁ ରହିଲି।
ହଠାତ୍ କାହିଁକି ହାଡ଼ ଭିତରେ ଭିତରେ
ଖୁବ୍ ଥଣ୍ଡା ଲାଗିଲା ଓ ହଠାତ୍ କାହିଁକି
ଗୋଟାପଣେ ଥରିଗଲି, ପାଟି ପଡ଼ିଗଲା।
କାକର ପବନ ଯୋଗୁଁ ଜମା ନୁହେଁ, ମତେ ଲାଗିଲା ଯେ
ତା' ହେଲେ ଅସଂଖ୍ୟ ରାତି ଆଗରୁ ଏପରି
ରାତିଟିଏ ଆସିବ ଯେ ମୁଁ ଆଉ ନ ଥିବି।
ତାରାମାନେ ଥିବେ କିନ୍ତୁ ଠିକ୍ ଆଜି ପରି।
କିପରି ବୁଝାଇଥାନ୍ତି ଏଥିପାଇଁ, ଖାଲି ଏଥିପାଇଁ
ତମେ ଏତେ ପ୍ରିୟତମ ମୋର।
କାହାକୁ ବୁଝାଇ ହେବ ପ୍ରକୃତ କାରଣ
ଆତଙ୍କର, ଭଲ ପାଇବାର ?''
(ଶ୍ରୀରାଧା/୧୩)

କବି ରମାକାନ୍ତଙ୍କ ଯେଉଁ 'ଶ୍ରୀରାଧା'କୁ ନେଇ ଏତେ ଚର୍ଚ୍ଚା, ଏତେ ବିତର୍କ– ସେହି 'ଶ୍ରୀରାଧା'ର ଯେଉଁ ଅଂଶଟିକୁ କବି ପ୍ରଥମେ ଲେଖିଥିଲେ, ସେଇଟି ହେଉଛି ଗ୍ରନ୍ଥର ୧୩ ନମ୍ବର କବିତା। ପୁଣି ଏହି ୧୩ ନମ୍ବର କବିତାର ଯେଉଁ ଧାଡ଼ି କେଇଟିକୁ ସବା ଆଗ ସେ ଲେଖିଥିଲେ, ସେ ଧାଡ଼ିକେଇଟି ହେଲା– ''...ମତେ ଲାଗିଲା ଯେ/ ତା'ହେଲେ ଅସଂଖ୍ୟ ରାତି ଆଗରୁ ଏପରି/ ରାତିଟିଏ ଆସିବ ଯେ ମୁଁ ଆଉ ନ ଥିବି/ ତାରାମାନେ ଥିବେ କିନ୍ତୁ ଠିକ୍ ଆଜି ପରି।'' ୧୬ ମାର୍ଚ୍ଚ ସକାଳେ ରମାକାନ୍ତ ତାଙ୍କ ମରଶରୀରରୁ ଅମରଲୋକ ଆଡ଼େ ବାହାରିଗଲେ। ଅର୍ଥାତ୍ ସେ ଯିବା ପରେ ଯେଉଁ ରାତିଟି ଆସିଲା, ସେତେବେଳକୁ ସେ ନ ଥିଲେ। ଆଗକୁ ଆହୁରି ବହୁ ରାତି ଆସିବାକୁ ବାକିଥିଲା। ତାରାମାନେ ଆକାଶରେ ଯେପରି ଥିଲେ ସେ ଥିବାବେଳେ, ସେପରି ଥିଲେ, ଆଗକୁ ବି ରହିଥିବେ। 'ଶ୍ରୀରାଧା'ଙ୍କ ସର୍ଜନ ଲଗ୍ନରେ 'ମୃତ୍ୟୁ'ର ଯେଉଁ ଅନତିକ୍ରମଣୀୟ ରୂପଟିକୁ ରମାକାନ୍ତ ପ୍ରତ୍ୟକ୍ଷ କରିଥିଲେ, ତାହାହିଁ ଥିଲା 'ମୃତ୍ୟୁ–ଆତଙ୍କିତ' ଜୀବନଚକ୍ରରୁ ଅନନ୍ତ ଭଲପାଇବା ଆଡ଼କୁ ରାଧାଙ୍କର ଅଭିସାର–ଯାତ୍ରା। ସୁତରାଂ 'ମୃତ୍ୟୁ–ଆତଙ୍କ' ଓ 'ଭଲପାଇବା'ର ଅସମାହିତ ଦ୍ୱନ୍ଦ୍ୱ ହିଁ ଯେ 'ଶ୍ରୀରାଧା' କବିତାର ସୃଜନ ହେତୁ– ଏଥିରେ ନିଃସନ୍ଦେହ ରହିବାକୁ ହୁଏ। 'ଶ୍ରୀରାଧା'ର ୧୩ ନମ୍ବର କବିତାରେ ଯେତିକି ଦୃଶ୍ୟମାନ ରାଧା, ସେତିକି ବି ଦୃଶ୍ୟମାନ ଖୋଦ୍ କବି। 'ସାବିତ୍ରୀ' ମହାକାବ୍ୟରେ ଶ୍ରୀଅରବିନ୍ଦଙ୍କ ଦୃଶ୍ୟମାନତାଠୁଁ ଖୁବ୍ ବେଶୀ ଦୂରବର୍ତ୍ତୀ ନୁହେଁ ରମାକାନ୍ତଙ୍କର ଏ ଦୃଶ୍ୟମାନତା– ଏପରି ମନେହୁଏ କେବେକେବେ।

୧୯୮୪ରେ ପ୍ରକାଶ ପାଏ 'ଶ୍ରୀରାଧା', ଯାହାର ପ୍ରଚ୍ଛଦଚିତ୍ର ଆଙ୍କନ୍ତି ଅସିତ୍ ମୁଖାର୍ଜୀ। ଚିରାଚରିତ ଭାବେ ଏହାର ପ୍ରକାଶ ଦାୟିତ୍ୱ ନିଅନ୍ତି 'ଲାର୍କ ବୁକ୍ସ'। କବିତାଗ୍ରନ୍ଥଟିକୁ ଟେକି ଦିଅନ୍ତି କବି ପତ୍ନୀ ଶାନ୍ତିଙ୍କର 'କେବେହେଲେ କିଛି ହେଲେ ନ ମାଗିଥିବା ହାତରେ।' ରମାକାନ୍ତଙ୍କ ଅବର୍ତ୍ତମାନରେ ଆଜି ମନେହୁଏ, ପତ୍ନୀଙ୍କୁ ଯେପରି 'ଶ୍ରୀରାଧା' କାବ୍ୟଗ୍ରନ୍ଥ ହିଁ ଥିଲା ତାଙ୍କର ପ୍ରଥମ ଓ ଶେଷ ସବିଶେଷ ଭେଟି। ସେହି ବହିଟିକୁ ହାତରେ ଧରି ପତ୍ନୀ ଶାନ୍ତି ଏଣିକି ଉଭା ରହିବେ ତାଙ୍କର ଅବଶିଷ୍ଟ ଆୟୁଷ୍କାଳ ସେଇଠି, ଯେଉଁଠୁ ଏଇ ଏଇ ଉଠିଗଲା କବିଙ୍କ ଶବାଧାର।

'ଶ୍ରୀରାଧା' ପୂରାପୂରି ପୁରାଣର ନୁହନ୍ତି। ପୁରାଣରେ ତାଙ୍କର ପାଦେ ତ ପୁରାଣ ବାହାରେ ଆଉ ପାଦେ। ୧୯୯୨ରେ କେ. କେ. ବିରଳା ଫାଉଣ୍ଡେଶନ୍ ଯେତେବେଳେ 'ଶ୍ରୀରାଧା'କୁ 'ସରସ୍ୱତୀ' ସମ୍ମାନ ପାଇଁ ଚୟନ କଲେ, ମତ ରଖିଥିଲେ– "Radha in Ramakant's 'Sriradha' is an indivisual, glorified in her own individuality." ସମୟର ସାମ୍ବତ୍ସରିକ ଆବର୍ତ୍ତନ (ଯାହାର ଗତି କେବଳ ଆଗକୁ) ରାଧାଙ୍କ ପାଇଁ ଏକମାତ୍ର ସତ୍ୟ ନୁହେଁ, ଆଗ ଓ ପଛ– ଉଭୟ ଦିଗକୁ ତା'ର ଗତି ଏକସଙ୍ଗେ ଉନ୍ମୁଖ। ସୁତରାଂ କାହାର ମୃତ୍ୟୁ ଆଗ– ରାଧାଙ୍କର ନା କୃଷ୍ଣଙ୍କର ?– ଏ ପ୍ରଶ୍ନ ଅବାନ୍ତର।

ରାଧା ଉପାଖ୍ୟାନଟି ମିଥ୍‌ରେ ମଧ୍ୟ ଭିନ୍ନ ଭିନ୍ନ। ପୁରାଣରେ ରାଧା ରାୟାଣ– ପତ୍ନୀ (ମତାନ୍ତରେ ଚନ୍ଦ୍ରସେନ ବା ଚନ୍ଦ୍ରସେଣା)। ରାଧାଙ୍କୁ ପ୍ରଥମେ ଆମେ ଭେଟୁ 'ବ୍ରହ୍ମ ବୈବର୍ତ୍ତ' ପୁରାଣରେ, ଯେଉଁଠି ରାଧା ହେଉଛନ୍ତି କୃଷ୍ଣଙ୍କର ବିଧିସମର୍ଥିତା ପତ୍ନୀ। ବ୍ରହ୍ମା କନ୍ୟାକର୍ତ୍ତା ହୋଇ ରାଧାଙ୍କୁ କୃଷ୍ଣଙ୍କ ହସ୍ତରେ ଅର୍ପଣ କରିଛନ୍ତି। ଗୋଲୋକବାସିନୀ ବିରଜା, ଯିଏ ରାଧାଙ୍କର ପ୍ରେମ ପ୍ରତିଯୋଗିନୀ– 'ମାନଭଞ୍ଜନ' ଯାତ୍ରାରେ ସେ ଚନ୍ଦ୍ରାବଳୀରେ ରୂପାନ୍ତରିତା। ସୁତରାଂ ଚନ୍ଦ୍ରାବଳୀ ବା ରାଧା କାହାରି ସ୍ଥିର ଚେହେରା ପୁରାଣରେ ଦେଖିବାକୁ ମିଳେ ନାହିଁ।

କେତେକ ଲୋକକଥାରେ ପୁଣି ରାଧାଙ୍କର ସ୍ୱାମୀ ରାୟାଣ ନୁହନ୍ତି, ଗୋବର୍ଦ୍ଧନ। କୃଷ୍ଣଙ୍କ ସହ ପତ୍ନୀ ରାଧାଙ୍କର ପରକୀୟାକୁ ଲୁଚି ଲୁଚି ଦେଖୁଥିବା ଗୋବର୍ଦ୍ଧନ ରାଧାଙ୍କ କୋପଦୃଷ୍ଟିରେ ପଡ଼ି ନିସ୍ତୁକ ମାଡ଼ ଖାଆନ୍ତି ଓ ପରିଣତିରେ ତାଙ୍କର ତତ୍କାଳ ମୃତ୍ୟୁ ଘଟେ। ଅନୁତପ୍ତା ରାଧା ପରେ ପ୍ରାର୍ଥନା ଦ୍ୱାରା ତାଙ୍କୁ ବଞ୍ଚାଇ ଦିଅନ୍ତି। ରାଧା ଉପାଖ୍ୟାନର ଏ ବିବିଧତାକୁ ଲକ୍ଷ୍ୟ କଲେ ସହଜରେ ବୁଝିହୁଏ ଯେ 'ମିଥ୍' କଦାପି ବେଦର ଗାର ନୁହେଁ, ଏହା ବଦଳେ।


ରାଧାଙ୍କ ବିବାହ ପରି ତାଙ୍କ ମୃତ୍ୟୁ ମଧ୍ୟ 'ମିଥ୍'ରେ ରହସ୍ୟାଚ୍ଛନ୍ନ। ପ୍ରଭାସରେ କୃଷ୍ଣ କର୍ତ୍ତୃକ ଉପେକ୍ଷିତା ହୋଇ ରାଧା ଯମୁନାରେ ଝାସ ଦେଲେ ନା କୃଷ୍ଣଙ୍କ ଦେହାନ୍ତ ପରେ ବ୍ୟଥିତା ହୋଇ ଅଗ୍ନିରେ ଆତ୍ମାହୁତି ଦେଲେ, ତାହା ଏବେ ବି ସଂଶୟାଚ୍ଛନ୍ନ। କୃଷ୍ଣ ବା ରାଧା ଯେଣୁ ଐତିହାସିକ ଚରିତ୍ର ନୁହନ୍ତି, ତେଣୁ ଉଭୟଙ୍କୁ ନେଇ ପୃଥକ୍ ପୃଥକ୍ ସମୟରେ ପୃଥକ୍ ପୃଥକ୍ କାହାଣୀ ଗଢ଼ିଉଠିଛି ଓ ସେସବୁ କାହାଣୀ 'ସମୂହ–ଜନସ୍ମୃତି'ରେ ସ୍ଥିର ହୋଇଯାଇଛି। 'ଶ୍ରୀରାଧା'ରେ ରାଧାଙ୍କ ମୃତ୍ୟୁ ଆଗରୁ କୃଷ୍ଣଙ୍କ ମୃତ୍ୟୁ କଳ୍ପନା ପାଇଁ ରମାକାନ୍ତଙ୍କୁ ଦାୟୀ କରିହେବ ନାହିଁ। କାରଣ 'ମିଥ୍'ର ପୁନର୍ନ୍ୟାସ ଓ ବିକଳ୍ପ ସୃଷ୍ଟି ହିଁ ଯୁଗନ୍ଧର କବିଙ୍କ କାମ ଓ ରମାକାନ୍ତ 'ଶ୍ରୀରାଧା'ରେ କେବଳ ତାହାହିଁ କରିଛନ୍ତି। ରମାକାନ୍ତଙ୍କ ଲେଖନୀରେ ରାଧା ଯେପରି ରୂପ ଧାରଣ କରିବାକୁ ଇଚ୍ଛା କରିଛନ୍ତି, ରମାକାନ୍ତ ସେଇ ଇଚ୍ଛାର କେବଳ ନିମିତ୍ତମାତ୍ର ହୋଇଛନ୍ତି। 'ଶ୍ରୀରାଧା'ର କିଛି ଧାଡ଼ି ସେ ନୁହନ୍ତି, ତାଙ୍କ ଅଗୋଚରରେ ଆଉ କିଏ ଲେଖିଛି ବୋଲି ବି ସେ କହିଛନ୍ତି।

ପ୍ରଗାଢ଼ ଭଲ ପାଇବାରେ ବ୍ୟକ୍ତି–ନଶ୍ୱରତାର ଯେଉଁ ଆତଙ୍କ ବିଦ୍ୟମାନ, ତା'ରି ଶବ୍ଦରୂପ 'ଶ୍ରୀରାଧା'। କେବଳ ଭାରତୀୟ ସାହିତ୍ୟରେ ନୁହେଁ, ବିଶ୍ୱ ସାହିତ୍ୟରେ ଏ କାବ୍ୟର ମୃତ୍ୟୁ ନାହିଁ। ଜୀବନର ମର୍ମନ୍ତୁଦ ନିଃସଙ୍ଗତାକୁ ଯେପରି ଚିହ୍ନି ହୁଏ 'ଶ୍ରୀରାଧା'ରେ, ତା'ର ବିକଳ୍ପ ମିଳେ କ୍ୱଚିତ୍।

ମୋ: ୯୮୫୩୨୮୭୭୫୫

## ରମାକାନ୍ତଙ୍କ ଅନୁବାଦରେ କବୀରଙ୍କର ଏକ କବିତା

''ଜିଇ ଥାଉ ଥାଉ ମରିପାର ଯଦି
ମଲା ପରେ ଜିଇ ରହିବ,
କଳୁଷ ଭିତରେ ନିର୍ମଳ ରହିଲେ
ଭବ ସାଗରୁ ତରିବ।
ଦୁଗ୍ଧ ମନ୍ଥି ହେଲା ପରି ଚିତ୍ତ ମୋର
ମନ୍ଥି ହେଉ ତମ ପ୍ରେମରେ,
ପ୍ରାଣର ପିପାସା ମେଣ୍ଟିବ ଗୁରୁଙ୍କ
ବଚନାମୃତ ପାନରେ।
ଧନୁରେ ନ ଯୋଖି ଶର ଭେଦିଦେଲେ
ଗୁରୁ ସାରା ସଂସାରକୁ,
ପବନ ଉଡ଼ାଇ ନେଉଥିବା ଗୁଡ଼ି
ଛାଡ଼େ କି ପ୍ରୀତି ଡୋରକୁ ?''




## ମୁଁ ନୁହେଁ, ତୁମେ ହିଁ ରକ୍ତରେ ବୁଡ଼ିଥାଅ

**ଦିଲୀପ କୁମାର ସ୍ୱାଇଁ**

ଓଡ଼ିଆ କାବ୍ୟ ସାହିତ୍ୟକୁ ଜାତୀୟସ୍ତରରେ ଉଚ୍ଚତମ ସୋପାନରେ ସ୍ଥାପନା କରିବାରେ କବି ରମାକାନ୍ତ ରଥଙ୍କ କବିତ୍ୱ ଓ କୃତିତ୍ୱ ପ୍ରଣିଧାନଯୋଗ୍ୟ। 'କେତେ ଦିନର' କଥା କହିବା ପାଇଁ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କାବ୍ୟଧାରାକୁ ପ୍ରବେଶ କରିଥିବା ରମାକାନ୍ତ କାଳକ୍ରମେ 'ଅନେକ କୋଠରୀ' ଅତିକ୍ରମ କରି ପହଞ୍ଚିଯାଆନ୍ତି 'ସନ୍ଦିଗ୍ଧ ମୃଗୟା' ପାଖରେ। ପ୍ରୟୋଗବାଦୀ କବିତାର ପ୍ରଚଣ୍ଡ କାଳରେ ରମାକାନ୍ତ ହିଁ ପାଲଟିଯାଆନ୍ତି ଏ କବିତାର ମାର୍ଗ ଓ ଆଦର୍ଶ। ଜୀବନର ସାମଗ୍ରିକ ବିଫଳତାକୁ ମୃତ୍ୟୁ ଓ ମହାକାଳ ପାଖରେ ସମର୍ପି ଦେବା ବେଳେ ବାତ୍ସଲ୍ୟ କାରୁଣ୍ୟରେ ଛଳଛଳ ଦିଶେ କବିତାର ପୃଷ୍ଠା। ତମାମ ଜୀବନ କାବ୍ୟ ନାୟକ ବସ୍ତୁ ବିଡ଼ମ୍ବନାରୁ ବାହାରିବାକୁ ଚାହୁଁଥିଲେ ମଧ୍ୟ ଅଟକିଯାଏ ଇନ୍ଦ୍ରିୟର ଆଲିଙ୍ଗନ ପାଖରେ। ଉଜୁଡ଼ିଯାଏ ବୁନିଆଦି। ଜଳିଯାଏ ଶୋଇବା ଘର। ମନ୍ଦିରର ଦଧିନଉତି ଭାଙ୍ଗିପଡ଼େ ଦେହର ଚଟାଣରେ। ଏକ ଧୂଆଁଳିଆ ସନ୍ଦିଗ୍ଧତା ଭିତରେ ଧଇଁସଇଁ ହେଉଥିବା ଜୀବନକୁ କବି ମୁହାଁଇ ଦିଅନ୍ତି ସପ୍ତମ ଋତୁ ଆଡ଼କୁ। ଏ କେଉଁ ଋତୁ ? ଯେଉଁଠି ବର୍ଷ, ମାସ, ଦିନ, ଦଣ୍ଡ ମୂକ ଓ ବଧିର। ଯେଉଁଠି ଜନ୍ମ ଅର୍ଥ ମୃତ୍ୟୁ ଓ ମୃତ୍ୟୁରେ ହିଁ ଅମୃତର ଉପଲବ୍ଧି। ବାସ୍ନାହୀନ, ରୂପହୀନ, ରଙ୍ଗହୀନ ଋତୁର ନାମ ସପ୍ତମ ଋତୁ।

ଓଡ଼ିଆ କବିତା ୧୯୭୦ ମସିହା ବେଳକୁ କବି ଗୁରୁପ୍ରସାଦ ମହାନ୍ତିଙ୍କ ହାତ ଧରି 'ସମୁଦ୍ର ସ୍ନାନ' କରିସାରିଥିଲା। ଅକ୍ରୁର ଓ ଉଦ୍ଧବଙ୍କୁ କାତର ପ୍ରାର୍ଥନା କରି ମଧ୍ୟ ମୋକ୍ଷ ମିଳିନଥିଲା। ୧୯୭୭ ମସିହାରେ ରମାକାନ୍ତ ଜୀବନବିମୁଖ ମଣିଷମାନଙ୍କ ପାଇଁ ଏକ ବିକଳ୍ପ ଉପଲବ୍ଧି ପ୍ରକାଶ କଲେ 'ସପ୍ତମ ଋତୁ' ମାଧ୍ୟମରେ। ପ୍ରୟୋଗବାଦୀ ଓଡ଼ିଆ କବିତାର ଉତ୍କର୍ଷବିନ୍ଦୁ କହିଲେ 'ସପ୍ତମ ଋତୁ'କୁ ହିଁ ବୁଝାଏ। ଯେଉଁଠି ପହଞ୍ଚିଗଲେ କେବଳ ସନ୍ନ୍ୟାସୀର ସ୍ୱର ଶୁଭେ। ବାସ ରାତିର ଦୀପନିଆଁ ଅପେକ୍ଷା ଜୁଇ ନିଆଁର ପ୍ରଖରତା ଦିଶେ। ଜ୍ଞାତିକୁଟୁମ୍ବଙ୍କ ଶବପୋଡ଼ାର ବାସ୍ନା ଆସେ। ଶବପୋଡ଼ା ପାଉଁଶକୁ ବିଭୂତି କରି, ଦେହରେ ଭସ୍ମ ବୋଳି କେଉଁ ଅଘୋରୀ ପୁରୁଷ ନୃତ୍ୟ ଆରମ୍ଭ କରେ। ଥରେ ସପ୍ତମ ଋତୁକୁ ଅନୁଭବ କଲେ ଜୀବନ ଚିତ୍ରମୟ ହୋଇଯାଏ। ଅନ୍ଧାର ଅପସରିଯାଏ। ଦିଗ୍‌ବଳୟରେ ଧ୍ୱନି ଜଳେ। ଜୀବନ ହୁଏ ଚିତ୍ରଖାତା–ଗୀତଖାତା। ଅନ୍ଧାରହୁଏ ସଚିତ୍ର। ସଚିତ୍ର ଅନ୍ଧାର ହୁଏ ପ୍ରେମ ଓ ଲୋଡ଼ିବାପଣର। ନୀରବତାର ପୁଣି ପ୍ରତିବାଦର। ମଗ୍ନ ନୈରାଶ୍ୟରୁ ଧ୍ରୁପଦ ଧୂସର।

କୁହାଯାଏ ୧୯୮୦–୮୧ ମସିହାରେ ଓଡ଼ିଆ କବିତାର ଧାରା ବଦଳିଗଲା। ଏହି ପରିବର୍ତ୍ତନର ଅନ୍ୟତମ ମଙ୍ଗୁଆଳ ହେଉଛନ୍ତି କବି ରମାକାନ୍ତ ରଥ। ଯେଉଁ ପରିବର୍ତ୍ତନର ସ୍ୱର 'ସଚିତ୍ର ଅନ୍ଧାର' ସୂଚିତ କରିଥିଲା, ତା'ର ବ୍ୟାପକତା 'ଶ୍ରୀରାଧା'ରେ ପ୍ରକାଶ ପାଇଲା। ମନେହେଲା ଯେମିତି 'ଶ୍ରୀରାଧା' ଲେଖିବା ପାଇଁ ଅନ୍ୟସବୁ କବିତା କେବଳ ପ୍ରସ୍ତୁତି ହିଁ ଥିଲା। 'ବିମାନ ଦୁର୍ଘଟଣାରେ ମୃତ୍ୟୁ' ଭୋଗିଥିବା କାବ୍ୟପୁରୁଷ 'ଅନନ୍ତଶୟନ' ଛାଡ଼ି କାହିଁକି ଯମୁନାର ନୀଳ ଜଳରେ ନିଜର ବଂଶୀ ଭସେଇଦେଲା। ଓଡ଼ିଆ କବିତାକୁ କେବଳ ରାଧା, ଯମୁନା ଓ କୃଷ୍ଣ ଭାବନା ଫେରିଲାନି, ଫେରିଲା ପ୍ରେମ, ଛନ୍ଦ, ଲୋଡ଼ିବାପଣ, ପ୍ରତିବଦ୍ଧତା, ସମ୍ପ୍ରସାରଣଶୀଳତା, ଶୁଦ୍ଧତା, ବିନୟ ଓ ପବିତ୍ରତା। ଶ୍ରୀମତୀ ରାଧାଙ୍କର ନିଜ ପ୍ରେମ ଜୀବନ ପ୍ରତି ଶୁଦ୍ଧ ଅଙ୍ଗୀକାର ଗଦା ଗଦା ଓଡ଼ିଆ ପ୍ରେମ ପ୍ରଣୟ କବିତାର କବର ଉପରେ ତୁଳସୀପତ୍ର ପରି ମହକି ଉଠିଲା। 'ହରେଇବାରେ ଆନନ୍ଦ', 'ଅପ୍ରାପ୍ତିରେ ପୂର୍ଣ୍ଣତା' ଆଦି ଭାବକଳ୍ପ ଯେ କବିତାର କେନ୍ଦ୍ର ହୋଇପାରେ, ଏହା ପ୍ରମାଣ କରିଦେଲେ କବି ରମାକାନ୍ତ। ସର୍ବକାଳୀନ ଶ୍ରେଷ୍ଠ କବିତା ରଚନା କରିବା ପାଇଁ କବିଙ୍କୁ କିପରି ଜଳିବାକୁ ପଡ଼େ, ତପସ୍ୟା କରିବାକୁ ହୁଏ, ତାହା ପ୍ରମାଣ କଲେ ରମାକାନ୍ତ।

ମୋ: ୭୦୦୮୩୮୭୪୦୮

## ମୁଁ କାହିଁକି ବୁନ୍ଦେ ଲୁହ ହୋଇ ବୋହି ଆସେ...

**ପ୍ରସନ୍ନ କୁମାର ମହାନ୍ତି**

କବି ରମାକାନ୍ତ ରଥ। ଗତ ଷାଠିଏ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ଓଡ଼ିଶାର କବି, ସାହିତ୍ୟିକ, ସାହିତ୍ୟର ଛାତ୍ର, ଅଧ୍ୟାପକ ଓ କବିତାପ୍ରେମୀ ପାଠକଙ୍କ ହୃଦୟରେ ଏଇ ଛୋଟିଆ ନାଆଁଟି ଏମିତି ଏକ ବଡ଼ ସାମ୍ରାଜ୍ୟ ସୃଷ୍ଟି କରିଥିଲା ଯେ, ସେ ସାମ୍ରାଜ୍ୟର ଜନସଂଖ୍ୟା ନିରନ୍ତର ବଢ଼ି ଚାଲିଥିଲା।

ରମାକାନ୍ତଙ୍କର କାବ୍ୟିକ ଯାଦୁ କୌଣସି ପ୍ରକାର ଚକ୍ଷୁ ବନ୍ଧନ ନ ଥିଲା। କୌଣସି ପ୍ରକାର ପ୍ରଚାର ବା ବିଜ୍ଞାପନରୁ ଏ ପ୍ରକାର କିମିଆର ଜନ୍ମ ହୋଇ ନ ଥିଲା। ତାଙ୍କ ଚେତନା ଓ କଲମରୁ ହିଁ ଝଲସୁଥିଲା କାବ୍ୟିକ କଳା ଓ କାରିଗରିର ଏଭଳି ଅପାର୍ଥିବ ସମ୍ମୋହନ।

ଗତ ଶତାବ୍ଦୀର ଷାଠିଏ ଦଶକର ମଧ୍ୟଭାଗ ବେଳକୁ କବିତାର ବିଦଗ୍ଧ ପାଠକମାନେ ଓଡ଼ିଆ କବିତାରେ ଆଉ ଏକ ନୂଆ ସ୍ୱର୍ଶ ଓ ସ୍ୱାଦର ସନ୍ଦିଗ୍ଧ ଅପେକ୍ଷାରେ ଥାଆନ୍ତି। କେତେକ କବି ଭଲ କବିତା ଲେଖୁଥାନ୍ତି, ହେଲେ କାବ୍ୟିକତାରେ ଏକ ପରିବର୍ତ୍ତନ ପାଇଁ ମଧ୍ୟ ପାଠକୀୟ ପ୍ରତୀକ୍ଷା ଓ କୌତୂହଳ ଛାଇ ନିଦ ପରି ବେଳେବେଳେ ଚେତନାକୁ ଚହଲାଇ ଦେଉଥାଏ।

ଏହି ସମୟରେ ହିଁ କବି ରମାକାନ୍ତ ରଥ ଓଡ଼ିଆ ପାଠକମାନଙ୍କର କାବ୍ୟାକାଂକ୍ଷାକୁ ପୂର୍ଣ୍ଣ କରି ନୂଆ କବିତାର ନୂଆ ମାନଚିତ୍ର ଧରି ଆବିର୍ଭୂତ ହୁଅନ୍ତି। ତାଙ୍କ କବିତାର ବ୍ୟଞ୍ଜନାତ୍ମକ ଆଙ୍ଗିକରେ ଏଭଳି ଏକ ରମାକାନ୍ତୀୟ ଟ୍ରେଡ୍‌ମାର୍କ ଥିଲା, ଯାହା ଫଳରେ ନାମଟି ଲୁଚାଇଦେଲେ ବି ତାହା ରମାକାନ୍ତ ରଥଙ୍କ କବିତା ବୋଲି ଯେକୌଣସି ପାଠକ ସହଜରେ ଜାଣିଯାଉଥିଲା। ଅନ୍ୟପକ୍ଷରେ ତାଙ୍କ କବିତାର ଭାବବସ୍ତୁ ଭାବରେ ସଚରାଚର ସ୍ଥିତିଶୀଳ ରହୁଥିଲା ଏକ ଅତ୍ୟନ୍ତ ସୂକ୍ଷ୍ମ, ସମ୍ବେଦନଶୀଳ ଓ ସୁଗଭୀର ଅନୁଭୂତିବୋଧ।

କବିର କଳ୍ପନାଶକ୍ତି ବ୍ୟାପ୍ତ ଓ ମାର୍ଜିତ ହୋଇପାରିଲେ ତା'ର ଯନ୍ତ୍ରଣାବୋଧ ତାକୁ ଏପରି ଏକ ସ୍ଥାନକୁ ନେଇଯିବ ଯେଉଁଠାରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଏକୀଭୂତ ଭାବେ ମିଳିବେ ଏବଂ ମଣିଷର ଭାଗ୍ୟ ହିଁ ସେଠାରେ ଥିବ ଏକମାତ୍ର ପ୍ରସଙ୍ଗ। ଏଇଭଳି ସ୍ଥିତିରେ ପହଞ୍ଚି ସେ କବିତା ଲେଖନ୍ତି ବୋଲି କବି ଏକ ସଂକଳନର ପୃଷ୍ଠବନ୍ଧରେ ସୂଚାଇଛନ୍ତି। ସେ ପୁଣି କହନ୍ତି– ''ସାହିତ୍ୟରେ ଏ ଯନ୍ତ୍ରଣାବୋଧ ଯେଉଁ ଭାଷା ମାଧ୍ୟମରେ ପ୍ରକାଶିତ ହୁଏ; ତାହା ବ୍ୟଞ୍ଜନାତ୍ମକ, ବର୍ଣ୍ଣନାତ୍ମକ ନୁହେଁ। ଯନ୍ତ୍ରଣାନୁଭୂତି ଚେତନାକୁ ଏପରି ଏକ ସ୍ତରକୁ ନେଇଯାଏ, ଯେଉଁଠାରେ ଭାଷାର ଭୂମିକା ଅତି ଗୌଣ ଏବଂ ଯେଉଁଠାରେ ଆମର ପରିଚିତ ଭାଷା ବାସ୍ତବତାର ସଂଜ୍ଞା ଜ୍ଞାପନ କରିବାକୁ ଅସମର୍ଥ। ଖୁବ୍‌ବେଶିରେ ଭାଷା ଚେତନାର ଏ ରାଜ୍ୟ ବିଷୟରେ କିଛି ଇଙ୍ଗିତ ଦେଇପାରେ।'' (ପୃଷ୍ଠବନ୍ଧ– 'ସପ୍ତମ ଋତୁ')

ବାସ୍ତବତାର ଅନୁଭୂତି ପାଠକର ପ୍ରତ୍ୟକ୍ଷ ହେବା ଆବଶ୍ୟକ। ଅନ୍ୟ ଭାଷାରେ ଯାହାକୁ ଆମେ କବି ଓ ପାଠକର 'ଭାବସାମ୍ୟ' ବୋଲି କହିପାରିବା। ବେଳେବେଳେ ରମାକାନ୍ତଙ୍କ ଭାବଭୂମିଟି ଏଭଳି ଉତ୍ତୁଙ୍ଗ ଶିଖରରେ ଆବିଷ୍କୃତ ହୁଏ ଯେ, ସେଠି ପହଞ୍ଚିବାର ପ୍ରୟାସ ଭିତରେ ହିଁ ପାଠକ ଯୁଗପତ୍ ଏକ ଆହ୍ୱାନ ଓ ଶିହରଣର ଆଚ୍ଛନ୍ନତାକୁ ସାମ୍ନା କରେ।

ମୋ: ୯୪୩୭୩୫୭୦୫୦

## କବି ପାଇଁ କବିତା ଆଶ୍ରୟ

**ତୁହିନାଂଶୁ ରଥ**

ଯେଉଁ ସମୟରେ ଆଧୁନିକ କବିତାର ଦୁର୍ବୋଧତାକୁ ନେଇ ପାଠକ ମହଲରେ ତୋଫାନ ଉଠୁଥିଲା, ସେତିକିବେଳେ କବି ଦୀପକ ମିଶ୍ର ଆମକୁ ପଢ଼ି ଶୁଣାଉଥିଲେ ଚନ୍ଦ୍ରମାର ଗୁଡ଼ି କବିତା। ଗୋଟିଏ ଝୁଙ୍କ୍‌ରେ ଆମେ ରମାକାନ୍ତଙ୍କୁ ପଢୁଥିଲୁ। ଦେଖୁଥିଲୁ ଜଣେ କବି କେମିତି ଲଣ୍ଠନ ହୋଇ ଅନ୍ତର୍ଦାହରେ ଜଳେ। ନିଜ ଭିତରେ ନ ଜଳିଲେ କେଉଁ କବି ଅନ୍ୟକୁ ଆଲୋକ ଦେଇପାରନ୍ତା ! ସେଦିନ ଭୀମ ଭୋଇ ଲେଖିଥିଲେ, 'ହୁତାଶନରୁ ଜଳ ବୁନ୍ଦେ ହେଲା ପ୍ରକାଶ'। କବି ରମାକାନ୍ତଙ୍କୁ ପଢ଼ିଲାବେଳେ ଲାଗେ ଅନ୍ତର୍ଦାହର ହୁତାଶନରୁ ସେ ପାଠକକୁ ଶୁଦ୍ଧ, ଶୀତଳ ପ୍ରେମର ଜଳ ବୁନ୍ଦେ ଦେଉଛନ୍ତି ଶୋଷ ମେଣ୍ଟେଇବାକୁ।

କବିତା ସମ୍ପର୍କରେ ରମାକାନ୍ତଙ୍କ ଭାବଭୂମି ବେଶ୍ ଚିତ୍ତ ଉଦ୍‌ବୋଧକ, ତାତ୍ପର୍ଯ୍ୟପୂର୍ଣ୍ଣ। ''ସାହିତ୍ୟରେ କୌଣସି ବୃତ୍ତାନ୍ତ ସତ୍ୟ ନାହିଁ, ଏପରି କୌଣସି ମୁଖ୍ୟ ଘଟଣା ନାହିଁ ଯାହା ମୂଳରୁ ସ୍ୱୟଂ ସଂପୂର୍ଣ୍ଣ ଓ ଯାହାର ସ୍ୱତଃସିଦ୍ଧ ବାସ୍ତବତା ଅନ୍ୟ କିଛି ଉପରେ ନିର୍ଭର କରେନାହିଁ।'' (ପୃ–୧୫୯, ସଚିତ୍ର ଅନ୍ଧାର) ଏହି ଆପେକ୍ଷିକତା ହିଁ ଅନ୍ତର୍ଦାହର ଝକମକି ପଥର। ଏହି ଆପେକ୍ଷିକତା ହିଁ ସୃଷ୍ଟିର ଅନିଶ୍ଚିତତା, ଆକୃତିର ତରଳତା ଓ ଗତିର ଇତସ୍ତତଃତାକୁ ଜନ୍ମ ଦିଏ। ଜୀବନର ଅଭିଜ୍ଞତାର ତାତ୍ପର୍ଯ୍ୟର ସ୍ତର ଅନେକ, ସମ୍ଭାବନା ବି ଅନେକ। ଜୀବନର ଅଭିଜ୍ଞତା ଠାରୁ ଜୀବନ ବୃହତ୍ତର– ଏକଥାକୁ ରମାକାନ୍ତ ବୁଝି ପାରିଥିଲେ। ତେଣୁ ସେ ବୁଦ୍ଧିପ୍ରବଣ ମନୋବୃତ୍ତି ଦ୍ୱାରା ପରିଚାଳିତ ନ ହୋଇ ଆବେଗପ୍ରବଣ ଚିତ୍ତବୃତ୍ତି ଦ୍ୱାରା ଜୀବନକୁ ଚିହ୍ନିବାକୁ ପ୍ରୟାସ ମଗ୍ନ ଥିଲେ। ବ୍ୟକ୍ତିର ଆବେଗଶୀଳ ଚେତନା ଦ୍ୱାରା ଜୀବନର ବାସ୍ତବତାକୁ ହୃଦୟଙ୍ଗମ କରିହେବ– ଏ ବିଶ୍ୱାସରେ ସମ୍ଭବତଃ ଜୀବନର ବାଟ ଚାଲିବାକୁ କବି ରମାକାନ୍ତ ଆମକୁ ପ୍ରେରଣା ଦେଇଛନ୍ତି।

ବିଶ୍ୱାତ୍ମା ହୋଇଯିବାର ଅନୁଭବ ରମାକାନ୍ତଙ୍କ କବିତାକୁ ଦିଏ ଏକ ଚିରହରିତ ମୂଲ୍ୟବୋଧ, ଆତ୍ମିକ ବିସ୍ତୃତି। ଶବ୍ଦର ବ୍ୟଞ୍ଜନାର୍ଥକୁ ନେଇ ଏକ ବ୍ୟାପକ ଚେତନାକୁ ସରଳ ଢଙ୍ଗରେ ପ୍ରକାଶ କରିବାର କଳା କବି ରମାକାନ୍ତଙ୍କ ଚମତ୍କାର। ଆତ୍ମୀୟତାର ତିନୋଟି ପର୍ଯ୍ୟାୟ କବିତାରେ କେତୋଟି ପଦକୁ ଦେଖାଯାଉ। ''ଯାଆରେ ଚଢ଼େଇ ଯାଆ/ ତିନିଟି କୁଟାରେ/ ତିଆରି ବସାରୁ ଉଡ଼ି/ ଗଛ ପତ୍ର ଶୂନ୍ୟ ଆକାଶରେ।/ ସୂର୍ଯ୍ୟ ଚନ୍ଦ୍ର ହୁଅନ୍ତୁ ତୋ/ କାନର ଝୁମୁକା,/ ନିଶ୍ଚଳ ପବନେ ଉଡୁ / ତୋ ଉଡ଼ନ୍ତା ନାଆର ପତାକା।/ × × ତୋ ଉଡ଼ିବା ହେଉ ଫେରିବାର/ ମହାସୁଖ, ତୁ କାହାର ନୋହୁଁ/ କିଛି ନୁହେଁ ତୋର, ତୁ କେବଳ/ ନିର୍ମାୟା ଚଢ଼େଇଟିଏ,/ ଅତିକ୍ରମ କରି ତିନିକାଳ (ପୃ–୩୭୭, ସଚିତ୍ର ଅନ୍ଧାର)/ କେତେ ସହଜ ଭାଷାରେ ସତ୍ତାର ମୁକ୍ତି ପାଇଁ ଆତ୍ମୀୟତାର ଲୁହ ବୁନ୍ଦେ ଝରାଇ ଦେଇଛନ୍ତି କବି!

ରମାକାନ୍ତ ଶରୀରରେ ଆଜି ନାହାନ୍ତି, ଆତ୍ମାର କବିତା ଲେଖି ଦେଇଛନ୍ତି ପାଠକ ପାଇଁ। ତାଙ୍କ ଭାଷାରେ ''କବି ପାଇଁ କବିତା ଆଶ୍ରୟ, ଯେପରି ଝଡ଼ବର୍ଷାର ଅନ୍ଧାର ରାତିରେ ବାଟୋଇ ଜଣେ ବାଟରେ ଥିବା କୁଡ଼ିଆ ଘର ପିଣ୍ଡାରେ ଆଶ୍ରୟ ଟିକିଏ ଖୋଜେ। ସେ ଆଶ୍ରୟ ସ୍ଥଳ ମନ ମୁତାବକ ନ ହେଉ ପଛେ, ସେଠାରେ ନ ରହି ତା'ର ଉପାୟ ନାହିଁ।''

ମୋ: ୯୮୬୧୨୪୫୧୦୯



ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ ଅତିବଡ଼ି ଜଗନ୍ନାଥ ଦାସ ପୁରସ୍କାର ଗ୍ରହଣ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୨/୨୦୨୫ Bhubaneswar, Saturday, March 22/ 2025

# ଆରସିବି-କେକେଆର୍ ଉଦ୍‌ଘାଟନୀ ମୁକାବିଲା

**କୋଲକାତା, ୨୧।୩ (ପିଟି.)**

ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ଶନିବାର ଆରମ୍ଭ ହେବାକୁ ଯାଉଛି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୮ଶ ସଂସ୍କରଣ। ଗତଥରର ଚାମ୍ପିୟନ କୋଲକାତା ନାଇଟ ରାଇଡର୍ସ (କେକେଆର) ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ। ନୂଆ ନିୟମ ଲାଗୁ ହେବାକୁ ଯାଉଥିବାବେଳେ ଦୁଇ ଦଳରେ ନୂଆ ଅଧିନାୟକଙ୍କୁ ଦେଖିବାକୁ ମିଳିବ। ଅଜିଙ୍କ୍ୟ ରାହାନେ କେକେଆର ଓ ରଜତ ପାଟିଦାର ଆରସିବି ଦଳର ନେତୃତ୍ୱ ନେବେ। କୋଭିଡ୍-୧୯ ମହାମାରୀଠାରୁ ଆଇପିଏଲ୍‌ରେ ସାଲିଭା(ଛେପ/ଲାଳ) ବ୍ୟବହାରକୁ ନିଷିଦ୍ଧ କରାଯାଇଥିଲା। ମାତ୍ର ଗୁରୁବାର ଅନୁଷ୍ଠିତ ଅଧିନାୟକଙ୍କ ବୈଠକରେ ଆଲୋଚନା ହେବାପରେ ଏହାକୁ ଉଠାଇ

**ଆଜିଠୁ ଆଇପିଏଲ୍**

ଦିଆଯାଇଛି। ଫଳରେ ବୋଲରଙ୍କୁ କିଛି ପରିମାଣରେ ଫାଇଦା ମିଳିବ ବୋଲି ଆଶା କରାଯାଉଛି। ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ୨୦୨୨ଠାରୁ ସାଲିଭା ବ୍ୟବହାରକୁ ନିଷିଦ୍ଧ କରିଛି। ମାତ୍ର ଆଇପିଏଲ୍ ନିଜସ୍ୱ ନିୟମରେ ପରିଚାଳିତ ହେଉଥିବାରୁ ଏହି ନିୟମକୁ ଉଠାଇ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଲିଗ୍‌ର ଏହି ୧୮ଶ ସିଜନରେ ଆହୁରି ମଧ୍ୟ କେତେକ ନୂଆ ନିୟମ ଲାଗୁ କରାଯିବ। କାକରର ପ୍ରଭାବକୁ ରୋକିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ସନ୍ଧ୍ୟାରେ ଆରମ୍ଭ ହେଉଥିବା ମ୍ୟାଚର ଦ୍ୱିତୀୟ ଇନିଂସର ୧୧ତମ ଓଭରରେ ନୂଆ ବଲ୍ ବ୍ୟବହାର ହୋଇପାରିବ। ଏହା ଫଳରେ ହାଇସ୍କୋରିଂ ମ୍ୟାଚ ଟ୍ରେଣ୍ଡ ବଳବତ୍ତର ରହିବ। ମାତ୍ର ଅପରାହ୍ନ ମ୍ୟାଚରେ ଏହି ନିୟମ ଲାଗୁ ହେବନାହିଁ। ଆଇପିଏଲ୍ ୨୦୨୫ରେ ୭ଟି ଦଳରେ ନୂଆ ଅଧିନାୟକଙ୍କୁ ଦେଖିବାକୁ ମିଳିବ। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ବିରାଟ କୋହଲିଙ୍କ ଉପସ୍ଥିତି ସତ୍ତ୍ୱେ ଏପର୍ଯ୍ୟନ୍ତ ଭାରତ ପାଇଁ ଗୋଟିଏ ହେଲେ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିବା ସୁଯୋଗ ପାଇ ନ ଥିବା ରଜତ ପାଟିଦାର ଆରସିବି ଦଳର ନେତୃତ୍ୱ ନେବାକୁ ଯାଉଛନ୍ତି। ସେହିପରି ଲୋକେଶ ରାହୁଲ ସାମିଲ ଥିବା ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ଅକ୍ଷର ପଟେଲଙ୍କୁ ଅଧିନାୟକ କରାଯାଇଛି। ୨୦୨୪ରେ କେକେଆରକୁ ଚାମ୍ପିୟନ କରାଇଥିବା ଶ୍ରେୟସ ଆୟର ଏବେ ପଞ୍ଜାବ କିଙ୍ଗ୍ସର ନେତୃତ୍ୱ ନେବାକୁ ଯାଉଥିବାବେଳେ ଅଜିଙ୍କ୍ୟ ରାହାନେଙ୍କୁ ନାଇଟ ରାଇଡର୍ସ ଦାୟିତ୍ୱ ଦିଆଯାଇଛି। ଉଦ୍‌ଘାଟନୀ ମ୍ୟାଚରେ କେକେଆର ଓ ଆରସିବି ହେଉଛନ୍ତି ପୁରୁଣା ପ୍ରତିଦ୍ୱନ୍ଦ୍ୱୀ। ୧୭ ବର୍ଷ ତଳେ ୨୦୦୮ରେ ସର୍ବପ୍ରଥମ ଆଇପିଏଲ୍‌ର ଉଦ୍‌ଘାଟନୀରେ ଏହି ଦୁଇଦଳ ପରସ୍ପରକୁ ଭେଟିଥିଲେ। ବ୍ରେଣ୍ଡନ ମ୍ୟାକକୁଲମଙ୍କୁ ବିସ୍ଫୋରକ ୧୫୮ ରନ ସହାୟତାରେ ବୃହତ୍ ସ୍କୋର କରିଥିବା କେକେଆର ଏହି ମ୍ୟାଚକୁ ୧୪୦ ରନରେ ଜିତି ନେଇଥିଲା। ସେବେଠାରୁ ଦେଖିବାକୁ ଗଲେ କେକେଆର ୩ ଥର ଟାଇଟଲ ଜିତି ସାରିଥିବାବେଳେ ଆରସିବି ଏବେ ମଧ୍ୟ ଟ୍ରଫି ଅପେକ୍ଷାରେ ରହିଛି। ରାହାନେଙ୍କ ନେତୃତ୍ୱରେ କେକେଆର ଏଥର ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ରହିଛି। ଭାରତକୁ ଆଇସିସି ଚାମ୍ପିୟନ୍ସ ଟ୍ରଫି ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ସ୍ପିନର ବରୁଣ ଚକ୍ରବର୍ତ୍ତୀ ଓ ବିରାଟ କୋହଲିଙ୍କ ମଧ୍ୟରେ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ୩୬ ବର୍ଷରେ ମଧ୍ୟ ସୁନୀଲ ନାରିନ କେକେଆର୍‌ର ମ୍ୟାଚ ବିଜେତା ସାବ୍ୟସ୍ତ ହେବା ଦକ୍ଷତା ରଖିଛନ୍ତି। ଆରସିବି କଥା ଦେଖିବାକୁ ଗଲେ ଟପ୍ ଅର୍ଡରରେ ଫିଲ୍ ସଲ୍ଟ ଓ କୋହଲି ରହିଥିବାବେଳେ ଜୀତଶେ ଶର୍ମା ଓ ଲିଆମ ଲିଭିଂଷ୍ଟୋନ ଫିନିଶର ଭୂମିକା ତୁଲାଇବେ। ମାତ୍ର ଦଳର ବୋଲିଂ ବିଭାଗ ଅତ୍ୟନ୍ତ ଦୁର୍ବଳ ମନେ ହେଉଛି। ଭେଟେରାନ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଓ ଜୋଶ ହାଜେଲଉଡ୍ ଇଡେନର ସ୍ପିନ୍ ଫ୍ରେଣ୍ଡଲି ପିଚ୍‌ରେ କିପରି ପ୍ରଭାବୀ ରହୁଛନ୍ତି ତା' ଉପରେ ନଜର ରହିବ। **ସମ୍ଭାବ୍ୟ କେକେଆର ଏକାଦଶ:** ସୁନୀଲ ନାରିନ, କ୍ୱିଣ୍ଟନ ଡି'କକ୍, ଅଜିଙ୍କ୍ୟ ରାହାନେ (ଅଧିନାୟକ), ଅଙ୍ଗକ୍ରିଶ ରଘୁବଂଶୀ, ଭେଙ୍କଟେଶ ଆୟର, ରିଙ୍କୁ ସିଂ, ଆନ୍ଦ୍ରେ ରସେଲ, ରମଣଦୀପ ସିଂ, ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ, ସ୍ପେନସର ଜନସନ/ଏନରିଚ ନର୍ଜେ, ବୈଭବ ଆରୋରା। **ସମ୍ଭାବ୍ୟ ଆରସିବି ଦଳ:** ଫିଲ୍ ସଲ୍ଟ, ବିରାଟ କୋହଲି, ଦେବଦତ୍ତ ପଡିକଲ, ରଜତ ପାଟିଦାର (ଅଧିନାୟକ), ଲିଆମ ଲିଭିଂଷ୍ଟୋନ, ଜୀତେଶ ଶର୍ମା, ଟିମ୍ ଡାଭିଡ, କ୍ରୁନାଲ ପାଣ୍ଡ୍ୟା, ଭୁବନେଶ୍ୱର କୁମାର, ଜୋଶ ହାଜେଲଉଡ, ୟଶ ଦୟାଲ, ସ୍ୱପ୍ନିଲ ସିଂ/ମୋହିତ ରାଠି/ରସିଖ ସଲାମ।





ଅଭ୍ୟାସ ଅବସରରେ ଦୁଇ ଦଳର ଅଧିନାୟକ ରଜତ ପାଟିଦାର ଓ ଅଜିଙ୍କ୍ୟ ରାହାନେ।

**ବର୍ଷା ସମ୍ଭାବନା**

ଆଇପିଏଲ୍-୧୮ ଉଦ୍‌ଘାଟନୀ ମ୍ୟାଚ ବର୍ଷାଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଉକ୍ତ ଅଞ୍ଚଳରେ ବର୍ଷା ହେବାକୁ ନେଇ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ବିଜୁଳି ଘଡ଼ଘଡ଼ି ସହ ସ୍ୱଳ୍ପ କିମ୍ବା ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ରହିଛି। ସମାନ କାରଣରୁ କୋଲକାତା ନାଇଟ ରାଇଡର୍ସର ଇଣ୍ଟ୍ରା ସ୍କ୍ୱାଡ୍ ମ୍ୟାଚ ବାଧାପ୍ରାପ୍ତ ହୋଇଥିଲା। ବୁଧବାର ଓ ଗୁରୁବାର ବର୍ଷା ହେବାରୁ କେବଳ ଗୋଟିଏ ଇନିଂସ ଖେଳ ସମ୍ଭବ ହୋଇଥିଲା। ଶନିବାର ତା'ଠାରୁ ଅଧିକ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି।

**ଆଇପିଏଲ୍-୧୮**
(ଆଜିର ମ୍ୟାଚ)
**କେକେଆର**
**ବନାମ ଆରସିବି**
ସ୍ଥାନ: କୋଲକାତା
ସମୟ: ସନ୍ଧ୍ୟା ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ, ଜିଓହଟଷ୍ଟାର

# ଜୟନ୍ତୀଙ୍କୁ ସ୍ୱର୍ଣ୍ଣ, ଜାନକୀଙ୍କୁ ରୌପ୍ୟ



ଜୟନ୍ତୀ ବେହେରା



ଜାନକୀ ଓରାମ

**ଖେଲୋ ଇଣ୍ଡିଆ ପାରା ଗେମ୍ସ**

**ଭୁବନେଶ୍ୱର, ୨୧।୩ (ତପନ ସ୍ୱାଇଁ)**

ନୂଆଦିଲ୍ଲୀରେ ଚାଲିଥିବା ଖେଲୋ ଇଣ୍ଡିଆ ପାରା ଗେମ୍ସରେ ଓଡ଼ିଶାର ଜୟନ୍ତୀ ବେହେରା ସ୍ୱର୍ଣ୍ଣ ଓ ଜାନକୀ ଓରାମ ରୌପ୍ୟ ପଦକ ହାସଲ କରିଛନ୍ତି। ଜୟନ୍ତୀ ମହିଳା ୧୦୦ ମିଟର ଟି-୪୭ ବର୍ଗରେ ୧୩.୭୧ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପ୍ରତିଯୋଗିତାରେ ଓଡ଼ିଶାର ଏହା ପ୍ରଥମ ପଦକ। ଆନ୍ଧ୍ର ପ୍ରଦେଶର ଭବାନୀ ଭାଲାସାମଗାରି (୧୩.୯୬) ରୌପ୍ୟ ଓ ପଞ୍ଜାବର ନିଶୁ (୧୫.୧୪) ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ମହିଳା ୧୦୦ ମିଟର ଟି-୧୨ ବର୍ଗରେ ଜାନକୀ ୧୪.୭୯ ସେକେଣ୍ଡ ସହ ରୌପ୍ୟ ପଦକ ଜିତିଛନ୍ତି। ଟି-୧୩ ବର୍ଗର ପ୍ରତିଯୋଗୀ ଗୋଆର ସାକ୍ଷୀ କାଲେ (୧୪.୪୭) ସ୍ୱର୍ଣ୍ଣ ଓ ଦିଲ୍ଲୀର ସୁଧା ମୁସ୍କା (୧୫.୨୦) ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ଜାନକି ଓରାମଙ୍କ ଗାଇଡ ରନର ଥିଲେ ଲୁକୁ ବଡ଼ନାୟକ। ଉଭୟ ଜୟନ୍ତୀ ଓ ଜାନକୀ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି।

# ଆଇପିଏଲ୍ ଉଦ୍‌ଘାଟନୀରେ ଦିଶା, ଶ୍ରେୟା, କରନ ଆକର୍ଷଣରେ ରହିବେ



ଦିଶା ପଟାନୀ



ଶ୍ରେୟା ଘୋଷାଲ

**କୋଲକାତା, ୨୧।୩**

ଇଣ୍ଡିଆନ୍ ପ୍ରିମିୟର ଲିଗ (ଆଇପିଏଲ୍)ର ୧୮ତମ ସଂସ୍କରଣ ଏକ ବଡ଼ ଉଦ୍‌ଘାଟନୀ ଉତ୍ସବ ସହିତ ଆଜି ଆରମ୍ଭ ହେବାକୁ ଯାଉଛି। ଇଡେନ ଗାର୍ଡେନ୍ସରେ ହେବାକୁ ଥିବା ଉଦ୍‌ଘାଟନୀ ଉତ୍ସବ ୩୫ ମିନିଟ ଧରି ଚାଲିବ। ଏ ସମ୍ପର୍କରେ କ୍ରିକେଟ ଆସୋସିଏଶନ ଅଫ ବେଙ୍ଗଲ (ସିଏବି) ସଭାପତି ସ୍ନେହାଶିଷ ଗାଙ୍ଗୁଲି କହିଛନ୍ତି, ଉଦ୍‌ଘାଟନୀ ଉତ୍ସବ ଲାଗି ବିସିସିଆଇ ପକ୍ଷରୁ ୩୫ ମିନିଟ୍ ସମୟ ଦିଆଯାଇଛି। ଏଣୁ ଏହି ସମୟ ମଧ୍ୟରେ ପୂରା କାର୍ଯ୍ୟକ୍ରମ ଶେଷ କରିବାକୁ ପଡ଼ିବ। ଟସ୍ ପଡ଼ିବାର ୧ ଘଣ୍ଟା ପୂର୍ବରୁ ତଥା ୬ଟାରୁ କାର୍ଯ୍ୟକ୍ରମ ଆରମ୍ଭ ହେବ ଏବଂ ଏଥିରେ ବଲିଉଡ ଅଭିନେତ୍ରୀ ଦିଶା ପଟାନୀ, ଗାୟିକା ଶ୍ରେୟା ଘୋଷାଲ ଓ ଅନ୍ତର୍ଜାତୀୟ ର୍‍ୟାପର କରନ ଆଉଜଲା ପ୍ରଦର୍ଶନ କରିବେ।

# ଅଶ୍ୱିନଙ୍କ ନାମରେ ରାସ୍ତା

**ଚେନ୍ନାଇ,୨୧।୩:** ଭାରତର କିମ୍ବଦନ୍ତୀ ସ୍ପିନ ବୋଲର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଗ୍ରେଟର ଚେନ୍ନାଇ କର୍ପୋରେଶନ (ଜିସିସି) ଦ୍ୱାରା ସମ୍ମାନିତ କରାଯିବ। ଜିସିସି ସର୍ବସମ୍ମତି କ୍ରମେ ୱେଷ୍ଟ ମାମ୍ବାଲାମସ୍ଥିତ ରାମାକ୍ରୀଷ୍ଣପୁରମ୍ ପ୍ରଥମ ଷ୍ଟ୍ରିଟର ନାମକୁ ଅଶ୍ୱିନଙ୍କ ନାମରେ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛି, ଯେଉଁଠାରେ ଅଶ୍ୱିନ ରୁହନ୍ତି। ଏକ ଜାତୀୟ ଇଂଲିଶ ଖବରକାଗଜରେ ପ୍ରକାଶିତ ରିପୋର୍ଟ ମୁତାବକ, କ୍ୟାରମ ବଲ ଇଭେଣ୍ଟ ଓ ମାର୍କେଟିଂ ପ୍ରାଇଭେଟ ଲିମିଟେଡ୍‌ର ସିଇଓ ଏସ୍ କାର୍ତ୍ତିକଙ୍କ ଅନୁରୋଧ କ୍ରମେ ରାସ୍ତାର ନାମ ବଦଳାଇବାକୁ ନିଷ୍ପତ୍ତି ନିଆଯାଇଛି।

# ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ ୨୭ରୁ

**ଭୁବନେଶ୍ୱର, ୨୧।୩ (ତପନ ସ୍ୱାଇଁ):** କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ ଚାମ୍ପିୟନଶିପ୍ ଚଳିତ ମାସ ୨୭ରୁ ଆରମ୍ଭ ହେବ। ରାଜ୍ୟ କ୍ରୀଡ଼ା ବିଭାଗ ଓ ଫେନ୍‌ସିଂ ଆସୋସିଏଶନ ଅଫ୍ ଇଣ୍ଡିଆ ସହଯୋଗରେ ଓଡ଼ିଶା ଫେନ୍‌ସିଂ ଆସୋସିଏଶନ ଏହି ପ୍ରତିଯୋଗିତାକୁ ଆୟୋଜନ କରିବ। ପ୍ରତିଯୋଗିତା ପାଇଁ ୩୨ ଲକ୍ଷ ଟଙ୍କାର ବଜେଟ ରଖାଯାଇଛି ବୋଲି ଶୁକ୍ରବାର ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

**ରାଜ୍ୟ ଭଲିବଲ ଚାମ୍ପିୟନଶିପ୍**

# କିଟ୍, କଟକ ବିଜୟୀ

**ଭୁବନେଶ୍ୱର, ୨୧।୩ (ତପନ ସ୍ୱାଇଁ):** ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ) ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ରାଜ୍ୟ ଭଲିବଲ ଚାମ୍ପିୟନଶିପ୍‌ରେ ଶୁକ୍ରବାର ୧୩ଟି ପୁରୁଷ ବିଭାଗ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଟ୍ ୨-୦ରେ କେନ୍ଦୁଝର, କଟକ ୨-୦ରେ ବଲାଙ୍ଗୀର, ସୁନ୍ଦରଗଡ଼ ୨-୦ରେ କନ୍ଧମାଳ, କେନ୍ଦ୍ରାପଡ଼ା ୨-୦ରେ ବଲାଙ୍ଗୀର, ଇଷ୍ଟ କୋଷ୍ଟ ରେଲୱେ ୨-୦ରେ କୋରାପୁଟ ଓ ୨-୦ରେ ଭଦ୍ରକ, ଢେଙ୍କାନାଳ ୨-୦ରେ କଳାହାଣ୍ଡି, ଜଗତ୍‌ସିଂହପୁର ୨-୧ରେ ଭଦ୍ରକ, ଝାରସୁଗୁଡ଼ା ୨-୦ରେ ଗଜପତି, ଗଞ୍ଜାମ ୨-୧ରେ ସୁନ୍ଦରଗଡ଼, କଳାହାଣ୍ଡି ୨-୦ରେ କନ୍ଧମାଳ, କୋରାପୁଟ ୨-୦ରେ ଗଜପତିକୁ ପରାସ୍ତ କରିଛି। ସେହିପରି ମହିଳା ବିଭାଗରେ କେନ୍ଦ୍ରାପଡ଼ା ୨-୦ରେ କୋରାପୁଟ, ଜଗତ୍‌ସିଂହପୁର ୨-୦ରେ ଢେଙ୍କାନାଳ, ଭଦ୍ରକ ୨-୦ରେ ସୁନ୍ଦରଗଡ଼ ଓ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ୨-୦ରେ ଭୁବନେଶ୍ୱରକୁ ହରାଇ ଦେଇଛି।

# ଟିମ୍ 'ସି'ରେ ସୁଶ୍ରୀ ଦିବ୍ୟଦର୍ଶିନୀ

**ଆଜିଠୁ ମହିଳା ଚ୍ୟାଲେଞ୍ଜର ଟ୍ରଫି**

**ଭୁବନେଶ୍ୱର, ୨୧।୩ (ତପନ ସ୍ୱାଇଁ)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ସିନିୟର ମହିଳା ଚ୍ୟାଲେଞ୍ଜର ଟ୍ରଫି ଶନିବାରଠାରୁ ଡେରାଡୁନରେ ଆରମ୍ଭ ହେବ। ଏହା ଏପ୍ରିଲ ୮ ପର୍ଯ୍ୟନ୍ତ ଚାଲିବ। ଏହି ସମ୍ମାନଜନକ ଟୁର୍ନାମେଣ୍ଟ ପାଇଁ ଟିମ୍ 'ସି' ଦଳରେ ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀ ସ୍ଥାନ ପାଇଛନ୍ତି। ଓଡ଼ିଶାର ଏକମାତ୍ର ଖେଳାଳିଭାବେ ଦିବ୍ୟଦର୍ଶିନୀଙ୍କୁ ଏହି ସୁଯୋଗ ମିଳିଛି। ନିକଟ ଅତୀତରେ ଦିବ୍ୟଦର୍ଶିନୀ ଉଭୟ ବ୍ୟାଟ୍ ଓ ବଲ୍‌ରେ ଚମତ୍କାର ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ। ପୁରସ୍କାର ସ୍ୱରୂପ ତାଙ୍କୁ ଚ୍ୟାଲେଞ୍ଜରରେ ଖେଳିବାକୁ ସୁଯୋଗ ଦିଆଯାଇଛି। ସୁଶ୍ରୀ ଇନ୍ଦିରା ମଇଦାନରେ ଜାଗୃତି କ୍ରିକେଟ ଏକାଡେମୀରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ କ୍ଷୀରୋଦ ବେହେରାଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ। ସୁଶ୍ରୀଙ୍କ ଚୟନରେ ସେ ଖୁସି ବ୍ୟକ୍ତ କରିବା ସହ ଆଗାମୀ ପ୍ରତିଯୋଗିତାରେ ସେ ନିଶ୍ଚିତ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି। ସୁଶ୍ରୀଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।



କୋଚ୍ କ୍ଷୀରୋଦ ବେହେରାଙ୍କ ସହ ସୁଶ୍ରୀ ଦିବ୍ୟଦର୍ଶିନୀ।

# ଅଲ୍ ଓଡ଼ିଶା କବାଡ଼ି ପ୍ରିମିୟର ଲିଗ୍ ଆରମ୍ଭ



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ କବାଡ଼ି ଖେଳାଳିମାନେ।

**ଭୁବନେଶ୍ୱର, ୨୧।୩ (ତପନ ସ୍ୱାଇଁ)**

ପଟିଆଗଡ଼ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଶୁକ୍ରବାର ପ୍ରଥମ ଅଲ୍ ଓଡ଼ିଶା କବାଡ଼ି ପ୍ରିମିୟର ଲିଗ୍ ଆରମ୍ଭ ହୋଇଛି। ୩ ଦିନ ଧରି ଚାଲିବାକୁଥିବା ପ୍ରତିଯୋଗିତାରେ ୬ଟି ଦଳ ଭାଗ ନେଇଛନ୍ତି। ଦଳ ଗୁଡ଼ିକ ହେଲେ ପଟିଆ ଟାଇଗର୍ସ, କିଙ୍ଗ୍ସ, ବାରିୟର୍ସ, ରେନବୋ, ରେଞ୍ଜର୍ସ ଏବଂ ସନ୍‌ରାଇଜ। ପ୍ରଥମ ଦିବସରେ ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ପଟିଆ ଟାଇଗର୍ସ ୩୮-୨୩ରେ ବାରିୟର୍ସକୁ ଏବଂ ଦ୍ୱିତୀୟ ମ୍ୟାଚରେ ପଟିଆ ରେନ୍‌ବୋ ୪୭-୩୪ରେ କିଙ୍ଗ୍ସକୁ ହରାଇଛି। ବିଧାୟକ ସୁଶାନ୍ତ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଜେଡି ନେତା ସୁବାଷ ପାତ୍ର, ମନ୍ମଥ ରାଉତ, ପଟିଆ ଗ୍ରାମର ସଭାପତି ଚିତ୍ତରଞ୍ଜନ ପାତ୍ର, ଉପଦେଷ୍ଟା ନୃସିଂହଚରଣ ରାଉତ, ଓଡ଼ିଶା କବାଡ଼ି ସଂଘର ସମ୍ପାଦକ ଅଜୟ ବେହେରା, ପୂର୍ବତନ ସରପଞ୍ଚ ସନ୍ତୋଷ ନାଥ, ବିଷ୍ଣୁଚରଣ ପାତ୍ର ଏବଂ ସୂର୍ଯ୍ୟକାନ୍ତ ମହାନ୍ତି ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ।

# ଜୁନ୍‌ରେ ଭୁବନେଶ୍ୱରରେ ଏସ୍‌ଜେଏଫ୍‌ଆଇ ବୈଠକ

**ଭୁବନେଶ୍ୱର, ୨୧।୩ (ତପନ ସ୍ୱାଇଁ)**

ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟିସ ଆସୋସିଏଶନ (ଓସ୍‌ଜା)ର ବାର୍ଷିକ ସାଧାରଣ ବରିଷଦ ବୈଠକ ଶୁକ୍ରବାର ସଂଘର ପ୍ରତିଷ୍ଠା ଦିବସରେ ଅନୁଷ୍ଠିତ ହୋଇଯାଇଛି। ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ)ର ଏଜିଏମ୍ ଆସନ୍ତା ଜୁନରେ ଭୁବନେଶ୍ୱରରେ ଆୟୋଜନ ହେବ। ଏହାର ସଫଳ ଆୟୋଜନ ସମ୍ପର୍କରେ ଉକ୍ତ ବୈଠକରେ ଆଲୋଚନା ହୋଇଛି। ସ୍ଥାନୀୟ ସହିଦ ସ୍ପୋର୍ଟିଂ କ୍ଲବ ପରିସରରେ ଥିବା ଦିଲୀପ ତିର୍କୀ ହଲରେ ଅନୁଷ୍ଠିତ ଏଜିଏମରେ ୨୦୨୪-୨୫ ଆର୍ଥିକ ବର୍ଷରେ ସଂଗଠନର କାର୍ଯ୍ୟଧାରା ଓ ଉତ୍ସବର ସମୀକ୍ଷା ସାଙ୍ଗକୁ ୨୦୨୫-୨୬ ଆର୍ଥିକ ବର୍ଷରେ ହେବାକୁ ଥିବା କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଛି। ଆସନ୍ତା ଜୁଲାଇ ୨ରେ ୱାର୍ଲ୍ଡ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଡେ' ଆଡମ୍ବର ସହ ପାଳନ କରାଯିବ ଏବଂ ସେହି ଅବସରରେ ସ୍ମରଣିକା ପ୍ରକାଶ ପାଇଁ ନିଷ୍ପତ୍ତି ହୋଇଛି। ରାଜ୍ୟ ସରକାରଙ୍କୁ ନିକଟ ଅତୀତରେ ପ୍ରଦାନ କରାଯାଇଥିବା ସ୍ମାରକପତ୍ରର ସ୍ଥିତିକୁ ନେଇ ଏଜିଏମ୍‌ରେ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ ସଭାପତି ସନ୍ଦୀପ ମିଶ୍ର।



ବାର୍ଷିକ ସାଧାରଣ ବୈଠକ ଅବସରରେ ଓସ୍‌ଜା ସଦସ୍ୟବୃନ୍ଦ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ